ବର୍ଷ-୫୪ : ସଂଖ୍ୟା-୪ ଏପ୍ରିଲ, ୨୦୨୩ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଏପ୍ରିଲ, ୨୦୨୩


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ମନୋଭାବ | ... | ଶ୍ରୀମା | ... | ୬ |
| ଅସଙ୍ଗତି : ସମସ୍ୟା ଓ ସମାଧାନ | ... | ଶେଖ ଅବଦୁଲ କାଶମ | ... | ୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୧୭) | ... | ... | ... | ୧୧ |
| ସଂକ୍ଷେପରେ ରାମାୟଣ ଚରିତ | ... | ରାମକୃଷ୍ଣ ଦାସ | ... | ୧୪ |
| ଶ୍ରୀଅରବିନ୍ଦ ଓ ମାନବ ସମାଜର କଲ୍ୟାଣ | ... | ପ୍ରପତ୍ତି | ... | ୧୯ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୭୨) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୩ |
| ଅଲୋଡ଼ା ଅତୀତ (କବିତା) | ... | ସନ୍ତୋଷ ରଥ | ... | ୨୫ |
| ଦ୍ୱୀପାନ୍ତରର କଥା (ତୃତୀୟ ପରିଚ୍ଛେଦ) ସେଟଲ୍‌ମେଣ୍ଟର ପରିଚୟ (୨) | ... | ବାରୀନ୍ଦ୍ର କୁମାର ଘୋଷ | ... | ୨୬ |
| ସାବିତ୍ରୀବାଈ ଫୁଲେ | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୨୮ |
| ସନାତନ ଧର୍ମ (୫) | ... | କୁମାର ଚନ୍ଦ୍ର ମିଶ୍ର | ... | ୩୧ |
| ମାତୃମନ୍ଦିରର ଅନୁଚିନ୍ତା (କବିତା) | ... | ନୈବେଦ୍ୟ | ... | ୩୬ |
| ଏ ସଂସାର ରହିବ | ... | ପ୍ରସାଦ ତ୍ରିପାଠୀ | ... | ୩୭ |
| ମା’ ଓ ସନ୍ତାନ (୧) | ... | ଗୟାଧର ଦାଶ | ... | ୪୦ |
| ସାଧନାର ଯଜ୍ଞବେଦୀ – ପାଠଚକ୍ର (କବିତା) | ... | ଅଞ୍ଜଳି ତ୍ରିପାଠୀ | ... | ୪୩ |
| ହିମାଳୟରେ ଶ୍ରୀଅରବିନ୍ଦଙ୍କ ସାର୍ଦ୍ଧ-ଶତକ ଜୟନ୍ତୀ | ... | ରବୀନ୍ଦ୍ରନାଥ ଦାସ | ... | ୪୪ |
| ଏକଲବ୍ୟର ସାଧନା (୮) | ... | ... | ... | ୪୮ |
| ଉପଦେଶର ବିଡ଼ମ୍ବନା | ... | ମନୋଜ ଦାସ | ... | ୫୧ |
| ତୃଷାର୍ତ୍ତ କାଳିଦାସ | ... | ଧର୍ମକୁମାର ଶତପଥି | ... | ୫୩ |
| ସାଧୁ ବଞ୍ଚିତ ସୁଖରୁ – ଜୀବନ ଉପଭୋଗ କରେ ଅସାଧୁ ଐଶ୍ୱର୍ଯ୍ୟବାନ୍ ! | ... | ମନୋଜ ଦାସ | ... | ୫୫ |


❖

# ପ୍ରାର୍ଥନା

ହେ ପ୍ରଭୁ, ମୋ ଭକ୍ତିଅର୍ଘ୍ୟ ଏକାନ୍ତଭାବେ ତୁମରି ଦିଗରେ ଊର୍ଦ୍ଧ୍ୱାୟିତ, ମୋ ସମଗ୍ର ସତ୍ତା ଏକ ଅଭୀପ୍ସା, ତୁମ ଉଦ୍ଦେଶ୍ୟରେ ନିବେଦିତ ଏକ ଅଗ୍ନିଶିଖା ।

ପ୍ରଭୁ, ପ୍ରଭୁ, ହେ ମୋର ମଧୁର ମୁନିବ, ମୋ ଭିତରେ ତୁମେହିଁ ନିବେଶିତ ଏବଂ ସଂକଳ୍ପରତ !

ଏ କଳେବର ତୁମରି ଯନ୍ତ୍ର; ଏ ସଂକଳ୍ପ ତୁମରି ଦାସ; ଏହି ବୁଦ୍ଧି ତୁମରି ଆୟୁଧ; ଏବଂ ତୁମେହିଁ ଏ ସମଗ୍ର ସତ୍ତା ।

ଏପ୍ରିଲ ୪, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

You must understand that my mission is not to create Maths, ascetics and Sannyasis; but to call back the souls of the strong to the Lila... Renunciation of life is one thing, to make life itself, national, individual, world-life greater and more divine is another... Renunciation of ego, acceptance of God in life is the Yoga I teach,– no other renunciation.

(Supplement, p. 468 - 69) – Sri Aurobindo

ଏକଥା ବୁଝିରଖ ଯେ ମଠ, ବୈରାଗୀ ଓ ସନ୍ନ୍ୟାସୀସବୁ ସୃଷ୍ଟି କରିବା ମୋର ବ୍ରତ ନୁହେଁ; ମୋର ବ୍ରତ ହେଉଛି ଶକ୍ତିଶାଳୀ ଆତ୍ମାମାନଙ୍କୁ ବିଶ୍ୱଲୀଳା ମଧ୍ୟକୁ ଫେରାଇ ଆଣିବା ।... ଜୀବନକୁ ବର୍ଜନ କରିବା ଗୋଟିଏ କଥା ଏବଂ ସ୍ୱୟଂ ଏହି ଜୀବନକୁ ଜାତୀୟ, ବ୍ୟକ୍ତିଗତ ଓ ବୃହତ୍ତର ତଥା ଦିବ୍ୟତର ଜଗତ୍-ଜୀବନରେ ପରିଣତ କରିବା ଅନ୍ୟ ଏକ କଥା । ... ମୁଁ ଯାହା ଶିକ୍ଷା ଦିଏ ତା' ହେଉଛି ଜୀବନ କ୍ଷେତ୍ରରେ ଅହଂକାରକୁ ତ୍ୟାଗ କରି ଭଗବାନଙ୍କୁ ଗ୍ରହଣ କରିବାହିଁ ଯୋଗ — ଅନ୍ୟ କୌଣସି ତ୍ୟାଗ ନୁହେଁ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

**(The Kingdoms and Godheads of the Little Mind)**

**(୧୨୭)**

## ଶ୍ରୀଅରବିନ୍ଦ

A loaded huge self-worked machine appears
To her eye's eager and admiring stare,
An intricate and meaningless enginery
Of ordered fateful and unfailing Chance:
Ingenious and meticulous and minute,
Its brute unconscious accurate device
Unrolls an unerring march, maps a sure road;
It plans without thinking, acts without a will,
A million purposes serves with purpose none
And builds a rational world without a mind.

ତା' ଆଖିର ଉତ୍ସୁକ ଓ ସପ୍ରଶଂସ ଦୃଷ୍ଟିପଥରେ ପ୍ରକଟ ହୁଏ ଏକ ଭାରଗ୍ରସ୍ତ ବିଶାଳକାୟ ସ୍ୱୟଂକ୍ରିୟ ଯନ୍ତ୍ର, ଶୃଙ୍ଖଳାବଦ୍ଧ, ଅଶୁଭଙ୍କର ଓ ଅବ୍ୟର୍ଥ ଆକସ୍ମିକତାର ଏକ ଜଟିଳ ଓ ଅର୍ଥହୀନ ଯାନ୍ତ୍ରିକ କାରିଗରୀ : କୁଶଳୀ ଓ ନିଖୁଣ ଏବଂ ସୂକ୍ଷ୍ମହସ୍ତ, ତାହାର ରୂଢ଼ ଅଚେତନ ନିର୍ଭୁଲ ପରିକଳ୍ପନା ଉନ୍ମୋଚନ କରେ ଏକ ଅଭ୍ରାନ୍ତ ଯାତ୍ରା, ମାନଚିତ୍ରାଙ୍କିତ କରେ ଏକ ସୁନିଶ୍ଚିତ ପଥ; ବିନା ଭାବନାରେ ସେ ଯୋଜନା କରୁଥାଏ, ବିନା ସଙ୍କଳ୍ପରେ କର୍ମ କରୁଥାଏ, କୌଣସି ଉଦ୍ଦେଶ୍ୟ ନ ଥାଇ ଲକ୍ଷେ ଉଦ୍ଦେଶ୍ୟର ସେବା କରି ଚାଲିଥାଏ ଏବଂ ମନ ବ୍ୟତିରେକେ ଗଢ଼ି ଥୋଇଦିଏ ହେତୁସମ୍ମତ ପୃଥିବୀ ।

It has no mover, no maker, no idea:
Its vast self-action toils without a cause;
A lifeless Energy irresistibly driven,
Death's head on the body of Necessity,
Engenders life and fathers consciousness,
Then wonders why all was and
whence it came.

ତାହାର ନ ଥାଏ କେହି ଚାଳକ, କୌଣସି ସ୍ରଷ୍ଟା, ନ ଥାଏ କୌଣସି ବିଭାବନା : ଅକାରଣରେ ତାହାର ବିଶାଳ ସ୍ୱୟଂ-କର୍ମ ଶ୍ରମ କରି ଚାଲିଥାଏ; ପ୍ରାଣହୀନ ଏକ ଶକ୍ତି ଅପ୍ରତିହତ ଭାବରେ ପ୍ରଚାଳିତ ହେଉଥାଏ, ପ୍ରୟୋଜନର କଳେବର ଉପରେ ଯେମିତି ମୃତ୍ୟୁର ମସ୍ତକ, ଜୀବନକୁ ସୃଷ୍ଟି କରୁଥାଏ ଓ ଚେତନାକୁ ଜନ୍ମ ଦେଉଥାଏ, ତା'ପରେ କାହିଁକି ଏସବୁ ହେଲା ଓ କେଉଁଠୁ ଏହା ଆସିଲା ବୋଲି ବିସ୍ମୟ ପ୍ରକାଶ କରୁଥାଏ ।

Our thoughts are parts of
the immense machine,
Our ponderings but a freak of Matter's law,
The mystic's lore was a fancy or a blind;
Of soul or spirit we have now no need:
Matter is the admirable Reality,
The patent unescapable miracle,
The hard truth of things, simple, eternal, sole.

ଆମର ଚିନ୍ତାରାଜି ସେହି ବିପୁଳ ଯନ୍ତ୍ରର ଅଂଶବିଶେଷ, ଆମର ଗଭୀର ଭାବନା ସକଳ କେବଳ ଜଡ଼ର ବିଧାନର ଅସ୍ୱାଭାବିକ ବ୍ୟତିକ୍ରମ, ଅତୀନ୍ଦ୍ରିୟବାଦୀ (ମରମୀ)ର ପାରମ୍ପରିକ ଜ୍ଞାନ ଥିଲା ଏକ ଖିଆଲି କଳ୍ପନା ଅଥବା ଏକ ଅବଗୁଣ୍ଠନ; ଆତ୍ମା କିଂବା ଚୈତନ୍ୟର ଆଉ ଏବେ ପ୍ରୟୋଜନ ନାହିଁ ଆମର : ଜଡ଼ହିଁ ହେଉଛି ପ୍ରଶଂସନୀୟ ସଦ୍‌ବସ୍ତୁ, ସନ୍ଦେହାତୀତ ଅନିସ୍ତରଣୀୟ ଅତ୍ୟାଶ୍ଚର୍ଯ୍ୟ, ବସ୍ତୁସକଳର କଠୋର ସତ୍ୟ, ସରଳ, ସନାତନ ଓ ଅଦ୍ୱିତୀୟ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ମନୋଭାବ

## ଶ୍ରୀମା

### ମନ୍ଦ ଚିନ୍ତା

ଶ୍ରୀଅରବିନ୍ଦ କହନ୍ତି ଯେ ଜଣେ ଯାହାସବୁ ଭାବୁଥାଏ, ସେ ତାହାହିଁ ହୋଇଉଠେ । ସେ ଯେପରି ଚିନ୍ତା କରେ, ସେହି ଚିନ୍ତାହେତୁହିଁ ସେ ତାହା ହୋଇପାରେ । ଏହି ଜ୍ଞାନଟି ଆମକୁ ଏତିକି ଜଣାଉଛି ଯେ ଜଣେ ନିଜେ ଯାହା ହୋଇ ପାରିବ ବୋଲି ଯେଉଁସବୁ ଚିନ୍ତା କରେ ତାହା ହେଉଛି ତା'ର ବ୍ୟକ୍ତିସତ୍ତାର ବିକାଶ ପାଇଁ ଏକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଚାବି । ...

ଏଥିରୁ ଆମେ ଏତିକି ବୁଝିଲୁ ଯେ ଯେଉଁସବୁ ଚିନ୍ତା ଆମର ଅଭୀପ୍ସାକୁ ନଷ୍ଟ କରେ ଏବଂ ଯେଉଁସବୁ ଚିନ୍ତା ଆମ ସତ୍ତାରେ ସତ୍ୟର ସୃଷ୍ଟିକୁ ବ୍ୟାହତ କରେ, ସେସବୁ ଚିନ୍ତାକୁ କେବେ ବି ଆମେ ଆମ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେବା ନାହିଁ । ତୁମେ ଯାହା ହେବାକୁ ଚାହଁ ନାହିଁ କିଂବା ଯାହା କରିବାକୁ ଚାହଁ ନାହିଁ ସେ ସଂକ୍ରାନ୍ତୀୟ ଚିନ୍ତାକୁ ତୁମେ କେବେ ବି ନିଜ ଭିତରକୁ ଆସିବାକୁ ଦେବ ନାହିଁ କିଂବା ସେସବୁ ଚିନ୍ତା ତୁମ ଅନ୍ତରରେ ଯେପରି ସଂଗଠିତ ରୂପ ନ ନିଏ ସେ ସମ୍ବନ୍ଧେ ଖୁବ୍ ସଚେତନ ଓ ସକ୍ରିୟ ରହିବ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା । କାରଣ, ଏଇସବୁ ବିଷୟରେ ଚିନ୍ତା କରିବା ମାତ୍ରେ ତୁମ ଭିତରେ ସେଗୁଡ଼ିକର କାର୍ଯ୍ୟ ଆରମ୍ଭ ହୋଇଯାଏ । ତୁମେ ଯେଉଁ କଥା ଚାହଁ ନାହିଁ, ଯାହା ତୁମର ବର୍ଜନୀୟ, ଯାହା ତୁମେ ହେବାକୁ ଅସ୍ୱୀକାର କରୁଛ ସେ ସମ୍ବନ୍ଧେ ଏକାଗ୍ର ହେବା ସବୁ ଦୃଷ୍ଟିରୁ ଖରାପ କଥା । ...

କେବେ ବି ତୁମେ ମନ୍ଦଚିନ୍ତାଗୁଡ଼ିକୁ ତୁମ ଭିତରକୁ ପ୍ରବେଶ କରିବାକୁ ଦେବ ନାହିଁ । କେବେ ବି ଭାବିବ ନାହିଁ ଯେ ଏଗୁଡ଼ିକ କେବଳ ସାମାନ୍ୟ ନିରୀହ ଚିନ୍ତା ମାତ୍ର । ଅସଲରେ ଏହି ଚିନ୍ତାଗୁଡ଼ିକହିଁ ସେସବୁର କାର୍ଯ୍ୟ ପାଇଁ ଉପକରଣ ହୋଇ ଉଠନ୍ତି । ଏବଂ ଯଦି ତୁମେ ଏହି ମନ୍ଦ ଚିନ୍ତାଗୁଡ଼ିକ ତୁମ ଭିତରେ ଥିବା ଭଲ କଥାଗୁଡ଼ିକୁ ନଷ୍ଟ ନ କରନ୍ତୁ ବୋଲି ଚାହୁଁଥାଅ, ତେବେ କେବେ ବି ସେହି ମନ୍ଦ ଚିନ୍ତାଗୁଡ଼ିକୁ ନିଜ ଭିତରକୁ ଆସିବାକୁ ଦିଅ ନାହିଁ ।

### ସବୁ ନିର୍ଭର କରେ ତୁମ ମନୋଭାବ ଉପରେ

ଏପରି ଏକ ଅବସ୍ଥା ତୁମର ଆସିପାରେ ଯେତେବେଳେ ତୁମେ ଉପଲବ୍ଧି କରିବ ଯେ ସବୁକିଛିର ଫଳାଫଳ, ପରିସ୍ଥିତି, ଗତିବୃତ୍ତି ଓ କ୍ରିୟାକର୍ମ ଇତ୍ୟାଦି ସବୁକିଛି ନିର୍ଭର କରେ ସଂପୂର୍ଣ୍ଣ ଭାବେ ଜୀବନର ଚେତନା ଉପରେ ତଥା ଏସବୁ ପ୍ରତି ତୁମର ମନୋଭାବ ଉପରେ । ଏପରି ଏକ ମୁହୂର୍ତ୍ତରେ ତୁମେ ଖୁବ୍ ସଚେତନ ଭାବେ ଉପଲବ୍ଧି କରିବ ଯେ କୌଣସି କଥା ବା ବସ୍ତୁ ତା' ନିଜ ଆଡ଼ୁ ଭଲ ନୁହେଁ କି ମନ୍ଦ ନୁହେଁ : ସେସବୁ କେବଳ ଆମ ସଂପର୍କରେ ଭଲ କି ମନ୍ଦ ହୋଇଥାଏ; ସେମାନଙ୍କ ପ୍ରତି ଆମର ମନୋଭାବ ଅନୁଯାୟୀ ସେସବୁ ଆମ ଉପରେ ପ୍ରଭାବ ପକାଇଥା'ନ୍ତି । ସେଇ ଏକାକଥା, ଅବିକଳ ସେଇ ଏକା ବିଷୟ, ଯଦି ଆମେ ତାକୁ ଈଶ୍ୱରଙ୍କ ଦାନ ରୂପେ ଗ୍ରହଣ କରୁ, ଈଶ୍ୱରଙ୍କ କୃପା ରୂପେ ଗ୍ରହଣ କରୁ, ଆମର ସଂପୂର୍ଣ୍ଣ ସଂହତିର ଫଳ ବୋଲି ମନେ କରୁ, ତେବେ ତାହାହିଁ ଆମକୁ ଅଧିକ ସଚେତନ, ଅଧିକ ଶକ୍ତିଶାଳୀ, ଅଧିକ ସତ୍ୟପରାୟଣ ହେବାରେ ସାହାଯ୍ୟ କରିଥାଏ – ସେହି ଏକା ପରିସ୍ଥିତିକୁ ଯଦି ଆମେ ଭାଗ୍ୟର ବିପର୍ଯ୍ୟୟ ବୋଲି ମନେ କରୁ – ଯଦି ମନେ କରୁ ଯେ ଆମେ ଏକ ଦୁଷ୍ଟଶକ୍ତିର ଶିକାର ହେବାକୁ ଯାଉଛୁ, ତେବେ ତାହା ଆମକୁ ସଂକୁଚିତ କରି ପକାଏ, ତଳକୁ ତଳକୁ ଠେଲି ପକାଏ ଏବଂ ଆମ ଭିତରୁ ସମସ୍ତ ଚେତନା, ସବୁ ଶକ୍ତି ଏବଂ ଆମର ସମସ୍ତ ସଙ୍ଗତିବୋଧ ହରଣ କରିନିଏ । ଅଥଚ ଦୁଇଟିଯାକ କ୍ଷେତ୍ରରେ ପରିସ୍ଥିତି ଥିଲା ଅବିକଳ ଏକା ଭଳି – ମୁଁ ଚାହୁଁଛି ତୁମର ଏପରି ଅଭିଜ୍ଞତା ହେବା ଉଚିତ । କାରଣ, ତୁମେ ଯେତେବେଳେ ତାହା ପ୍ରାପ୍ତ କର ତେବେ ଯାଇ ତୁମେ ତୁମର ପ୍ରଭୁ ହୋଇପାରିବ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଅସଙ୍ଗତି : ସମସ୍ୟା ଓ ସମାଧାନ

## ଶେଖ ଅବଦୁଲ କାଶମ

ବ୍ୟକ୍ତିଗତ ଓ ସମଷ୍ଟିଗତ ଜୀବନରେ ଅସଙ୍ଗତିର ପ୍ରାଦୁର୍ଭାବ ଏକ ବିକଟ ସମସ୍ୟା ରୂପେ ଉଭା ହୋଇଛି । ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଦାୟୀ ନ କରି ଅନ୍ୟମାନଙ୍କୁ ଦାୟୀ କରିବାର ପ୍ରବଣତା ସଚରାଚର ପରିଦୃଷ୍ଟ ହେଉଛି । ଅସଙ୍ଗତି ସୃଷ୍ଟି ହୋଇଥାଏ ବ୍ୟକ୍ତିମାନଙ୍କ ସ୍ୱାର୍ଥ, ଅହଂ, କାମନା, ଲୋଭ, ଈର୍ଷା, ପରଶ୍ରୀକାତରତା, ଆତ୍ମାଭିମାନ, ଗର୍ବ, ଅସହିଷ୍ଣୁତା, ପକ୍ଷପାତିତା, ସୀମିତ ଦୃଷ୍ଟି, ସଂକୀର୍ଣ୍ଣତା ଓ ଦୋଷଦର୍ଶୀ ସ୍ୱଭାବ ଯୋଗୁଁ । ଯେତେବେଳେ ମନୁଷ୍ୟ ନିଜକୁ ଏକ ବୃହତ୍ତର ସମାଜର ଦାୟିତ୍ୱସମ୍ପନ୍ନ ଅଂଶବିଶେଷ ବୋଲି ନଭାବି ସମାଜ ବା ସଙ୍ଗଠନର ଅନନ୍ୟ ଭାଗ୍ୟ ନିର୍ମାତା ରୂପେ ନିଜକୁ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରେ ସେତେବେଳେ ସେ ନାନା ଦ୍ୱନ୍ଦ୍ୱ ଓ ଅସଙ୍ଗତିକୁ ସୃଷ୍ଟି କରେ । ଭୋଗସର୍ବସ୍ୱ ଚିନ୍ତାଧାରା, ଅନ୍ୟମାନଙ୍କ ଉପରେ ପ୍ରଭୁତ୍ୱ ଜାହିର କରିବାର ଆକାଂକ୍ଷା, ସବୁକିଛିକୁ ନିଜର ଅଧିକାରଭୁକ୍ତ କରିବାର ପ୍ରବୃତ୍ତି, ନିଜର ମତ ଓ ଧାରଣାକୁ ଅନ୍ୟ ଉପରେ ଲଦିବାର ଉଗ୍ର ପ୍ରୟାସ – ଏହା ସଙ୍ଗତି ସ୍ଥାପନର ସକଳ ସମ୍ଭାବନାକୁ ନଷ୍ଟ କରିଦିଏ ।

ବ୍ୟକ୍ତି ବା ବସ୍ତୁସକଳ ଯଦି ଆପଣାର ଯଥାର୍ଥ ସ୍ଥିତିରେ ନ ଥା'ନ୍ତି ତାହାହିଁ ଅସଙ୍ଗତିର ମୁଖ୍ୟ କାରଣ । ସୌନ୍ଦର୍ଯ୍ୟବୋଧର ଅଭାବ ଏବଂ ଅନ୍ତରାତ୍ମା ଓ ବିଶ୍ୱାତ୍ମା ସମ୍ପର୍କରେ ଅଜ୍ଞାନତା ଯୋଗୁଁ ମନୁଷ୍ୟ ଏକ ଦିବ୍ୟ ସଙ୍ଗତିର କଳ୍ପନା କରିପାରେ ନାହିଁ, ବରଂ ଏହି କାରଣରୁ ସେ ଅତ୍ୟନ୍ତ ହୀନ, କ୍ରୂର ଓ କୁତ୍ସିତ ଆଚରଣ କରେ । ବ୍ୟକ୍ତିର ବାହ୍ୟ ଜୀବନ ଓ ଆନ୍ତର ଜୀବନରେ ତଥା ପରିବାର, ସମାଜ ଓ ଦେଶରେ ଅସଙ୍ଗତିର ବିଷ ସଞ୍ଚରିତ ହେଲେ ଜୀବନ ହୁଏ ଅଶାନ୍ତ ଓ ଦୁର୍ବିଷହ ।

'The Life Divine' ଗ୍ରନ୍ଥରେ ଶ୍ରୀଅରବିନ୍ଦ କହନ୍ତି –

"... all problems of existence are essentially problems of harmony."

(CWSA, Vol. 21 - 22, p. 4)

ଅର୍ଥାତ୍, ''ଜୀବନର ସକଳ ସମସ୍ୟା ହେଉଛି ମୂଳତଃ ସଙ୍ଗତିର ସମସ୍ୟା ।'' ପ୍ରଥମତଃ ମନୁଷ୍ୟର ମନ, ପ୍ରାଣ ଓ ଶରୀର ମଧ୍ୟରେ ସଙ୍ଗତି ନଥାଏ । ପୁନଶ୍ଚ ମନର ଭାବନାଗୁଡ଼ିକ ମଧ୍ୟରେ ସଙ୍ଗତି ନଥାଏ । ପ୍ରାଣର ଆବେଗ ଓ ଅନୁଭବଗୁଡ଼ିକ ଭିତରେ ତଥା ଶରୀରର କ୍ରିୟା ପ୍ରତିକ୍ରିୟାଗୁଡ଼ିକ ଭିତରେ ବି ସଙ୍ଗତି ନଥାଏ । ମନ, ପ୍ରାଣ ଓ ଶରୀର ମଧ୍ୟରେ ପାରସ୍ପରିକ ସହଯୋଗ ନଥିବାରୁ ମନୁଷ୍ୟର କୌଣସି କାର୍ଯ୍ୟ ଯଥାର୍ଥ ଓ ପୂର୍ଣ୍ଣରୂପେ ସମ୍ପନ୍ନ ହୋଇପାରେ ନାହିଁ । ମନ-ପ୍ରାଣ-ଶରୀରକୁ ସୁସଙ୍ଗତ କରିବାକୁ ହେଲେ ଆତ୍ମାର ଆଲୋକ ଏକାନ୍ତ ଆବଶ୍ୟକ । ଏଥିପାଇଁ ମନୁଷ୍ୟକୁ ତା'ର ଚୈତ୍ୟସତ୍ତା ବା ଅନ୍ତରାତ୍ମାକୁ ଉପଲବ୍ଧି କରିବାକୁ ହେବ ଯାହା ଫଳରେ ତା'ର ମନ-ପ୍ରାଣ-ଶରୀର ମଧ୍ୟରେ ଯଥାର୍ଥ ସଙ୍ଗତି ପ୍ରତିଷ୍ଠିତ ହେବା ସହିତ ତା'ର ବାହ୍ୟ ଜୀବନରେ ମଧ୍ୟ ସଙ୍ଗତି ସ୍ଥାପନ ସହଜ ହୋଇଯିବ । ପ୍ରକୃତରେ ବ୍ୟକ୍ତି ଜୀବନରେ ବା ସମାଜ-ଜୀବନରେ ଯଥାର୍ଥ ସଙ୍ଗତି ସ୍ଥାପନ କୌଣସି ବାହ୍ୟ ନିୟମ, ଶୃଙ୍ଖଳା ବା ଆଇନ ଦ୍ୱାରା ସମ୍ଭବ ନୁହେଁ । ଅନ୍ୟମାନଙ୍କ ସହ ସମ୍ପର୍କ ଯଦି ମାନସିକ ଓ ପ୍ରାଣିକ ଆକର୍ଷଣ ଉପରେ ନିର୍ଭରଶୀଳ ହୋଇଥିବ ତେବେ ତାହା ଯଥାର୍ଥ ଓ ସୁଦୃଢ଼ ସଙ୍ଗତି ପ୍ରତିଷ୍ଠା କରିପାରେ ନାହିଁ । ଶ୍ରୀଅରବିନ୍ଦ କହନ୍ତି –

''Real harmony can come only on a psychic or a spiritual basis.''

(CWSA, Vol. 31, p. 311)

ଅର୍ଥାତ୍, ''ବାସ୍ତବ ସଙ୍ଗତି ଆସିପାରେ କେବଳ ଏକ ଚୈତ୍ୟିକ କିଂବା ଏକ ଆଧ୍ୟାତ୍ମିକ ଭିତ୍ତି ଦ୍ୱାରା ।''

ଆତ୍ମାର ସ୍ତରରେ ଜୀବନର ଏକତ୍ୱକୁ ଅନୁଭବ କରିହୁଏ । ବହୁତ୍ୱ ହେଉଛି ପରମ ଏକତ୍ୱର ବିବିଧ ବିକିରଣ, ଏକଥା ଆତ୍ମାହିଁ ଅନୁଭବ କରେ । ପ୍ରକୃତରେ ଯାବତୀୟ ଦ୍ୱନ୍ଦ୍ୱ ଓ ବିରୋଧାଭାସ ହେଉଛି ଚେତନାର ବିଭାଜନର ପରିଣାମ । ମୂଳ ପରମ ଚେତନାରୁ ବିଚ୍ଛିନ୍ନ ହେବା ଦ୍ୱାରା ଚେତନାର ଯେଉଁ ବିଭାଜନ ଘଟେ ତଦ୍ଦ୍ୱାରା ଏକତ୍ୱାନୁଭବ କ୍ଷୁଣ୍ଣ ହୋଇଥାଏ ଏବଂ ସଂକୀର୍ଣ୍ଣତା ଓ ସ୍ୱାର୍ଥପରତା ସୃଷ୍ଟି ହୁଏ । ଆତ୍ମାର ଭୂମିରେ ସକଳ ବସ୍ତୁ ଓ ବ୍ୟକ୍ତି ପରମ ଏକତ୍ୱରେ ବାସ କରନ୍ତି । ଭଗବାନଙ୍କ ସୃଷ୍ଟିରେ ପ୍ରତ୍ୟେକ ବସ୍ତୁର ଏକ ମହତ୍ତ୍ୱ, ଏକ ଉଦ୍ଦେଶ୍ୟ ଓ ଆବଶ୍ୟକତା

ରହିଛି । ଯାହାକୁ ଆମେ ମନ୍ଦ ବୋଲି କହୁ ତାହା ଏକ ସାମୟିକ ଅବସ୍ଥା ମାତ୍ର । ପ୍ରତ୍ୟେକ ମନ୍ଦ ଏକ ପରମ ମଙ୍ଗଳ ଆଡ଼କୁହିଁ ଗତି କରୁଛନ୍ତି । ଯାହା ବର୍ତ୍ତମାନ ଯନ୍ତ୍ରଣା ରୂପେ ଅନୁଭୂତ ତାହା ଭବିଷ୍ୟତରେ ଏକ ଦିବ୍ୟ ଆନନ୍ଦର ପୂର୍ବ ପ୍ରସ୍ତୁତି ମାତ୍ର । ଯାହା ବର୍ତ୍ତମାନ କୁତ୍ସିତ ଓ କଦାକାର ତାହା ଦିନେ ପରମ ସୌନ୍ଦର୍ଯ୍ୟକୁ ପ୍ରକଟିତ କରିବ । ପାର୍ଥିବ ଜୀବନ ଚେତନାର ବିବର୍ତ୍ତନ ଧାରାରେ ନିରବଚ୍ଛିନ୍ନ ଭାବରେ ଆଗକୁ ଆଗକୁ ବିକଶିତ ହୋଇ ଚାଲିଛି । ଆଜିର ସକଳ ଅସଙ୍ଗତି ଦିନେ ପୂର୍ଣ୍ଣ ସଙ୍ଗତିମୟ ଅବସ୍ଥାକୁ ଉନ୍ନୀତ ହେବ, ଏହା ନିଶ୍ଚିତ । ଏକଥା ବୁଝି ପାରିଲେ ଆମେ ଜୀବନ ଓ ଜଗତ୍ ପ୍ରତି ଏକ ସାମଗ୍ରିକ ଓ ସର୍ବସମାବେଶୀ ଦୃଷ୍ଟି ପୋଷଣ କରି ସଙ୍ଗତି ସ୍ଥାପନରେ ସହାୟକ ହୋଇ ପାରିବା ।

ନିଜ ଅନ୍ତରରେ ଆତ୍ମାକୁ ଉପଲବ୍ଧି କରିବା ସଙ୍ଗେ ସଙ୍ଗେ ବିଶ୍ୱଗତ ଆତ୍ମାକୁ ମଧ୍ୟ ଉପଲବ୍ଧି କରିବାକୁ ହେବ । ଏକହିଁ ସତ୍ୟ ଓ ଚେତନା ସୃଷ୍ଟିର ସମସ୍ତଙ୍କୁ ଏକତ୍ର ଧରି ରଖିଛି । ସକଳଙ୍କ ମଧ୍ୟରେ ସେହି ଏକହିଁ ପରମ ପୁରୁଷ ବିଦ୍ୟମାନ ରହିଛନ୍ତି । ମହାକାବ୍ୟ 'ସାବିତ୍ରୀ'ରେ କୁହାଯାଇଛି –

''All things are wrapped in the dynamic One:
A subtle link of union joins all life.''

(Savitri, p. 110)

ଅର୍ଥାତ୍, ''ସକ୍ରିୟ ଏକାତ୍ମକ ସ୍ୱରୂପଙ୍କ ମଧ୍ୟରେ ସକଳ ବିଶ୍ୱବସ୍ତୁ ଆଚ୍ଛନ୍ନ ହୋଇ ରହିଛି । ଏକତାର ଏକ ସୂକ୍ଷ୍ମ ଯୋଗସୂତ୍ର ସକଳ ଜୀବନକୁ ସଂଯୁକ୍ତ କରି ରଖିଛି ।''

ନିଜ ଭିତରେ ସକଳଙ୍କୁ ଓ ସକଳଙ୍କ ଭିତରେ ନିଜକୁ ସନ୍ଦର୍ଶନ କରିପାରିଲେ ବିଶ୍ୱ ମଧ୍ୟରେ ସଙ୍ଗତି ପ୍ରତିଷ୍ଠିତ ହୋଇପାରିବ ।

ପ୍ରକୃତରେ ସଙ୍ଗତି ହେଉଛି ଜୀବନର ଏକ ସ୍ୱାଭାବିକ ଅବସ୍ଥା । ଏହାକୁ ନିର୍ମିତ କରିବାର ଆବଶ୍ୟକତା ନାହିଁ । ଏହା କୌଣସି କ୍ରିୟାର ପରିଣାମ ସ୍ୱରୂପ ଆସେ ନାହିଁ । ଏହା ସମଗ୍ର ଜୀବନର ଭିତ୍ତି ସ୍ୱରୂପ ରହିଅଛି । ବିଭିନ୍ନ ଶକ୍ତିର କ୍ରିୟା ପ୍ରକ୍ରିୟାକୁ ସଫଳ ଭାବରେ ସମନ୍ୱିତ କରିଦେଲେ ସଙ୍ଗତି ଆସିଯାଏ ନାହିଁ । ମନୁଷ୍ୟର ଅହଂ ଓ ବିଭାଜନଧର୍ମୀ ମନହିଁ ଜୀବନର ସ୍ୱାଭାବିକ ସଙ୍ଗତିକୁ ନଷ୍ଟ କରିଦିଏ । ପ୍ରାଣୀମାନଙ୍କ ଭିତରେ ଏକ ପ୍ରକାରର ସ୍ୱାଭାବିକ ସଙ୍ଗତି ଲକ୍ଷ୍ୟ କରିହୁଏ । ସେମାନଙ୍କ ଭିତରେ ମନ ସକ୍ରିୟ ନଥିବାରୁ ସେମାନେ ମନୁଷ୍ୟମାନଙ୍କ ଭଳି ଏତେ ମାତ୍ରାରେ ଲୋଭାସକ୍ତ ହୋଇ ନଥା'ନ୍ତି । ମନୁଷ୍ୟମାନଙ୍କ ପାଖରେ ଦେଖାଯାଉଥିବା ଅତ୍ୟନ୍ତ ଗର୍ହିତ ବିକୃତିସବୁ ପ୍ରାଣୀମାନଙ୍କ ପାଖରେ ଦେଖାଯାଏ ନାହିଁ । ଉଦ୍ଭିଦ ଜଗତ୍ ମଧ୍ୟରେ ଏକ ସ୍ୱାଭାବିକ ସଙ୍ଗତି ଅଧିକ ପରିମାଣରେ ଲକ୍ଷଣୀୟ । ମନର ଆବିର୍ଭାବ ମାତ୍ରେ ଅସଙ୍ଗତିର ଅୟମାରମ୍ଭ ହୁଏ । ମନର ଦୃଷ୍ଟି ସୀମିତ, ଏହା ସମଗ୍ରକୁ ଦେଖିବାକୁ ଅସମର୍ଥ । କ୍ରିୟାଶୀଳ ହେବା ପାଇଁ ନାନା ଅବସ୍ଥା ଓ ଉପାୟ ଉପରେ ଏହା ନିର୍ଭରଶୀଳ । ମନ ପାଖରେ ସତ୍ୟ-ଦୃଷ୍ଟି ନାହିଁ । ମନ ସବୁକିଛିକୁ ଭାଗ ଭାଗ କରି ଦେଖେ । ମନର ଏହି ବିଭାଜନଧର୍ମୀ ଗୁଣ ଯୋଗୁଁ ଜଣେ ମନୁଷ୍ୟ ଅନ୍ୟମାନଙ୍କ ଉପରେ ଆକ୍ରମଣ କରିବାକୁ ପ୍ରବୃତ୍ତ ହୁଏ, ଅନ୍ୟକୁ ବଶୀଭୂତ କରି ରଖିବାକୁ ବା ଏକ ପ୍ରକାର ଗିଳି ପକାଇବାକୁ ଚେଷ୍ଟା କରେ । କିନ୍ତୁ ଆମେ ଯେତେବେଳେ ଆତ୍ମାର ଭୂମିକୁ ଆସୁ ସେତେବେଳେ ଜୀବନର ଏକତ୍ୱକୁ ସ୍ୱତଃସ୍ଫୂର୍ତ୍ତଭାବେ ଅନୁଭବ କରିପାରୁ । ସେତେବେଳେ ଅନ୍ୟ ଉପରେ ପ୍ରଭୁତ୍ୱ ଜାହିର କରିବାର ପ୍ରୟୋଜନ ହୁଏ ନାହିଁ । ଏକ ବିଶୁଦ୍ଧ ପ୍ରେମ ଆମ ସତ୍ତାକୁ ଅଧିକାର କରେ । ଅନ୍ୟ ସକଳଙ୍କ ପ୍ରତି ଅନାବିଳ ସ୍ନେହ ନିଜ ଅନ୍ତର ଭିତରେ ସ୍ୱତଃ ଜାଗ୍ରତ୍ ହୁଏ । ଫଳରେ ସଙ୍ଗତି ସ୍ଥାପନ ହୁଏ ସହଜସାଧ୍ୟ ଓ ସୁନିଶ୍ଚିତ ।

ମାତ୍ର ଏକ ଯଥାର୍ଥ, ପରିପୂର୍ଣ୍ଣ ଓ ଚିରସ୍ଥାୟୀ ସଙ୍ଗତି ଅତିମାନସ ଭୂମିରେହିଁ ସମ୍ଭବ ହୋଇପାରେ । କାରଣ ଅତିମାନସ ଭିତରେହିଁ ରହିଛି ପରମ ସତ୍ୟ ଓ ପରମ ସଙ୍ଗତିର ମୌଳିକ ବିଧାନ ଯାହା ସକଳଙ୍କୁ ଏକ ଅବିଚ୍ଛେଦ୍ୟ ଏକତ୍ୱ ମଧ୍ୟରେ ସମ୍ଭାଳି ଧରିପାରେ ।

ଆତ୍ମା ଓ ଅତିମାନସକୁ ଉପଲବ୍ଧି କରିବା ପୂର୍ବରୁ ପ୍ରାକ୍ ପ୍ରସ୍ତୁତି ସ୍ୱରୂପ ଆମେ ନିମ୍ନ କେତେକ ପଦକ୍ଷେପ ନେଇ ପାରିବା ଯାହା ସଙ୍ଗତି ପ୍ରତିଷ୍ଠାରେ ସହାୟକ ସିଦ୍ଧ ହେବ ।

ଆମର ମନକୁ ସମସ୍ତ ପ୍ରକାର ସଂକୀର୍ଣ୍ଣତା ଓ ସ୍ୱାର୍ଥପରତାରୁ ମୁକ୍ତ କରିବାକୁ ହେବ । ମନ ହେବା ଉଚିତ ନମନୀୟ ଓ ଗ୍ରହଣଶୀଳ । ଅଗ୍ରଗତିକୁ ବ୍ୟାହତ କରୁଥିବା କଠୋର ରକ୍ଷଣଶୀଳ ଓ ବଦ୍ଧମୂଳ ଧାରଣାଗୁଡ଼ିକୁ ପରିହାର କରି ନୂତନ ସକାରାତ୍ମକ ଓ ଗଠନମୂଳକ ଚିନ୍ତାଧାରା ପୋଷଣ କରିବାକୁ ହେବ । ଭିନ୍ନ ଭିନ୍ନ ମତବାଦଗୁଡ଼ିକ ଭିତରେ ସମନ୍ୱୟର ଭିତ୍ତି ଖୋଜିବାକୁ ହେବ । ନିଜ ଭିତରେ ଯଦି ସଦିଚ୍ଛା ଅଛି ତାହାହେଲେ ବିଭେଦ ଓ ବିଭିନ୍ନତା ମଧ୍ୟରେ ବି ସମନ୍ୱୟର ଚାବିକାଠି ସହଜରେ ପ୍ରାପ୍ତ କରିହେବ । ସବୁକଥାକୁ କେବଳ

ନିଜ ଦୃଷ୍ଟିରୁ ବିଚାର ନକରି ଅନ୍ୟମାନଙ୍କର ବିଚାର ଓ ଦୃଷ୍ଟିକୋଣକୁ ସମ୍ମାନ ଦେଇ ଶିଖିବାକୁ ହେବ । ଆମେ ବୁଝିବା ଦରକାର ଯେ ଆପଣାର ସ୍ୱାର୍ଥକୁ ପୂରଣ କଲେ ଯେତିକି ସୁଖ ସନ୍ତୋଷ ପ୍ରାପ୍ତ ହୁଏ, ତା'ଠାରୁ ବହୁ ଅଧିକ ସୁଖସନ୍ତୋଷ ମିଳେ ସ୍ୱାର୍ଥତ୍ୟାଗ ଓ ଆତ୍ମୋତ୍ସର୍ଗ ଦ୍ୱାରା । ବ୍ୟକ୍ତିମାନଙ୍କ ଭିତରେ ବିଚାର ଓ ବିଶ୍ୱାସ ଦୃଷ୍ଟିରୁ ମତାନ୍ତର ରହିପାରେ, ମାତ୍ର ମନାନ୍ତରକୁ କଦାପି ପ୍ରଶ୍ରୟ ଦିଆଯିବା ଉଚିତ ନୁହେଁ । ଗୋଷ୍ଠୀ ଓ ସଙ୍ଗଠନ ଭିତରେ ବିଚାର ବିନିମୟ ଓ ସୁସ୍ଥ ବିତର୍କ (dialogue)ର ଆବଶ୍ୟକତା ରହିଛି । ମାତ୍ର ଏହି ବିତର୍କର ଉଦ୍ଦେଶ୍ୟ ନିଜର ଦୃଷ୍ଟିକୋଣକୁ ଅନ୍ୟ ଉପରେ ଲଦିବା ନୁହେଁ କି ଅନ୍ୟକୁ ତର୍କରେ ପରାସ୍ତ କରିବା ନୁହେଁ । ସତ୍ୟର ଅଧିକ ନିକଟବର୍ତ୍ତୀ ହେବାହିଁ ବିତର୍କର ଉଦ୍ଦେଶ୍ୟ । ଆମର ବାଣୀ ଓ କାର୍ଯ୍ୟ ଭିତରେ ସାମୂହିକତା ଓ ପାରସ୍ପରିକତାର ଭାବନା ଫୁଟି ଉଠୁଥିବା ଉଚିତ । ଆମେ ପରସ୍ପରକୁ ସମ୍ମାନ ଦେଇ ପାରୁଥିବା ଓ ପରସ୍ପରକୁ ବାଟ ଛାଡୁଥିବା ଆବଶ୍ୟକ । ମା'ଙ୍କର ବାଣୀ ଏଠାରେ ସ୍ମରଣୀୟ – "Shake off all narrowness, selfishness, limitations, and wake up to the consciousness of Human Unity. This is the only way to achieve peace and harmony."

(CWM, Vol 15, p. 59)

ଅର୍ଥାତ୍, ''ସମସ୍ତ ପ୍ରକାର ସଂକୀର୍ଣ୍ଣତା, ସ୍ୱାର୍ଥପରତା, ସୀମାବଦ୍ଧତାକୁ ଝାଡ଼ି ଫିଙ୍ଗିଦିଅ ଏବଂ ମାନବ ଐକ୍ୟର ଚେତନା ଭିତରକୁ ଜାଗ୍ରତ୍ ହୋଇଉଠ । ଏହାହିଁ ଶାନ୍ତି ଓ ସଙ୍ଗତି ପ୍ରତିଷ୍ଠା ନିମିତ୍ତ ଏକମାତ୍ର ପଥ ।''

ଆମ୍ଭେମାନେ ଆମର ମନ ଓ ଚେତନାକୁ ନିରନ୍ତର ପ୍ରସାରିତ କରିବା ଉଚିତ । ଆମର ଦୃଷ୍ଟି ହେବ ବିଶ୍ୱତୋମୁଖୀ । ଆମେ ଅନ୍ୟମାନଙ୍କ ଭିତରେ ବଞ୍ଚି ଶିଖିବା, ଅନ୍ୟମାନଙ୍କ ସହ ଏକାତ୍ମ ହେବାକୁ ଚେଷ୍ଟା କରିବା । କାରଣ ଆମେ ସମସ୍ତେ ଏକମେବ ପରମପିତାଙ୍କର ସନ୍ତାନ । ଆମ ଚେତନାର ଗବାକ୍ଷଗୁଡ଼ିକ ବିଶ୍ୱ ଆଡ଼କୁ ଯେତିକି ଯେତିକି ଖୋଲି ଯାଉଥିବ ଆମେ ଅନୁଭବ କରିବା ଯେ ଏକ ବିଶ୍ୱମୟ ଶକ୍ତି ଆମ ସମସ୍ତଙ୍କୁ ଧୀରେ ଧୀରେ ଏକତ୍ୱର ଡୋରିରେ ବାନ୍ଧି ଆଣୁଛି । ଏକ ଉଶ୍ୱାସବୋଧ, ଏକ ଆଶ୍ୱସ୍ତି ଓ ପ୍ରଗାଢ଼ ଶାନ୍ତି ଆମ ଆଡ଼କୁ ସଞ୍ଚାରିତ ହୋଇ ଆସୁଛି । ଆମେ ଅନୁଭବ କରିବା ଯେ ଆମେ ଆଦୌ ଏକୁଟିଆ ନୋହୁ, ବିଶ୍ୱମୟ କର୍ତ୍ତା ଆମର ନିବିଡ଼ ସାନ୍ନିଧରେ ରହିଛନ୍ତି । ଆମ ପ୍ରେମର ପ୍ରତ୍ୟୁତ୍ତରରେ ବିଶ୍ୱର ଅଗଣିତ ବ୍ୟକ୍ତିସତ୍ତା ଆମର ସୁହୃଦ୍ ହୋଇ ଆମ ଉପରେ ସ୍ନେହ, ସଦିଚ୍ଛା ଅଜାଡ଼ି ଦେଉଛନ୍ତି । ଏହି ଅନୁଭବ ପାକଳ ହେଲେ ଯେଉଁ ପରିସ୍ଥିତି ସୃଷ୍ଟି ହୁଏ ତାକୁ 'ସାବିତ୍ରୀ' ମହାକାବ୍ୟର ନିମ୍ନ ଦୁଇଟି ପଂକ୍ତି ଦ୍ୱାରା ବର୍ଣ୍ଣନା କରାଯାଇପାରେ –

''Heart feels for heart, limb cries for answering limb;
All strives to enforce the unity all is.''

(Savitri, p. 398)

ଅର୍ଥାତ୍, ''ହୃଦୟ ହୃଦୟର ସ୍ପନ୍ଦନ ଅନୁଭବ କରେ, ଅଙ୍ଗ ପ୍ରତ୍ୟୁତ୍ତରଦାୟୀ ଅଙ୍ଗକୁ ଆହ୍ୱାନ ଜଣାଏ; ସମସ୍ତଙ୍କ ମଧ୍ୟରେ ରହିଥିବା ସେହି ଏକରୂପତା ଲାଗି ସମସ୍ତେ ପ୍ରୟାସରତ ।''

ସଙ୍ଗତି ପ୍ରତିଷ୍ଠା ପାଇଁ ଆମକୁ ଉଦାର ଓ କ୍ଷମାଶୀଳ ହେବାକୁ ପଡ଼ିବ । ଅନ୍ୟମାନଙ୍କର ଦୋଷ ଖୋଜିବାକୁ ନ ଯାଇ ନିଜ ଭିତରକୁ ନିରପେକ୍ଷ ଓ ଶାଣିତ ଦୃଷ୍ଟି ନିକ୍ଷେପ କରିବାକୁ ହେବ । କୌଣସି ବାହ୍ୟ ପରିସ୍ଥିତି ବା ଅନ୍ୟର କୌଣସି ପ୍ରତିକୂଳ ବ୍ୟବହାର ପାଇଁ ଆମ ଭିତରର କୌଣସି ଉପାଦାନ ଦାୟୀ ହୋଇ ଥାଇପାରେ । ମା' କହନ୍ତି ଯେ ଯେତେବେଳେ ଆମେ କୌଣସି ପରିସ୍ଥିତି ପାଇଁ ଆମ ବାହାରର କୌଣସି ଉପାଦାନ ଉପରେ ଦାୟିତ୍ୱ ଲଦି ଦେଉ ସେତେବେଳେ ଆମେ ସେହି ପରିସ୍ଥିତିକୁ ନିୟନ୍ତ୍ରଣ କରି ପାରିବାର ସମ୍ଭାବନାକୁହିଁ ହ୍ରାସ କରିଦେଉ । ଏହା ଦ୍ୱାରା ସମସ୍ୟାଟିକୁ ଆମେ ଦୂରକୁ ଠେଲି ଦେଉ ସିନା କିନ୍ତୁ ତାହାର ସମାଧାନ ବା ନିରାକରଣ ପାଇଁ ସୁଯୋଗ ହରାଇ ବସୁ । ଅନ୍ୟମାନଙ୍କୁ ଉଦାର ଚିତ୍ତରେ କ୍ଷମା କରିପାରିବା ଦ୍ୱାରା ସଙ୍ଗତି ରକ୍ଷା ଦିଗରେ ଆମେ କାର୍ଯ୍ୟ କରିପାରିବା । ଋଷି ବଶିଷ୍ଠଙ୍କ କ୍ଷମାର ଆଦର୍ଶ କଥା ଆମେ ଜାଣୁ । ତାଙ୍କର ଶହେଟି ପୁଅଙ୍କ ହତ୍ୟାକାରୀ ବିଶ୍ୱାମିତ୍ରଙ୍କୁ କ୍ଷମା କରିଦେଇ ସେ ମହାନୁଭବତାର ପରିଚୟ ଦେଇଥିଲେ । କେବଳ ଯେ କ୍ଷମା କରିଥିଲେ ତାହା ନୁହେଁ ନିଜେ ଶାନ୍ତ, ଅବିଚଳିତ ରହି ବିଶ୍ୱାମିତ୍ରଙ୍କ ଉପରେ ଅନାବିଳ ସ୍ନେହ ଅଜାଡ଼ି ଦେଇଥିଲେ । ସେଥିପାଇଁ ମହର୍ଷି ବଶିଷ୍ଠଙ୍କୁ ''ସମତାଯୁକ୍ତ ସଙ୍ଗତିର ଋଷି'' (Rishi of even harmonies) ବୋଲି ଆଖ୍ୟା ଦିଆଯାଇଛି ।

ଆମେ ଆମର ମାନସିକ ରୁଚି ଓ ପୂର୍ବପୋଷିତ ଧାରଣା ଅନୁସାରେ ଅନ୍ୟମାନଙ୍କୁ ବିଚାର କରିବସୁ । ଆପାତ ଦୃଷ୍ଟିରେ

ଯାହା ଦୃଶ୍ୟ ହୁଏ ତାହାରି ଆଧାରରେ ଆମେ ଜଣକର ଚରିତ୍ର ବା ବ୍ୟବହାର ସମ୍ପର୍କରେ ମୂଲ୍ୟାଙ୍କନ କରୁ । ଆମର ଏହି ମୂଲ୍ୟାଙ୍କନ ବା ବିଚାର ସର୍ବଦା ନିର୍ଭୁଲ ବୋଲି କଦାପି କୁହାଯାଇ ପାରିବ ନାହିଁ । ଆମର ଏହି ଭ୍ରମାତ୍ମକ ବିଚାର ଅନେକ ସମୟରେ ଅସଙ୍ଗତିର କାରଣ ହୋଇଥାଏ । ମା'ଙ୍କ ମତରେ, ଆମର ମନ ଜ୍ଞାନର ଯନ୍ତ୍ର ହୋଇ ନଥିବାରୁ ତଦ୍ଦ୍ୱାରା ବସ୍ତୁ ଓ ବ୍ୟକ୍ତିମାନଙ୍କ ବିଷୟରେ ବିଚାର କରିବା ଅନୁଚିତ ।

ଶାନ୍ତି ଓ ନିରାପତ୍ତା ଦୃଷ୍ଟିରୁ ତଥା ପରିବେଶରେ ସଙ୍ଗତି ରକ୍ଷା ପାଇଁ ମା' ଏକ ଉତ୍ତମ ଉପାୟ ବତେଇଛନ୍ତି – ''ପଛକୁ ହଟି ଛିଡ଼ା ହୁଅ (step back)'' । କିଛି କହିବା ବା କର୍ମ କରିବା ପୂର୍ବରୁ ଆମେ ଗୋଟିଏ ପାଦ ପଛକୁ ହଟି ଆସିବା ଉଚିତ । ଅର୍ଥାତ୍, ନିଜ ଭିତରେ ଅଳ୍ପକ୍ଷଣ ପାଇଁ ଏକାଗ୍ର ହେବା ଉଚିତ । ଏହାଦ୍ୱାରା ମନର ସାଧାରଣ କ୍ରିୟା ପ୍ରତିକ୍ରିୟାକୁ କିଛି ସମୟ ପାଇଁ ବନ୍ଦ କରିଦିଆଯାଏ । ଫଳରେ ଆମର ଆନ୍ତର ସତ୍ତା ସମ୍ମୁଖକୁ ଆସି ପରିସ୍ଥିତିକୁ ଠିକ୍ ଦିଗରେ ପରିଚାଳିତ କରିନିଏ ।

କଥାବାର୍ତ୍ତା ସମୟରେ ଯେତେବେଳେ ଯୁକ୍ତିତର୍କ ଆରମ୍ଭ ହୁଏ ସେତେବେଳେ ଆମେ କ'ଣ କରିବା ଉଚିତ ସେ ସମ୍ପର୍କରେ ମା' କହନ୍ତି –

''ତୁମେ ଯେତେବେଳେ ଏକ ତର୍କ ଆରମ୍ଭ କରିବାକୁ ଯାଉଛ ତତ୍କ୍ଷଣାତ୍ ନୀରବ ହୋଇଯାଅ । ତୁମକୁ ନୀରବ ହୋଇଯିବାକୁ ପଡ଼ିବ, କିଛି ବି କହିବ ନାହିଁ, ଏବଂ ତା'ପରେ ଅନ୍ୟ ବ୍ୟକ୍ତିର ଦୃଷ୍ଟିକୋଣରୁ ଜିନିଷଟିକୁ ଦେଖିବାକୁ ଚେଷ୍ଟା କରିବ – ତାହା ତୁମକୁ ଭୁଲିଯିବାକୁ ଦେବ ନାହିଁ ଯେ ତୁମର ଏକ ନିଜସ୍ୱ ଦୃଷ୍ଟିକୋଣ ରହିଛି – କିନ୍ତୁ ତୁମେ ଉଭୟ ଦୃଷ୍ଟିକୋଣକୁ ଏକତ୍ର କରି ରଖିପାରିବାକୁ ସକ୍ଷମ ହେବ ଏବଂ ତୁମେ ଯଥାର୍ଥରେ ଅଗ୍ରଗତି ହାସଲ କରିବ, ଏକ ବାସ୍ତବ ଅଗ୍ରଗତି ହାସଲ କରିବ ।''

ପରଚର୍ଚ୍ଚାର ଅଭ୍ୟାସରୁ ଆମେ ଯେତେ ନିବୃତ୍ତ ରହିପାରିବା ତାହା ସେତେ ମଙ୍ଗଳକର । ଏପରିକି ଅନ୍ୟମାନଙ୍କ ବିଷୟରେ ପ୍ରଶଂସାମୂଳକ ଚର୍ଚ୍ଚା ମଧ୍ୟ ନକାରାତ୍ମକ ପରିଣାମ ଆଣିପାରେ । କାହାରି ନିନ୍ଦା ବା ସମାଲୋଚନା କରିବା ଆଦୌ ବାଞ୍ଛନୀୟ ନୁହେଁ । ଯଦି ଆମେ ଜଣକର ବ୍ୟବହାରକୁ ପରିବର୍ତ୍ତନ କରିବାକୁ ସକ୍ଷମ ନୋହୁଁ ତେବେ ତା' ବିରୋଧରେ ଅଭିଯୋଗ କରିବା ଅନୁଚିତ ବୋଲି ମା' କହନ୍ତି । ସବୁଠୁ ବିପଜ୍ଜନକ କଥା ହେଉଛି ନିଜ ଭିତରେ ଯେଉଁ ଦୋଷ ରହିଛି ସେହି ଦୋଷ ପାଇଁ ଅନ୍ୟକୁ ସମାଲୋଚନା କରିବା । ଯଦି ଆମେ ଶିକ୍ଷକ, ଅଭିଭାବକ ବା ଅନୁଷ୍ଠାନର ମୁଖ୍ୟ ଭାବରେ କେତେକଙ୍କର ଦାୟିତ୍ୱ ନେଇଛୁ ସେପରି କ୍ଷେତ୍ରରେ ଆମେ ସେମାନଙ୍କ କାର୍ଯ୍ୟ ବିଷୟରେ ମତାମତ ଦେଇପାରିବା, ଗଠନମୂଳକ ପରାମର୍ଶ ଦେଇପାରିବା । ମାତ୍ର ତାହା ପୂର୍ଣ୍ଣ ସଦିଚ୍ଛା ସହ କରାଯିବା ଉଚିତ ।

ଯେଉଁମାନେ ଚାହାନ୍ତି ଯେ ପୃଥିବୀରେ ଭଗବାନଙ୍କ ରାଜ୍ୟ ପ୍ରତିଷ୍ଠିତ ହେଉ ଏବଂ ମାନବ-ଐକ୍ୟ ଏକ ବାସ୍ତବ ସତ୍ୟରେ ପରିଣତ ହେଉ ସେମାନେ ସକଳ ପରିସ୍ଥିତିରେ ସଙ୍ଗତି ରକ୍ଷା ପାଇଁ ପ୍ରୟାସ କରିବା ଉଚିତ । ମା' ତାଙ୍କ ମହାଲକ୍ଷ୍ମୀ ସ୍ୱରୂପରେ ପୃଥିବୀରେ ଦିବ୍ୟ ସଙ୍ଗତି ଓ ସୁଷମା ଅଭିବ୍ୟକ୍ତ କରିବାକୁ ଚାହାନ୍ତି । ସେଥିରେ ସହଯୋଗ କରିବା ଦାୟିତ୍ୱ ଆମର । ଅତିମାନସ ଆଧାରିତ ଯେଉଁ ନୂତନ ଜଗତ୍ ସୃଷ୍ଟି ହେବାକୁ ଯାଉଛି ସେଥିରେ ଦିବ୍ୟ ସଙ୍ଗତି ଏକ ମୁଖ୍ୟ ବିଧାନ ହୋଇ ରହିବ । ଶ୍ରୀଅରବିନ୍ଦଙ୍କ ଭାଷାରେ –

"Unity, mutuality and harmony must therefore be the inescapable law of a common or collective gnostic life."

(The Life Divine, p. 1070)

ଅର୍ଥାତ୍, ''ତେଣୁ ଏକତ୍ୱ, ପାରସ୍ପରିକତା ଏବଂ ସୌଷମ୍ୟହିଁ ଏକ ସାଧାରଣ ବା ସମଷ୍ଟିଗତ ବିଜ୍ଞାନମୟ ଜୀବନର ଅପରିହାର୍ଯ୍ୟ ବିଧାନ ହୋଇ ରହିବ ।'' ❑

ସଭିଙ୍କ ପାଇଁ ଶୁଭେଚ୍ଛା ଓ ସଭିଙ୍କଠାରୁ ଶୁଭେଚ୍ଛା ହେଉଛି ଶାନ୍ତି ଓ ସଙ୍ଗତିର ଭିତ୍ତି ।

– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୧୭)

### ପରବର୍ତ୍ତୀ ଧ୍ୟାନଧାରଣା ଓ ଭକ୍ତି ନିବେଦନର ଇତିବୃତ୍ତ (୧) :

ପୂର୍ବର ଦୁଇଟି ଅଧ୍ୟାୟରେ ଆମେ ଆମ ଯୋଗରେ ସମବେତ ଅଧ୍ୟାତ୍ମ-ସାଧନା ଓ ଧ୍ୟାନଧାରଣାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ସମ୍ବନ୍ଧେ ଯଥାସମ୍ଭବ ସୂଚନା ଦେବାକୁ ପ୍ରୟାସ କରିଛୁ । ଏହି ଅଧ୍ୟାୟରେ ଶ୍ରୀମା'ଙ୍କ ଉକ୍ତିରୁ ପଦେ ଅଧେ :

''... ପ୍ରତ୍ୟେକ ଭୌତିକ ସତ୍ତା ଯେତେ ସମ୍ପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ ଏହା ତଥାପି ଆଂଶିକ ଓ ସୀମିତ; ସେ ଏହି ପୃଥିବୀପୃଷ୍ଠରେ କେବଳ ଗୋଟିଏ ବିଧାନର ପ୍ରତିନିଧିତ୍ୱ କରେ । ସେହି ବିଧାନଟି ହୁଏତ ଅତ୍ୟନ୍ତ ମାତ୍ରାଧିକ ବହୁଗୁଣ ବିଶିଷ୍ଟ ହୋଇ ଥାଇପାରେ, ମାତ୍ର ସେଇଟିକୁ ତଥାପି କେବଳ ଗୋଟିଏ ବିଧାନ ବୋଲି କୁହାଯିବ । ଭାରତରେ ଯାହାକୁ 'ଧର୍ମ' ବୋଲି କୁହାଯାଏ, ସେଇଟିକୁ କେବଳ ଗୋଟିଏ 'ସତ୍ୟ', ଗୋଟିଏ 'ବିଧାନ' ବୋଲି କୁହାଯିବ ।

''ପ୍ରତ୍ୟେକ ବ୍ୟକ୍ତିସତ୍ତା, ... ସମ୍ପୂର୍ଣ୍ଣ ଭାବରେ (ପୃଥିବୀପୃଷ୍ଠରେ) ଏକ ବିଶେଷ କର୍ମ ସକାଶେ ଅଭିପ୍ରେତ ହୋଇ ରହିଥିଲେ ମଧ୍ୟ ସେ ହେଉଛି କେବଳ ଜଣେ ବା ଏକକ ବ୍ୟକ୍ତିସତ୍ତା । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ପୃଥିବୀପୃଷ୍ଠରେ ସମଗ୍ର ରୂପାନ୍ତର କାର୍ଯ୍ୟଟି କଦାପି ଗୋଟିଏ ଶରୀର ମାଧ୍ୟମରେ ଘଟିବା ଅସମ୍ଭବ ଏବଂ ଏହି କାରଣରୁହିଁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଅଧିକରୁ ଅଧିକ ସଂଖ୍ୟାରେ (ଆମ) ଗୋଷ୍ଠୀଟି ଗଢ଼ି ଉଠିଥିଲା ।''

('ମାତୃରଚନାବଳି' : ୭ମ ଖଣ୍ଡ, ପୃ. ୫୭୮- ୭୯)

ପୁନଶ୍ଚ ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କ ଉକ୍ତିରୁ : ''ମନେରଖ, ଭାଗବତ କର୍ମ ଓ ଭାଗବତ ଅଭିବ୍ୟକ୍ତିରେ ସାହାଯ୍ୟ ନିମିତ୍ତ ତୁମକୁ ତୁମର ଜୀବନ ଦିଆ ହୋଇଛି । ଅନ୍ୟ କିଛି ଆକାଙ୍କ୍ଷା କର ନାହିଁ – କେବଳ ଦିବ୍ୟ ଚେତନାର ବିଶୁଦ୍ଧି, ଶକ୍ତି, ଜ୍ୟୋତିଃ, ପ୍ରସାରତା, ପ୍ରଶାନ୍ତି, ଆନନ୍ଦ ସକାଶେ ଆକାଙ୍କ୍ଷା କର ଯେପରିକି ସେହି ଚେତନା ତୁମ ମନ, ପ୍ରାଣ, ଦେହକୁ ରୂପାନ୍ତରିତ ଓ ସର୍ବାଙ୍ଗସୁନ୍ଦର କରି ଗଢ଼ିବା ନିମିତ୍ତ ସତତ ସଚେଷ୍ଟ ହୋଇ ଉଠିବ । ଅନ୍ୟ କିଛି ଚାହଁ ନାହିଁ, କେବଳ ପୃଥିବୀ ଉପରେ, ତୁମ ମଧ୍ୟରେ, ଯେଉଁମାନେ ଅଧିକାର ପାଇଛନ୍ତି, ଯେଉଁମାନଙ୍କୁ ଗ୍ରହଣ କରା ଯାଇଛି, ସେମାନଙ୍କ ମଧ୍ୟରେ ଭାଗବତ, ଆଧ୍ୟାତ୍ମିକ, ଅତିମାନସ ସତ୍ୟ ଓ ତାହାର ବାସ୍ତବ ସିଦ୍ଧିକୁ ଚାହଁ ଏବଂ ଚାହଁ ସେହି ଅବସ୍ଥା ଓ ବ୍ୟବସ୍ଥା ଯାହାର ଆନୁକୂଲ୍ୟରେ ହେବ ଏଇ ସତ୍ୟର ସୃଷ୍ଟି ଏବଂ ସକଳ ବିରୋଧୀ ଶକ୍ତି ଉପରେ ପୂର୍ଣ୍ଣ ବିଜୟ ।''

('ମା' ପୁସ୍ତକ, ତୃତୀୟ ଅଧ୍ୟାୟ)

ଏବେ ଆମେ ୧୯୨୬ ପରେ ଆଶ୍ରମରେ ଅନୁଷ୍ଠିତ ସମବେତ ଧ୍ୟାନଧାରଣାର ଇତିବୃତ୍ତ ସମ୍ବନ୍ଧରେ ଉଲ୍ଲେଖ କରିବୁ । ୭ ଫେବ୍ରୁଆରୀ ୧୯୨୭ରେ ଶ୍ରୀମାଶ୍ରୀଅରବିନ୍ଦ 'ମେଡ଼ିଟେସନ୍ ହାଉସ୍'କୁ ଆସିଲେ । ସେଇଠୁ ସମବେତ ଧ୍ୟାନ ଏହି ବାସ ଭବନର ଉପର ମହଲାର ହଲ୍‌ରେ ଅନୁଷ୍ଠିତ ହେବାକୁ ଆରମ୍ଭ କଲା । ଏହି ହଲ୍‌ଟି ହେଉଛି ଏବେକାର 'ଯୁଗ୍ମ-ଦର୍ଶନ ପ୍ରକୋଷ୍ଠ'ର ସମ୍ମୁଖସ୍ଥ ଲମ୍ବା ହଲ୍; ଏହିଠାରେ ଶ୍ରୀମା ପରବର୍ତ୍ତୀ କାଳରେ, ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପରେ ଦର୍ଶନ ଦିବସମାନଙ୍କରେ ଦର୍ଶନ ଦେଉଥିଲେ । ଏବେ ବି ଶ୍ରୀମା'ଙ୍କର ଚେୟାର ସେହି ସ୍ଥାନରେହିଁ ରହିଛି ।

ବର୍ତ୍ତମାନ ଅମଳକିରଣଙ୍କର ସ୍ମୃତିକଥାରୁ ଉଦ୍ଧୃତି : ''(ଆଶ୍ରମର) ପ୍ରାରମ୍ଭିକ ସମୟରେ ସକାଳ ସାଢ଼େ ସାତଟାରେ ଆମେମାନେ ଧ୍ୟାନରେ ବସୁଥିଲୁ ସେଇ ଲମ୍ବା ପ୍ରକୋଷ୍ଠଟିରେ ଯେଉଁଠି ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପରେ ଶ୍ରୀମା ବର୍ଷରେ ଚାରୋଟି ଦର୍ଶନ ଦିବସରେ ଦର୍ଶନ ଦେଉଥିଲେ । ନିଃସନ୍ଦେହରେ ସେହି ଦର୍ଶନ ଦିବସମାନଙ୍କରେ ସେ ଚେୟାରରେ ବସୁଥିଲେ, କିନ୍ତୁ ପୂର୍ବରୁ ସେ ଶ୍ରୀଅରବିନ୍ଦଙ୍କ ସହିତ ଏକ ବଡ଼ ଆସ୍ଥାନରେ (ଯୁଗ୍ମ ଦର୍ଶନ ସମୟରେ) ଉପବେଶନ କରୁଥିଲେ । (ଉପର ମହଲାର ଏହି ମେଡ଼ିଟେସନ୍ ହଲ୍‌ରେ ଏବେ ବି ସେଇ ଆସ୍ଥାନ ସେହି ସମାନ ସ୍ଥାନରେ ରହିଛି ।) ଇତିପୂର୍ବରୁ ପ୍ରାରମ୍ଭିକ ସକାଳ ଧ୍ୟାନ ସମୟରେ ଶ୍ରୀମା ଏକୁଟିଆ ସେଇ ପ୍ରଶସ୍ତ ଆସନର ସ୍ୱ ସ୍ଥାନରେ

ବସୁଥିଲେ — ଏବଂ ଶ୍ରୀଅରବିନ୍ଦ ଏହି ଧ୍ୟାନ ସମୟରେ ନିଜ କକ୍ଷରେ ରହି ସେଠାରେ ଅନୁଷ୍ଠିତ ସମବେତ ଧ୍ୟାନରେ ସହାୟତା କରୁଥିଲେ । ଏହି ଧ୍ୟାନରେ ଶ୍ରୀମା ଶାଢ଼ୀ ପରିଧାନ କରୁଥିଲେ ଏବଂ ପଦ୍ମାସନରେ ଆସୀନା ହୋଇ ଅପରୂପା ଜ୍ୟୋତିର୍ମୟୀ ଓ ସୌନ୍ଦର୍ଯ୍ୟମୟୀ ରୂପେ ପ୍ରତିଭାତ ହେଉଥିଲେ । ... ମନେ ହେଉଥିଲା ସେ ଯେପରି ଶତାବ୍ଦୀ ଶତାବ୍ଦୀ ଧରି ତାଙ୍କର ଈପ୍ସିତ ବସ୍ତୁ ପ୍ରାପ୍ତିପୂର୍ବକ ତାଙ୍କ ଅନ୍ୱେଷଣ ଅଭିଯାନର ସମାପ୍ତି ଘଟାଇ ଆମ ସମ୍ମୁଖରେ ଉପବେଶନ କରିଛନ୍ତି । ... ଧ୍ୟାନାନ୍ତେ ଶ୍ରୀମାଙ୍କ ସାମନାରେ ଜଣଙ୍କ ପରେ ଜଣେ ଆଣ୍ଠୁମାଡ଼ି ତାଙ୍କ ପାଦପଦ୍ମରେ ପ୍ରଣତି ଜଣାଉ ଥିଲୁ । ସେତେବେଳେ ଆମମାନଙ୍କର ମନେ ହେଉଥିଲା (ଗୁରୁ ଅନ୍ୱେଷଣରେ) ଆମର ସମସ୍ତ ଅଭିଯାନର ମଧ୍ୟ ସମାପ୍ତି ଘଟିଛି ଏବଂ ଆମର ସବୁ ବାଧାବିପତ୍ତି କୁଆଡ଼େ ଉଭେଇ ଯାଇଛି । କେବଳ ଗୋଟିଏ ବିପତ୍ତି ରହି ଯାଉଥିଲା — ତାଙ୍କ ପାଦପଦ୍ମର ସ୍ପର୍ଶରୁ ବିଦାୟ ନେଇ ଦୂରେଇ ଯିବାଟା ।

''ସେତେବେଳର ଏହି ଧରଣର ଧ୍ୟାନାନୁଷ୍ଠାନରେ ତଦାନୀନ୍ତନ ପ୍ରତ୍ୟେକ ସାଧକ ପର୍ଯ୍ୟାୟ କ୍ରମରେ ଇଚ୍ଛାନୁରୂପ ସମୟ ଶ୍ରୀମା'ଙ୍କ ପାଦପଦ୍ମରେ ମସ୍ତକ ରଖି ବସି ରହି ପାରୁଥିଲେ ।...''

('Light and Laughter', 2004, Talk Four, p. 53)

ଉପରବର୍ଣ୍ଣିତ ଏହି 'ମେଡ଼ିଟେସନ୍ ହଲ୍'ରେ ୧୯୨୭ରୁ ୧୯୨୮ ପର୍ଯ୍ୟନ୍ତ ଶ୍ରୀମା ସକାଳର ଧ୍ୟାନାନୁଷ୍ଠାନ ଏବଂ ବର୍ଷରେ ଚାରି ଥର ଶ୍ରୀମାଶ୍ରୀଅରବିନ୍ଦ ଯୁଗ୍ମ ଦର୍ଶନ ଦେଉଥିଲେ । ୧୯୨୮ରୁ ୧୯୫୦ ପର୍ଯ୍ୟନ୍ତ ଶ୍ରୀମାଶ୍ରୀଅରବିନ୍ଦ ଏବେକାର 'ଦର୍ଶନ କକ୍ଷ'ରେ ଉପବେଶନ କରି ଦର୍ଶନ ଦେଉଥିଲେ । ଏହି ସମୟରେ ମଧ୍ୟ 'ମଧ୍ୟାହ୍ନ ଧ୍ୟାନ' ଏବଂ 'ରାତ୍ରି ଧ୍ୟାନ' ହେଉଥିଲା ।

ତଳ ମହଲାରେ ଥିବା ବର୍ତ୍ତମାନର 'ମେଡ଼ିଟେସନ୍ ହଲ୍'କୁ ଶ୍ରୀମା ତିରିଶ ଦଶକରେ ପ୍ରଣାମ ଓ ଧ୍ୟାନାନୁଷ୍ଠାନ ସକାଶେ ବ୍ୟବହାର କରୁଥିଲେ । ଏହି ସମୟରେ ସକାଳର ସେଇ ସାଢ଼େ ସାତଟାରେ ଅନୁଷ୍ଠିତ ଧ୍ୟାନ ବ୍ୟତୀତ ଶ୍ରୀମା ସୁପ୍ ବିତରଣ ସମୟରେ, ପ୍ରସ୍ପେରିଟି ମିଟିଂ ସମୟରେ ଏବଂ ଏପରିକି ଗ୍ରାମାଞ୍ଚଳକୁ କାର୍‌ରେ ବୁଲିଯିବା ସମୟରେ ସାଥିରେ ଥିବା ସାଧକ-ସାଧିକାଙ୍କ ଗହଣରେ ମା' ସ୍ୱଳ୍ପ ସମୟ ସକାଶେ ସମବେତ ଏକାଗ୍ରତା ବା ଧ୍ୟାନର ଅନୁଷ୍ଠାନ କରୁଥିଲେ ।

ସାହାନା ଦେବୀଙ୍କର 'ସ୍ମୃତିକଥା'ରୁ ଉଦ୍ଧୃତି : ''(ସେଇ ପ୍ରାରମ୍ଭ କାଳରେ) ଆମର ପ୍ରତିଦିନର ଜୀବନଧାରା ଆରମ୍ଭ ହେଉଥିଲା ଶ୍ରୀମା'ଙ୍କୁ ପ୍ରଣାମ କରି ତାଙ୍କର ଆଶୀର୍ବାଦ ପ୍ରାପ୍ତି ପରେ । ଶ୍ରୀମା ନିତି ସକାଳେ ପ୍ରାୟ ସାଢ଼େ ଛ'ଟାରେ ତଳକୁ ଓହ୍ଲାଇ ଆସି ଆଶ୍ରମର ଭିତର ଅଗଣାର ପୂର୍ବ ପଟରେ ଥିବା ଏକ କକ୍ଷରେ ଉପବେଶନ କରୁଥିଲେ । (ଏବେ ଆଶ୍ରମକୁ ପ୍ରବେଶ କରି ସମାଧି ସାମନା ଦେଇ 'ମେଡ଼ିଟେସନ୍ ହଲ୍' ଆଡ଼କୁ ଅଗ୍ରସର ହେବାକୁ ଆରମ୍ଭ କରିବା ମାତ୍ରେ ଶିଡ଼ି ପାହାଚକୁ ଲାଗି ଯେଉଁ କକ୍ଷଟି ରହିଛି ।) ସେହି କକ୍ଷରେ ମଖମଲ ବା ଭେଲ୍‌ଭେଟ୍ ବସ୍ତ୍ରରେ ସୁସଜ୍ଜିତ ଏକ ଉଚ୍ଚ ଆସ୍ଥାନରେ ଶ୍ରୀମା ଉପବେଶନ କରୁଥିଲେ; ପାର୍ଶ୍ୱରେ ଏକ ଚୌକି ଉପରେ ଗୋଟିଏ ଟ୍ରେରେ ବିଭିନ୍ନ କିସମର ପୁଷ୍ପ ରଖା ଯାଇଥାଏ । ସକାଳ ୭ଟାରେ ଆମେ ଜଣଙ୍କ ପରେ ଜଣେ ଧାଡ଼ିରେ ଯାଇ ଶ୍ରୀମା'ଙ୍କୁ ପ୍ରଣାମ କରିବା ପୂର୍ବରୁ ସେ ସ୍ମିତହାସ୍ୟରେ ଆମର ପ୍ରସାରିତ ଆଞ୍ଜୁଳାରେ ଗୋଟିଏ ପୁଷ୍ପ ରଖିଦେଇ ମୁହୂର୍ତ୍ତକ ନିମିତ୍ତ ଆମକୁ ଅନାଇ ରହୁଥିଲେ । ତା'ପରେ ଆମେ ତାଙ୍କୁ ପ୍ରଣାମ ଭଙ୍ଗିମାରେ ନତ ମସ୍ତକ ହେବା ମୁହୂର୍ତ୍ତରେ ସେ ଆମର ମସ୍ତକ ଉପରେ ତାଙ୍କର କୋମଳ ବରଦହସ୍ତ ସ୍ଥାପନ କରୁଥିଲେ । ସେ ଆମର ମସ୍ତକରୁ ହାତ ଉଠାଇ ନେବା ପରେ ଆମେ ଯୋଡ଼ ହସ୍ତରେ ତାଙ୍କୁ ପ୍ରଣାମ ଜଣାଇ ତାଙ୍କଠୁ ବିଦାୟ ନେଉଥିଲୁ । ଏହି ପୁଷ୍ପ ମାଧ୍ୟମରେହିଁ ସେ ଆମକୁ ଆମର ସାଧନା-ମାର୍ଗରେ ଅଗ୍ରସର ହେବାର ମୌଳିକ ଧାରାଟି ସମ୍ବନ୍ଧେ ନିର୍ଦ୍ଦେଶ ଓ ସୂଚନା ଦେଉଥିଲେ । ଆମେ ମଧ୍ୟ ତାଙ୍କରି ପ୍ରଦତ୍ତ ପୁଷ୍ପଟିର (ତାଙ୍କ ଦ୍ୱାରା ସୂଚିତ ପ୍ରତିଟି ପୁଷ୍ପର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ) ନିହିତାର୍ଥ ଅନୁସାରେ ସଚେତ ହୋଇ ଉଠୁଥିଲୁ । ଆଞ୍ଜୁଳାରେ ପୁଷ୍ପଟିକୁ ଧରି ପ୍ରଶାନ୍ତ ମନରେ ପ୍ରଣାମ-କକ୍ଷରୁ ଆମେ ବାହାରି ଆସୁଥିଲୁ । କେବଳ ଅନୁମତି ପ୍ରାପ୍ତ କେତେକ ସାଧକ ସେହି କକ୍ଷରେ ଶ୍ରୀମା'ଙ୍କ ସାନ୍ନିଧ୍ୟରେ ଧ୍ୟାନ କରିବା ସକାଶେ ବସି ରହୁଥିଲେ । ସେହି ପ୍ରାଥମିକ କାଳରେ ଆମେ ଆମର ଜୀବନଧାରାର ପ୍ରତିଟି ମୁହୂର୍ତ୍ତରେ ସ୍ୱତଃସ୍ଫୂର୍ତ୍ତ ଭାବରେ ସଚେତ ରହି ପାରୁଥିଲୁ ଯେ କ'ଣ ପାଇଁ ଆମେ ଆଶ୍ରମରେ ରହିଛୁ ଏବଂ ନିଶ୍ଚିତ ରୂପେ ଆମ ଜୀବନର ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ରହିଛି; ଆଉ ଏ ସମ୍ବନ୍ଧେ କସ୍ମିନ୍‌କାଳେ ବିସ୍ମୃତ ନ ହେବାକୁ ସାଧ୍ୟମତେ ପ୍ରୟାସ କରୁଥିଲୁ । ସେତେବେଳେ ଆମର ମନେ ହେଉଥିଲା ଯେ ଆମେ ଯେମିତି

ପ୍ରତିଟି ମୁହୂର୍ତ୍ତରେ ଏକ ନୂତନ ଚେତନା ଓ ନୂତନ ଆଲୋକରେ ଅବଗାହନ କରି ଜୀବନର ପ୍ରତିଟି ଗତିବିଧିର, ପ୍ରତିଟି କ୍ରିୟାକଳାପର ପଶ୍ଚାତରେ ଏକ ଅଭିନବ ଦୃଷ୍ଟିକୋଣ ରଖି ପାରିବାର ସୂଚନା ପାଇ ପାରୁଥିଲୁ ଏବଂ ଆମ ଜୀବନରେ ଏକ ଅଭିନବ ସ୍ୱପ୍ନ – ସମ୍ଭାବନାର ତୀବ୍ର ଉଦ୍ଦୀପନାରେ ଆମେ ମଜ୍ଜି ରହିଥିଲୁ । ସେତେବେଳେ ଆମେ ଆମର ଅନ୍ତଃସ୍ଥଳରେ ଯାହା ଆସ୍ପୃହା କରୁଥିଲୁ ତଦନୁସାରେ ଆମର ଯୋଗ୍ୟତାନୁଯାୟୀ ତାହା ପ୍ରାପ୍ତ ହେଉଥିଲୁ ।''

(Breath of Grace, pp. 111 - 12)

ଉପରୋକ୍ତ କାର୍ଯ୍ୟକ୍ରମ ୧୭ ସେପ୍ଟେମ୍ବର ୧୯୨୮ରୁ ଆରମ୍ଭ ହୋଇଥିଲା । ଏହି ସମୟରେ ଉପର ମହଲାର (ଶ୍ରୀଅରବିନ୍ଦଙ୍କ କକ୍ଷ ଓ ତତ୍ ସଂଲଗ୍ନ ମେଡ଼ିଟେସନ୍ ହଲ୍‌ରେ) ମରାମତି କାମ ଚାଲିଥିଲା । ଏହା ପରଠାରୁ ଶ୍ରୀମା ନିତି ସକାଳେ ଶିଷ୍ୟବର୍ଗଙ୍କୁ ପୁଷ୍ପ ବିତରଣପୂର୍ବକ ଆଶୀର୍ବାଦ ଦେଉଥିଲେ । ସକାଳର ସମବେତ ଧ୍ୟାନ ବନ୍ଦ ହୋଇ ଯାଇଥିଲା । ଶ୍ରୀମା'ଙ୍କ ପ୍ରଦତ୍ତ ପୁଷ୍ପସବୁ ହୋଇ ଉଠିଲା ଆଧ୍ୟାତ୍ମିକ ସମ୍ପର୍କ ସ୍ଥାପନର ଏକ ଶକ୍ତିଶାଳୀ ମାଧ୍ୟମ ଏବଂ ଶିଷ୍ୟବର୍ଗ ଅଧିକାଂଶ ସମୟରେ ସେମାନଙ୍କ ଡାଏରିରେ ଲିପିବଦ୍ଧ କରି ରଖୁଥିଲେ ପୁଷ୍ପସବୁର ଶ୍ରୀମା'ଙ୍କ ପ୍ରଦତ୍ତ ଆଧ୍ୟାତ୍ମିକ ନିହିତାର୍ଥ ।

ପରିଶେଷରେ ଏହି ସମୟକାଳର ଜନୈକ ସାଧକଙ୍କର ସ୍ମୃତିକଥାରୁ : ''ମୁଁ ମୋର ତରୁଣ ବୟସରୁ ଦର୍ଶନାର୍ଥୀ ହିସାବରେ ଆଶ୍ରମକୁ ପ୍ରାୟ ଆସୁଥାଏ, କିଛିଦିନ ରହି ସ୍ୱସ୍ଥାନକୁ ଫେରି ଯାଉଥାଏ । ସେ ସମୟର ସକାଳ ପ୍ରଣାମରେ ଶ୍ରୀମା ପ୍ରତ୍ୟେକଙ୍କୁ ଗୋଟିଏ କରି ପୁଷ୍ପ ବିତରଣ କରୁଥିଲେ । ତାଙ୍କ ପାର୍ଶ୍ୱରେ ଥିବା ଟ୍ରେରେ ଅନେକ ରକମର ତଟକା ଓ ସତେଜ ପୁଷ୍ପସବୁ ରହିଥାଏ । ଦିନେ ଶ୍ରୀମା ମୋତେ ଝାଉଁଳି ଯାଇଥିବା ମରୁଆ ଡେଙ୍ଗଟିଏ ଦେଲେ । ପ୍ରଣାମ ପ୍ରକୋଷ୍ଠରୁ, କହିବାକୁ ଗଲେ ବିଷଣ୍ଣ ହୃଦୟରେ ବାହାରି ଆସିଲି – ଏତେ ଭଲ ଭଲ ପୁଷ୍ପ ଥାଉ ଥାଉ ଶ୍ରୀମା ମୋତେ ଏଇଟିକୁ ଦେଲେ ! ମୁଁ ସତରେ କେଡ଼େ ହତଭାଗା ! ... ଏମିତି ଅବସ୍ଥାରେ ମୋର ଆଦୌ ମନ ବଳାଇଲା ନାହିଁ କାହାରିକୁ ଏଇଟିର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ପଚାରିବାକୁ । ଫାଙ୍କା ମନ, ଉଦାସ ଆଖିରେ ଚୁପ୍‌ଚାପ୍ ଦିନଟି ବିତାଇଲି । ଶ୍ରୀମା'ଙ୍କୁ ଦର୍ଶନ କରି ସେଥରକ ପାଇଁ ଆଶ୍ରମରୁ ବିଦାୟ ନେଲି । ସବୁକିଛି ଭୁଲିଗଲି ସତ, କିନ୍ତୁ ସେଦିନର କଥା କେବେ କେବେ ଅବଚେତନ ମନରୁ ଉଙ୍କି ମାରିଲେ ବିଷଣ୍ଣ ହୋଇ ଉଠୁଥିଲି ।

''ଷାଠିଏ ବର୍ଷ ବୟସରେ ଆଶ୍ରମରେ ସ୍ଥାୟୀ ଭାବରେ ରହିବାର ସିଦ୍ଧାନ୍ତ ନେଇ ଆଶ୍ରମକୁ ଆସିଲି ।... ଦିନେ ଏକ ବିଶେଷ କାମରେ ଜନୈକ ଆଶ୍ରମବାସୀଙ୍କ କକ୍ଷକୁ ଯାଇ ଦେଖିଲି ସେ ତାଙ୍କ ଟେବୁଲ ଉପରେ ଥିବା ଶ୍ରୀମାଶ୍ରୀଅରବିନ୍ଦଙ୍କ ଫଟୋ ସାମନାରେ ଛୋଟ ଥାଳିଆରେ ମଉଳା ମରୁଆ ଡେଙ୍ଗଟିଏ ଥୋଇଛନ୍ତି । ଅତି ସନ୍ତର୍ପଣରେ ତାଙ୍କୁ କଥା ପ୍ରସଙ୍ଗରେ ପଚାରିଲି, 'ଆପଣ କାହିଁକି ଏହି ମଉଳି ଯାଇଥିବା ଡେଙ୍ଗଟିକୁ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଅର୍ପଣ କରିଛନ୍ତି !' ସେ ସେଇଠୁ ସ୍ମିତହାସ୍ୟରେ କହିଲେ, 'ଆପଣ ଜାଣନ୍ତି, ଶ୍ରୀମା ଏହାର ଆଧ୍ୟାତ୍ମିକ ନିହିତାର୍ଥ କରିଛନ୍ତି 'ନବଜନ୍ମ' !' ମୁଁ ତାଙ୍କର ଶେଷ କଥାପଦକ ଶୁଣି ଥମ୍ ମାରିଗଲି । ମୋ ଆଖିରୁ ଅମାନିଆ ଲୁହ ଝରି ଆସିଲା । ଲୋତକପୂର୍ଣ୍ଣ ଚକ୍ଷୁରେ ମୋ ତୁଣ୍ଡରୁ କେବଳ ଏତିକି କଥା ସ୍ଫୁରି ଉଠିଥିଲା, 'ଶ୍ରୀମା ମୋତେ ପ୍ରାୟ ତିରିଶ-ପଇଁତିରିଶ ବର୍ଷ ପୂର୍ବରୁ 'ନବଜନ୍ମ' ଦେଇଥିଲେ; କିନ୍ତୁ ମୁଁ ଏଇ ମୁହୂର୍ତ୍ତରେହିଁ 'ନବଜନ୍ମ' ଲାଭ କଲି ।'...''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

All sincere prayers are granted, every call is answered.

*21 July, 1954* – The Mother

ସକଳ ଆନ୍ତରିକ ପ୍ରାର୍ଥନା ପୂର୍ଣ୍ଣ ହୁଏ, ସକଳ ଆହ୍ୱାନର ଉତ୍ତର ଦିଆଯାଇଥାଏ ।

– ଶ୍ରୀମା

# ସଂକ୍ଷେପରେ ରାମାୟଣ ଚରିତ

## ରାମକୃଷ୍ଣ ଦାସ

### କିଷ୍କିନ୍ଧ୍ୟା କାଣ୍ଡ

ଶ୍ରୀରାମ ଲକ୍ଷ୍ମଣଙ୍କୁ ସଙ୍ଗରେ ନେଇ ଋଷ୍ୟମୂକ ପର୍ବତରେ ପହଞ୍ଚିଲେ । ସୁଗ୍ରୀବ ସଙ୍ଗେ ମିତ୍ରତା କରି ବାଳିକୁ ବଧ କରି ସୁଗ୍ରୀବକୁ କିଷ୍କିନ୍ଧ୍ୟାର ରାଜା, ବାଳି ପୁତ୍ର ଅଙ୍ଗଦକୁ ଯୁବରାଜ ପଦରେ ଅଭିଷିକ୍ତ କଲେ । ଶ୍ରୀରାମ ବର୍ଷା ଋତୁରେ ସେଠାରେ ବିଶ୍ରାମ କଲେ । ବର୍ଷାପରେ ସୁଗ୍ରୀବ, ସୀତାଙ୍କ ସନ୍ଧାନ ସକାଶେ ବାନର ସେନାଙ୍କୁ ଚାରିଦିଗକୁ ପଠାଇଲେ, ଦକ୍ଷିଣ ଦିଗକୁ ଗଲେ ହନୁମାନ୍, ଅଙ୍ଗଦ, ସୁଷେଣ, ଜାମ୍ବବନ୍ତ, ନଳନୀଳ ଇତ୍ୟାଦି ଅଷ୍ଟ ସେନା ନାୟକ ।

### ସୁନ୍ଦର କାଣ୍ଡ

ସମ୍ପାତିଠାରୁ ସନ୍ଧାନ ପାଇ ହନୁମାନ୍ ସମୁଦ୍ର ପାର ହୋଇ ଲଙ୍କାରେ ପହଞ୍ଚିଲେ । ଅଶୋକ ବନରେ ସୀତାଦେବୀଙ୍କୁ ଦର୍ଶନ କରି ତାଙ୍କଠାରୁ ବରପ୍ରାପ୍ତ ହୋଇ ସେ ଅଶୋକବନରେ ଫଳ ଭକ୍ଷଣ କଲେ ଏବଂ ବୃକ୍ଷଲତା ନଷ୍ଟ କରିବାକୁ ଲାଗିଲେ । ବନରକ୍ଷକମାନେ ହନୁମାନଙ୍କ ସଙ୍ଗେ ଯୁଦ୍ଧ କରି ବିନଷ୍ଟ ହେବାରୁ ରାବଣ କ୍ରୁଦ୍ଧ ହୋଇ ବହୁ ସେନା ସହିତ ନିଜ ପୁତ୍ର ଅକ୍ଷୟ କୁମାରକୁ ପଠାଇଲେ । ଯୁଦ୍ଧରେ ସେନାସହ ଅକ୍ଷୟ କୁମାର ନିହତ ହେବାରୁ ରାବଣପୁତ୍ର ମହାନ୍ ଯୋଦ୍ଧା ଇନ୍ଦ୍ରଜିତ୍ ହନୁମାନଙ୍କ ସଙ୍ଗେ ଯୁଦ୍ଧ କଲା । କିନ୍ତୁ ହନୁମାନ୍ ସହଜରେ ଲଙ୍କା ଗଡ଼ରେ ପ୍ରବେଶ କରି ରାବଣ ସହିତ କଥାବାର୍ତ୍ତା କରିବା ଉଦ୍ଦେଶ୍ୟରେ ଇନ୍ଦ୍ରଜିତ୍ ସହିତ ବିଷମ ଯୁଦ୍ଧ ନ କରି ତା'ର ନାଗ ପାଶରେ ବନ୍ଧନ ସ୍ୱୀକାର କଲେ । ରାବଣ ସଭାରେ ରାବଣ ସହିତ ହନୁମାନଙ୍କର ହେଲା ବହୁତ କଡ଼ାକଡ଼ି ଯୁକ୍ତିପୂର୍ଣ୍ଣ କଥାବାର୍ତ୍ତା । ରାବଣ ରାଗିଯାଇ ହନୁମାନଙ୍କ ଲାଙ୍ଗୁଳରେ ବସ୍ତ୍ର ଗୁଡ଼ାଇ ତେଲ ଢାଳି ଅଗ୍ନି ଲଗାଇ ଦେଲା । କିନ୍ତୁ ସୀତାଦେବୀଙ୍କ ବରଦାନ ଯୋଗୁଁ ହନୁମାନଙ୍କ ଲାଙ୍ଗୁଳ ଜଳିଲା ନାହିଁ । ହନୁମାନ୍ ସମସ୍ତ ଲଙ୍କା ଜଳାଇ ଦେଲେ । ରାବଣ, ଇନ୍ଦ୍ରଜିତ୍ ତଥା ସମସ୍ତ ଯୋଦ୍ଧା ବିଦ୍ୟମାନ ଥିବା ସତ୍ତ୍ୱେ ସେ ଅସଂଖ୍ୟ ରାକ୍ଷସଙ୍କୁ ବଧ କରି ଲଙ୍କା ଧ୍ୱଂସ କରି ସମୁଦ୍ରରେ ଡେଇଁ ପଡ଼ିଲେ । ତାଙ୍କ ଲାଞ୍ଜରେ ଲାଗିଥିବା ଅଗ୍ନି ଲିଭାଇ ସୀତା ଦେବୀଙ୍କୁ ଦର୍ଶନ କରି ତାଙ୍କ ସନ୍ଦେଶ ନେଇ ଫେରି ଶ୍ରୀରାମଙ୍କ ଚରଣରେ ଉପନୀତ ହେଲେ । ଶ୍ରୀରାମ ରାଜା ସୁଗ୍ରୀବ ଏବଂ ବାନରସେନା ସହିତ ସମୁଦ୍ର କୂଳରେ ପହଞ୍ଚି ସେଠାରେ ବିଶ୍ରାମ କଲେ ।

ରାବଣର ଛୋଟ ଭାଇ ବିଭୀଷଣ ଥିଲେ ଧର୍ମଜ୍ଞ, ନୀତିଜ୍ଞ ଏବଂ ଭଗବତ୍ ଭକ୍ତ । ସେ ସୀତାଦେବୀଙ୍କୁ ଫେରାଇ ଶ୍ରୀରାମଙ୍କ ସହିତ ମିତ୍ରତା ସ୍ଥାପନ କରିବା ସକାଶେ ବହୁତ ପ୍ରକାରେ ରାବଣକୁ ବୁଝାଇଲେ । କିନ୍ତୁ ରାବଣ ତାଙ୍କ ପରାମର୍ଶରେ ଉତ୍ତେଜିତ ହୋଇ ତାଙ୍କୁ ପଦାଘାତ କରି ଲଙ୍କାରୁ ବାହାର କରି ଦେବାରୁ ସେ ଶ୍ରୀରାମଙ୍କ ଶରଣରେ ଆସିଲେ ।

ପ୍ରଥମରେ ଶ୍ରୀରାମ ସମୁଦ୍ରକୁ ରାସ୍ତା ମାଗିଲେ, କିନ୍ତୁ ତିନି ଦିନ ମଧ୍ୟରେ ସେ କୌଣସି ଉତ୍ତର ନ ଦେବାରୁ ଧନୁରେ ବାଣ ସନ୍ଧାନ କରି ସମୁଦ୍ରକୁ ଶୁଖାଇ ଦେବାକୁ ଚାହିଁବାରୁ ସମୁଦ୍ର ଭୟଭୀତ ହୋଇ ଆସି ନିଜ ବକ୍ଷରେ ବନ୍ଧ ନିର୍ମାଣ କରିବାକୁ ନିବେଦନ କଲେ ।

### ଲଙ୍କା କାଣ୍ଡ

ବାନର ସେନାଙ୍କ ଦ୍ୱାରା ସେତୁ ରଚନା ହେଲା । ସେଠାରେ ଶ୍ରୀରାମ ଶିବଲିଙ୍ଗ ରାମେଶ୍ୱର ସ୍ଥାପନ କରି ସିନ୍ଧୁ ପାର ହୋଇ ଅନ୍ୟ କୂଳସ୍ଥ ସୁବଳୟ ପର୍ବତରେ ଉପନୀତ ହେଲେ । ଶ୍ରୀରାମ ସମୁଦ୍ର ପାର ହେବା ପରେ ରାବଣର ରାଣୀ ମନ୍ଦୋଦରୀ ତଥା ଅନ୍ୟାନ୍ୟ ବିଜ୍ଞ ବ୍ୟକ୍ତିମାନେ ଶ୍ରୀରାମଙ୍କ ସହିତ ଯୁଦ୍ଧ ନ କରିବା ସକାଶେ ରାବଣକୁ ପରାମର୍ଶ ଦେଲେ । କିନ୍ତୁ ସେ କାହାରି ପରାମର୍ଶ ସ୍ୱୀକାର କଲା ନାହିଁ ।

ଶ୍ରୀରାମ ପ୍ରଥମରେ ବାଳିପୁତ୍ର ଅଙ୍ଗଦକୁ ରାବଣ ପାଖକୁ ଦୂତ ରୂପେ ପଠାଇ ସୀତାଦେବୀଙ୍କୁ ସମ୍ମାନର ସହିତ ଫେରାଇ ଦେବାକୁ କହିଲେ । କିନ୍ତୁ ରାବଣ ଅସ୍ୱୀକାର କରିବାରୁ ବାନରସେନା ଲଙ୍କାଗଡ଼ର ଚାରି ଦ୍ୱାର ରୁଦ୍ଧ କରି ଯୁଦ୍ଧ ଆରମ୍ଭ କଲେ । ଘୋର ଯୁଦ୍ଧ ହେଲା । ରାକ୍ଷସମାନେ ଯୁଦ୍ଧବିଦ୍ୟା

ବିଶାରଦ, ଅସ୍ତ୍ର-ଶସ୍ତ୍ର-ସୁସଜ୍ଜିତ ଥିଲେ; କିନ୍ତୁ ବାନରସେନା କେବଳ ପଥର, ଗଛ ଦ୍ୱାରା ସେମାନଙ୍କ ସହିତ ଯୁଦ୍ଧ କରୁଥିଲେ । ରାବଣର ସେନାପତି ମହାପରାକ୍ରମୀ ପ୍ରହସ୍ତ, ମହାନ୍ ଯୋଦ୍ଧା ଧୂମ୍ରାକ୍ଷ, ବଜ୍ରଦଂଷ୍ଟ୍ର, ଅକମ୍ପନ ଆଦି ବୀରମାନଙ୍କ ସହିତ ବାନରସେନା ଯୁଦ୍ଧ କରି ସେମାନଙ୍କୁ ସଂହାର କରିବାରୁ ରାବଣ ସ୍ୱୟଂ ଯୁଦ୍ଧକୁ ଆସିଲା । ଶ୍ରୀରାମଙ୍କ ବାଣରେ ବିଦ୍ଧ ହୋଇ ରାବଣ ରଣଭୂମିରୁ ଯାଇ ଶୋଇଥିବା ସାନ ଭାଇ କୁମ୍ଭକର୍ଣ୍ଣକୁ ଉଠାଇଲା ।

କୁମ୍ଭକର୍ଣ୍ଣର ଶରୀର ଯେପରି ପର୍ବତ ସଦୃଶ, ଭୋଜନ ମଧ୍ୟ ସେହିପରି ଅପରିମିତ । ସେହି ଅନୁରୂପ ଛଅମାସ ଶୟନ – ସେହି ଅନୁସାରେ ଶାରୀରିକ ବଳ । ସେ ଛଅମାସ ପରେ ଉଠିଲା ବେଳେ କ୍ଷୁଧା ଯୋଗୁଁ ଆଖିରୁ ଜୁଳୁଜୁଳିଆ ପୋକ ବାହାରି ଯାଏ । ଉଠିବା ସଙ୍ଗେ ସଙ୍ଗେ ଯଦି ଭୋଜନ ଦ୍ରବ୍ୟ ସମ୍ମୁଖରେ ନ ଥାଏ ତେବେ ସେ ସେବକମାନଙ୍କୁ ଧରି ଗୋଟା ଗୋଟା ଗିଳି ଦିଏ । ତା'ର ଉଠିବା ପୂର୍ବରୁ ତା' ସମ୍ମୁଖରେ ରାକ୍ଷସ-ଉପଯୋଗୀ ଭୋଜନ – ମାଂସର ସ୍ତୂପ ଲଗାଇ ଦିଆ ଯାଇଥିଲା; କଳସ କଳସ ସୁରା ରଖା ହୋଇଥିଲା । ସେ ଉଠିବା ମାତ୍ରେ ଖାଇପିଇ ଥଣ୍ଡା ହେବାରୁ ରାବଣ ଯୁଦ୍ଧ ବୃତ୍ତାନ୍ତ ଶୁଣାଇ ଦେଲା । ଶ୍ରୀରାମଙ୍କ ସଙ୍ଗେ ଯୁଦ୍ଧ କରିବା ଠିକ୍ ହୋଇ ନାହିଁ କହି ସଙ୍ଗରେ ସେନା ନ ନେଇ ସେ ଏକାକୀ ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ହେଲା । ତା' ପଛରେ ଗଲେ ସେନା । ସେ ଯୁଦ୍ଧ କରିବ କ'ଣ ମୁଠା ମୁଠା କରି ବାନର ସେନାକୁ ଗିଳି ଯାଉଥିଲା, ସେମାନେ ପୁଣି ତା' ନାକ କାନ ବାଟେ ବାହାରି ଆସୁଥିଲେ । କିନ୍ତୁ ଶେଷରେ ସେ ଶ୍ରୀରାମଙ୍କ ହାତରେ ବଧ ହେଲା ।

ତା'ପରେ ଆସିଲା ଯୁଦ୍ଧରେ ତ୍ରିଶିରା, ଦେବାନ୍ତକ, ମହୋଦର, ଅତିକାୟ । ଏମାନଙ୍କ ବଧ ପରେ ଇନ୍ଦ୍ରଜିତ୍ କ୍ରୋଧରେ ଆସି ଯୁଦ୍ଧ କଲା । ଲକ୍ଷ୍ମଣଙ୍କ ବାଣରେ ଆହତ ହୋଇ ତାକୁ ଲଙ୍କା ଫେରିଯିବାକୁ ହେଲା । କୁମ୍ଭ ନିକୁମ୍ଭ ଯୁଦ୍ଧରେ ବଧ ହେବାପରେ ମକରରାକ୍ଷସ ଶ୍ରୀରାମଙ୍କ ସଙ୍ଗେ ଯୁଦ୍ଧ କରି ଶରୀର ତ୍ୟାଗ କଲା । ଇନ୍ଦ୍ରଜିତ୍ ମାୟା-ସୀତାଙ୍କୁ ଆଣି ଯୁଦ୍ଧ ଭୂମିରେ ବିନାଶ କଲା । କିନ୍ତୁ ହନୁମାନ୍ ଅଶୋକ ବନରେ ସୀତାଙ୍କୁ ଦେଖି ଆସିବାରୁ ସମସ୍ତ ବ୍ୟକ୍ତି ଆନନ୍ଦିତ ହେଲେ । ଇନ୍ଦ୍ରଜିତ୍ ଯୁଦ୍ଧରେ ପରାସ୍ତ ହୋଇ ବିଜୟରଥ ପ୍ରାପ୍ତି ଉଦ୍ଦେଶ୍ୟରେ ନିକୁମ୍ଭିଲା ବଟତଳେ ଯଜ୍ଞ ଆରମ୍ଭ କଲା । ଯଜ୍ଞ ଧ୍ୱଂସକରି ଇନ୍ଦ୍ରଜିତ୍‌କୁ ବଧ କରିବାକୁ ଗଲେ ଲକ୍ଷ୍ମଣ, ତାଙ୍କ ସହାୟତାରେ ରହିଲେ ହନୁମାନ୍, ଅଙ୍ଗଦ ତଥା ବିଭୀଷଣ । ଯୁଦ୍ଧରେ ଇନ୍ଦ୍ରଜିତ୍ ବଧ ହେବାରୁ ରାବଣ କ୍ରୁଦ୍ଧ ହୋଇ ଯୁଦ୍ଧକୁ ଆସି ପୁତ୍ରଶୋକରୁ ନିବୃତ୍ତ ହେବା ସକାଶେ ଲକ୍ଷ୍ମଣଙ୍କ ସଙ୍ଗେ ଯୁଦ୍ଧ କଲା । କିନ୍ତୁ ଲକ୍ଷ୍ମଣଙ୍କ ବାଣରେ ବ୍ୟାକୁଳ ହୋଇ ଶେଷରେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ବ୍ରହ୍ମା ଦେଇଥିବା ଶକ୍ତି ଲକ୍ଷ୍ମଣଙ୍କ ଉପରେ ନିକ୍ଷେପ କଲା । ଶକ୍ତି ଲାଗି ଲକ୍ଷ୍ମଣ ଧରାଶାୟୀ ହେଲେ । ସେହି ଅବସ୍ଥାରେ ରାବଣ ତାଙ୍କୁ ଲଙ୍କା ନେଇଯିବା ଉଦ୍ଦେଶ୍ୟରେ ଉଠାଇବାକୁ ଚାହିଁଲା, କିନ୍ତୁ ପାରିଲା ନାହିଁ । ତାହାରି ସାମନାରେ ହନୁମାନ୍ ଲକ୍ଷ୍ମଣଙ୍କୁ ମନେ ମନେ ସ୍ତୁତିକରି ଉଠାଇ ଶ୍ରୀରାମଙ୍କ ପାଖକୁ ନେଇଗଲେ । ସେହି ରାତ୍ରି ମଧ୍ୟରେ ହନୁମାନ୍ ହିମାଳୟ ଯାଇ ଔଷଧ ଥିବା ପାହାଡ଼ ଉଠାଇ ଆଣିଲେ । ସୁଷେଣ ବୈଦ୍ୟ ବିଶଲ୍ୟକରଣୀ, ମୃତସଞ୍ଜୀବନୀ ଔଷଧ ପ୍ରସ୍ତୁତ କରି ଦେବାରୁ ଲକ୍ଷ୍ମଣ ଆରୋଗ୍ୟ ହେଲେ ।

ଶେଷରେ ରାବଣ ଯୁଦ୍ଧ କରି ଶ୍ରୀରାମଙ୍କ ହସ୍ତରେ ବଧ ହେଲା । ଲଙ୍କାର ରାଜା ହେଲେ ବିଭୀଷଣ । ସୀତାଦେବୀ ନିଜ ସତୀତ୍ୱର ଜ୍ୱଳନ୍ତ ପ୍ରମାଣ ଦେବା ସକାଶେ ଅଗ୍ନିରେ ପ୍ରବେଶ କଲେ । ତାଙ୍କ ବସ୍ତ୍ରର ସୂତା ଖିଏ ମଧ୍ୟ ଜଳିଲା ନାହିଁ । ଶ୍ରୀରାମ ଯୁଦ୍ଧ-ବିଜୟ କରି ଜନକନନ୍ଦିନୀ ମହାରାଣୀ ସୀତା, ଅନୁଜ ଲକ୍ଷ୍ମଣ, ସୁଗ୍ରୀବ, ବିଭୀଷଣ ହନୁମାନ୍ ଓଗେର ସମସ୍ତ ବାନରସେନା ସହିତ ପୁଷ୍ପକ ବିମାନରେ ଆକାଶମାର୍ଗରେ ଆସି ଦଣ୍ଡକ ବନରେ ଉତରିଲେ । ସେଠାରେ ଋଷିମୁନିମାନଙ୍କୁ ଦର୍ଶନ କରି ସେହି ବିମାନରେ ପ୍ରୟାଗରେ ଉପନୀତ ହେଲେ । ଚଉଦ ବର୍ଷର ଶେଷ ଦିନକୁ ଭରତ ତଥା ମାତା ଏବଂ ଅଯୋଧ୍ୟାବାସୀମାନେ ଚାତକ ସଦୃଶ ଶ୍ରୀରାମଙ୍କ ଆଗମନକୁ ଅପେକ୍ଷା କରିଥିଲେ । ହନୁମାନଙ୍କଠାରୁ ଶ୍ରୀରାମଙ୍କ ଆଗମନ ଶୁଣିବା ମାତ୍ରେ ସେମାନଙ୍କ ହୃଦୟ ଆନନ୍ଦରେ ପରିପୂର୍ଣ୍ଣ ହୋଇ ଉଚ୍ଛୁଳି ପଡ଼ିଲା । ପୁର, ନଗର, ରାଜଧାନୀ ନାନାପ୍ରକାର ପୁଷ୍ପ, ତୋରଣ, ପତାକା, ମଣି, ଦୀପ ଏବଂ ବସ୍ତ୍ର ଦ୍ୱାରା ସୁସଜ୍ଜିତ କରାହେଲା । ନୃତ୍ୟ, ଗାନ, ବେଦପାଠ ହେଲା, ବାଦ୍ୟାଦି ବାଜିବାକୁ ଲାଗିଲା । ହନୁମାନ୍ ଫେରି, ଭରତ ଏବଂ ସମସ୍ତ ମାତାମାନେ ତଥା ଅଯୋଧ୍ୟାବାସୀ ତୀବ୍ର ଉତ୍କଣ୍ଠାରେ ଶ୍ରୀରାମଙ୍କ ଦର୍ଶନକୁ ଅପେକ୍ଷା କରି ଏକ ଏକ କ୍ଷଣକୁ ଏକ ଏକ ଯୁଗ ସଦୃଶ କଟାଉ ଅଛନ୍ତି, ଏହି ଖବର ଶ୍ରୀରାମଙ୍କ ଚରଣରେ ନିବେଦନ କଲେ । ଶ୍ରୀରାମ, ସୀତା, ଲକ୍ଷ୍ମଣ, ହନୁମାନ୍, ବିଭୀଷଣ, ବାନରସେନା ଏବଂ ସେନାପତିଙ୍କ ସହିତ ବିମାନ

ଯୋଗେ ଅଯୋଧ୍ୟାରେ ଉପନୀତ ହେଲେ । ଏତେ ଦିନ ପରେ ଶ୍ରୀରାମ ଆସିଛନ୍ତି । ସେ ସମସ୍ତଙ୍କର ପ୍ରାଣଠାରୁ ଅଧିକ ପ୍ରିୟ । ପ୍ରତ୍ୟେକ ବ୍ୟକ୍ତି ତାଙ୍କ ସଙ୍ଗେ ଦେଖାକରି ଯଥାବିଧି ସମ୍ଭାଷଣ, ଆଶୀର୍ବାଦ ଦେବାକୁ, ନମସ୍କାର କରିବାକୁ ଚାହାନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କର ଏହି ପ୍ରବଳ ଇଚ୍ଛା ପୂର୍ଣ୍ଣ କରିବା ସକାଶେ ଶ୍ରୀରାମ ବହୁରୂପ ଧାରଣ କରି ଏକହିଁ ସମୟରେ ପ୍ରତ୍ୟେକ ବ୍ୟକ୍ତି ସହିତ ଦେଖାକରି ସେମାନଙ୍କୁ ପରିତୋଷ କଲେ । ଗୁରୁ, ମାତା, ମନ୍ତ୍ରୀଙ୍କ ଆଗ୍ରହରେ ଶ୍ରୀରାମ, ଭରତ, ଲକ୍ଷ୍ମଣ ଜଟା ତ୍ୟାଗ କଲେ ଏବଂ ଶ୍ରୀରାମଙ୍କ ରାଜ୍ୟାଭିଷେକ ହେଲା ।

ଶ୍ରୀରାମ ଥିଲେ ଆଦର୍ଶ ରାଜା, ଆଦର୍ଶ ପୁତ୍ର, ଆଦର୍ଶ ଭ୍ରାତା, ଆଦର୍ଶ ପତି, ଆଦର୍ଶ ପିତା, ଆଦର୍ଶ ମିତ୍ର । ତାଙ୍କ ରାଜ୍ୟରେ ସମସ୍ତ ବ୍ୟକ୍ତି ସୁଖଶାନ୍ତିରେ ଥିଲେ, ଧନର ଅଭାବ ନ ଥିଲା । ଅକାଳ ମୃତ୍ୟୁ କାହାକୁ ହେଉ ନ ଥିଲା । କେହି ବ୍ୟକ୍ତି ରୋଗରେ ପୀଡ଼ିତ ହେଉ ନ ଥିଲେ । ଚୋରି, ଡକାୟତି ନ ଥିଲା । ସ୍ତ୍ରୀମାନେ ପତିବ୍ରତା, ପୁରୁଷମାନେ ଏକ ପତ୍ନୀବ୍ରତ ଧର୍ମପାଳନ କରୁଥିଲେ । ପୁତ୍ର-କନ୍ୟାମାନେ ମାତାପିତା, ଗୁରୁଜନଙ୍କ ଆଜ୍ଞାପାଳନ କରୁଥିଲେ । ଠିକ୍ ସମୟରେ ବର୍ଷା ହେଉଥିଲା । ଝଡ଼-ତୋଫାନ, ବନ୍ୟା, ଅତିବୃଷ୍ଟି, ଅନାବୃଷ୍ଟି ହେଉ ନ ଥିଲା । ପୃଥିବୀରେ ପର୍ଯ୍ୟାପ୍ତ ଶସ୍ୟ ଉତ୍ପନ୍ନ ହେଉଥିଲା । ବୃକ୍ଷଲତା ଫଳ, ପୁଷ୍ପରେ ପରିପୂର୍ଣ୍ଣ ଥିଲା ।

ବ୍ରାହ୍ମଣମାନେ ସ୍ୱଚ୍ଛନ୍ଦରେ ବେଦାଧ୍ୟୟନ, ବେଦପାଠ, ହୋମଯଜ୍ଞ କରୁଥିଲେ । ଅନ୍ୟାନ୍ୟ ସମସ୍ତ ବର୍ଣ୍ଣର ବ୍ୟକ୍ତି ନିଜ ନିଜ ଧର୍ମରେ ରତ ଥିଲେ । ଶ୍ରୀରାମଙ୍କ ରାଜ୍ୟରେ କୌଣସି ପ୍ରକାର ଅନ୍ୟାୟ ହେଉ ନ ଥିଲା । ରାଜନୀତି ଅନୁସାରେ ଯଦ୍ୟପି ବିଚାରାଳୟ ଥିଲା, ତଥାପି ତାହା କାର୍ଯ୍ୟକାରୀ ହେଉ ନ ଥିଲା । ଘରେ ମାତାମାନେ ଶିଶୁକୁ ଲାଳନପାଳନ ସମୟରେ ଶ୍ରୀରାମଙ୍କ ଚରିତ ଗାନ କରୁଥିଲେ ଏବଂ ପ୍ରଣତପାଳ ଶ୍ରୀରାମଙ୍କୁ ସ୍ମରଣ କରିବାକୁ ଶିକ୍ଷା ଦେଉଥିଲେ । ଶ୍ରୀରାମଙ୍କ ରାଜ୍ୟରେ ପ୍ରଜା ପରସ୍ପର ମଧ୍ୟରେ ପରନିନ୍ଦା, ପରଚର୍ଚ୍ଚା କରୁ ନ ଥିଲେ । ଯେଉଁଠାରେ କିଛି ବ୍ୟକ୍ତି ଏକତ୍ର ହେଉଥିଲେ ସେଠାରେ ସେମାନେ ଧର୍ମଚର୍ଚ୍ଚା ଅଥବା ଶ୍ରୀରାମଙ୍କ ଯଶଃ-ଗାନ କରୁଥିଲେ ଏବଂ ଶ୍ରୀରାମଙ୍କୁ ଭଜନ କରିବା ସକାଶେ ପରସ୍ପର ଶିକ୍ଷା ଦେଉଥିଲେ । ଶ୍ରୀରାମଙ୍କ ରାଜ୍ୟରେ ସମସ୍ତ ବ୍ୟକ୍ତି ସୁଖ, ଶାନ୍ତି, ଆନନ୍ଦରେ ଥିଲେ । ପ୍ରତ୍ୟେକ ବ୍ୟକ୍ତି ଥିଲେ ଧାର୍ମିକ ତଥା ନୀତିଜ୍ଞ । ରାମରାଜ୍ୟର ଏପରି ବିଶେଷତ୍ୱ ଥିଲା ଯେ ଆଜି ପର୍ଯ୍ୟନ୍ତ ରାମରାଜ୍ୟର ପ୍ରଶଂସା ଲୋକମୁଖରେ ଚାଲି ଆସୁଅଛି । ଶ୍ରୀରାମ ବହୁତ ବର୍ଷ ରାଜତ୍ୱ କରି ପ୍ରଜା ଏବଂ ଅଯୋଧ୍ୟାବାସୀ ତଥା ବାନରସେନାଙ୍କ ସହିତ ସରଯୂ ନଦୀରେ ପ୍ରବେଶ କରି ଶରୀର ତ୍ୟାଗ କଲେ ଏବଂ ଦିବ୍ୟ ଚିନ୍ମୟ ଶରୀର ଧାରଣ କରି ବୈକୁଣ୍ଠ (ସାକେତ)କୁ ଗମନ କଲେ ।

## ଉତ୍ତର କାଣ୍ଡ

ଶ୍ରୀନାରଦଙ୍କଠାରୁ ମହର୍ଷି ବାଲ୍ମୀକି ଶ୍ରୀରାମଙ୍କ ଚରିତ ସଂକ୍ଷେପରେ ଶୁଣିବା ପରେ ତାଙ୍କ ଶିଷ୍ୟ ଋଷି ଭରଦ୍ୱାଜଙ୍କ ସହିତ ନାରଦଙ୍କୁ ପୂଜା କଲେ । ନାରଦ ମହର୍ଷିଙ୍କଠାରୁ ବିଦାୟ ନେଇ ଦେବଲୋକ ଗମନ କଲେ । କିଛି ସମୟ ପରେ ବାଲ୍ମୀକି ଶିଷ୍ୟ ଭରଦ୍ୱାଜଙ୍କ ସହିତ ସ୍ନାନ କରିବା ଉଦ୍ଦେଶ୍ୟରେ ତମସା ନଦୀ କୂଳରେ ଉପନୀତ ହୋଇ ବନଶୋଭା ଦେଖି ନଦୀକୂଳରେ ବୁଲିବାକୁ ଲାଗିଲେ । ସେହି ସମୟରେ ଦୁଇଟି କ୍ରୌଞ୍ଚ ପକ୍ଷୀ ରତି କରିବା ସମୟରେ ଗୋଟିଏ ଶବର (ନିଷାଦ) ସେହି ଦୁଇଟି ପକ୍ଷୀ ମଧ୍ୟରୁ ପୁରୁଷ ପକ୍ଷୀକୁ ଶରବିଦ୍ଧ କଲା । ସେ ରକ୍ତାକ୍ତ ହୋଇ ତଳେ ପଡ଼ିଗଲା । ଦୟାର୍ଦ୍ର ବାଲ୍ମୀକି ଏହି ଦୃଶ୍ୟ ଦେଖି କହିଲେ,

''ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ ।
ଯତ୍କ୍ରୌଞ୍ଚମିଥୁନାଦେକମବଧୀଃ କାମମୋହିତମ୍ ॥''

(ବାଲ୍ମୀକି ରାମାୟଣ – ବାଳକାଣ୍ଡ, ଦ୍ୱିତୀୟ ସର୍ଗ)

''ହେ ଶବର, ତୁ ଏହି କାମ ମୋହିତ ପୁରୁଷ ପକ୍ଷୀକୁ ମାରିଲୁ, ସେହି କାରଣରୁ ତୁ ଏହି ବନକୁ ବହୁ ବର୍ଷ ପର୍ଯ୍ୟନ୍ତ ଆସିବୁ ନାହିଁ, ଅଥବା ତୋତେ ସୁଖଶାନ୍ତି ନ ମିଳୁ ।''

ଏହା କହିବା ପରେ ବାଲ୍ମୀକି ବିଚାର କରି ଭରଦ୍ୱାଜଙ୍କୁ କହିଲେ କ୍ରୌଞ୍ଚ ପକ୍ଷୀଙ୍କୁ ଦେଖି ଏହି ଯେଉଁ ଶ୍ଳୋକ ମୁଁ କହିଲି, ଏଥିରେ ଚାରିପାଦ ଏବଂ ପ୍ରତ୍ୟେକ ପାଦରେ ସମାନ ଅକ୍ଷର ଅଛି । ଏହି ଶ୍ଳୋକ ବୀଣାରେ ମଧ୍ୟ ଗାନ କରାଯାଇପାରେ । ଏହି ଶ୍ଳୋକ ମୋର ଯଶଃକୁ ବଢ଼ାଇବ । ଗୁରୁଙ୍କ ବଚନ ଶୁଣି ଭରଦ୍ୱାଜ ଏହି ଶ୍ଳୋକକୁ ମୁଖସ୍ଥ କରି ନେଲେ । ଗୁରୁ-ଶିଷ୍ୟ ସ୍ନାନ କରି ଆଶ୍ରମକୁ ଫେରି ଆସିଲେ । ନିତ୍ୟ ନିୟମ ସମାପ୍ତ କରି ଋଷିମଣ୍ଡଳଙ୍କୁ ପୁରାଣ ଶୁଣାଇବାକୁ ଲାଗିଲେ ।

ସେହି ସମୟରେ ଚତୁର୍ମୁଖ ବ୍ରହ୍ମାଜି ହଠାତ୍ ବାଲ୍ମୀକିଙ୍କ ଆଶ୍ରମରେ ଉପନୀତ ହେବା ଦେଖି ବାଲ୍ମୀକି ଉଠି ଛିଡ଼ା

ହୋଇଗଲେ ଏବଂ ବିନମ୍ର ଭାବେ ଶିଷ୍ୟ ସହିତ ପ୍ରଣାମ କରି ଅତ୍ୟନ୍ତ ଆଦର ଏବଂ ହର୍ଷ ସହିତ ପାଦ୍ୟ, ଅର୍ଘ୍ୟାଦିରେ ପୂଜନ କରି ସୁନ୍ଦର ଆସନ ନିବେଦନ କଲେ । ପିତାମହ ବ୍ରହ୍ମା ପୂଜା ଗ୍ରହଣ କରି ଆସନରେ ବିରାଜମାନ ହେଲେ ଏବଂ ଶିଷ୍ୟ ସହିତ ବାଲ୍ମୀକିଙ୍କୁ ବସିବାକୁ କହିଲେ । ବାଲ୍ମୀକି ସେହି ପକ୍ଷୀର ମୃତ୍ୟୁର କରୁଣ ଦୃଶ୍ୟ ଦେଖିଥିବାରୁ ବିସ୍ମିତ ମନରେ ସେହି ଶ୍ଳୋକକୁ ସ୍ମରଣ କରୁଥିଲେ । ବାଲ୍ମୀକିଙ୍କୁ ଚିନ୍ତାଯୁକ୍ତ ଦେଖି ବ୍ରହ୍ମା କହିଲେ, ‘‘ହେ ଋଷି ଶ୍ରେଷ୍ଠ, ତୁମେ ଶ୍ଳୋକ ରଚନା କରିଛ, ଏ ବିଷୟରେ ଆଉ କିଛି ବିଚାର ନ କରି ଧର୍ମାତ୍ମା ଭଗବାନ୍ ଶ୍ରୀରାମଙ୍କ ଚରିତରେ ଯାହା ପ୍ରକଟ ଏବଂ ଗୁପ୍ତ ଅଛି ସେସବୁକୁ ନେଇ ତୁମେ ଶ୍ଳୋକ ରଚନା କର । ତୁମକୁ ଗୁପ୍ତ ଏବଂ ପ୍ରକଟ ସମସ୍ତ ଚରିତ ବିଦିତ ହେବ । ଏହି କାବ୍ୟରେ ତୁମ୍ଭର କୌଣସି ରଚନା ମିଥ୍ୟା ହେବ ନାହିଁ । ପୃଥିବୀରେ ଯେପର୍ଯ୍ୟନ୍ତ ନଦୀ, ପର୍ବତ ରହିବେ, ସେପର୍ଯ୍ୟନ୍ତ ତୁମ କାବ୍ୟ ପ୍ରଚାରିତ ହେଉଥିବ ।’’ ଏତିକି କହି ବ୍ରହ୍ମା ଅନ୍ତର୍ଦ୍ଧାନ ହୋଇଗଲେ । ବ୍ରହ୍ମାଙ୍କ ଆଦେଶରେ ବାଲ୍ମୀକି ଭଗବାନଙ୍କୁ ସ୍ମରଣ କରି ରାମାୟଣ ରଚନା କଲେ ।

ଶ୍ରୀରାମଚରିତକୁ ମହର୍ଷି ବାଲ୍ମୀକି ସଂସ୍କୃତ ଶ୍ଳୋକରେ ଛନ୍ଦୋବଦ୍ଧ କରି ଶ୍ରୀରାମଙ୍କ ପୁତ୍ର ଲବ, କୁଶକୁ ସୁସ୍ୱରରେ ଗାନ କରିବାକୁ ଶିକ୍ଷା ଦେଇଥିଲେ । ରାଜସଭାରେ ପ୍ରଥମେ ସେମାନଙ୍କଠାରୁ ଶ୍ରୀରାମ ରାମାୟଣ ଶୁଣି ବହୁତ ଆନନ୍ଦିତ ହେଲେ । ରାମାୟଣରେ ଶ୍ରୀରାମଚନ୍ଦ୍ରଙ୍କ ଚରିତ ସଙ୍ଗେ ସଙ୍ଗେ ଧର୍ମ ନୀତି, ସମାଜନୀତି, ଅଧ୍ୟାତ୍ମ, ଜୀବ, ବ୍ରହ୍ମ, ଜ୍ଞାନ, ଭକ୍ତି ବିଷୟ ସୁନ୍ଦରଭାବେ ବର୍ଣ୍ଣିତ ହୋଇଅଛି । ରାମାୟଣରେ ପ୍ରତ୍ୟେକ ପାତ୍ର ହେଉଛନ୍ତି ମନୁଷ୍ୟ ସମାଜର ଆଦର୍ଶ । ବ୍ୟକ୍ତି ନିଜ ସ୍ୱଭାବ ଅନୁସାରେ ରାମାୟଣର କୌଣସି ଚରିତ୍ରର ଆଦର୍ଶ ଗ୍ରହଣ କରି ପାରିଲେ ତା’ ଜୀବନ ଆନନ୍ଦ, ଶାନ୍ତି, ସୁଖମୟ ହୋଇ ପାରିବ ଏବଂ ସେ ଆଦର୍ଶ ଜୀବନ ଗ୍ରହଣ କରି ଭଗବାନଙ୍କ ସହିତ ଏକତ୍ୱପ୍ରାପ୍ତ କରି ପାରିବ ।

ଶ୍ରୀରାମ ସତ୍ୟବାଦୀ ଆଦର୍ଶ ରାଜା, ମାତାପିତାଙ୍କ ଆଜ୍ଞା ପାଳନକାରୀ ଆଦର୍ଶ ପୁତ୍ର । ଭ୍ରାତୃସ୍ନେହୀ ଆଦର୍ଶ ଭ୍ରାତା, ଏକ ପତ୍ନୀବ୍ରତ-ବ୍ରତୀ, ଆଦର୍ଶ ପତି, ଅସମୟରେ ସାହାଯ୍ୟକାରୀ ଆଦର୍ଶ ମିତ୍ର, ସର୍ବବ୍ୟକ୍ତି ପ୍ରତି ଯଥାଯୋଗ୍ୟ ସମ୍ମାନ, ଉଚିତ ବ୍ୟବହାରକାରୀ ଆଦର୍ଶ ବ୍ୟକ୍ତି । ପ୍ରାଣୀ ମାତ୍ରର ହିତାକାଂକ୍ଷୀ ଆଦର୍ଶ ମାନବ । ଗାର୍ହସ୍ଥ୍ୟ ଧର୍ମରେ ବ୍ୟକ୍ତି ଶ୍ରୀରାମଙ୍କ ଚରିତ୍ର ଆଦର୍ଶ ରୂପେ ଗ୍ରହଣ କଲେ ସେ ସମାଜକୁ ନିଜ ଆଚରଣ ଦ୍ୱାରା ସୁଧାରି ପାରେ ତଥା ସ୍ୱୟଂ ଆନନ୍ଦରେ ଜୀବନଯାପନ କରିପାରେ ।

ଲକ୍ଷ୍ମଣ ଅନନ୍ୟ ଭଗବତ୍ ସେବକ ଭକ୍ତ । ସେ ଭଗବାନ୍ ଶ୍ରୀରାମଙ୍କ ଚରଣରେ ଗୃହ, ପରିବାର, ମାତାପିତା, ଗୁରୁ, ମିତ୍ର, ପତ୍ନୀ, ନିଜ ମାନସମ୍ମାନ, ଅହଂ, ସ୍ୱାର୍ଥ – ସମସ୍ତ ନିବେଦନ କରି ମନ-ପ୍ରାଣ-ଶରୀରରେ ପୂର୍ଣ୍ଣରୂପେ ସେବା କରିଥିଲେ । ଶ୍ରୀରାମ ଆଦର୍ଶ ରାଜା ଥିବାରୁ ବାରଂବାର ଅଯୋଧ୍ୟା ତଥା ଭରତ ଏବଂ ମାତା, ପୁରବାସୀଙ୍କୁ ସ୍ମରଣ କରୁଥିଲେ, କିନ୍ତୁ ଲକ୍ଷ୍ମଣ ଶ୍ରୀରାମଙ୍କ ସେବା ଛଡ଼ା କ୍ଷଣକ ପାଇଁ କେବେ ବି ଅନ୍ୟ କିଛି ସ୍ମରଣ କରି ନ ଥିଲେ । ଏହାହିଁ ଅନନ୍ୟ ଭକ୍ତିର ଲକ୍ଷଣ ।

ଲକ୍ଷ୍ମଣ ହେଉଛନ୍ତି ଜୀବମାତ୍ରର ଆଚାର୍ଯ୍ୟ ଏବଂ ଜୀବମାତ୍ରର ଆଦର୍ଶ । ପ୍ରତ୍ୟେକ ବ୍ୟକ୍ତିର ଏକମାତ୍ର ଲକ୍ଷ୍ୟ, ଏକମାତ୍ର କର୍ତ୍ତବ୍ୟ ସମସ୍ତ କିଛି ଭଗବାନଙ୍କ ଚରଣରେ ସମର୍ପଣ କରି ତାଙ୍କ ସେବା ରୂପେ ସମସ୍ତ କର୍ମ କରିବା; ଅନନ୍ୟ ସେବାନିଷ୍ଠ ଭକ୍ତର ଆଦର୍ଶ ହେଉଛି ଲକ୍ଷ୍ମଣଙ୍କ ଚରିତ୍ର ।

ଭରତ ହେଉଛନ୍ତି ଭଗବାନ୍ ଶ୍ରୀରାମଙ୍କ ଆଜ୍ଞାକାରୀ ଅନନ୍ୟ ଭକ୍ତ । ସେ ସ୍ୱୟଂ ଶ୍ରୀରାମଙ୍କ ବିୟୋଗରେ ଦାରୁଣ ବ୍ୟଥା ସହନ କରିଥିଲେ; କିନ୍ତୁ ତାଙ୍କ ଆଜ୍ଞା ଉଲ୍ଲଙ୍ଘନ ନ କରି ଅଯୋଧ୍ୟାରେ ରହି ଶ୍ରୀରାମଙ୍କ ଆସିବା ଅବଧି ଘୋର ତପସ୍ୟାରେ ମଗ୍ନ ଥିଲେ । ଶ୍ରୀଭରତଙ୍କ ଚରିତ୍ରକୁ ବ୍ୟକ୍ତି ଭଗବାନଙ୍କ ଆଜ୍ଞାପାଳନର ଆଦର୍ଶ ରୂପେ ଗ୍ରହଣ କରିପାରେ ।

ଶତ୍ରୁଘ୍ନ ଥିଲେ ଭଗବତ୍ ଭକ୍ତର ଭକ୍ତ । କେହି ଭଗବାନଙ୍କର ସିଧା ଭକ୍ତ ହୁଅନ୍ତି, କେହି ଭଗବାନଙ୍କ ଭକ୍ତର ଭକ୍ତ ହୁଅନ୍ତି । ଭଗବାନଙ୍କ ଭକ୍ତ ଭରତଙ୍କର ସେ ଥିଲେ ଭକ୍ତ । ସେ ବରାବର ଭରତଙ୍କ ସଙ୍ଗେ ତାଙ୍କ ସେବାରେ ରହୁଥିଲେ । ତାଙ୍କ ଆଜ୍ଞାପାଳନ କରୁଥିଲେ । ଲକ୍ଷ୍ମଣ ଶ୍ରୀରାମଙ୍କ ଅନୁଗାମୀ ଥିବାରୁ ତାଙ୍କୁ ରାମାନୁଜ କୁହାଯାଏ । ଶତ୍ରୁଘ୍ନ ଭରତଙ୍କ ଅନୁଗାମୀ ଥିବାରୁ ତାଙ୍କୁ ଭରତାନୁଜ କୁହାଯାଏ । ଶତ୍ରୁଘ୍ନଙ୍କ ଚରିତ୍ର ହେଉଛି ସନ୍ଥସେବୀ ଭକ୍ତଙ୍କର ଆଦର୍ଶ ।

ସୀତାଦେବୀ ହେଉଛନ୍ତି ଆଦର୍ଶ ପତିବ୍ରତା । ସ୍ୱାମୀର ଅସମୟରେ ମନ-ପ୍ରାଣ ସହ ଅନନ୍ୟ ଭାବେ ସେବା କରିବା ପତିବ୍ରତାର ଲକ୍ଷଣ । ଶ୍ରୀରାମ ରାଜ୍ୟ ତ୍ୟାଗ କରି ବନବାସ ଯିବା ସମୟରେ ସୀତାଦେବୀ ସମସ୍ତ ପ୍ରକାର ବିଳାସ, ଆରାମ ତ୍ୟାଗ କରି କଣ୍ଟକାକୀର୍ଣ୍ଣ ବନମାର୍ଗରେ ତପସ୍ୱିନୀର ଦୃଢ଼ବ୍ରତ

ଧାରଣ କରି ପତିସେବାରେ ରତ ଥିଲେ । ଯେତେବେଳେ ରାବଣ ଲଙ୍କାରେ ତାଙ୍କୁ ପହଞ୍ଚାଇ ନାନା ପ୍ରଲୋଭନ ଦେଇ କହିଲା, ''ମନ୍ଦୋଦରୀ ତଥା ଅନ୍ୟାନ୍ୟ ସମସ୍ତ ରାଣୀଙ୍କୁ ଦାସୀ ରୂପେ ତୁମ ସେବାରେ ରଖିବି, ତୁମେ ମୋ ପ୍ରସ୍ତାବ ସ୍ୱୀକାର କରି ନିଅ ।'' ସେତେବେଳେ ସତୀ ଶିରୋମଣି ମହାରାଣୀ ସୀତା ନିର୍ଭୀକ ଭାବରେ ରାବଣଙ୍କୁ ଯେପରି କଠୋର ଶବ୍ଦରେ ଭର୍ତ୍ସନା କରିଛନ୍ତି, ତାହା ପଢ଼ିଲେ ରୋମାଞ୍ଚ ସୃଷ୍ଟି ହୁଏ । ବାଲ୍ମୀକି ମୁନି ତେଇଶ ଗୋଟି ଶ୍ଲୋକରେ ରାମାୟଣରେ ଏହାର ବର୍ଣ୍ଣନା କରିଛନ୍ତି । ମହାବଳୀ ରାକ୍ଷସ ଭବନରେ ଏକା ଅବଳା ସୀତା ବନ୍ଦୀ ଅବସ୍ଥାରେ ଏପରି ଧୈର୍ଯ୍ୟ ଆଉ ସାହସ ସହିତ ଭର୍ତ୍ସନା କରି ପାରିଥିଲେ ପାତିବ୍ରତ୍ୟ ତପଃଶକ୍ତିର ପ୍ରଭାବରେ । ସେହି ଶକ୍ତିର ପ୍ରଭାବରେ ସେ ଥିଲେ ନିର୍ଭୀକା । ସେ ଜାଣିଥିଲେ ରାବଣ ତାଙ୍କର କିଛି ବି କରି ପାରିବ ନାହିଁ । ଏତେ କଟୁ ନିନ୍ଦା ଶବ୍ଦ ଶୁଣି ରାବଣ କ୍ରୁଦ୍ଧ ହୋଇଥିଲା, କିନ୍ତୁ ଉତ୍ତରରେ କିଛି କହିବାକୁ ସାହସ କରି ନ ଥିଲା । କାରଣ ଅସତ୍ ଆଚରଣ କରିବା ବ୍ୟକ୍ତି ସତ୍ୟପରାୟଣ ବ୍ୟକ୍ତି ପାଖରେ ସର୍ବଥା ଅନ୍ତରରେ ଭୟଭୀତ ରହିଥାଏ । ଏହା ଯଦି ସତ୍ୟ ହୁଏ ତେବେ ଭୟତ୍ରସ୍ତ ରାବଣ ସୀତାଙ୍କୁ ହରି ଆଣିଲା କିପରି ? ସୀତାଦେବୀ ଯଦି ବିରୋଧ କରିଥା'ନ୍ତେ ସେ କଦାପି ତାଙ୍କୁ ହରଣ କରିପାରି ନ'ଥାନ୍ତା । ସୀତାଙ୍କର ଯଦ୍ୟପି ସମ୍ମତି ନ ଥିଲା ତଥାପି ଭଗବାନଙ୍କ କାର୍ଯ୍ୟ ସକାଶେ ସେ ବିରୋଧ କରି ନଥିଲେ । କାରଣ ଶ୍ରୀରାମଙ୍କ ଲୀଳା ସର୍ବାଙ୍ଗ ସୁନ୍ଦର କରିବା ସକାଶେ ସୀତାଙ୍କ ହରଣ ଆବଶ୍ୟକ ଥିଲା । ଶ୍ରୀରାମଙ୍କ ଆନ୍ତରିକ ଅଭିପ୍ରାୟ ଥିବାରୁ ରାବଣ ହରି ନେବା ସମୟରେ ସେ ପ୍ରତିବାଦ କରି ନଥିଲେ । ଜନକନନ୍ଦିନୀ ସୀତାଦେବୀଙ୍କର ଏହି ଉଜ୍ଜ୍ୱଳ ପବିତ୍ର ଚରିତ୍ର ପାଇଁ ଭାରତୀୟ ମହିଳାମାନଙ୍କର ଗର୍ବ କରିବା ସ୍ୱାଭାବିକ । ପ୍ରତ୍ୟେକ ମହିଳା ସୀତାଦେବୀଙ୍କ ଏହି ପରମପାବନ ପାତିବ୍ରତ୍ୟ ଆଦର୍ଶକୁ ନିଜ ଜୀବନରେ ଆଚରଣ କରିବା ଉଚିତ । ରାମାୟଣର ପ୍ରତ୍ୟେକ ଚରିତ୍ରରୁ ଯଥେଷ୍ଟ ଶିକ୍ଷା ମିଳେ । ରାମାୟଣ ଗ୍ରନ୍ଥହିଁ ଶିକ୍ଷାପ୍ରଦ । ଏଠାରେ କେବଳ ଦିଗ୍‌ଦର୍ଶନ କରାହେଲା, ରାମାୟଣ ଚରିତ ଲେଖିବା ସମୟରେ ଆବଶ୍ୟକ ଅନୁସାରେ ଆଲୋଚନା କରାହେବ ।

ଏହି ଅସାଧାରଣ କାବ୍ୟ ମହର୍ଷି ବାଲ୍ମୀକି ତଥା ଚିର ସ୍ମରଣୀୟ ଗୋସ୍ୱାମୀ ତୁଳସୀ ଦାସଜି ଏବଂ ପୂଜ୍ୟ ମହାତ୍ମା ଶ୍ରୀ ବଳରାମ ଦାସଜି ରଚନା କରି ସମାଜକୁ ଯେଉଁ ଅମୂଲ୍ୟରତ୍ନ ଦେଇ ଉପକାର କରିଛନ୍ତି ସେଥିପାଇଁ ସମାଜ ସର୍ବଥା ଋଣୀ ରହିବ । ମହର୍ଷି ତଥା ମହାତ୍ମାମାନେ ଅଧ୍ୟାତ୍ମ-ଜ୍ଞାନ ତଥା ଭାଗବତୀ ଶକ୍ତିଙ୍କ ପ୍ରେରଣାରେ ଏହି ମହାନ୍ କାର୍ଯ୍ୟ କରି ସଂସାର ସମୁଦ୍ରରେ ଯେଉଁ ସେତୁ ରଚନା କରିଛନ୍ତି ସେଥିରେ ପିପୀଲିକା ସଦୃଶ ଅଳ୍ପ ଜ୍ଞାନପ୍ରାପ୍ତ ବ୍ୟକ୍ତି ସହଜରେ ପାର ହୋଇ ପାରିବେ । ସେହି ରାମାୟଣ ବିଷୟ ପ୍ରବନ୍ଧରେ ଲେଖା ହେଲେ ସର୍ବସାଧାରଣଙ୍କ ସକାଶେ ଉପଯୋଗୀ ହେବ, ଏହି ଆଶାରେ ମା'ଙ୍କ ଅନୁକମ୍ପାରେ ଏହି କାର୍ଯ୍ୟ କରିବାକୁ ଲେଖକ ପ୍ରୟାସ କରିଛି ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ଦ୍ୱିତୀୟ ଖଣ୍ଡ, ପୃ. ୬୬୮- ୬୭୩) ❑

My Lord, every day, in all circumstances, let me repeat with the full sincerity of my heart, "May Thy Will be done and not mine."

*5 November, 1941*

(CWM, Vol. 15 , p. – 225) – The Mother

ହେ ମୋର ପ୍ରଭୁ, ପ୍ରତିଦିନ, ପ୍ରତ୍ୟେକ ପରିସ୍ଥିତିରେ, ମୋ ହୃଦୟର ସମ୍ପୂର୍ଣ୍ଣ ଆନ୍ତରିକତା ସହ ମୁଁ ଯେପରି ବାରଂବାର କହିଚାଲେ, ''ମୋର ଇଚ୍ଛା ନୁହେଁ, ତୁମରି ଇଚ୍ଛାହିଁ ପୂର୍ଣ୍ଣ ହେଉ ।''

— ଶ୍ରୀମା

# ଶ୍ରୀଅରବିନ୍ଦ
# ଓ
# ମାନବ ସମାଜର କଲ୍ୟାଣ

## ପ୍ରପତ୍ତି

"A total spiritual direction given to the whole life and the whole nature can alone lift humanity beyond itself."

– Sri Aurobindo

''ସମଗ୍ର ଜୀବନ ଓ ସମଗ୍ର ପ୍ରକୃତିକୁ ଏକମାତ୍ର ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ପଥରେ ପରିଚାଳନା ଦ୍ୱାରାହିଁ ମାନବଜାତିକୁ ଊର୍ଦ୍ଧ୍ୱକୁ ଉଠାଇ ନିଆଯାଇପାରେ ।''

– ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦଙ୍କ ଦୃଷ୍ଟିକୋଣ ଓ ବିଚାର-ଧାରାରୁ ଏକଥା ସ୍ପଷ୍ଟ ଯେ ବର୍ତ୍ତମାନ ମୁହୂର୍ତ୍ତରେ ମାନବସମାଜର କଲ୍ୟାଣ-ସାଧନର ଯଥାର୍ଥ ଉପାୟ ହେଲା ଜୀବନ ଓ ପ୍ରକୃତି, ବ୍ୟଷ୍ଟି ଓ ଗୋଷ୍ଠୀର ଅଧ୍ୟାତ୍ମୀକରଣ ବା ଆଧ୍ୟାତ୍ମିକ ରୂପାନ୍ତର (Spiritual Transformation) । ଶ୍ରୀଅରବିନ୍ଦ ଦୀର୍ଘକାଳ-ବ୍ୟାପୀ ଯେଉଁ ଗଭୀର ସାଧନା କରି ଯାଇଛନ୍ତି, ସ୍ୱୀୟ ଅଖଣ୍ଡ ତପସ୍ୟା ଦ୍ୱାରା ମାନବଜାତି ନିମିତ୍ତ ଯେଉଁ ସିଦ୍ଧି ଓ ଆଧ୍ୟାତ୍ମିକ ଶକ୍ତିକୁ ପୃଥିବୀପୃଷ୍ଠରେ ପ୍ରତିଷ୍ଠା କରିଛନ୍ତି, ତାହା ହେଲା ପାର୍ଥିବ ଜୀବନର ଏକ ଆମୂଳଚୂଳ ରୂପାନ୍ତର ଏବଂ ଏହି ରୂପାନ୍ତର ଫଳରେ ମନୁଷ୍ୟୋତ୍ତର ଅତିମାନସ-ଜୀବନ ବା ଦିବ୍ୟଜୀବନର ପ୍ରତିଷ୍ଠା । ପୃଥିବୀପୃଷ୍ଠରେ 'ଦିବ୍ୟଜୀବନ' ପ୍ରତିଷ୍ଠାହିଁ ଶ୍ରୀଅରବିନ୍ଦଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା । ମୋଟରେ କହିବାକୁ ଗଲେ ମାନବ ସମାଜର କଲ୍ୟାଣ ନିମିତ୍ତ ଶ୍ରୀଅରବିନ୍ଦ ଯେଉଁ ମାର୍ଗ ଦେଖାଇଛନ୍ତି, ତାହା ହେଲା ବ୍ୟକ୍ତିଗତ ଜୀବନ ଓ ସାମାଜିକ ଜୀବନର ଆଧ୍ୟାତ୍ମିକ ରୂପାନ୍ତର ।

ଏହି ସମ୍ବନ୍ଧରେ ଆମ୍ଭେମାନେ ତିନୋଟି ପ୍ରଶ୍ନର ଉତ୍ଥାପନ କରିବା । ପ୍ରଥମତଃ, ଆଧ୍ୟାତ୍ମିକତାର ଅର୍ଥ କ'ଣ ? ଦ୍ୱିତୀୟତଃ, ଆଧ୍ୟାତ୍ମିକ ରୂପାନ୍ତରର ଅର୍ଥ କ'ଣ ? ତୃତୀୟତଃ, ଜୀବନ ଓ ପ୍ରକୃତିର ଆଧ୍ୟାତ୍ମିକ ରୂପାନ୍ତରହିଁ ମାନବ ସମାଜର କଲ୍ୟାଣ-ସାଧନର ଯେ ଏକମାତ୍ର ଉପାୟ, ଏହା କିପରି କୁହାଯାଇପାରେ ?

### ଆଧ୍ୟାତ୍ମିକତାର ଅର୍ଥ

ପ୍ରଥମରୁ ଏକଥା ସ୍ପଷ୍ଟ କରିଦେବା ଉଚିତ ଯେ ନୈତିକତା ଆଧ୍ୟାତ୍ମିକତା ନୁହେଁ । ନୈତିକତା ଓ ନୀତିଗତ ସିଦ୍ଧାନ୍ତ ମନୋଗଠିତ ବା ମନ-ନିର୍ମିତ । ନୈତିକତାର ମୂଳ ଉତ୍ସହିଁ ମନୁଷ୍ୟର ବିଭେଦମୂଳକ ମନ । ମନର ନିୟମନ, ଶୃଙ୍ଖଳା, ନିୟନ୍ତ୍ରଣ ଏବଂ ସୁଶାସନହିଁ ନୈତିକତା । ଏହି ମନ ନିର୍ମିତ ନୈତିକ ଜୀବନ ଆଦର୍ଶ ଜୀବନ ବା ମାର୍ଜିତ, ରୁଚିସମ୍ପନ୍ନ ଓ କଲ୍ୟାଣମୟ ଜୀବନ ହୋଇପାରେ; ମାତ୍ର ଆଧ୍ୟାତ୍ମିକତା ସଙ୍ଗେ ଏହାର କିଛି ବି ସମ୍ପର୍କ ନ ଥାଏ ବରଂ ଆଧ୍ୟାତ୍ମିକ ଜୀବନ-ଯାପନର ପଥରେ ଏହା ବେଳେ ବେଳେ ଘୋର ପ୍ରତିବନ୍ଧକ ରୂପେ ଛିଡ଼ା ହୁଏ । ନୈତିକତା ଦେଶ, କାଳ, ପାତ୍ର ଦ୍ୱାରା ସୀମାବଦ୍ଧ । ବିଭିନ୍ନ ଦେଶରେ ନୈତିକତାରେ ତାରତମ୍ୟ ଦେଖାଯାଏ । ଏହାକୁ କେହି କେହି ସାମାଜିକତା କହି ପାରନ୍ତି, ତେବେ ଆଧ୍ୟାତ୍ମିକତା ଦେଶ, କାଳ, ପାତ୍ର ଦ୍ୱାରା ସୀମାବଦ୍ଧ ନୁହେଁ । ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ଆଧ୍ୟାତ୍ମିକତାର ପ୍ରଚଳନ ନାହିଁ । ନୈତିକତା ଦ୍ୱାରା ଅହଙ୍କାରର ମୂଳୋଚ୍ଛେଦ ଘଟେ ନାହିଁ; ପ୍ରକୃତିର ବିଭିନ୍ନ ବୃତ୍ତିଚୟନର ପରିବର୍ତ୍ତନ ଘଟେ ନାହିଁ । ଆଧ୍ୟାତ୍ମିକତାର ଅର୍ଥହିଁ ହେଲା ଅହଙ୍କାରର ବିଲୋପ ଓ ବୃହତ୍ତର ଦିବ୍ୟ ଭାଗବତ ସତ୍ତା ସଙ୍ଗେ ସଂଯୋଗ-ସ୍ଥାପନ । ଏହା ଦ୍ୱାରା ମାନବିକ ବୃତ୍ତିଚୟର ଯଥେଷ୍ଟ ପରିବର୍ତ୍ତନ ଦେଖାଯାଏ, ଏପରିକି ସମ୍ପୂର୍ଣ୍ଣ ରୂପେ ଜୀବନ ଓ ପ୍ରକୃତିର ରୂପାନ୍ତର ଘଟିପାରେ । ତୃତୀୟତଃ, ନୈତିକତା ମାନବ ପ୍ରକୃତିର

ଦୁର୍ଦ୍ଦାନ୍ତ ବୃତ୍ତିଗୁଡ଼ିକ ଉପରେ ଲଗାମ ଟାଣେ; କିନ୍ତୁ ଯେକୌଣସି ମୁହୂର୍ତ୍ତରେ ବି ପ୍ରକୃତି ଏ ଲଗାମକୁ ଛିଡ଼ାଇ ଦିଏ । ପ୍ରବୃତ୍ତିର ଉଦ୍ଦାମ ଲୀଳାରେ ବେଳେ ବେଳେ ସବୁ ନୀତିଶାସ୍ତ୍ର ପଣ୍ଡ ହୁଏ । ଆଧ୍ୟାତ୍ମିକ ଜୀବନର ଯଥାର୍ଥ ପ୍ରକାଶରେ ଏହା କେବେ ବି ଘଟେ ନାହିଁ । ଯେହେତୁ ଭାଗବତ ଶକ୍ତି ମନୁଷ୍ୟ ଜୀବନର ପରିଚାଳନା-ଭାର ଗ୍ରହଣ କରନ୍ତି, ସେଥିପାଇଁ ସମଗ୍ର ଜୀବନ ଉପରେ ସେ ଯଥାର୍ଥ କର୍ତ୍ତୃତ୍ୱ ସ୍ଥାପନ କରନ୍ତି । ଚତୁର୍ଥତଃ, ନୈତିକ ଭିତ୍ତି ଖୁବ୍ ଅଦୃଢ଼ ଓ ପରିବର୍ତ୍ତନଶୀଳ; କିନ୍ତୁ ଆଧ୍ୟାତ୍ମିକତା ଆଦୌ ଏକ ପରିବର୍ତ୍ତନଶୀଳ ବୃତ୍ତି ଓ ଗୁଣ ନୁହେଁ । ଏହାର କ୍ରମବିକାଶ ଥାଇପାରେ; ମାତ୍ର ମୂଳ ଧର୍ମରେ ଏହା ସର୍ବତ୍ର ସମାନ ଓ ଅପରିବର୍ତ୍ତନୀୟ । ଅଧ୍ୟାତ୍ମ-ଜୀବନର ଅସଲ କଥା ହେଲା ଭାଗବତ ଚେତନାରେ ବାସ କରିବା, ସେହି ଚେତନାର ବାହନ ବା ଯନ୍ତ୍ର ହେବା ଏବଂ ତାହା ଦ୍ୱାରା ସମଗ୍ର ଜୀବନକୁ ପୂର୍ଣ୍ଣ ରୂପେ ରୂପାନ୍ତରିତ କରିବା ।

ଅନ୍ୟ ପକ୍ଷରେ ଧର୍ମ-ଜୀବନ ମଧ୍ୟ ଆଧ୍ୟାତ୍ମିକ ଜୀବନ ନୁହେଁ । ଯଥାର୍ଥ ଧର୍ମ-ଜୀବନ ଆଧ୍ୟାତ୍ମିକ ଜୀବନ ପ୍ରାପ୍ତି ପଥରେ ସହାୟକ ହୋଇପାରେ; କିନ୍ତୁ ତାହା ଆଧ୍ୟାତ୍ମିକ ଜୀବନ ନୁହେଁ । ଆଧ୍ୟାତ୍ମିକ ଜୀବନ ଏକ ନବଜନ୍ମ (New Birth) । ଧର୍ମ-ଜୀବନ ସଂକୀର୍ଣ୍ଣ, ପ୍ରାଦେଶିକ, ସାମ୍ପ୍ରଦାୟିକ ଓ ନାନା କୁସଂସ୍କାରଜଡ଼ିତ । ନାନା ପ୍ରକାର ପ୍ରଥା ଓ ରୀତି-ନୀତି, ଆଚାର-ପଦ୍ଧତି, କ୍ରିୟା-କର୍ମ ଦ୍ୱାରା ଏହା ବିଶାଳ ଜୀବନ-ଧାରାକୁ ଅନନ୍ତ, ମହାନ୍, ବିରାଟ ଭାଗବତ ଜୀବନ ଆଡ଼କୁ ନେଇ ଯିବାକୁ ଏକ ଅତି କ୍ଷୀଣ ଚେଷ୍ଟା କରେ । ବ୍ୟକ୍ତି-ସ୍ୱାତନ୍ତ୍ର୍ୟକୁ ଧର୍ମ-ଜୀବନ ସ୍ୱୀକାର କରେ ନାହିଁ ଏବଂ ଧର୍ମ-ଜୀବନ ସର୍ବଦାହିଁ ବୈଚିତ୍ର୍ୟ-ବିବର୍ଜିତ । ଅଧ୍ୟାତ୍ମ-ଜୀବନ କିନ୍ତୁ ସ୍ୱ-ନିର୍ଦ୍ଦିଷ୍ଟ ଭାଗବତ ଶକ୍ତି ଓ ଅନ୍ତରର ଗଭୀର ନିର୍ଦ୍ଦେଶ ଦ୍ୱାରା ଚାଳିତ, ବହୁମୁଖୀ ଓ ବୈଚିତ୍ର୍ୟମୟ । ଏହା ମଧ୍ୟ ସତ୍ୟ ଯେ ଧର୍ମ-ଜୀବନ ଏକ ମିଶ୍ରିତ ବାୟୁମଣ୍ଡଳ ମଧ୍ୟରେ ଗତି କରେ, କିନ୍ତୁ ଆଧ୍ୟାତ୍ମିକ ଜୀବନ ବିଶୁଦ୍ଧ ଭାଗବତ ବିଧାନ ଦ୍ୱାରା ପରିଚାଳିତ ହୁଏ ।

ଆଧ୍ୟାତ୍ମିକତାର ଅର୍ଥ ଯଦି ନୈତିକତା ନୁହେଁ, ଧାର୍ମିକତା ନୁହେଁ, ତେବେ ଏହାର ଯଥାର୍ଥ ଅର୍ଥ କ'ଣ ? ଶ୍ରୀଅରବିନ୍ଦଙ୍କ ନିଜ ଭାଷାରେ, ଏହାହିଁ ଆଧ୍ୟାତ୍ମିକତାର ଅର୍ଥ : ''ଏହା ଜୋର୍ ଦେଇ କହିବା ଆବଶ୍ୟକ ଯେ ଆଧ୍ୟାତ୍ମିକତା ଗୋଟିଏ ଉଚ୍ଚକୋଟିର ବୁଦ୍ଧିବାଦ ନୁହେଁ, ଆଦର୍ଶବାଦ ନୁହେଁ; ମନର ନୈତିକ ଦୃଷ୍ଟି ଅଥବା ନୈତିକ ଶୁଦ୍ଧି ଅଥବା ତପସ୍ୟା ନୁହେଁ; ଧାର୍ମିକତା ଅଥବା ଗୋଟିଏ ତୀବ୍ର ଭାବମୟ ପ୍ରେରଣା ନୁହେଁ; ଏପରିକି ଏହିସବୁ ମହାନ୍ ସୁନ୍ଦର ବସ୍ତୁଗୁଡ଼ିକର ସମ୍ମିଶ୍ରଣ ନୁହେଁ । ଗୋଟାଏ ମାନସିକ ଧାରଣା, ମତବାଦ ଅଥବା ବିଶ୍ୱାସ, ଗୋଟାଏ ଭାଗବତ ପ୍ରେରଣା, ଧର୍ମ ବା ନୈତିକତାର ସୂତ୍ର ଦ୍ୱାରା ଚରିତ୍ରର ନିୟମନ ଓ ନିର୍ଦ୍ଧାରଣ ଆଧ୍ୟାତ୍ମିକ ସିଦ୍ଧି ବା ଉପଲବ୍ଧି ନୁହେଁ । ... ଆମ୍ଭମାନଙ୍କ ଆନ୍ତରସତ୍ତାରେ ଜାଗ୍ରତ୍ ହେବା, ଆତ୍ମାରେ, ଆତ୍ମପୁରୁଷରେ, ଚୈତ୍ୟସତ୍ତାରେ ଜାଗ୍ରତ୍ ହେବା, ଯାହା ଆମ୍ଭର ଦେହ-ପ୍ରାଣ-ମନଠାରୁ ପୃଥକ୍ ସେହି ବସ୍ତୁକୁ ଜାଣିବା, ଅନୁଭବ କରିବା ଏବଂ ତାହାହିଁ ହେବା ସକାଶେ ଏକ ଆନ୍ତର ଅଭୀପ୍ସା କରିବା; ସେହି ବୃହତ୍ତର ସତ୍ୟ ଯାହା ବିଶ୍ୱାତୀତ, ବିଶ୍ୱଗତ ଏବଂ ଆମ୍ଭମାନଙ୍କ ସତ୍ତା ମଧ୍ୟରେ ଅବସ୍ଥିତ, ତାହାର ସଂସ୍ପର୍ଶରେ ଆସିବା, ତାହା ସହିତ ସଂଯୁକ୍ତ ହେବା, ଏକୀଭୂତ ହେବା ଏବଂ ସେହି ଅଭୀପ୍ସା ଫଳରେ ସମଗ୍ର ସତ୍ତାର ଗତିଧାରାର ପରିବର୍ତ୍ତନ, ରୂପାନ୍ତର ଓ ସତ୍ତାନ୍ତର ଏବଂ ସେହି ସଂସ୍ପର୍ଶ, ଏକତ୍ୱରୁ ଉଦ୍ଭୂତ ନବଜାତ ନୂତନ ସତ୍ତା, ନୂତନ ପ୍ରକୃତି ଓ ନୂତନ ଜାଗରଣ ... ଏହିସବୁହିଁ ଆଧ୍ୟାତ୍ମିକତାର ସାରତତ୍ତ୍ୱ ।''

(ଦିବ୍ୟଜୀବନ, ପୃଷ୍ଠା : ୭୬୨)

ଏଥିରୁ ଏହାହିଁ ସ୍ପଷ୍ଟ ଯେ ଆଧ୍ୟାତ୍ମିକତାର ଗୂଢ଼ ଅର୍ଥ ହେଲା ଅନ୍ତରର ଦିବ୍ୟ-ଚୈତନ୍ୟରେ ଅଭିଷିକ୍ତ ହେବା, ସେହି ଚେତନାକୁ ଜୀବନରେ ପ୍ରକଟ କରିବା ଏବଂ ତଦ୍ଦ୍ୱାରା ଜୀବନର ବିଭିନ୍ନ ଗତିବୃତ୍ତିର ରୂପାନ୍ତର ସାଧନ କରିବା ।

## ଆଧ୍ୟାତ୍ମିକ ରୂପାନ୍ତରର ଅର୍ଥ

ଭାରତର ଆଧ୍ୟାତ୍ମିକ ପରମ୍ପରା ଓ ସାଧନା ଅତି ପ୍ରାଚୀନ । ଲକ୍ଷ୍ୟ କରିବାର କଥା ଯେ ଭାରତର ଆଧ୍ୟାତ୍ମିକ ସାଧନାର ମୂଳଭିତ୍ତି ଯଦିଓ ବେଦ, ଉପନିଷଦ୍ ଓ ଗୀତା; ତଥାପି କାଳକ୍ରମେ ବିକାଶ-ମାର୍ଗରେ ଏହା ଗୋଟିଏ ନିର୍ଦ୍ଦିଷ୍ଟ ରୂପଧାରଣ କରିଛି । ସବୁ କ୍ଷେତ୍ରରେ ଏକଥା ସ୍ୱୀକୃତ ହୋଇଛି ଯେ ଆଧ୍ୟାତ୍ମିକ ସାଧନାର ପରମ ରହସ୍ୟହିଁ ଭଗବତ୍ ପ୍ରାପ୍ତି, ଭାଗବତ ସିଦ୍ଧି; କିନ୍ତୁ ଏହି ଭଗବତ୍ ପ୍ରାପ୍ତିର ଅର୍ଥହିଁ ପାର୍ଥିବ ଜୀବନରୁ ମୁକ୍ତି, ମୋକ୍ଷ ବା ନିର୍ବାଣ । ନିର୍ବିଶେଷ, ଅବ୍ୟୟ, ଅକ୍ଷର ବ୍ରହ୍ମରେ ବିଲୀନ ହେବା ବା ଗୋଲୋକ, ବୃନ୍ଦାବନ, ବୈକୁଣ୍ଠରେ ଭଗବତ୍ ସାନ୍ନିଧ୍ୟ ଲାଭ କରି ପ୍ରଭୁଙ୍କର ଲୀଳା-ସହଚର ହେବା ଆଧ୍ୟାତ୍ମିକ

ସାଧନାର ମୁଖ୍ୟ ଅର୍ଥ । ଏବଂବିଧ ଆଧ୍ୟାତ୍ମିକତା ପାର୍ଥିବ ଜୀବନ, ଇହଲୋକ ବା କର୍ମମୟ ଜୀବନର କୌଣସି ସମାଧାନ କରି ନାହିଁ । ଏଠାରେ କୌଣସିମତେ ଊର୍ଦ୍ଧ୍ୱଲୋକକୁ ପଳାୟନରେ ସମସ୍ୟାର ସମାଧାନ କରିଛି । କର୍ମ ଓ ଜୀବନ ସଙ୍ଗେ ଆଧ୍ୟାତ୍ମିକତାର ମେଳ ଘଟି ନାହିଁ । ବୁଦ୍ଧ, ଶଙ୍କର, ରାମାନୁଜ, ଚୈତନ୍ୟ ପ୍ରଭୃତି ଅବତାର ଓ ବିଭୂତିଗଣ ଏହି ଏକହିଁ ଧାରାରେ ଚାଲିଥିଲେ, ଯଦିଓ ପ୍ରତ୍ୟେକଙ୍କର ସିଦ୍ଧି ପାର୍ଥିବ ଜୀବନ ନିମିତ୍ତ ଅତି ଆବଶ୍ୟକ ଥିଲା । ଗୀତାରେ କର୍ମ, ଜୀବନ ଓ ପୃଥିବୀ ସଙ୍ଗେ ଆଧ୍ୟାତ୍ମିକତାର ଯଦିଓ ସାମଞ୍ଜସ୍ୟ କରାଯାଇଛି, ତଥାପି ଗୀତା ଭାଗବତ ଶକ୍ତି ଦ୍ୱାରା ଜୀବନର ପୂର୍ଣ୍ଣ ରୂପାନ୍ତର କଥା କହି ନାହିଁ । ପୁନଶ୍ଚ ଗୀତାର ଆଦର୍ଶ ମଧ୍ୟ ଜଗତରେ ପ୍ରତିଷ୍ଠିତ ହୋଇପାରି ନାହିଁ । ସୁତରାଂ ଆଧ୍ୟାତ୍ମିକ ଜୀବନ କହିବା ମାତ୍ରେ ଆମ୍ଭେମାନେ ପାର୍ଥିବ ଜୀବନର ବର୍ଜନ, ତ୍ୟାଗ, ଅବନତି ବା ଅଧୋଗତିର କଥା ଭାବୁ । ଏହି କ୍ଷେତ୍ରରେହିଁ ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ସାଧନାର ବୈଶିଷ୍ଟ୍ୟ ରହିଛି । ଆଧ୍ୟାତ୍ମିକତାର ଅର୍ଥ କେବଳ ମୁକ୍ତି ବା ମୋକ୍ଷ ନୁହେଁ, ବରଂ ଜୀବନରେ ଭଗବତ୍ ଶକ୍ତିର ପ୍ରକାଶ, ପରା-ପ୍ରକୃତିର ପ୍ରତିଷ୍ଠା ଏବଂ ଭାଗବତ ଚୈତନ୍ୟ ଓ ଜ୍ୟୋତିଃ ଦ୍ୱାରା ଜୀବନ ଓ ପ୍ରକୃତିର ଚରମ ରୂପାନ୍ତର । ଏହାହିଁ ''ଦିବ୍ୟଜୀବନ'' । ଏହି ଆଧ୍ୟାତ୍ମିକ ରୂପାନ୍ତର ହେଲା ସତ୍ତାନ୍ତର, ଏକ ନବଜନ୍ମ, ନବୀନ ତତ୍ତ୍ୱ ଓ ଶକ୍ତିର ଉତ୍ଥାନ । ଯଦି ମାନବ-ପ୍ରକୃତିର ଚରମ ରୂପାନ୍ତର ସାଧିତ ହୁଏ, ତେବେ ପୃଥିବୀପୃଷ୍ଠରେ ଦିବ୍ୟ ଜୀବନ ଅଥବା ମାନବୋତ୍ତର ଅତିମାନସ ଜୀବନ ପ୍ରତିଷ୍ଠିତ ହେବ । ଶ୍ରୀଅରବିନ୍ଦ ଯେଉଁ ନୂତନ ମାନବଜାତି (New Race) ଓ ନୂତନ ଯୁଗର କଥା କହୁଛନ୍ତି ତାହାହିଁ ହେଲା ଦିବ୍ୟଜୀବନ ଓ ଦିବ୍ୟ ମାନବ ସମାଜ । ଏହା ଯେ କେବଳ ତାଙ୍କ ସାଧନାର ଅଭିପ୍ରେତ ଲକ୍ଷ୍ୟ ତାହା ନୁହେଁ, ବରଂ ଏହାହିଁ ପ୍ରକୃତିର ବିବର୍ତ୍ତନ ଧାରାରେ ଏକ ଅନିବାର୍ଯ୍ୟ ପରିଣାମ । ବର୍ତ୍ତମାନ ମନୁଷ୍ୟ ଏକ ଅର୍ଦ୍ଧପଶୁ, ଅସମ୍ପୂର୍ଣ୍ଣ ପ୍ରାକୃତିକ ପରିଣାମ । ପ୍ରକୃତି ମନୁଷ୍ୟୋତ୍ତର ଅନ୍ୟ ଏକ ପୂର୍ଣ୍ଣାଙ୍ଗ ଜୀବନ ନିଶ୍ଚୟ ସୃଷ୍ଟି କରିପାରେ ଏବଂ ତାହାହିଁ ଅତିମାନବ ଜୀବନ ।

ଏହିଠାରେ ଗୋଟିଏ କଥା ଅତି ସଂକ୍ଷେପରେ ସୂଚାଇ ଦେବା ଉଚିତ । ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ରୂପାନ୍ତର-ସାଧନାର ଦୁଇଟି ଦିଗ ଅଛି, ପ୍ରଥମତଃ, ସେ ଚାହିଁଥିଲେ ପୃଥିବୀପୃଷ୍ଠରେ ଏପରି ଏକ ପ୍ରବଳ ଆଧ୍ୟାତ୍ମିକ ଶକ୍ତିକୁ ଅବତରଣ କରାଇବାକୁ ହେବ ଯାହା ମାନବ-ପ୍ରକୃତିର ରୂପାନ୍ତରରେ ସକ୍ଷମ ହେବ । ଦ୍ୱିତୀୟତଃ, ଏହି ଆଧ୍ୟାତ୍ମିକ ଶକ୍ତିର ଅବତରଣ ଘଟିଲେ ଏପରି ଏକ ମାର୍ଗ ଓ ପଥ ନିର୍ଦ୍ଦିଷ୍ଟ କରିବାକୁ ହେବ ଯାହା ଦ୍ୱାରା ମାନବ ସମାଜ ଏହାକୁ ଗ୍ରହଣ କରି ନିଜକୁ ରୂପାନ୍ତରିତ କରିପାରିବ । ସ୍ୱୀୟ ସାଧନା ଦ୍ୱାରା ପୃଥିବୀପୃଷ୍ଠରେ ଯେଉଁ ଆଧ୍ୟାତ୍ମିକ ଶକ୍ତିକୁ ଶ୍ରୀଅରବିନ୍ଦ ଅବତରଣ କରାଇଛନ୍ତି, ତାହା ହେଲା ଅତିମାନସ ଦିବ୍ୟଶକ୍ତି । ଏହି ଶକ୍ତି ଆଜି ସମଗ୍ର ଜଗତରେ କ୍ରିୟାଶୀଳ । ଯେଉଁ ପନ୍ଥା ଓ ମାର୍ଗ ଅନୁସରଣ ଦ୍ୱାରା ଏହି ଶକ୍ତି ମାନବ-ଜୀବନକୁ ରୂପାନ୍ତରିତ କରିପାରିବ ତାହାହିଁ ଅଧ୍ୟାତ୍ମ ଜୀବନ ।

## ମାନବ ସମାଜର କଲ୍ୟାଣ

ବର୍ତ୍ତମାନ ପ୍ରଶ୍ନ ହେଉଛି, ମାନବ-ଜୀବନ ଓ ମାନବ ପ୍ରକୃତିର ଆଧ୍ୟାତ୍ମିକ ରୂପାନ୍ତର ଦ୍ୱାରା ମାନବ-ସମାଜର ବୃହତ୍ତର କଲ୍ୟାଣ କିପରି ସାଧିତ ହେବ ? ମାନବ-ସମାଜର ଦୁଃଖ-ନିବାରଣ ନିମିତ୍ତ ସମାଜର ସୃଷ୍ଟି କାଳରୁ ବହୁବିଧ ପ୍ରଚେଷ୍ଟା, ଉଦ୍ୟମ ଓ ପ୍ରଯତ୍ନ ହୋଇ ଆସିଛି । ଏହି ପ୍ରଚେଷ୍ଟା ମୁଖ୍ୟତଃ ଦ୍ୱିବିଧ । କେତେକ ବିଶ୍ୱାସ କରନ୍ତି ଯେ ମନୁଷ୍ୟର ପାରିପାର୍ଶ୍ୱିକ ଅବସ୍ଥା ଓ ବାତାବରଣର ପରିବର୍ତ୍ତନ ଦ୍ୱାରା, ଭୌତିକ ପରିସ୍ଥିତିର ଅଦଳବଦଳ ଦ୍ୱାରା, ମନୁଷ୍ୟ-ଜୀବନର ଦୁଃଖର ନିବାରଣ କରାଯାଇ ଯଥାର୍ଥ ଜନକଲ୍ୟାଣ ସାଧନ କରାଯାଇପାରେ । ଶିଳ୍ପ, ବାଣିଜ୍ୟ, କଳକାରଖାନାର ପ୍ରତିଷ୍ଠା, ରାସ୍ତାଘାଟ ନିର୍ମାଣ, ଅଧିକ ଉତ୍ପାଦନ, ଶିକ୍ଷା, ଔଷଧ, ବାସଗୃହ, ପାନୀୟ ଜଳ ଇତ୍ୟାଦିର ଉପଯୁକ୍ତ ବନ୍ଦୋବସ୍ତ ଦ୍ୱାରା ଜନସମାଜର ଦୁଃଖ ଦୂର କରାଯାଇ ପାରିବ । ଏହି ମାର୍ଗ ଅନୁସରଣ କଲେ ବାହାରୁ ମନୁଷ୍ୟକୁ ନିୟନ୍ତ୍ରଣ କରିବାକୁ ହୁଏ । ମନେ କରାଯାଏ ଯେ ରାଷ୍ଟ୍ରୀୟଉ ସୁବ୍ୟବସ୍ଥିତ ଶାସନ ଦ୍ୱାରା ମନୁଷ୍ୟର ସକଳ ସମସ୍ୟା ସମାଧାନ ହୋଇଯିବ, ମନୁଷ୍ୟ ଏହା ଦ୍ୱାରା ଜୀବନକୁ ଓ ତାହାର ଅନ୍ତରର ବିକାଶକୁ ବାହ୍ୟ ଶାସନ ବ୍ୟବସ୍ଥା ଦ୍ୱାରା ନିୟନ୍ତ୍ରଣ କରି ପାରିବ; କିନ୍ତୁ ଏହି ମାର୍ଗ ଅନୁସରଣ କରାଯାଇ ଦେଖାଯାଇଛି ଯେ ମନୁଷ୍ୟର ଆନ୍ତର ଜୀବନ ପଙ୍ଗୁ, ନିସ୍ତେଜ ଓ ନିଷ୍ପ୍ରଭ ହୋଇ ଯାଉଛି । ସକଳ ଦିଗରେ ମନୁଷ୍ୟ ନଭଶ୍ଚୁମ୍ବୀ ଅଗ୍ରଗତି କରି ମଧ୍ୟ, ଚନ୍ଦ୍ରଲୋକରେ ଆଜି ପହଞ୍ଚି ମଧ୍ୟ ଏକ ଗଭୀର ଓ ମହାନ୍ ସଙ୍କଟର ସମ୍ମୁଖୀନ ହୋଇଛି । ସାମାଜିକ, ରାଜନୈତିକ, ନୈତିକ ଓ ଶିକ୍ଷାଗତ ସମସ୍ତ ସମସ୍ୟା ଆଜି

ମନୁଷ୍ୟ ପାଖରେ ଅମୀମାଂସିତ ରହୁଛି । ଯୁକ୍ତି, ବୁଦ୍ଧି, ବିଜ୍ଞାନ, ଶିଳ୍ପ, ଯନ୍ତ୍ର, କଳକବ୍‌ଜା, କର୍ମଦକ୍ଷତା, ଜୀବନବାଦ – ଏହିସବୁକୁ ଆଦର୍ଶ କରି ପାଶ୍ଚାତ୍ୟ ଦେଶ ଯେପରି ଗୋଟାକ ପରେ ଗୋଟାଏ ଯୁଦ୍ଧରେ ପିଷ୍ଟ ହୋଇ ଯାଉଛି । ଆଜି କେତେକ ବ୍ୟାପାର ଘେନି ତୃତୀୟ ମହାଯୁଦ୍ଧର ଘନକୃଷ୍ଣ ମେଘମାଳା ମାନବଜାତିର ମସ୍ତକ ଉପରେ ଝୁଲୁଛି । ମୂଳ ସତ୍ୟ ହେଉଛି ବାହାରୁ କୌଣସି ପ୍ରକାର ଅଳ୍ପ ବେଶୀ ନିମ୍ନତର ଶକ୍ତି ଦ୍ୱାରା, ସଂସ୍ଥା ଦ୍ୱାରା, ସଙ୍ଗଠନ ଦ୍ୱାରା, ଆଦର୍ଶ ଓ ନୈତିକ ସଂସ୍କାର-ବିଧାନ ଦ୍ୱାରା ମାନବ-ସମାଜକୁ ନିୟନ୍ତ୍ରଣ କରିବାର ସକଳ ପ୍ରଚେଷ୍ଟା ବୃଥା ହୋଇଛି । ସୁତରାଂ ଆମ୍ଭମାନଙ୍କୁ ମନୁଷ୍ୟର ଅନ୍ତରାତ୍ମିକ ଜୀବନ ପ୍ରତି ଦୃଷ୍ଟିପାତ କରିବାକୁ ହେବ । ଏହିଠାରେହିଁ ସକଳ ମନୁଷ୍ୟ ସମସ୍ୟାର ସମାଧାନ । ସୁତରାଂ ତାହାର ଦୁଃଖ ନିବାରଣର ଏକମାତ୍ର ଉପାୟ ହେଲା ତାହା ମଧ୍ୟରେ ଏକ ଆଧାତ୍ମିକ ବିପ୍ଳବ ଆଣିବା । ଏହି ବିପ୍ଳବ ଦ୍ୱାରା ତାହା ମଧ୍ୟରୁ ହିଂସା, ଦ୍ୱେଷ, କଳହ, ଈର୍ଷା, କାମ, କ୍ରୋଧ ଇତ୍ୟାଦି ଅନ୍ଧକାର ଅଜ୍ଞାନ ଶକ୍ତିର କ୍ରିୟା ଦୂର ହେବ ଏବଂ ତାହା ମଧ୍ୟରେ ଶାନ୍ତି, ସମତା, ଐକ୍ୟ, ସମନ୍ୱୟ, ଭ୍ରାତୃତ୍ୱ ଦେଖା ଦେବ । ଯେପର୍ଯ୍ୟନ୍ତ ମନୁଷ୍ୟ-ଜୀବନ ଅନ୍ତରରୁ ଗଠିତ ନ ହୋଇଛି, ବାହାରର ସକଳ ପ୍ରକାର ବ୍ୟବସ୍ଥା ସତ୍ତ୍ୱେ ସେ ସୁଖୀ ହୋଇ ପାରିବ ନାହିଁ । ଅତଏବ ଆନ୍ତର ଜୀବନ ଦ୍ୱାରାହିଁ ବାହ୍ୟ ଜୀବନକୁ ନିୟନ୍ତ୍ରିତ କରିବାକୁ ହେବ – ଓଲଟା ନୁହେଁ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆଧାତ୍ମିକ ଜୀବନଯାପନ କରିବାକୁ ଯାଇ କର୍ମ-ଜୀବନ ଓ ସଂସାରକୁ ବର୍ଜନ କରିବାକୁ ହେବ । ବରଂ ଦିବ୍ୟଶକ୍ତିର ଚାଳନା ଦ୍ୱାରା ସେସବୁକୁ ଯଥାର୍ଥ ରୂପେ ଗ୍ରହଣ କରି ଜନସମାଜର କଲ୍ୟାଣ ସାଧନ କରିବାକୁ ହେବ ।

ସୁତରାଂ ଆମ୍ଭେମାନେ ଗଭୀର ଭାବେ ଦୃଷ୍ଟିପାତ କଲେ ବୁଝିପାରିବା ଯେ ବର୍ତ୍ତମାନ ମାନବଜାତିର ସମସ୍ୟା ରାଷ୍ଟ୍ରିକ (Political) ନୁହେଁ, ଆର୍ଥନୀତିକ (Economical) ନୁହେଁ, ପରିସ୍ଥିତି ମୂଳକ (Environmental) ନୁହେଁ, ବରଂ ମନସ୍ତାତ୍ତ୍ୱିକ (Psychological) ଓ ବିବର୍ତ୍ତନ ମୂଳକ (Evolutionary) । ଆଉ ଦୃଢ଼ ଭାବରେ କହିବାକୁ ଗଲେ ମାନବଜାତି ଯଥାର୍ଥରେ ଏକ ଆଧାତ୍ମିକ ସଙ୍କଟ (Spiritual Crisis)ର ସମ୍ମୁଖୀନ ହୋଇଛି । ଏହି ଘୋର ସଙ୍କଟ କାଳ ଓ ଆସନ୍ନ ବିପଦ ଉପସ୍ଥିତ ଜାଣି ଶ୍ରୀଅରବିନ୍ଦ ଚାଳିଶ ବର୍ଷ ଧରି ଅଧ୍ୟାତ୍ମ-ସାଧନା କରି ମାନବଜାତିର କଲ୍ୟାଣ ନିମିତ୍ତ ରକ୍ଷାକବଚ ରୂପେ 'ଅତିମାନସ' ଦିବ୍ୟଶକ୍ତିକୁ ପୃଥିବୀପୃଷ୍ଠରେ ଅବତରଣ କରାଇ ଆଣିଛନ୍ତି । ବର୍ତ୍ତମାନ ମାନବିକ ସମସ୍ୟାର ସମାଧାନର ଉପାୟ ହେଲା ଏହି ଶକ୍ତିକୁ ଜୀବନରେ ଗ୍ରହଣ କରି ତାହାରି ଦ୍ୱାରା ଜୀବନ ଓ ସମାଜକୁ ପରିବର୍ତ୍ତିତ କରିବା । ଆଜି ଆମ୍ଭେମାନେ ଏହି ସଙ୍କଳ୍ପ କରୁଛୁ ଯେ ତାଙ୍କର ଅଧ୍ୟାତ୍ମ-ସିଦ୍ଧି ଭ୍ରାନ୍ତ ସମାଜକୁ ଯଥାର୍ଥ ପଥରେ ପରିଚାଳିତ କରୁ ।

❑❑❑

ତୁମ କାମଟିକୁ ଛାଡ଼ି ଦେବାରେ ସମାଧାନ ନାହିଁ । କର୍ମ ମାଧ୍ୟମରେହିଁ ଅହଂକାରରୁ ଆସୁଥିବା ଯୋଗ-ଆଦର୍ଶର ବିରୋଧୀ ଅନୁଭୂତି ଓ ଗତିବୃତ୍ତିସବୁକୁ ଚିହ୍ନି ପାରିବ ଓ ଅଧିକରୁ ଅଧିକ ଭିତରୁ ଦୂର କରିଦେଇ ପାରିବ । ତୁମ ପାଇଁ ପରୀକ୍ଷା ହେଉଛି ମା'ଙ୍କ ଦ୍ୱାରା ଦିଆଯାଇଥିବା କର୍ମକୁ ବିନା ଅଭିମାନ, ବିନା ଜିଦ୍, ବିନା ସମ୍ମାନବୋଧଯୁକ୍ତ ଅଭିରୁଚିର ସହ କରିବା – କରିବା ନିଜର ଗର୍ବ ତଥା ବ୍ୟକ୍ତିଗତ ଅଭିରୁଚିକୁ ସ୍ପର୍ଶ କଲା ଭଳି କଥାରେ ଆଘାତପ୍ରାପ୍ତ ନ ହୋଇ ।

– ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୭୨)

## ମହେନ୍ଦ୍ରନାଥ ସ୍ୱାଇଁ

**ଅବଚେତନା**

ଜାନୁଆରୀ ୩୦, ୧୯୧୪ରେ ଧ୍ୟାନ ଓ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି :

"ALL that is conscious within me belongs unreservedly to Thee, and gradually I shall strive always harder to conquer the subconscient, the yet dark bedrock.

O divine Master of love, eternal Teacher, Thou guidest our lives. It is in Thee alone and for Thee alone that we want to live; enlighten our consciousness, guide our steps, and grant that we may do the utmost we can, using all our energies solely to serve Thee."

(Prayers and Meditations, P. 61)

''ହେ ପ୍ରଭୁ, ମୋ ଭିତରେ ଯାହାସବୁ ସଚେତନ ସେ ସମସ୍ତ ସର୍ବାନ୍ତକରଣରେ ତୁମର, ଏବଂ କ୍ରମଶଃ ମୁଁ ସର୍ବଦା ଅଧିକରୁ ଅଧିକ ପ୍ରଚେଷ୍ଟା କରି ଚାଲିବି ଅବଚେତନାକୁ ଜୟ କରିବା ପାଇଁ, ଯାହା ଏପର୍ଯ୍ୟନ୍ତ ଅନ୍ଧକାରର କଠିନ ପ୍ରସ୍ତର ଶଯ୍ୟା ରୂପେ ପଡ଼ି ରହିଛି ।

''ହେ, ମୋର ପ୍ରେମର ଦିବ୍ୟ ପ୍ରଭୁ, ଚିରନ୍ତନ ଗୁରୁ, ତୁମେହିଁ ଆମ୍ଭମାନଙ୍କର ଜୀବନକୁ ପରିଚାଳନା କରୁଛ । କେବଳ ତୁମରି ଭିତରେ ଏବଂ ତୁମ ନିମନ୍ତେ ଆମ୍ଭେମାନେ ବଞ୍ଚି ରହିବାକୁ ଚାହୁଁଛୁ; ଆମ ଚେତନାକୁ ଆଲୋକିତ କର, ଆମ ଚଲା ପଥରେ ଆମ ହାତ ଧରି ଚଲାଇ ନିଅ, ହେ ପ୍ରଭୁ, ଆମେ ଯେପରି ଆମର ସକଳ ସାମର୍ଥ୍ୟ ଏବଂ ସକଳ ଶକ୍ତିକୁ କେବଳ ତୁମରି ସେବାରେ ପୂର୍ଣ୍ଣମାତ୍ରାରେ ବିନିଯୋଗ କରିପାରିବୁ – ଏହି ଆଶୀର୍ବାଦ ଆମକୁ ପ୍ରଦାନ କର ।''

ଆଲୋଚ୍ୟ ପ୍ରାର୍ଥନାଟିରେ ମା' ଚେତନା ସମ୍ପର୍କରେ କହୁଛନ୍ତି; ଚେତନା ପ୍ରତ୍ୟେକ ଜୀବସତ୍ତା ମଧ୍ୟରେ ବିଦ୍ୟମାନ, ସୁତରାଂ ଚେତନାହିଁ ଦିବ୍ୟତ୍ୱର ସୂଚନା; ଆମେ ଯେତେ ପରିମାଣରେ ଏହି ଚେତନା ସମ୍ପର୍କରେ ସଚେତନ ହେବା ସେତିକି ପରିମାଣରେ ସମାନୁପାତିକ ଭାବରେ ଆମେ ଦିବ୍ୟତ୍ୱକୁ ପ୍ରାପ୍ତ ହୋଇ ପାରିବା । ଅଚେତନା ହେଉଛି ସକଳ ବିଶୃଙ୍ଖଳାର କାରଣ, ପ୍ରତ୍ୟେକ ଅମଙ୍ଗଳକର କାର୍ଯ୍ୟର ମୂଳଦୁଆ । ଆମର ଯେତେସବୁ ନିମ୍ନ, ନୀଚ ସ୍ୱଭାବ ସେସବୁ ସେହି ଅଚେତନ ସ୍ତରରୁ ଆସିଥାଏ । ଯଦି ଆମେ କାହାରିକୁ ଠକିବାକୁ ଚେଷ୍ଟା କରୁ, ଠିକ୍ ସେତିକି ବେଳେ ଆମେ ଯଦି ଭାବି ପାରିଲେ ଯେ ବ୍ୟକ୍ତିଟି ମଧ୍ୟରେ ମୁଁ ମଧ୍ୟ ରହିଛି ଏବଂ ସେହି ଠକାମିର ପରିଣାମ ମୋତେ ନିଶ୍ଚୟ ଭୋଗିବାକୁ ପଡ଼ିବ ତାହାହେଲେ ଆମେ ସେହି କାର୍ଯ୍ୟରୁ ବିରତ ହୋଇ ପାରିବା । ଆମେ ଯଦି ସଚେତନ ହୋଇ ପାରିଲେ ଯେ ଏହି ଦୃଶ୍ୟ ଜଗତରେ ସକଳ ରୂପମାନଙ୍କ ଭିତରେ ପ୍ରଭୁ ବିରାଜମାନ, ଆମେ ପ୍ରତ୍ୟେକ ବୃକ୍ଷ ଓ ସେଥିରେ ରହିଥିବା ପ୍ରତ୍ୟେକ ଡାଳପତ୍ରକୁ ଅତି ସନ୍ତର୍ପଣରେ ସମ୍ମାନର ସହିତ ସ୍ପର୍ଶ କରିବା; ଏବଂ ସେହି ସ୍ପର୍ଶ ଆମ ଇନ୍ଦ୍ରିୟମାନଙ୍କରେ ଶିହରଣ ସୃଷ୍ଟି କରିବ, ତେବେ ଯାଇ ପ୍ରତ୍ୟେକ ସ୍ପର୍ଶ ପରମପ୍ରଭୁ ସୃଷ୍ଟିକର୍ତ୍ତାଙ୍କ ଦିବ୍ୟ ଶରୀରକୁ ସ୍ପର୍ଶ କଲା ପରି ମଧ୍ୟ ବୋଧ ହେବ । ତତ୍ପରେ ପରମପ୍ରଭୁ ଅତ୍ୟନ୍ତ କ୍ଷୀଣ ଏକ ରଶ୍ମିରେଖା ମାଧ୍ୟମରେ ଆମ ପାଖକୁ ତାଙ୍କର ଦିବ୍ୟ-ବାର୍ତ୍ତା ପ୍ରେରଣ କରିଥା'ନ୍ତି ଏବଂ ସେହି ବାର୍ତ୍ତାର ଧ୍ୱନି ଆମ ଜୀବନର ଅସଂଖ୍ୟ ଶବ୍ଦମାନଙ୍କରେ ପ୍ରତିଧ୍ୱନିତ ହୋଇଥାଏ ।

ଆମ ଜୀବନର ସକଳ ସମସ୍ୟାର ସମାଧାନର ବାଟ ହେଉଛି ପ୍ରଭୁଙ୍କ ଉପସ୍ଥିତି ସମ୍ପର୍କରେ ଅଧିକରୁ ଅଧିକ ସଚେତନ ହେବା । ଆମେ ଆମ ମୂଳ ଉତ୍ସର ଯେତେ ନିକଟତର ହେବା ସେତେ ଅଧିକ ସଚେତନ ହୋଇ ଉଠିବା ଏବଂ ଆମ ସତ୍ତାର ଅନେକ ସଚେତନ ଅଂଶ ସେତେବେଳେ ଖୁବ୍ ଜୋର୍‌ରେ ବିଚ୍ଛୁରିତ ହୋଇ ପଡ଼ିବେ ଏବଂ ପ୍ରଭୁଙ୍କ ଦରବାରରେ ଠିଆ ହୋଇଯିବେ । ସେମାନେ ଅନ୍ଧକାରରେ ପ୍ରଭୁଙ୍କ ସହିତ ଆଉ ସମ୍ପର୍କ ରଖିବେ ନାହିଁ ବା ତାଙ୍କର ଅଧୀନତା ସ୍ୱୀକାର କରିବେ ନାହିଁ ।

କିନ୍ତୁ ଏହି କଥାଟି ଆମେ ଯେତେ ସରଳ ମନେ କରୁଛେ ସେତେ ସରଳ ନୁହେଁ । ଆମ ଶରୀର ପଞ୍ଚଭୂତରେ ଗଠିତ,

ଆମେ ଶରୀର ଭିତରେ ସୀମାବଦ୍ଧ ହୋଇ ରହି ନାହୁଁ; ଏହା ଅନେକ ଭାବପ୍ରବଣତା, ସମ୍ବେଦନଶୀଳତା ଦ୍ୱାରା ଗଠିତ ଏକ ଲଗାମବିହୀନ ପ୍ରାଣଶକ୍ତି, ଅଥବା କାରଣ ଏବଂ ବୁଦ୍ଧି ଦ୍ୱାରା ଆଂଶିକ ଭାବରେ ଆଲୋକିତ ହେଉଥିବା ମନ ମଧ୍ୟ ନୁହେଁ। ଯେହେତୁ ଦିବ୍ୟତ୍ୱ ହେଉଛି ଆମର ବାସ୍ତବତା, ସେଥିପାଇଁ ଆମର ବିସ୍ତୃତି ମଧ୍ୟ ସୀମାହୀନ। ଥରେ ଯଦି ଆମେ ଆମ ସୀମିତ ବ୍ୟକ୍ତିସତ୍ତାର ଅନ୍ଧକାରରୁ ମୁକ୍ତ ହେବାକୁ ଆରମ୍ଭ କରୁ,— ନିମ୍ନ ଜଗତ୍ ଯାହାକୁ ପ୍ରଭୁ ଶ୍ରୀଅରବିନ୍ଦ ଏବଂ ଦିବ୍ୟଜନନୀ ଶ୍ରୀମା ଅବଚେତନାର ଗତିବୃତ୍ତି (Subconscient rush) ବୋଲି କହୁଛନ୍ତି ତାହା ସକ୍ରିୟ ହୋଇ ଉଠିବ। ମନ ସକ୍ରିୟ ଥିଲାବେଳେ ଅବଚେତନା ନିଷ୍କ୍ରିୟ ହୋଇ ରହିଥାଏ। ଆମେ ଯେତେବେଳେ ଧ୍ୟାନରେ ବସୁ ମନ କେତେକାଂଶରେ ଧୀରସ୍ଥିର ହୋଇଯାଏ ଫଳତଃ ଅବଚେତନା ସକ୍ରିୟ ହୋଇଉଠେ ଏବଂ ଆମେ ଏକାଗ୍ର ହୋଇପାରୁ ନାହିଁ। ଆଲୋଚ୍ୟ ପ୍ରାର୍ଥନାଟିରେ ଦିବ୍ୟଜନନୀ ସେହି ଅବଚେତନାକୁ ଜୟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

ଆମେ ଯଦି ଆମ ସତ୍ତାର ଏକ ଉଚ୍ଚତର ସ୍ତର ଉପରେ ସଚେତନ ହୋଇ ଚଳପ୍ରଚଳ ହୋଇ ପାରିବା, କାମ କରି ପାରିବା ତାହାହେଲେ ଆମ କର୍ମର ପ୍ରଣାଳୀ ଓ ଫଳାଫଳର ଗୁଣଧର୍ମ ବଦଳି ଯିବ। ଆମ ସତ୍ତାର ଯେଉଁ ଅଂଶ ଦିବ୍ୟାଲୋକରେ ଆଲୋକିତ ହୋଇ ଯାଇଥିବ, ଶ୍ରୀମା' ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କ ସହିତ ଏକାକାର ହୋଇ ଯାଇଥିବ — ସେତେବେଳେ ଆମର ଅବଚେତନା ଉପରେ ବିଜୟ ଲାଭ କରିବାର ପ୍ରଚେଷ୍ଟାରେ ମଧ୍ୟ ତୀବ୍ରତା ଦେଖାଯିବ। ଶ୍ରୀମା କହୁଛନ୍ତି ଯେ ଭଗବାନ୍ ହେଉଛନ୍ତି ଦିବ୍ୟପ୍ରେମର ପ୍ରତିମୂର୍ତ୍ତି, ଚିରନ୍ତନ ଗୁରୁ, ସେ ଆମ ସମସ୍ତଙ୍କର ପଥ ନିର୍ଦ୍ଦେଶକ, ଆମ୍ଭେମାନେ କେବଳ ତାଙ୍କ ଭିତରେ ରହିଛୁ ଏବଂ ତାଙ୍କ ପାଇଁ ଜୀବନ ଧାରଣ କରିଛୁ; ସେହିଁ ଆମ ଚେତନାକୁ ଆଲୋକିତ କରୁଛନ୍ତି। ପ୍ରଭୁଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ଆମେ ଆମର ସକଳ ଶକ୍ତି ବିନିଯୋଗ କରି ତାଙ୍କ ସେବା କରିବାକୁ ଯେପରି ସମର୍ଥ ହୋଇପାରିବା ସେହି ପ୍ରାର୍ଥନା କରିବା।

ଏହି ପରିପ୍ରେକ୍ଷୀରେ ସାଧକମାନଙ୍କର ହୃଦୟର ଅଭ୍ୟନ୍ତରରେ ଥିବା ଗର୍ବ ଏବଂ ଅହଂକାରକୁ ମା' କିପରି ଦୂରୀଭୂତ କରି ଦେଇଥା'ନ୍ତି; ଫଳରେ ସେମାନେ ତାଙ୍କର ସକଳ ଶକ୍ତିକୁ ଶେଷ ବିନ୍ଦୁ ପର୍ଯ୍ୟନ୍ତ ବିନିଯୋଗ କରି ପ୍ରଭୁ ଓ ମା'ଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ପାରିବେ — ଏ ସମ୍ପର୍କରେ ନିମ୍ନୋକ୍ତ ବିଷୟଟିକୁ ଆଲୋଚନା କଲେ ଅତ୍ୟୁକ୍ତି ହେବ ନାହିଁ। ତାହା ହେଲା —

''ଆଶ୍ରମର ଜନୈକା ସାଧିକା ଖୁବ୍ ଭଲ ''ଏମ୍ବ୍ରୋଡ଼ରୀ ବା ସୂଚୀକାମ କରୁଥିଲେ ଏବଂ ସେ ନିଜ କାର୍ଯ୍ୟ ନିମନ୍ତେ ଖୁବ୍ ଗର୍ବ ଅନୁଭବ କରୁଥିଲେ। ସେ କଠିନ ପରିଶ୍ରମ କରି ମା'ଙ୍କ ନିମନ୍ତେ ସୁନ୍ଦର ସୁନ୍ଦର ସୂଚୀକାର୍ଯ୍ୟ କରି ମା'ଙ୍କୁ ନିବେଦନ କରନ୍ତି; କିନ୍ତୁ ସେହି ନିବେଦନରେ ଭରି ରହିଥାଏ ତାଙ୍କର ଦମ୍ଭ ଓ ଗର୍ବର ଭାବ। ମା' ତାଙ୍କ ସୂଚୀକାମକୁ ଆଦୌ ଚାହାଁନ୍ତି ନାହିଁ, କେବଳ ସାଧିକାଙ୍କୁ ଗମ୍ଭୀର ଦୃଷ୍ଟିରେ ଚାହିଁ ରହନ୍ତି। ଏଥିରେ ସାଧିକାଙ୍କର ମନ ବହୁତ ଦୁଃଖ ହୁଏ, ମାତ୍ର ସିଏ ଗଲା ପରେ ମା' ଅନ୍ୟମାନଙ୍କ ଆଗରେ ତାଙ୍କ କାମର ଖୁବ୍ ପ୍ରଶଂସା କରନ୍ତି।

ଆଉ ଜଣେ ସାଧିକା : ମା' ତାଙ୍କୁ ବିଶେଷ ଗୁରୁତ୍ୱପୂର୍ଣ୍ଣ କାମ ଦେଇଥା'ନ୍ତି, ତେଣୁ ସେ ସମୟ ବାହାର କରି ମା'ଙ୍କ ନିମନ୍ତେ କିଛି ସୁନ୍ଦର ସୂଚୀକାମ ବା ଅନ୍ୟ କୌଣସି ସୁନ୍ଦର ଜିନିଷ ତିଆରି କରି ପାରନ୍ତି ନାହିଁ। ଏକଦା ସେ ଏକ ସଂକଳ୍ପ ନେଲେ ଏବଂ କହିଲେ, ''ମୁଁ ସିନା ବଡ଼ ଜିନିଷ ମା'ଙ୍କ ନିମନ୍ତେ ତିଆରି କରି ପାରିବି ନାହିଁ, କିନ୍ତୁ ସୁନ୍ଦର ଛୋଟ ଛୋଟ ଜିନିଷ ତ ତିଆରି କରି ପାରିବି !'' ତତ୍ପରେ ସେ ଛୋଟ ଛୋଟ ସୁନ୍ଦର ରୁମାଲ ତିଆରି କଲେ, ସେଥିରେ ଗୋଟିଏ କୋଣରେ କିଛି ସୂଚୀକାମ କରି ଦେଲେ। ସେହି ଛୋଟ ରୁମାଲଗୁଡ଼ିକୁ ଗୋଟିଏ ସୁନ୍ଦର ଛୋଟ ବାକ୍ସରେ ରଖି ବାକ୍ସଟିକୁ ଦିବ୍ୟଜନନୀଙ୍କ ଶ୍ରୀଚରଣରେ ଏକ ବିନମ୍ର ନୈବେଦ୍ୟ ସ୍ୱରୂପ ଉତ୍ସର୍ଗ କଲେ। ମା' ସେହି ବାକ୍ସଟିକୁ ଅତ୍ୟନ୍ତ ସ୍ନେହ ସହକାରେ ଗ୍ରହଣ କଲେ। ବାକ୍ସଟିକୁ ଖୋଲିଲେ ଏବଂ ପ୍ରତ୍ୟେକ କ୍ଷୁଦ୍ର ରୁମାଲକୁ ହାତରେ ଧରିଲେ, ନିରୀକ୍ଷଣ କଲେ ଏବଂ ଉଚ୍ଚ ପ୍ରଶଂସା ମଧ୍ୟ କଲେ। ଶ୍ରୀମା କହିଲେ, ''ହେ ମୋର ପ୍ରିୟ ସନ୍ତାନ ! ତୁମେ ଏଗୁଡ଼ିକୁ ତିଆରି କରିଛ ? ବହୁତ ସୁନ୍ଦର ହୋଇଛି। ମୋତେ ବହୁତ ଭଲ ଲାଗୁଛି। ତୁମେ ଜାଣିଛ କି ମୁଁ ଏଗୁଡ଼ିକୁ ନେଇ କ'ଣ କରିବି ? ମୁଁ ପ୍ରତ୍ୟହ ଅତି ଅଳ୍ପ ଅତର ଛିଞ୍ଚି ରାତିରେ ବିଶ୍ରାମ କରିବାକୁ ଯିବାବେଳେ ତକିଆ ତଳେ ରଖିବି। ମୋର ଏଗୁଡ଼ିକ ଖୁବ୍ ଆବଶ୍ୟକ।''

(''ସୁଧା ସମାଚାର'' ପୁସ୍ତକରୁ ସଂଗୃହୀତ,
ପୃଷ୍ଠା. ୨୧୨-୨୧୩)

(କ୍ରମଶଃ) ❑

ସିନ୍ଧୁରୁ ବିନ୍ଦୁଏ :

# ଅଲୋଡ଼ା ଅତୀତ

## ସନ୍ତୋଷ ରଥ

ଶଇଳ ଶିଖରୁ ଗିରି କନ୍ଦରରୁ
ନିର୍ଝର ଝରଇ ଗାଇ ସଙ୍ଗୀତ
ବହେ ଖରସ୍ରୋତ ବହଇ ନିରତ
ଭେଟିବାକୁ ସିନ୍ଧୁ, ତା' ମନୋରଥ । (୧)

ଥିଲେ ବି ସଙ୍କଟ ଘଟ ବାଟ ଘାଟ
ଲେଉଟି ଚାହେଁନି ବହନ୍ତା ନଈ
କାଳ ସ୍ରୋତ ଧାର ତୂଣୀରର ତୀର
ନ ଫେରଇ କେବେ ଚଳନ୍ତା ଛାଇ । (୨)

ଶୁଝିଲା କରଜ ହଜିଲା ଦରଜ
ହେଜିଲେ ହୁଅଇ ଗୁଣ ଦିଗୁଣା
ବୃଥା ପଶ୍ଚାତ୍ତାପ ମନର ସନ୍ତାପ
ଭରିବନି କେବେ ଗଳିଆ ବଣା । (୩)

ବିତିଲା ବୟସ ଫିକା ଆତ୍ମତୋଷ
ଗୋଦର ଗୋଡ଼ର ବାଟିଏ ଚାଷ
କୋଡ଼ଇ ଯେତିକି ମାଡ଼ଇ ସେତିକି
ମୁଗୁରା ମୁକୁଳା ଅବନ୍ଧା ଫାଶ । (୪)

ଅତୀତକୁ ଚାହିଁ ମନ ଗଲେ ଶୋଇ
ଫିଟେନି କବାଟ ସରେନି ବାଟ
ଚାଲିବାକୁ ହେବ ବାକି ଯାହା ଥିବ
ସଙ୍କଳ୍ପ ସଉଧ ଥିଲେ ଅତୁଟ । (୫)

ହେଲେ ବି ଉଜାଣି ଅନ୍ଧ ଯିବ ଜିଣି
କାଲିର ସକାଳ ଯାହାର ଦିଶା
ସେହି ଏକା କ୍ଷମ ଶ୍ରେଷ୍ଠରୁ ଉତ୍ତମ
ବର୍ତ୍ତମାନ ସାଥୀ ଭବିଷ୍ୟ ଆଶା । (୬)

ମନ ହେଲେ ରାଟ ହୋଇଯିବ ଭେଟ
ହଜିଲା କଉଡ଼ି ଖୋଜିଲା ଅଣ୍ଟି
ନିହାତି ଅଲଣା ଅତୀତ ଅଗଣା
ନ ଫେରିଲେ ଶୁଭେ ବିଜୟ ଘଣ୍ଟି । (୭) ❑

"Do not let your mind go back on a work that is finished. It belongs to the past and all rehandling of it is a waste of power."
(SABCL, Vol. 29, p. 287) – Sri Aurobindo

''ଯେଉଁ କାମଟି ଶେଷ ହୋଇଗଲା, ତୁମର ମନ ସେ ଆଡ଼କୁ ଆଉ ଫେରି ନ ଚାହୁଁ । କାରଣ ତାହା ଅତୀତର ପରିସରଭୁକ୍ତ ଏବଂ ସେସବୁର ରୋମନ୍ଥନ କରିବା ଶକ୍ତିର ଅପଚୟ ମାତ୍ର ।''
– ଶ୍ରୀଅରବିନ୍ଦ

# ଦ୍ୱୀପାନ୍ତରର କଥା
## (ତୃତୀୟ ପରିଚ୍ଛେଦ)
## ବାରୀନ୍ଦ୍ର କୁମାର ଘୋଷ

### ସେଟଲ୍‌ମେଣ୍ଟର ପରିଚୟ
### (୨)

ଗୋଟିଏ ଗୋଟିଏ ଟାପୁ ଅବା ଷ୍ଟେସନ ଅର୍ଥ ଛଅ, ସାତୋଟି ବ୍ୟାରାକ୍‌ର ସମଷ୍ଟି । ପ୍ରତ୍ୟେକ ଟାପୁ ଜଣେ ଜଣେ କଏଦୀ-ଜମାଦାର ଓ କଏଦୀ-ମୁନ୍‌ସୀର ଅଧୀନରେ ପରିଚାଳିତ । କଏଦୀ ଉନ୍ନତି କରି କରି ଦଶ, ବାର ବର୍ଷରେ ଜମାଦାର ହୋଇ ଯାଆନ୍ତି, ସେତେବେଳେ ଲାଲ ବ୍ୟାଜ୍ (Badge) ଏବଂ ପିତଳର ''ଜମାଦାର'' ଲେଖା ଫଳକ ପାଇ ଥାଆନ୍ତି । ଏହି ଫଳକ ତିନି ଇଞ୍ଚ ଚଉଡ଼ାର ପଇତା ପରି ଗଳାରେ ଝୁଲା ହୋଇ ରହିଥାଏ; ଜମାଦାର ମାସିକ ଆଠ ଟଙ୍କା ଦରମା ଏବଂ ଦୈନିକ କିଛି ଖାଦ୍ୟାଦି (ration) ଉପକରଣ ପାଇଥାଏ । ଜମାଦାର ତଳକୁ ଟିଣ୍ଡାଲ୍, ତା'ର ବ୍ୟାଜ୍ ଅଧା କଳା, ଅଧା ଲାଲ ଏବଂ ଟିଣ୍ଡାଲ୍ ଲେଖା ଫଳକ ପାଇଥାଏ । ଜଣେ ଜମାଦାର ଅଧୀନରେ ଟାପୁରେ ଚାରି, ପାଞ୍ଚ ଜଣ ଟିଣ୍ଡାଲ୍ ଥାଆନ୍ତି । ଟିଣ୍ଡାଲ୍ ତଳକୁ ପୁଣି ପେଟି ଅଫିସର; ଏମାନଙ୍କର ବ୍ୟାଜ୍ କଳା, ଫଳକ ନାହିଁ; ପ୍ରତି ଟାପୁରେ କୋଡ଼ିଏ, ପଚିଶ ଜଣ ପେଟି ଅଫିସର ଥାଆନ୍ତି ।

ଗୋଟିଏ ଗୋଟିଏ ବ୍ୟାରାକ୍‌ରେ ଷାଠିଏ, ସତୁରି ଜଣ କଏଦୀଙ୍କ ପାଇଁ ଜାଗା ଥାଏ, ବ୍ୟାରାକ୍‌ଗୁଡ଼ିକ କାଠର ପ୍ରଶସ୍ତ ପଟାରେ ତିଆରି, ଛାତରେ ଟାଇଲ । କାଠର ଉଚ୍ଚା ମଞ୍ଚଗୁଡ଼ିକ ତକ୍ତା ଦେଇ ବାରାକ୍‌ର ଫ୍ଲୋର ବା ଚଟାଣ ନିର୍ମିତ; କୌଣସି ପାଚେରି ନାହିଁ, ତା' ବଦଳରେ ଚାରିପଟେ କାଠର ଜାଲି ବା ଜାଫ୍ରି ଦେଇ ଏହା ତିଆରି ହୋଇଥାଏ । ଘର ମଧ୍ୟରେ ପାଖାପାଖି ମସିଣା ବିଛାଇ କମ୍ବଳର ବିଛଣା ତିଆରି କରି ତିନି ଧାଡ଼ି ଲୋକ ଶୁଅନ୍ତି । ପାଖରେ ପାଇଖାନା । ପ୍ରତି ବ୍ୟାରାକ୍‌ରେ ଦୁଇଟି ବତୀ ଥାଏ; ଚାରି ଜଣ ପେଟି ଅଫିସର ଓ କର୍ତ୍ତା ହିସାବରେ ଜଣେ ଜମାଦାର ବା କେବେ କେବେ କେବଳ ଜଣେ ଉଦ୍ଧତ ଟିଣ୍ଡାଲହିଁ ପେଟି ଅଫିସର ସହ ପହରା ଦିଏ । ପ୍ରତ୍ୟେକଙ୍କର ପାଳି ତିନି ଘଣ୍ଟା କରି; ସନ୍ଧ୍ୟା ବେଳେ ନାମକୁ ମାତ୍ର ବ୍ୟାରାକ୍ ବନ୍ଦ ହୁଏ, ତା'ପରେ ଠିକ୍ ବନ୍ଦ ହେବା ସମୟ ରାତ୍ରି ଆଠଟା – ତୋପ ଫୁଟିବା ପରେ । ତା'ପରେ ଆଉ କେହି ବାହାରକୁ ଯାଇ ପାରନ୍ତି ନାହିଁ । ଗୋଟିଏ ଥର ସନ୍ଧ୍ୟାବେଳେ, ଆଉ ଥରେ ରାତି ଆଠଟାରେ ଯେ ଯାହାର ବିଛଣାରେ ବସି ଗଣତି ଦେବାକୁ ହୁଏ ।

ପୁନର୍ବାର ସକାଳୁ ଉଠି ସେଇ ଗଣିବାର ପାଳା । ପ୍ରଥମେ ଜମାଦାର ଓ ପରେ ପରେ ପେଟି ଅଫିସରମାନେ ''ନିଜ ନିଜ ବିଛଣାରେ ବସି ଯାଅ'' ଏଇ ରଡ଼ି ଛାଡ଼ି ସମସ୍ତଙ୍କୁ ବସାଇ ଛେଳି ଗଣା ପରି ଏକଦମ୍‌ରେ ଗଣି ଯାଆନ୍ତି । ତା'ପରେ ସମସ୍ତେ ବାହାରକୁ ଆସି ଶୌଚକ୍ରିୟା ଏବଂ ମୁହଁ, ହାତ ଧୋଇ ନେବାକୁ ହୁଏ । ଗୋଟିଏ ଗୋଟିଏ ବଡ଼ ବଡ଼ ଢୋଲ ଆକାରର ପିମ୍ପା ଅଛି, ସେଥିରେ ସାରା ଦିନ ଖଟି ପାଣିବାଲାମାନେ ମିଠା ପାଣି ଭରି ରଖନ୍ତି । ମିଠା ମାନେ କେହି ଯେପରି ଖୁସ୍‌ବୁଦାର୍ ସରବତ୍ ବୋଲି ମନେ ନ କରନ୍ତି; ଏଇଟା ଲୁଣି ଜଳର ଦେଶ, ମିଠା ପାଣି ମାନେ ପାନୀୟ ଜଳ । ସମସ୍ତଙ୍କୁ ଲୁହା ବାଟି ନେଇ ଏଇ ପାଣିବାଲା ପାଖକୁ ଯିବାକୁ ହୁଏ, ସେ ଛୋଟ ଟିଣ ମଗରେ ପାଣି ଦିଏ, ସେଥିରେ ହାତ ମୁହଁ ଧୋଇବାକୁ ପଡ଼ିଥାଏ ।

ତା'ପରେ ଧାଡ଼ି କରି ଯୋଡ଼ା ଯୋଡ଼ା କରି ବସିବାର ପାଳି । ଶେଲି ଲେଖିଥିଲେ ''ପ୍ରେମର ତତ୍ତ୍ୱ'' – "Love's Philosophy;" ସେଥିରେ କବି କହିଥିଲେ – ଏ ଜଗତରେ ସବୁ ଯୁଗଳ, ଏକା କେହି ନାହିଁ । ପୋର୍ଟ ବ୍ଲେୟାରର ପେଟି ଅଫିସର ଆଉ ଟିଣ୍ଡାଲ୍‌ମାନେ ଏଇ ପ୍ରେମର ଦର୍ଶନ ଖାତିରରେ ଏହା ପ୍ରମାଣ କରିବାକୁ ସର୍ବଦା ବ୍ୟସ୍ତ, ''ଯୋଡ଼ା ଯୋଡ଼ା ହୋଇଯାଅ'' ଏଇ ରଡ଼ି ଦିବାରାତ୍ର ଉଠିବା ଓ ବସିବା ବେଳେ ଯେତେବେଳେ ନାହିଁ ସେତେବେଳେ ଶୁଣିବାକୁ ହୋଇଥାଏ । ବିଦ୍ରୋହୀ ହୋଇଛ, ତେଣୁ ଲାଠିର ଖେଞ୍ଚ ପେଟ ଅବା ପିଠିରେ ଯେଉଁଠାରେ ହେଉ ଖାଇଛ । ଏମାନଙ୍କର ଅଙ୍କ ଶାସ୍ତ୍ରରେ ଏତେ ଗଭୀର ଜ୍ଞାନ ଯେ ମଣିଷମାନେ ଯୋଡ଼ି ହୋଇ ନ ବସିଲେ ଏମାନଙ୍କର ଗଣିବା ଠିକ୍ ହୁଏ ନାହିଁ । ''ରାମ୍ ଦୁଇ ତିନି'' ରଡ଼ିରେ ବେଶ୍ ଗଣିବା ଚାଲିଛି; ଯେଉଁଠି ଦେଖିଲେ ଦଶ ଯୋଡ଼ା ପରେ ଜଣେ ହତଭାଗା ଏକା ବସିଅଛି, ସେଇଠୁ ସବୁ

ଗୋଳମାଳ ହୋଇଗଲା ! ତା'ପରେ ସେଇ ଅଭାଗା ପାପୀ ଉପରେ ମୁଷ୍ଟି ତଥା ଲାଠି ଔଷଧୀ ପ୍ରୟୋଗ କରି ଜଣେ ଦାଢ଼ିବାଲା ସହ ତା'ର କ୍ଷଣିକ ବିବାହ ବନ୍ଧନ ଘଟାଇ ପୁଣି ଗଣା ଆରମ୍ଭ ହୁଏ ।

ସକାଳର ଏଇ ଧାଡ଼ିଗୁଡ଼ିକରେ କେତୋଟି ବ୍ୟାରାକ୍ ବା ନିର୍ଜନ ସ୍ଥାନର କଏଦୀମାନେ ଧୀରେ ଧୀରେ ଜମା ହୁଅନ୍ତି । ତା'ପରେ ''ସବୁ ଠିକ୍'' ରିପୋର୍ଟ ପାଇଲେ ଜମାଦାର ଏବଂ ମୁନ୍‌ସୀ ଟାପୁର କାର୍ଯ୍ୟ ଅନୁସାରେ ଫାଇଲ୍ ଭାଗ କରନ୍ତି । ଗୋଟିଏ ଦିଗରୁ ଦଶ କିଂବା ପନ୍ଦର ଜଣଙ୍କୁ ଉଠାଇ ଜମାଦାର ଆଉ ଏକ ଦିଗରେ ବସାଇ ଇଞ୍ଜିନିୟରିଂ ଫୋରମ୍ୟାନଙ୍କୁ ସମର୍ପି ଦିଏ । ମୁନ୍‌ସୀ ତତ୍‌କ୍ଷଣାତ୍ ତାହା ଲେଖିନିଏ; ଏହା ହେଲା P. W. D ଫାଇଲ୍ । ତା'ପରେ ତିରିଶ ଜଣଙ୍କୁ ନେଇ ଜମାଦାର ବଗିଚାର ଜବାବଦାର ହାତରେ ସମର୍ପଣ କରେ । ସେମିତି କାଗଜ କଲମଧାରୀ ଚିତ୍ରଗୁପ୍ତ ତାହାକୁ ନଥିଗତ କରେ; ଏହା ହେଲା ବଗିଚା ଫାଇଲ୍ । ଏକ ପ୍ରକାର ଏହି କର୍ମଟିର ନାମ ଫାଇଲ୍ ବଣ୍ଟା ବା ଭାଗ କରା । ତା'ପରେ ଯେ ଯାହାର ଦଳ ନେଇ କର୍ମକ୍ଷେତ୍ରକୁ ଯାଇ ଜବାବଦାରମାନଙ୍କ ଆପଣା ମନୋମତ କାର୍ଯ୍ୟରେ ଦଶଟା ପର୍ଯ୍ୟନ୍ତ ଏମାନଙ୍କୁ ଖଟାଇ ରଖନ୍ତି । ଦଶଟା ପରେ ଡାକି ହାକି ଗଣାଗଣି କରି ପୁଣି ଟାପୁକୁ ଆଗମନ ଓ ଜମାଦାର ପାଖରେ ଗଣତି ଦେବା । ତା'ପରେ ସ୍ନାନ, ଆହାର ଓ ଗୋଟାଏ ପର୍ଯ୍ୟନ୍ତ ବିଶ୍ରାମ । ଗୋଟାଏ ପରେ ପୁଣି ଫାଇଲ୍, ଯେ ଯାହାର ପେଟି ଅଫିସର ବା ଟିଣ୍ଡାଲ୍‌ର ଅଧୀନରେ ଦଳ ବାନ୍ଧି କାର୍ଯ୍ୟକୁ ଯାତ୍ରା । ଅପରାହ୍ଣ ଚାରିଟା କିଂବା ପାଞ୍ଚଟା ବେଳେ ଛୁଟି । ପାଞ୍ଚଟାରେ ଖାଇବା ପାଇଁ ଥାଳି ବାଟି ନେଇ ଧାଡ଼ି ଧାଡ଼ି କରି ବସି ଯାଆନ୍ତି, ଆହାର ହୁଏ ଏବଂ ସନ୍ଧ୍ୟା ଅବଧି ଟାପୁ ପାଖରେ ଖୁସି ମନରେ ବୁଲାବୁଲି ଏବଂ ଗୁଲିଖଟି ଗପ କରନ୍ତି ।

ଦିନ ଦଶଟାରେ ଖାଇବା ପରେ ଏବଂ ଅପରାହ୍ଣରେ ବ୍ୟାରାକ୍ ବନ୍ଦ ନ ହେବା ପର୍ଯ୍ୟନ୍ତ ଗଞ୍ଜାଖୋରମାନଙ୍କର ଲୁଚି ଲୁଚି ଦୁଇ ଦମ୍ ଟାଣି ନେବାର ଅବସର; ଜୁଆଡ଼ିର ଜୁଆଖେଳର ମାହେନ୍ଦ୍ରବେଳା; ଅର୍ଥଲୋଭୀର ମାଛ ଧରି ବଣରୁ ପାନ ତୋଳି କେତେ ବାହାନା କରି ଦୁଇ ପଇସା ଅର୍ଜନ କରିବାର ସୁବିଧା; ଏବଂ ଜମାଦାର, ମୁନ୍‌ସୀ, ଟିଣ୍ଡାଲ୍ ମେଟ୍ (ରସ୍‌ମାନଙ୍କର ଗୋଦାମର ମାଲିକ ବା ରେସନ-ମେଟ୍) ମୁଖ୍ୟ ଭଣ୍ଡାରୀ ପ୍ରଭୃତି ପ୍ରତ୍ୟେକର ଚାଟୁକାର ଦଳର ସମାବେଶ ଏବଂ ସ୍ୱ ସ୍ୱ ପାଳକମାନଙ୍କର ତେଲିଆ ପାଦରେ ତେଲ ଦେବା ବା ଗୋଲାମି କରିବା ।

ରବିବାରରେ କାମଦାମ ନାହିଁ, ସକାଳେ ଟାପୁର ଚତୁର୍ଦ୍ଦିଗରେ ଘାସ, ଆବର୍ଜନା ପରିଷ୍କାର ମାତ୍ର ଘଣ୍ଟାଏ, ଦୁଇଘଣ୍ଟା କରିବାକୁ ହୁଏ । ସାରା ଦିନ ଶୋଇ ବସି କଟାଇ ପାର; ଅଥବା ଜମାଦାର ବା ଟିଣ୍ଡାଲ୍‌କୁ ବା ତୁମ ବ୍ୟାରାକ୍‌ର ଜମାଦାରଙ୍କୁ ଦୁଇ, ଚାରି ଅଣାରେ ଅବା କେବଳ ମିଠା କଥାରେ ଭୁଲାଇ ଅନ୍ୟ ଟାପୁକୁ ବନ୍ଧୁ ସମ୍ମିଳନ ଆଶାରେ ନିଜର ବେଢ଼ି ପାର କରିପାର । ଏହା ତ ଗଲା ମୋଟାମୋଟି ବାହାରର ଜୀବନ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ

❑❑❑

The best way to hasten the manifestation of the Divine's Love is to collaborate for the triumph of the Truth.

(CWM, Vol. 15, p. 186) – The Mother

ଦିବ୍ୟ ପ୍ରେମର ପ୍ରକାଶକୁ ତ୍ୱରାନ୍ୱିତ କରିବାର ଶ୍ରେଷ୍ଠ ଉପାୟ ହେଉଛି ସତ୍ୟର ବିଜୟରେ ସହଯୋଗୀ ହେବା ।

– ଶ୍ରୀମା

ପ୍ରଣାମ ନାରୀଶକ୍ତି (୮) :

# ସାବିତ୍ରୀବାଈ ଫୁଲେ

## ସୂର୍ଯ୍ୟକାନ୍ତି ମହାନ୍ତି

ଭାରତରେ ନାରୀର ଅଧିକାର ଓ ଶିକ୍ଷାର ଉନ୍ନତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ମହାରାଷ୍ଟ୍ରର ସମାଜ ସଂସ୍କାରିକା, ଶିକ୍ଷାବିତ୍ ଏବଂ କବୟିତ୍ରୀ ଶ୍ରୀମତୀ ସାବିତ୍ରୀବାଈ ଫୁଲେ । ସେ ଥିଲେ ପ୍ରଥମ ଭାରତୀୟ ମହିଳା ଶିକ୍ଷିକା ତଥା ପ୍ରଧାନ ଶିକ୍ଷୟିତ୍ରୀ । ତାଙ୍କୁ ମଧ୍ୟ ଭାରତର ମହିଳା ଜାଗରଣର ଅଗ୍ରଦୂତ ବୋଲି ବିବେଚନା କରାଯାଏ । ସେ ଓ ତାଙ୍କ ସ୍ୱାମୀ ମହାତ୍ମା ଜ୍ୟୋତିବା ଫୁଲେ ଦୁହେଁ ମିଶି ପୁନେର ଭିଡ଼େୱାଡ଼ାରେ ୧୮୪୮ ମସିହାରେ ପ୍ରତିଷ୍ଠା କରିଥିଲେ ପ୍ରଥମ ଆଧୁନିକ ଭାରତୀୟ ବାଳିକା ବିଦ୍ୟାଳୟ । ସମାଜରେ ଜାତି ଓ ଲିଙ୍ଗ ଆଧାରରେ ଭେଦଭାବକୁ ଲୋପ କରିବା ପାଇଁ ସେ ଜୀବନବ୍ୟାପୀ କାର୍ଯ୍ୟ କରିଥିଲେ ।

ସାବିତ୍ରୀବାଈ ମହାରାଷ୍ଟ୍ରର ସତାରା ଜିଲ୍ଲା ନୈଗାଁରେ ଏକ ମାଳୀ ସମ୍ପ୍ରଦାୟରେ ୧୮୩୧ ମସିହା ଜାନୁଆରୀ ୩ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଖାଣ୍ଡୋଜୀ ନେଭାସେ ପାଟିଲ ଏବଂ ମାତା ଲକ୍ଷ୍ମୀଙ୍କର ସେ ଥିଲେ କନିଷ୍ଠା କନ୍ୟା । ତାଙ୍କର ନଅ କି ଦଶ ବର୍ଷ ବୟସରେ ବିବାହ ହୋଇଥିଲା ତେର ବର୍ଷ ବୟସ୍କ ଜ୍ୟୋତିବାଙ୍କ ସହିତ । ସେମାନେ ନିଃସନ୍ତାନ ଥିଲେ । ବିବାହ ସମୟରେ ସାବିତ୍ରୀବାଈ ନିରକ୍ଷର ଥିଲେ ମଧ୍ୟ ସ୍ୱାମୀ ଜ୍ୟୋତିବା ଫୁଲେ ତାଙ୍କୁ ଓ ତାଙ୍କ ସମ୍ପର୍କୀୟା ଭଉଣୀ ସଗୁଣାବାଈଙ୍କୁ କ୍ଷେତରେ କାମ କରିବା ସହିତ ଘରେ ପ୍ରାଥମିକ ଶିକ୍ଷା ପ୍ରଦାନ କରିଥିଲେ । ସାବିତ୍ରୀଙ୍କର ପରବର୍ତ୍ତୀ ଶିକ୍ଷା ହୋଇଥିଲା ସ୍ୱାମୀଙ୍କ ଦୁଇ ବନ୍ଧୁ ସଖାରାମ ଯଶୱନ୍ତ ପରଞ୍ଜପେ ଏବଂ କେଶବ ଶିବରାମ ଭବାଲକରଙ୍କ ସହିତ । ସେ ମଧ୍ୟ ଶିକ୍ଷକତା କରିବା ପାଇଁ ଦୁଇଟି ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ନେଇଥିଲେ । ପ୍ରଥମଟି ହେଲା – ଏକ ଆମେରିକୀୟ ମିସନାରୀ ସଂସ୍ଥା ଦ୍ୱାରା ପରିଚାଳିତ ଅହମ୍ମଦ ନଗରରେ Cynthia Farrar ଏବଂ ଦ୍ୱିତୀୟଟି ହେଲା – Mrs. Michell ଙ୍କର 'Normal School'ରେ ।

ପ୍ରଶିକ୍ଷଣ ସମାପ୍ତ ପରେ ସାବିତ୍ରୀବାଈ ପୁନେରେ ମହାରୱାଡ଼ାରେ ବାଳିକାମାନଙ୍କୁ ଶିକ୍ଷାଦାନ କରିବା ଆରମ୍ଭ କଲେ । ତାଙ୍କ ସହିତ ସଗୁଣାବାଈ ମଧ୍ୟ କାମ କଲେ । ସାବିତ୍ରୀ, ସଗୁଣା ଓ ଜ୍ୟୋତିବା – ଏ ତିନି ସହଯୋଗୀ ମିଶି ଭିଡ଼େୱାଡ଼ାରେ ନିଜର ଏକ ବିଦ୍ୟାଳୟ ଆରମ୍ଭ କଲେ । ଶିକ୍ଷାରେ ଅନ୍ତର୍ଭୁକ୍ତ ହେଲା ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ତଥା ପାରମ୍ପରିକ ଏବଂ ପାଶ୍ଚାତ୍ୟ – ଏଭଳି ବିଭିନ୍ନ ପାଠ୍ୟକ୍ରମ । ୧୮୫୧ ମସିହାର ଶେଷ ଭାଗରେ ପୁନେରେ ସ୍ୱାମୀ-ସ୍ତ୍ରୀ ଦୁଇଜଣ ମିଶି ତିନୋଟି ବିଭିନ୍ନ ସ୍କୁଲ ପ୍ରତିଷ୍ଠା କରିଥିଲେ । ଏହି ସ୍କୁଲ ତିନୋଟିରେ ମୋଟ ପ୍ରାୟ ଦେଢ଼ଶହ ଛାତ୍ରୀ ନାମ ଲେଖାଇ ଥିଲେ ଏବଂ ଶିକ୍ଷାଦାନର ପ୍ରଣାଳୀ ସରକାରୀ ସ୍କୁଲଠାରୁ ଭିନ୍ନ ଓ ଉନ୍ନତ ମାନର ଥିଲା । ଏହାର ସୁନାମ ଏପରି ଥିଲା ଯେ ଫୁଲେ ବିଦ୍ୟାଳୟରେ ପଢ଼ୁଥିବା ଛାତ୍ରୀ ସଂଖ୍ୟା ସରକାରୀ ବିଦ୍ୟାଳୟର ଛାତ୍ର ସଂଖ୍ୟାଠାରୁ ଢେର ଅଧିକ ହୋଇଥିଲା ।

ଦୁର୍ଭାଗ୍ୟବଶତଃ ଶିକ୍ଷା କ୍ଷେତ୍ରରେ ଏ ଦୁଇଜଣଙ୍କର ସଫଳତା ଏବଂ ସ୍ଥାନୀୟ ଲୋକଙ୍କର ରକ୍ଷଣଶୀଳ ଚିନ୍ତାଧାରା ପାଇଁ ସେମାନଙ୍କୁ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଲା । ଲୋକମାନେ ପଥର, ଗୋବର, କାଦୁଅ ଇତ୍ୟାଦି ସେମାନଙ୍କ ଉପରକୁ ଫୋପାଡୁ ଥିଲେ । ଏଥିପାଇଁ ସାବିତ୍ରୀବାଈ ବିଦ୍ୟାଳୟକୁ ଯିବା ସମୟରେ ସଙ୍ଗରେ ଅତିରିକ୍ତ ଏକ ଶାଢ଼ୀ ନେଇ କରି ଯାଉଥିଲେ । ଫଳରେ ଆବଶ୍ୟକ ସମୟରେ ନିଜର ପିନ୍ଧିଥିବା ଶାଢ଼ୀକୁ ବଦଳାଇ ପାରିବେ । ଏହା ବ୍ୟତୀତ ଅନ୍ୟ ଏକ ଘଟଣା ହେଲା – ଉଭୟ ସ୍ୱାମୀ ସ୍ତ୍ରୀ ଜ୍ୟୋତିବାଙ୍କ ପିତାଙ୍କ ଘରେ ବାସ କରୁଥିଲେ । ବିଭିନ୍ନ ବିରୋଧର ସମ୍ମୁଖୀନ ହୋଇ ଜ୍ୟୋତିବାଙ୍କ ପିତା ଏ ଦମ୍ପତିଙ୍କୁ ଘର ଛାଡ଼ିବା ପାଇଁ ଆଦେଶ ଦେଲେ । କାରଣ, ମନୁସ୍ମୃତି ଲେଖା ଅନୁଯାୟୀ ଏ ଦୁଇଜଣଙ୍କ କାର୍ଯ୍ୟ ପାପ ବୋଲି ଗ୍ରହଣ କରାଯାଇଥିଲା ।

ପିତାଙ୍କ ଘର ଛାଡ଼ିବା ପରେ ସେ ଦୁହେଁ ଜ୍ୟୋତିବାଙ୍କର ଜଣେ ବନ୍ଧୁ ଉସ୍‌ମାନ୍ ଶେଖ୍‌ଙ୍କ ଘରେ ଯାଇ ରହିଲେ । ସାବିତ୍ରୀ ସେଠାରେ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ଓ ସହକର୍ମୀ ଫତିମା ବେଗମ୍ ଶେଖ୍‌ଙ୍କୁ ଭେଟିଲେ । ଫତିମା ଥିଲେ ଉସ୍‌ମାନଙ୍କର

ଭଗିନୀ । ସେ ସାବିତ୍ରୀଙ୍କୁ ଜାଣିବା ପୂର୍ବରୁ ଲେଖା ପଢ଼ା ଜାଣିଥିଲେ । ଏବେ ଶିକ୍ଷକ ପ୍ରଶିକ୍ଷଣ ତାଲିମ ନେବା ପାଇଁ ତାଙ୍କର ଭାଇ ତାଙ୍କୁ ଉତ୍ସାହିତ କଲେ । ଏହା ପରେ ସାବିତ୍ରୀ ଏବଂ ଫତିମା ଉଭୟ ସ୍ନାତକ ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହେଲେ । ଏ ଦୁଇଜଣ ଉସ୍‌ମାନ ଶେଖଙ୍କ ଘରେ ୧୮୪୯ ମସିହାରେ ଏକ ବିଦ୍ୟାଳୟ ସ୍ଥାପନା କଲେ । ତେବେ ଫତିମା ଥିଲେ ଭାରତର ପ୍ରଥମ ମୁସଲିମ ମହିଳା ଶିକ୍ଷୟିତ୍ରୀ ।

୧୮୫୦ ମସିହାରେ ସାବିତ୍ରୀ ଏବଂ ଜ୍ୟୋତିବା ଦୁଇଟି ଶିକ୍ଷା ଟ୍ରଷ୍ଟ ପ୍ରତିଷ୍ଠା ମଧ୍ୟ କଲେ । ଉଦ୍ଦେଶ୍ୟ ଥିଲା ଆହୁରି ଅଧିକ ମହିଳା ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ବାଳିକାମାନଙ୍କ ଶିକ୍ଷାରେ ଉନ୍ନତି ଆଣିବା । ପରବର୍ତ୍ତୀ ସମୟରେ ଖ୍ରୀଷ୍ଟିଆନ ମିସନାରୀ ପିରିଅଡ଼ିକାଲ 'ଜ୍ଞାନୋଦୟ' (Gnyanodaya) ତରଫରୁ ଜ୍ୟୋତିବା ଓ ସାବିତ୍ରୀଙ୍କର ଏକ ସାକ୍ଷାତ୍‌କାର ୧୮୫୩ ସେପ୍‌ଟେମ୍ବର ୧୩ରେ ନିଆ ଯାଇଥିଲା ।

ଏଥିରେ ସାବିତ୍ରୀ କହିଥିଲେ – ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯେ ମା' ପାଇଁହିଁ ଏକ ଶିଶୁର ଜୀବନରେ ଉନ୍ନତି ହୁଏ । ଏ ଦେଶର ସମୃଦ୍ଧି ନିଶ୍ଚିତ ଭାବରେ ନିର୍ଭର କରେ ମା' ଉପରେ । ନାରୀର ଶିକ୍ଷା ନିଶ୍ଚୟ ଆବଶ୍ୟକ । ଯଦି ଏ ଦେଶର ପ୍ରଗତି ଚାହଁ, ତା'ହେଲେ ନାରୀ ଜ୍ଞାନୀ ହେବା ଦରକାର । ଏହି ଭାବନା ନେଇ ମୁଁ ଏହି ବାଳିକା ବିଦ୍ୟାଳୟ ଆରମ୍ଭ କରିଛି । ମାତ୍ର ମୋ ଜାତିର ଭାଇମାନେ ନାରୀ ଶିକ୍ଷାକୁ ପସନ୍ଦ କରନ୍ତି ନାହିଁ । ଏପରିକି ଜ୍ୟୋତିବାଙ୍କ ବାପା ଆମକୁ ଘରୁ ବାହାର କରି ଦେଲେ । କେହି ବି ପ୍ରସ୍ତୁତ ନଥିଲେ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଆମକୁ ଘର ଦେବାକୁ । ଆମର ବି ସାମର୍ଥ୍ୟ ନଥିଲା ଘର ତିଆରି କରିବାକୁ । ଅନ୍ୟ ପଟେ ଲୋକମାନେ ତାଙ୍କ ଝିଅମାନଙ୍କୁ ସ୍କୁଲକୁ ପଠାଇବାକୁ ରାଜି ନଥିଲେ । ମାତ୍ର ଦୁଇ ମହାନ୍ ବ୍ୟକ୍ତିତ୍ୱ ଲାହୁଜୀ ରାଘ ରାଉତ ମଙ୍ଗ (Lahuji Ragh Raut Mang) ଏବଂ ରନବା ମହର (Ranba Mahar) ନିଜ ଜାତି ଭାଇମାନଙ୍କୁ ନାରୀ ଶିକ୍ଷାର ମହତ୍ତ୍ୱ ବିଷୟରେ ମନାଇ ପାରିଥିଲେ ।

ପରେ ଜ୍ୟୋତିବାଙ୍କ ସହ ମିଶି ସେ ସବୁ ପିଲାଙ୍କ ପାଇଁ ମୋଟ ଅଠରଟି ବାଳିକା ବିଦ୍ୟାଳୟ ଖୋଲିଲେ ଏବଂ ବିଭିନ୍ନ ଜାତିର ପିଲାମାନଙ୍କୁ ସାବିତ୍ରୀବାଈ ପଢ଼ାଇବାକୁ ଲାଗିଲେ । ଏ ଦମ୍ପତି ମଧ୍ୟ ଏକ ସେବା ଗୃହ ଏବଂ ବାଳହତ୍ୟା ପ୍ରତିବନ୍ଧକ ଗୃହ ପ୍ରତିଷ୍ଠା କଲେ । ଏହି ଅନୁଷ୍ଠାନ ବଳାତ୍କାରର ଶିକାର ହୋଇଥିବା, ଗର୍ଭବତୀ ହୋଇଥିବା ନାରୀମାନଙ୍କ ପାଇଁ ଏବଂ ସନ୍ତାନ ଜନ୍ମରେ ସାହାଯ୍ୟ ଓ ସେ ପିଲାଙ୍କର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିଲା ।

ସାବିତ୍ରୀ ଏବଂ ତାଙ୍କ ପୋଷ୍ୟ ପୁତ୍ର ଯଶୱନ୍ତ ରାଓ ୧୮୯୭ ମସିହାରେ ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି କରିଥିବା ପ୍ଲେଗ୍ ରୋଗର ଚିକିତ୍ସା ପାଇଁ ପୁନେରେ ଏକ ସେବାକେନ୍ଦ୍ର ପ୍ରତିଷ୍ଠା କରିଥିଲେ । ଏହି ସମୟ ମଧ୍ୟରେ ପାଣ୍ଡୁରାଙ୍ଗ ବାବାଜୀ ଗାଏକ୍‌ୱାଡ଼ଙ୍କର ପ୍ଲେଗ୍ ପୀଡ଼ିତ ପୁତ୍ରକୁ ରକ୍ଷା କରିବାକୁ ଯାଇ ସାବିତ୍ରୀ ନିଜ ପିଠିରେ ଶିଶୁଟିକୁ ବହନ କରି ସେବାକେନ୍ଦ୍ରକୁ ନେଇ ଯାଇଥିଲେ । ମାତ୍ର ଦୁର୍ଭାଗ୍ୟବଶତଃ ସେ ନିଜେ ଏହି ରୋଗରେ ଆକ୍ରାନ୍ତ ହୋଇ ୧୮୯୭ ମସିହା ମାର୍ଚ୍ଚ ୧୦ ତାରିଖରେ ଇହଲୀଳା ସମ୍ବରଣ କଲେ ।

ସାବିତ୍ରୀବାଈ ଫୁଲେ ଥିଲେ ଜଣେ ବିଖ୍ୟାତ ଲେଖିକା ଓ କବୟିତ୍ରୀ । ୧୮୫୪ ମସିହାରେ 'କାବ୍ୟ ଫୁଲେ' ଏବଂ 'ବଉନ କାଶୀ ସୁବୋଧ ରତ୍ନାକର' ନାମକ କବିତା ସଂକଳନ ପ୍ରକାଶ କରିଥିଲେ । ସେ 'Go, Get Education' ନାମକ ଏକ କବିତା ରଚନା କରିଥିଲେ, ଯେଉଁଥିରେ ସେ ଉତ୍ସାହିତ କରିଥିଲେ ସେହିମାନଙ୍କୁ ଯେଉଁମାନେ ଅତ୍ୟାଚାରିତ ହେଲେ ମଧ୍ୟ ଶିକ୍ଷା ପାଇବାରେ ନିଜକୁ ବଞ୍ଚିତ କରୁ ନଥିଲେ । ସେ ଥିଲେ ଜଣେ ଭାବବିହ୍ୱଳା ନାରୀ ସମର୍ଥକ । ମହିଳା ଅଧିକାର ସମ୍ପର୍କରେ ଅବଗତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ 'ମହିଳା ସେବା ମଣ୍ଡଳ' । ନାରୀମାନଙ୍କ ସମାବେଶ ପାଇଁ ଏକ ସଭାସ୍ଥାନ ମଧ୍ୟ ସେ ସ୍ଥିର କରିଥିଲେ, ଯାହା ୧୮୬୮ରେ ଅଛୁଆଁ ଜାତିକୁ ତାଙ୍କ କୂଅରୁ ପାଣି ବ୍ୟବହାର କରିବା ପାଇଁ ବ୍ୟବସ୍ଥା କରିଥିଲେ; ଯାହା ବିନା ପକ୍ଷପାତିତାରେ ଜାତିଧର୍ମ ନିର୍ବିଶେଷରେ ଚାଲିଥିଲା । ଏକ ସଭାରେ ଏପରି ବ୍ୟବସ୍ଥା ହୋଇଥିଲା ଯେ ସେହି ସଭାରେ ଯୋଗଦାନ କରିଥିବା ସମସ୍ତ ମହିଳା ବିଛା ଯାଇଥିବା ସମାନ ମସିଣାଗୁଡ଼ିକରେ ଏକତ୍ରିତ ହୋଇ ବସିଥିଲେ । ସେ ଥିଲେ ଜଣେ ଶିଶୁହତ୍ୟା ବିରୋଧୀ କର୍ମୀ ।

ସେ ମଧ୍ୟ ପରିତ୍ୟକ୍ତ ଶିଶୁ, ମହିଳା ତଥା ବିଧବାମାନଙ୍କ ପାଇଁ ଆଶ୍ରୟସ୍ଥଳ ଖୋଲିଥିଲେ, ଯାହାର ନାମ ଥିଲା – 'Home for the prevention of infanticide' । ଏଠାରେ ବ୍ରାହ୍ମଣ ବିଧବା ମହିଳାମାନେ ନିରାପଦରେ ଶିଶୁ ଜନ୍ମ ଓ ପାଳନ କରିପାରିବାର ବ୍ୟବସ୍ଥା ଥିଲା । ସେ ମଧ୍ୟ ବାଲ୍ୟ

ବିବାହ ପ୍ରଥାକୁ ଘୋର ବିରୋଧ କରୁଥିଲେ ଏବଂ ବିଧବା ବିବାହ ସପକ୍ଷରେ ମଧ୍ୟ ମତ ରଖୁଥିଲେ । ଏପରିକି କୋର୍ଟ ବିବାହକୁ ସହମତି ଦେଉଥିଲେ । ଉଭୟ ଦମ୍ପତି ସତୀଦାହ ପ୍ରଥାକୁ ଘୋର ବିରୋଧ କରୁଥିଲେ । ବି. ଆର୍. ଆମ୍ବେଦକର ଏବଂ ଆନାଭାଉ ସାଠେଙ୍କ ସହିତ ମିଶି ସେ ମଧ୍ୟ ଦଳିତଙ୍କ ପାଇଁ ବହୁ କାର୍ଯ୍ୟ ହାତକୁ ନେଇଥିଲେ ।

ତାଙ୍କର ନାରୀଶିକ୍ଷାର କାର୍ଯ୍ୟକୁ ଏବେ ବି ବହୁଳ ଭାବରେ ସମ୍ମାନର ସହ ଗ୍ରହଣ କରାଯାଏ । ଏପରିକି ତାଙ୍କର ସମ୍ମାନାର୍ଥେ ରାଜ୍ୟ ତଥା ଦେଶ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ୧୮୯୩ରେ 'ସତ୍ୟଶୋଧକ ସମାଜ ପରିଷଦ'ର ସେ ସଭାପତି ଭାବରେ ନିଯୁକ୍ତ ହୋଇଥିଲେ ।

ତାଙ୍କର ଅବର୍ତ୍ତମାନରେ ୧୯୮୩ ମସିହାରେ Pune City Corporation ସାବିତ୍ରୀବାଈଙ୍କ ନିମନ୍ତେ ଏକ ସ୍ମୃତିସ୍ତମ୍ଭ ସ୍ଥାପନ କରିଛନ୍ତି । ୧୯୯୮ ମସିହା ମାର୍ଚ୍ଚ ୧୦ ତାରିଖ ଦିନ ଭାରତ ସରକାର ତାଙ୍କ ଉପରେ ଏକ ଡାକଟିକଟ ଉନ୍ମୋଚନ କରିଛନ୍ତି । ତାଙ୍କ ଜନ୍ମଦିନ ଜାନୁଆରୀ ୩ ତାରିଖକୁ 'ବାଳିକା ଦିବସ' ଭାବରେ ସମଗ୍ର ମହାରାଷ୍ଟ୍ରରେ ପାଳନ କରାଯାଏ । ୨୦୧୫ ମସିହାରେ University of Puneର ନାମ ପରିବର୍ତ୍ତନ କରାଯାଇ Savitribai Phule Pune University ଭାବରେ ପୁନଃ ନାମିତ କରାଯାଇଛି । ୨୦୧୬ ମସିହାରେ DD Nationalରେ ତାଙ୍କ ଜୀବନୀ ଉପରେ ଆଧାରିତ ଏକ ଭାରତୀୟ ଟେଲିଭିଜନ ନାଟକ 'କ୍ରାନ୍ତିଜ୍ୟୋତି ସାବିତ୍ରୀବାଈ ଫୁଲେ' ପ୍ରସାରିତ ହୋଇଛି ।

୨୦୧୭ ମସିହା ଜାନୁଆରୀ ୩ ତାରିଖକୁ Google Doodle ସାବିତ୍ରୀ ବାଈଙ୍କର ୧୮୬ତମ ଜନ୍ମବାର୍ଷିକୀ ଭାବରେ ପାଳନ କରିଛି । ୨୦୧୮ରେ କନ୍ନଡ଼ (Kannada) ଭାଷାରେ 'ସାବିତ୍ରୀବାଈ ଫୁଲେ' ଏବଂ ୨୦୧୯-୨୦ରେ T.V. ମରାଠୀ ନାଟକ 'ସାବିତ୍ରୀ ଜ୍ୟୋତି' ସୋନି ଚାନେଲରେ ପ୍ରସାରିତ ହୋଇଛି ।

୨୦୨୨ ମସିହା ଫେବ୍ରୁଆରୀ ୧୪ ତାରିଖ ଦିନ ସାବିତ୍ରୀବାଈ ଫୁଲେ ପୁନେ ୟୁନିଭରସିଟିରେ ୧୨.୫ ଫୁଟ ଉଚ୍ଚତା ବିଶିଷ୍ଟ ବ୍ରୋଞ୍ଜ ନିର୍ମିତ ସାବ୍ରିତୀ ବାଈଙ୍କର ଏକ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଉଦ୍ଧବ ଠାକରେଙ୍କ ଉପସ୍ଥିତିରେ ମହାରାଷ୍ଟ୍ରର ରାଜ୍ୟପାଳ ଶ୍ରୀ ଭଗତ ସିଂ କୋଶିୟାରୀ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ ।

ଏହିପରି ଭାବରେ ସାବିତ୍ରୀବାଈ ଫୁଲେଙ୍କର ଜୀବନ ବ୍ୟାପୀ ସେବା, ସାଧନା ଓ ତ୍ୟାଗ ତାଙ୍କୁ ସମ୍ମାନର ଉଚ୍ଚତମ ଶିଖରରେ ଅଧିଷ୍ଠିତ କରି ପାରିଛି । ଏହି ମହାନ୍ ବ୍ୟକ୍ତିତ୍ୱଙ୍କୁ ଭାରତୀୟ ନାରୀମାନଙ୍କର କୋଟି କୋଟି ପ୍ରଣାମ ।

(ତଥ୍ୟସବୁ Internet ରୁ ସଂଗୃହୀତ ।) ❑

**ଅଗ୍ରଗତି ଲାଗି ପ୍ରୟାସ :**

ଯେତେବେଳେ ଆମେ ଫଳ ବିଷୟ ଚିନ୍ତାକରୁ, ସେତେବେଳେ ଆମର ଦର କଷାକଷି ଆରମ୍ଭ ହୋଇଯାଏ ଏବଂ ସେତେବେଳେ ଆମ ପ୍ରୟାସରୁ ସମସ୍ତ ନିଷ୍ଠା ଚାଲିଯାଏ । ତୁମେ ଅଗ୍ରଗତି କରିବାକୁ ପ୍ରୟାସ କରୁଛ ମାନେ ତୁମେ ତୁମ ହୃଦୟରେ ତା'ର ଆବଶ୍ୟକତା ଅନୁଭବ କରୁଛ, ପ୍ରୟାସ ଓ ଅଗ୍ରଗତି ପାଇଁ ଏକ ଅନିବାର୍ଯ୍ୟ ଆବଶ୍ୟକତା ଅନୁଭବ କରୁଛ; ଏବଂ ତୁମର ଏହି ପ୍ରୟାସଟି ହେଲା ତୁମ ଭିତରେ ଥିବା ଦିବ୍ୟଚେତନାଙ୍କୁ ଏକ ଉପହାର, ବିଶ୍ୱରେ ରହିଥିବା ଦିବ୍ୟଚେତନାଙ୍କୁ ମଧ୍ୟ ଏକ ଉପହାର । ଏହି ବାଟରେହିଁ ତୁମେ ତୁମର କୃତଜ୍ଞତା ପ୍ରକାଶ କରିଥାଅ, ନିଜକୁ ଅର୍ପଣ କରିଥାଅ; ଏବଂ ସେଇ ଅଗ୍ରଗତିରେ ତୁମେ କେତେଦୂର ଗତିକଲ, ତାହା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଯେତେବେଳେ ତୁମର ଅଗ୍ରଗତି ପାଇଁ ନିର୍ଦ୍ଧାରିତ ସମୟ ଆସିବ, ସେତେବେଳେ ତୁମେ ଅଗ୍ରଗତି କରିବ । କିନ୍ତୁ ତୁମେ ଚାହୁଁଚ ବୋଲି ଯେ ତୁମର ଅଗ୍ରଗତି ହୋଇଯିବ, ସେକଥା ଆଦୌ ନୁହେଁ । ... ...

— ଶ୍ରୀମା

# ସନାତନ ଧର୍ମ

## (୫)

## କୁମାର ଚନ୍ଦ୍ର ମିଶ୍ର

ଅମରକୋଷରେ କୁହାଯାଇଛି :

''ଆର୍ଯ୍ୟାବର୍ତ୍ତଃ ପୁଣ୍ୟଭୂମିର୍ମଧ୍ୟଂ ବିନ୍ଧ୍ୟାହିମାଗୟୋଃ''

(ଅମରକୋଷ, ଖଣ୍ଡ-୨)

ବିନ୍ଧ୍ୟାଞ୍ଚଳ ଓ ହିମାଳୟ ମଧ୍ୟସ୍ଥିତ ଅଞ୍ଚଳକୁ ଆର୍ଯ୍ୟାବର୍ତ୍ତ କୁହାଯାଏ । ଏଥିରେ ଉତ୍ତର ପଶ୍ଚିମ ଭାରତ, ଗାଙ୍ଗେୟ ସମତଳ ଅଞ୍ଚଳ ଓ ପୂର୍ବ ଦିଗର ବୃହତ୍ ମଗଧ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ । ଆର୍ଯ୍ୟମାନଙ୍କ ବାସଭୂମିକୁହିଁ ଆର୍ଯ୍ୟାବର୍ତ୍ତ କୁହାଯାଏ । ମନୁସ୍ମୃତିରେ ଏହି ପୁଣ୍ୟ ଭୂମିକୁ 'ବ୍ରହ୍ମାବର୍ତ୍ତ' ବୋଲି ମଧ୍ୟ ବର୍ଣ୍ଣନା କରାଯାଇଛି । ତତ୍ ସଙ୍ଗେ ସଙ୍ଗେ ଏଠାକାର ଅଧିବାସୀମାନଙ୍କଠାରୁ ନୀତି ଓ ଆଚରଣ ଶିକ୍ଷା କରିବା ଲାଗି ପରାମର୍ଶ ଦିଆଯାଇଛି । ଆର୍ଯ୍ୟମାନଙ୍କୁ ସମାଜରେ ସର୍ବୋତ୍କୃଷ୍ଟ, ମହାନ୍, ମାର୍ଜିତ ଓ ସମ୍ଭ୍ରାନ୍ତ ବ୍ୟକ୍ତି ରୂପେ ବିବେଚନା କରାଯାଏ । ଏମାନଙ୍କର ଭାଷା ଥିଲା ସଂସ୍କୃତ ଓ ଏମାନେ ଋଗ୍‌ବେଦର ପ୍ରଣେତା ବୋଲି କୁହାଯାଏ । ଉଭୟ ରାମାୟଣ ଓ ମହାଭାରତ ମହାକାବ୍ୟ ଦ୍ୱୟ ଏହି ଆର୍ଯ୍ୟଭୂମିର ଇତିହାସ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

କେଉଁମାନଙ୍କୁ ଆର୍ଯ୍ୟ କୁହାଯିବ ? : ଏହି ପ୍ରଶ୍ନର ଉତ୍ତରରେ ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି : ''Whoever makes that choice, whoever seeks to climb from level to level up the hill of the divine, fearing nothing, deterred by no retardation or defeat, shrinking from no vastness because it is too vast for his intelligence, no height because it is too high for his spirit, no greatness because it is too great for his force and courage, he is the Aryan, the divine fighter and victor, the noble man, *aristos*, best, the *srestha* of the Gita.''

(CWSA, Vol. 13, p. 442)

ଅର୍ଥାତ୍, ''ଯେକୌଣସି ବ୍ୟକ୍ତି ଏହାକୁ ପସନ୍ଦ କରୁ, ଯିଏ ବି ଦିବ୍ୟତାର ପାହାଡ଼କୁ ସୋପାନ ପରେ ସୋପାନ ଆରୋହଣ କରିବା ଲାଗି ଉଦ୍ୟମ କରୁଥାଉ, କିଛି ଭୟ ନକରି, ବିଳମ୍ବନ ବା ମନ୍ଥରଗତି ବା ପରାଜୟ ଯୋଗୁଁ ହତୋତ୍ସାହିତ ନହୋଇ, ଆପଣା ବୁଦ୍ଧି ଲାଗି ଅପହଞ୍ଚ ମନେ ହେଉଥିବା ବ୍ୟାପ୍ତି ବା ପ୍ରସାରତାଠାରୁ ସଙ୍କୁଚିତ ହୋଇ ଦୂରେଇ ନଯାଇ, କୌଣସି ଉଚ୍ଚତାକୁ ଆପଣା ଚେତନା ଲାଗି ଅତ୍ୟୁଚ୍ଚ ବୋଲି ନଭାବି, ଆପଣା ଶକ୍ତି ଓ ସାହସ ପାଇଁ କୌଣସି ମହାନତା ଅତିଶୟ ମହାନ୍ ବୋଲି ମନେ ନ କରୁଥିବା ବ୍ୟକ୍ତିହିଁ ଆର୍ଯ୍ୟ ପଦବାଚ୍ୟ ଅଟନ୍ତି । ସେ ବୀର ଦିବ୍ୟ ଯୋଦ୍ଧା, ବିଜେତା, କୁଳୀନ, ସମ୍ଭ୍ରାନ୍ତ, ସର୍ବୋତ୍ତମ, ଗୀତୋକ୍ତ ଶ୍ରେଷ୍ଠ ବ୍ୟକ୍ତି ଅଟନ୍ତି ।''

ଶ୍ରୀମଦ୍ ଭଗବଦ୍ ଗୀତାରେ କୁହାଯାଇଛି :

''ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ॥''

(୩/୨୧)

ଅର୍ଥାତ୍, ସମ୍ମାନନୀୟ ବ୍ୟକ୍ତି ଯେପରି ଆଚରଣ କରିଥା'ନ୍ତି, ସମଗ୍ର ସଂସାରର ସାଧାରଣ ଲୋକ ସେପରି ଆଚରଣକୁ ଅନୁସରଣ କରିଥା'ନ୍ତି । ତାଙ୍କରି ପଦାଙ୍କହିଁ ଅନୁସରଣ କରନ୍ତି । ଶ୍ରେଷ୍ଠ ବ୍ୟକ୍ତିଙ୍କ କର୍ମ ଓ ଆଚରଣକୁ ଜନସାଧାରଣ ଅନୁକରଣ କରିଥା'ନ୍ତି ।

ବ୍ୟାସଦେବ କହିଛନ୍ତି : ''ମହାଜନୋ ଯେନ ଗତଃ ସ ପନ୍ଥାଃ ...''

ଏପରି ମହାଜନ ଆର୍ଯ୍ୟମାନଙ୍କର ସ୍ୱଭାବ କ'ଣ ? ଉତ୍ତରରେ "Essays in Philosophy and Yoga" ପୁସ୍ତକରେ ଶ୍ରୀଅରବିନ୍ଦ ଆଲୋଚନା କରିଛନ୍ତି, ଯାହାର ମର୍ମାନୁବାଦ ନିମ୍ନମତେ :

''ଅନ୍ତର୍ନିହିତ ଅର୍ଥରେ, ତାହାର ଅତି ମୌଳିକ ଚିନ୍ତା ବା ବିଚାରରେ 'ଆର୍ଯ୍ୟ'ର ତାତ୍ପର୍ଯ୍ୟ ହେଲା ଏକ ପ୍ରୟାସ ବା ଏକ ଉର୍ଦ୍ଧ୍ୱାୟନ ବା ଏକ ଅତିକ୍ରମଣ । ଆର୍ଯ୍ୟ ଅଟେ ସିଏ, ଯିଏ

ତାହାର ଅନ୍ତରରେ ଓ ବାହାରେ ଯାହାକିଛି ଆପଣା ଅଗ୍ରଗତିରେ ବ୍ୟାଘାତ ବା ପ୍ରତିବନ୍ଧକ ସୃଷ୍ଟି କରେ ସେସବୁର ବିରୋଧରେ ସଂଗ୍ରାମ କରି ବିଜୟ ହାସଲ କରେ । ଆତ୍ମ-ବିଜୟ ହେଲା ତାହାର ସ୍ୱଭାବର ସର୍ବପ୍ରଥମ ବିଧାନ । ସେ ପାର୍ଥିବ ଜଗତକୁ ଓ ପାର୍ଥିବ ଶରୀରକୁ ଅତିକ୍ରମ କରିଯାଇପାରେ । ସେ ସାଧାରଣ ମଣିଷ ପରି ନୀରସତା, ନିର୍ବୋଧତା, ଅପାରଗତା, ପରିବର୍ତ୍ତନ ବିମୁଖତା, ତାମସିକତା, ମୃତତୁଲ୍ୟ ନିତ୍ୟ ନୈମିତ୍ତିକତାଜନିତ ସୀମିତତାଗୁଡ଼ିକୁ ପ୍ରଶ୍ରୟ ଦେଇ ନଥାଏ । ସେ ଜୀବନ ଓ ତା'ର ଶକ୍ତିସମୂହକୁ ନିୟନ୍ତ୍ରଣରେ ରଖିଥାଏ; ସେସବୁର ବୁଭୁକ୍ଷା ଓ ଲାଳସା ଦ୍ୱାରା ବଶୀଭୂତ ହୁଏ ନାହିଁ କି ସେସବୁର ରାଜସିକ ଉତ୍ତେଜନାର ଦାସତ୍ୱ ସ୍ୱୀକାର କରେ ନାହିଁ । ମନ ଓ ତାହାର ଅଭ୍ୟାସ ସକଳକୁ ବଶୀଭୂତ କରି ରଖିଥାଏ, ସେ ଅଜ୍ଞାନତାର ଏକ ନିରାପଦ ବଳୟ ମଧ୍ୟରେ, ବଂଶାନୁକ୍ରମିକ ଅନ୍ଧ ବିଶ୍ୱାସ ପ୍ରଥା, ପ୍ରୀତିଦାୟକ ମତାମତ ମଧ୍ୟରେ ଆବଦ୍ଧ ହୋଇ ରହି ନଥାଏ, ମାତ୍ର ସେ ଜାଣେ କିପରି ଅନ୍ୱେଷଣ କରିବାକୁ ହୁଏ, ପାଇବାକୁ ହୁଏ, ବୁଦ୍ଧିରେ ଉଦାର ଓ ନମନୀୟ ହେବାକୁ ହୁଏ, ଅଥଚ ସଙ୍କଳ୍ପରେ କିପରି ଦୃଢ଼ ଓ ସବଳ ରହି ହୁଏ, କିପରି ସକ୍ଷମ ହେବାକୁ ପଡ଼େ । କାରଣ ସେ ସବୁ କଥାରେ ସତ୍ୟ ଓ ଯଥାର୍ଥତା ଖୋଜିଥାଏ, ସେ ସବୁ ବିଷୟରେ ଉତ୍କର୍ଷ ଓ ସ୍ୱାଧୀନତା ଅନ୍ୱେଷଣ କରିଥାଏ ।

''ଆତ୍ମ-ପରିପୂର୍ଣ୍ଣତା ହେଲା ତା'ର ଆତ୍ମ-ବିଜୟର ଲକ୍ଷ୍ୟ । ତେଣୁ ସେ ଯାହା ଉପରେ ବିଜୟ ହାସଲ କରେ ସେସବୁକୁ ନଷ୍ଟ କରେ ନାହିଁ, ବରଂ ମହାନ୍ କରେ, ଚରିତାର୍ଥ କରେ । ସେ ଜାଣେ ଯେ ତା'କୁ ଶରୀର, ପ୍ରାଣ, ମନ ଦିଆଯାଇଛି, ସେମାନଙ୍କଠାରୁ ମହତ୍ତର ଓ ଉଚ୍ଚତର କିଛି ହାସଲ କରିବା ଲାଗି; ତେଣୁ ସେସବୁକୁ ଅତିକ୍ରମ କରିଯିବାକୁ ହେବ, ସେସବୁ ଉପରେ ବିଜୟ ହାସଲ କରିବାକୁ ହେବ, ସେସବୁର ସୀମିତତାଗୁଡ଼ିକୁ ଅସ୍ୱୀକାର କରିବାକୁ ପଡ଼ିବ ଓ ସେସବୁର ଆତ୍ମ-ତୃପ୍ତି ଓ ଆତ୍ମ-ପରିତର୍ପଣକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ । ସେ ଏହା ବି ଜାଣେ ଯେ ସଂସାରରେ ଏପରି ଏକ ପରମୋଚ୍ଚ ସତ୍ତା ଅଛନ୍ତି ଯିଏ ଅସ୍ପଷ୍ଟ ନୁହଁନ୍ତି, ସେ ଏଠାରେ କ୍ରମାଗତ ଅଭିବ୍ୟକ୍ତ ହୋଇ ଚାଲିଛନ୍ତି – ଏକ ଦିବ୍ୟ ସଂକଳ୍ପ, ଦିବ୍ୟ ଚେତନା, ଦିବ୍ୟ ପ୍ରେମ, ଦିବ୍ୟାନନ୍ଦ – ଯାହା ଅବତରି ଆସି ଢାଳି ହୋଇଯାଏ ସେହି ଆବିଷ୍କାରକର ନିମ୍ନତର ଜୀବନରେ ଓ ତାହାର ସମସ୍ତ ପରିବେଶରେ – ଯାହାସବୁ ଗ୍ରହଣ କରିବା ଲାଗି ସେ ସଦା ପ୍ରସ୍ତୁତ ଓ ସମର୍ଥ, ସେ ହୋଇଯାଏ ତାହାର ପରିଚାରକ, ପ୍ରେମିକ ଓ ଅନ୍ୱେଷୁ (seeker) । ଯେତେବେଳେ ସେସବୁ ସେ ପାଇଯାଏ – ସେହି କର୍ମ, ସେହି ପ୍ରେମ, ସେହି ଆନନ୍ଦ ଓ ସେହି ଜ୍ଞାନ ସକଳକୁ ମାନବ ସମାଜରେ ଢାଳି ଦିଏ ବା ବିତରଣ କରିଦିଏ । କାରଣ ଜଣେ ଆର୍ଯ୍ୟ ସର୍ବଦା ଜଣେ କର୍ମୀ ଓ ବୀର ଯୋଦ୍ଧା ହୋଇ ରହିଥାଏ । ସେ ସର୍ବୋତ୍ତମଙ୍କୁ ଆବିଷ୍କାର କରିବା ଲାଗି ବା ତାଙ୍କରି ସେବା କରିବା ଲାଗି କୌଣସି ଶାରୀରିକ ବା ମାନସିକ ଶ୍ରମକୁ ଅସ୍ୱୀକାର କରେ ନାହିଁ । ଯେତେ କଷ୍ଟସ୍ୱୀକାର କରି ଅଧ୍ୟବସାୟ କରିବା ଆବଶ୍ୟକ ହେଲେ ବି ସେ ସେହି ମହତ୍ ଅନ୍ୱେଷଣରୁ କଦାପି ଓହରିଯାଏ ନାହିଁ । ସେ କୌଣସି କଷ୍ଟ ବା ସମସ୍ୟାକୁ ଏଡ଼ାଇ ଦିଏ ନାହିଁ, କ୍ଳାନ୍ତିଜନିତ ବିରତିକୁ ସ୍ୱୀକୃତି ଦିଏ ନାହିଁ । ସର୍ବଦା ନିଜ ମଧ୍ୟରେ ଓ ଜଗତରେ ସେହି ଦିବ୍ୟ ସାମ୍ରାଜ୍ୟର ଆଗମନୀ ଲାଗି ସେ ସର୍ବଦା ସଂଗ୍ରାମରତ ।''

ଆର୍ଯ୍ୟର ଚରିତ୍ର, ସ୍ୱଭାବ, ଗୁଣଧର୍ମ ସମ୍ପର୍କରେ ଆଉ ଅଧିକ କିଛି କୁହାଯାଇ ନପାରେ । ମହାଯୋଗୀ ଶ୍ରୀଅରବିନ୍ଦ ଉପରୋକ୍ତ ବକ୍ତବ୍ୟରେ ଆର୍ଯ୍ୟର ମହାନତା, ବୀରତ୍ୱ, ଶୌର୍ଯ୍ୟ ଓ ବୀର୍ଯ୍ୟର ଏକ ପ୍ରାଞ୍ଜଳ ଅବତାରଣା ଉପସ୍ଥାପନ କରିଯାଇଛନ୍ତି ଓ ଯୁବଗୋଷ୍ଠୀକୁ ସେହି ଆର୍ଯ୍ୟ ଭାବନା ଓ ଆର୍ଯ୍ୟ ଚରିତ୍ରକୁ ପୁନରୁଦ୍ଧାର କରିବା ଲାଗି ଆହ୍ୱାନ କରିଛନ୍ତି । ତାଙ୍କର ବକ୍ତବ୍ୟ ହେଲା –

"We say to the individual and especially to the young who are now arising to do India's work, the world's work, God's work, "You cannot cherish these ideals, still less can you fulfil them if you subject your minds to European ideas or look at life from the material standpoint. Materially you are nothing, spiritually you are everything. It is only the Indian who can believe everything, dare everything, sacrifice everything. First therefore become Indians. Recover the patrimony of your forefathers. Recover the Aryan thought, the Aryan discipline, the Aryan character, the Aryan life. Recover the Vedanta, the Gita,

the Yoga. Recover them not only in intellect or sentiment but in your lives. Live them and you will be great and strong, mighty, invincible and fearless. Neither life nor death will have any terrors for you. Difficulty and impossibility will vanish from your vocabularies. For it is in the spirit that strength is eternal and you must win back the kingdom of yourselves, the inner Swaraj, before you can win back your outer empire. There the Mother dwells and She waits for worship that She may give strength. Believe in Her, serve Her, lose your wills in Hers, your egoism in the greater ego of the country, your separate selfishness in the service of humanity. Recover the source of all strength in yourselves and all else will be added to you, social soundness, intellectual preeminence, political freedom, the mastery of human thought, the hegemony of the world." (CWSA Vol. 8. p. 27-28)

ଅର୍ଥାତ୍ : ''ଆମେ ବ୍ୟକ୍ତିମାନଙ୍କୁ ବିଶେଷତଃ ଯୁବଗୋଷ୍ଠୀକୁ କହିବାକୁ ଚାହୁଁ – ତୁମେ ଯେଉଁମାନେ ଭାରତ ପାଇଁ, ଜଗତ୍ ପାଇଁ, ଭଗବାନଙ୍କ ପାଇଁ କାର୍ଯ୍ୟ କରିବା ଲାଗି ଅଣ୍ଟାଭିଡ଼ି ପ୍ରସ୍ତୁତ ହେଉଛ – ତୁମର ମନ ଯଦି ୟୁରୋପୀୟ ଭାବନା ଦ୍ୱାରା ପ୍ରଭାବିତ ହୋଇ ରହିଥିବ କିଂବା ଜୀବନକୁ ଜଡ଼ସର୍ବସ୍ୱ ଦୃଷ୍ଟିରେ ଦେଖୁଥିବ ତେବେ ତୁମେ ଆଦର କରୁଥିବା ଆଦର୍ଶଗୁଡ଼ିକୁ ଚରିତାର୍ଥ କରିବା ଦୂରେ ଥାଉ, ସେଗୁଡ଼ିକୁ ଚିନ୍ତା ବି କରିପାରିବ ନାହିଁ । ସ୍ଥୂଳ ଜଡ଼ ଦୃଷ୍ଟିରୁ ତୁମେ କିଛି ବି ନୁହଁ, କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିରୁ ତୁମେ ସବୁକିଛି । କେବଳ ଜଣେ ଭାରତୀୟହିଁ ସବୁକିଛିକୁ ବିଶ୍ୱାସ କରିପାରେ, ସବୁକିଛିକୁ ପ୍ରୟାସ କରିପାରେ, ସବୁକିଛି ଦେଇ ଦେଇପାରେ । ତେଣୁ ସର୍ବପ୍ରଥମେ ଭାରତୀୟ ହୁଅ । ତୁମ ପୂର୍ବପୁରୁଷଙ୍କର ପୈତୃକ ସମ୍ପତ୍ତିକୁ ପୁନରୁଦ୍ଧାର କର । ବେଦାନ୍ତ, ଗୀତା, ଯୋଗକୁ ପୁନଃ ଉଦ୍ଧାର କର । ଆର୍ଯ୍ୟର ଚିନ୍ତାଚେତନାକୁ, ଆର୍ଯ୍ୟ ଶୃଙ୍ଖଳାକୁ, ଆର୍ଯ୍ୟ ଚରିତ୍ରକୁ, ଆର୍ଯ୍ୟ ଜୀବନକୁ ପୁନଃ ଉଦ୍ଧାର କର । କେବଳ ମନରେ ବା ଭାବନାରେ ନୁହେଁ, କିନ୍ତୁ ତୁମ ଜୀବନରେ । ତାହାକୁ ଜୀବନରେ ପ୍ରୟୋଗ କର, ତେବେ ତୁମେ ମହାନ୍, ସବଳ, ଶକ୍ତିଶାଳୀ, ଅପରାଜେୟ ଓ ନିର୍ଭୀକ ହୋଇପାରିବ । ଜୀବନ କିଂବା ମୃତ୍ୟୁ ତୁମ ଲାଗି ଭୟର କାରଣ ହୋଇ ରହିବ ନାହିଁ । ତୁମର ଅଭିଧାନରୁ ଅସୁବିଧା ଓ ଅସମ୍ଭବ ପରି ପଦଗୁଡ଼ିକ ବିଲୁପ୍ତ ହୋଇଯିବ । କାରଣ ଚେତନାରେହିଁ ରହିଛି ଶାଶ୍ୱତ ଶକ୍ତି ଓ ତୁମେ ବାହ୍ୟ ସାମ୍ରାଜ୍ୟକୁ ଜୟ କରିବା ପୂର୍ବରୁ ଆପଣାର ଆନ୍ତର ସାମ୍ରାଜ୍ୟକୁ ପୁନଃ ଜୟ କରିବାକୁ ହେବ । ସେଠାରେ ଦିବ୍ୟଜନନୀ ବାସ କରନ୍ତି ଓ ସେ ପୂଜାର୍ଚ୍ଚନା ଲାଗି ଅପେକ୍ଷାରତ ଯଦ୍ୱାରା ସେ ଶକ୍ତି ପ୍ରଦାନ କରିପାରିବେ । ତାଙ୍କୁ ବିଶ୍ୱାସ କର, ତାଙ୍କରି ସେବା କର, ତାଙ୍କରି ସଙ୍କଳ୍ପରେ ତୁମର ସଙ୍କଳ୍ପକୁ ହଜେଇ ଦିଅ; ତୁମର ଅହଂଟିକୁ ଜାତିର ବୃହତ୍ ଅହଂ ମଧ୍ୟରେ ବିଲୋପ କରିଦିଅ; ତୁମର ଅଲଗା ସ୍ୱାର୍ଥଟିକୁ ମାନବ ସମାଜର ସେବା ମଧ୍ୟରେ ବିଲୀନ କରିଦିଅ । ତୁମ ଭିତରେ ଯାବତୀୟ ଶକ୍ତିର ମୂଳଉତ୍ସକୁ ଆବିଷ୍କାର କର ଓ ଅନ୍ୟ ସବୁକିଛି ତୁମକୁ ଦେଇ ଦିଆଯିବ, ସାମାଜିକ ସୁଦୃଢ଼ତା, ବୌଦ୍ଧିକ ଉତ୍କର୍ଷ, ରାଜନୈତିକ ସ୍ୱାଧୀନତା, ମାନବୀୟ ଚିନ୍ତା ଉପରେ ନିୟନ୍ତ୍ରଣ ଓ ପୃଥିବୀର ଆଧିପତ୍ୟ ତୁମର ଅଧିଗତ ହୋଇ ରହିବ ।''

**କେବଳ ଚେତନାହିଁ ପରିତ୍ରାଣର ପଥ :**

ପୁନଶ୍ଚ 'କର୍ମଯୋଗିନ୍'ରେ ଆଲୋଚନା କରି ଶ୍ରୀଅରବିନ୍ଦ ଦର୍ଶାଇଛନ୍ତି ଯେ, ''ଆମ ସାମାଜିକ ସଙ୍ଗଠନର ପରିବର୍ତ୍ତନ କରି ୟୁରୋପର ହନୁକରଣ ଦ୍ୱାରା ସମାଜର ନବୀକରଣରେ ଆମେ ବିଶ୍ୱାସ କରୁ ନାହୁଁ । ବିଧବା ବିବାହ, ଜାତିପ୍ରଥା ବଦଳରେ ଶ୍ରେଣୀପ୍ରଥାର ପ୍ରଚଳନ, ପ୍ରୌଢ଼ ବିବାହ, ବାଲ୍ୟ ବିବାହର ଉଚ୍ଛେଦ, ଅସବର୍ଣ୍ଣ ବିବାହ, ସାମୂହିକ ଭୋଜନ ପରି ସମାଜ ସଂସ୍କାରକମାନଙ୍କର ଅବ୍ୟର୍ଥ ଜଡ଼ିବୁଟି ସମାଜରେ ଯାନ୍ତ୍ରିକ ପରିବର୍ତ୍ତନ ଆଣିପାରେ, ସେସବୁର ପ୍ରାସଙ୍ଗିକତା ବା ଅପ୍ରାସଙ୍ଗିକତା, ଭଲ ଓ ମନ୍ଦ ଯାହା ଥାଉନା କାହିଁକି, ସେସବୁ ଦ୍ୱାରା ଜାତିର ଆତ୍ମା ଜାଗ୍ରତ ଓ ଜୀବନ୍ତ ହୋଇପାରିବ ନାହିଁ କିଂବା ତାହାର ଅବନତି ଓ ଅବକ୍ଷୟକୁ ରୋକିପାରିବ ନାହିଁ । କେବଳ ଚେତନାହିଁ ଉଦ୍ଧାର କରିପାରିବ । କେବଳ ହୃଦୟଟି ମହାନ୍, ଉଦାର ଓ ମୁକ୍ତ ହେବା ଦ୍ୱାରା ଆମେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ମହାନ୍ ଓ ମୁକ୍ତ ହୋଇ ପାରିବା । ୟୁରୋପରୁ ଆମଦାନୀ କରାଯାଇଥିବା ସଂକୀର୍ଣ୍ଣ ଓ ନିମ୍ନମାନର

ଧାରଣାରେ ସୀମାବଦ୍ଧ ଗୁଡ଼ାଏ ସଂପ୍ରଦାୟକୁ ବହୁଗୁଣିତ କରିଦେବା ଦ୍ୱାରା କିଂବା ହିନ୍ଦୁଧର୍ମର କେବଳ ବାହ୍ୟ ସ୍ଥୂଳ ରୂପକୁ ଚିରସ୍ଥାୟୀ କରିବା ଦ୍ୱାରା ଆମ ଆଧ୍ୟାତ୍ମିକତାର ସ୍ୱାସ୍ଥ୍ୟ, ଶକ୍ତି ଓ ମହାନତା ବୃଦ୍ଧି କରିଦେଇ ପାରିବା ନାହିଁ । ମୁକ୍ତ ଭାବନା ଓ ଜଡ଼ବାଦର ଅପରିହାର୍ଯ୍ୟ ଜିଜ୍ଞାସାରୁ ଧାର୍ମିକ ଭାବନାର ଏକ ନୂତନ ସମନ୍ୱୟ ଓ ଅନୁଭୂତି ମଧ୍ୟଦେଇ ପାର୍ଥିବ ଜଗତ୍ ଗତିକରୁଛି । ଅସହିଷ୍ଣୁତାରୁ ମୁକ୍ତ ଅଥଚ ଶ୍ରଦ୍ଧା, ବିଶ୍ୱାସ, ଉତ୍ସାହ ଉଦ୍ଦୀପନାଯୁକ୍ତ ଏକ ନୂତନ ଧାର୍ମିକ ପାର୍ଥିବ ଜୀବନ ଦିଗରେ ପୃଥିବୀ ଗତିକରୁଛି – ସମସ୍ତ ଧର୍ମର ସ୍ୱରୂପକୁ ନିଜର କରିପାରୁଛି, କାରଣ ତାହାର ସେହି 'ପରମ ଏକ'ଙ୍କ ଉପରେ ଅଟଳ ବିଶ୍ୱାସ ରହିଛି । ଯେଉଁ ଧର୍ମ ବିଜ୍ଞାନ, ଆସ୍ତିକତା, ଖ୍ରୀଷ୍ଟଧର୍ମ, ଇସଲାମ ଓ ବୌଦ୍ଧଧର୍ମକୁ ନିଜର କରି ରଖିଛି, ଅଥଚ ଏଥିରୁ କୌଣସିଟି ସେ ନୁହେଁ – ଏପରି ଏକ ଲକ୍ଷ୍ୟ ନେଇ ବିଶ୍ୱ-ଧର୍ମ ପରିଚାଳିତ ହେଉଛି । ଆମ କ୍ଷେତ୍ରରେ ଯାହା ଅତିଶୟ ସଂଶୟପୂର୍ଣ୍ଣ ଓ ତତ୍‌ସହ ଅତିଦୃଢ଼ ବିଶ୍ୱାସ ବି ସ୍ଥାପନ କରିଥାଏ – ଏହା ସଂଶୟଭରା କାରଣ, ଏହା ସବୁ ବିଷୟରେ ବହୁ ପ୍ରଶ୍ନ ଉତ୍ଥାପନ କରିଛି, ଏହା ବହୁ ପରୀକ୍ଷା ନିରୀକ୍ଷା କରିଛି, ଏହା ଅତି ଦୃଢ଼ ବିଶ୍ୱାସ ବି ସ୍ଥାପନ କରିଥାଏ, କାରଣ ଏହାର ଅତି ବ୍ୟାପକ, ଗଭୀର ଅନୁଭୂତି ରହିଛି ଏବଂ ଅସଂଖ୍ୟ ଓ ବହୁବିଧ ସକାରାତ୍ମକ ଆଧ୍ୟାତ୍ମିକ ଜ୍ଞାନ ରହିଛି । ଉଦାର ହିନ୍ଦୁଧର୍ମ – ଯାହା ଏକ ସିଦ୍ଧାନ୍ତ ନୁହେଁ ବା ସିଦ୍ଧାନ୍ତ ସମୂହର ଏକ ମିଶ୍ରଣ ନୁହେଁ, ମାତ୍ର ଜୀବନର ଏକ ବିଧାନ, ଯାହା ସମାଜର ଏକ ଆଧାର ନୁହେଁ – ବରଂ ଅତୀତର ଓ ଆଗାମୀ ଦିନର ସାମାଜିକ ବିବର୍ତ୍ତନର ଏକ ଚେତନା, ଯାହା କୌଣସି କିଛିକୁ ପ୍ରତ୍ୟାଖ୍ୟାନ କରେ ନାହିଁ ବା ଅଗ୍ରାହ୍ୟ କରେ ନାହିଁ, ମାତ୍ର ସବୁକିଛିକୁ ପରୀକ୍ଷା କରିବା ଲାଗି, ଅନୁଭୂତିରେ ଆଣିବା ଲାଗି ଅଡ଼ି ବସେ ଓ ସବୁକିଛିକୁ ପରୀକ୍ଷା କଲାପରେ ସେସବୁକୁ ଆତ୍ମାର ଉପଯୋଗୀ କରିଥାଏ – ଏପରି ହିନ୍ଦୁ ଧର୍ମରେ ଆମେ ଭବିଷ୍ୟତ୍ ବିଶ୍ୱ-ଧର୍ମର ମୂଳଭିତ୍ତି ଆବିଷ୍କାର କରୁ । ଏହି ସନାତନ ଧର୍ମର ରହିଛି ଅନେକ ଶାସ୍ତ୍ର – ବେଦ, ବେଦାନ୍ତ, ଗୀତା, ଉପନିଷଦ୍, ଦର୍ଶନ, ପୁରାଣ, ତନ୍ତ୍ର, ଏସବୁ ସମେତ ସେ ବାଇବେଲ ଓ କୋରାନକୁ ପ୍ରତ୍ୟାଖ୍ୟାନ କରେ ନାହିଁ । ତେବେ ତାହାର ଯଥାର୍ଥ ପ୍ରାମାଣିକ ଶାସ୍ତ୍ର ରହିଛି ହୃତ୍‌କେନ୍ଦ୍ରରେ ଯେଉଁଠି ସେହି 'ପରମ ଶାଶ୍ୱତ' ବସବାସ କରନ୍ତି । ଆମର ଆନ୍ତର ଆଧ୍ୟାତ୍ମିକ ଅନୁଭୂତିରେ ବିଶ୍ୱ ଧର୍ମଶାସ୍ତ୍ରସମୂହର ମୂଳ ଉତ୍ସ ଓ ପ୍ରାମାଣିକତା ପାଇ ପାରିବା; ଜ୍ଞାନର ନିୟମ, ପ୍ରେମ, ଆଚରଣ ଓ କର୍ମଯୋଗର ଭିତ୍ତି ଓ ପ୍ରେରଣା ଆବିଷ୍କାର କରିପାରିବା ।''

**ଆମ ସମ୍ମୁଖରେ ଥିବା ଲକ୍ଷ୍ୟ ଓ କର୍ତ୍ତବ୍ୟ :**

ଶ୍ରୀଅରବିନ୍ଦ ଭାରତୀୟମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି :

''ମାନବ ସମାଜ ଲାଗି ଭାରତର ନିର୍ମାଣ କାର୍ଯ୍ୟରେ ସହାୟକ ହେବା ଆମର ଲକ୍ଷ୍ୟ ହୋଇ ରହିବ । ଏହାହିଁ ଜାତୀୟବାଦର ଆଦର୍ଶ ଯାହାକୁ ଆମେ ଗ୍ରହଣ କରିଛୁ ଓ ଅନୁସରଣ କରୁଛୁ । ଆମେ ମାନବ ସମାଜକୁ କହିପାରିବା : 'ସମୟ ଆସିଯାଇଛି, ଯେତେବେଳେ ତୁମକୁ ଏକ ବିଶାଳ ଅଗ୍ର ପଦକ୍ଷେପ ନେବାକୁ ହେବ ଓ ଜଡ଼ସର୍ବସ୍ୱ ଜୀବନରୁ ଉତ୍ଥିତ ହୋଇ ଏକ ଉଚ୍ଚତର ଓ ବ୍ୟାପକତର ଜୀବନ ଅଭିମୁଖେ ଆଗେଇବାକୁ ହେବ ଯେଉଁ ଦିଗରେ ମାନବ ସମାଜ ଆଗଉଛି । ଆନ୍ତର ସାମ୍ରାଜ୍ୟ ଉପରେ ବିଜୟ ହାସଲ କରିବା ଦ୍ୱାରାହିଁ ସମାଜକୁ ବିବ୍ରତ କରୁଥିବା ମାନବୀୟ ସମସ୍ୟାଗୁଡ଼ିକର ସମାଧାନ କରାଯାଇପାରେ । ବିଶ୍ୱପ୍ରକୃତିର ଶକ୍ତିଗୁଡ଼ିକୁ ନିୟନ୍ତ୍ରଣ କରି ସେଗୁଡ଼ିକୁ ଆରାମ ଓ ବିଳାସବ୍ୟସନ ଲାଗି ବିନିଯୋଗ କରିବା ଦ୍ୱାରା ନୁହେଁ, ବରଂ ବୁଦ୍ଧି ଓ ଚେତନାର ଶକ୍ତି ସାମର୍ଥ୍ୟଗୁଡ଼ିକ ଉପରେ ଆଧିପତ୍ୟ ସ୍ଥାପନ କରିବା ଦ୍ୱାରାହିଁ ତାହା ସମ୍ଭବ ହୋଇପାରେ । ଆନ୍ତର ଓ ବାହ୍ୟ ସାମ୍ରାଜ୍ୟରେ ମଣିଷର ସ୍ୱାଧୀନତା ପ୍ରତିପାଦନ କରିବା, ବାହ୍ୟ ବିଶ୍ୱପ୍ରକୃତି ଉପରେ ଆନ୍ତର ସତ୍ତା ଦ୍ୱାରା ବିଜୟ ହାସଲ କରିବା ଦ୍ୱାରା ତାହା ସମ୍ଭବ ହୋଇପାରେ । ସେଥିଲାଗି ଏସିଆ ମହାଦେଶର ଉତ୍ଥାନ ଅପରିହାର୍ଯ୍ୟ । ତେଣୁ ଏସିଆ ଉତ୍ଥିତ ହେଉଛି । ସେହି କାର୍ଯ୍ୟ ଲାଗି ଭାରତର ସ୍ୱାଧୀନତା ଓ ମହାନତା ପ୍ରୟୋଜନ । ସେଥିଲାଗି ସେ ତାହାର ନିୟତିନିର୍ଦ୍ଦିଷ୍ଟ ସ୍ୱାଧୀନତା ଓ ମହାନତା ଦାବି କରୁଛି ଓ ଇଂଲଣ୍ଡ ସମେତ ସମଗ୍ର ମାନବ ସମାଜର ସ୍ୱାର୍ଥ ଲାଗି ସେ ତା'ର ଦାବି ଦୃଢ଼ଭାବେ ଉପସ୍ଥାପନ କରିବା ଅତ୍ୟାବଶ୍ୟକ ।'

''ଆମେ ଜାତିକୁ କହୁ : ଭଗବାନଙ୍କ ସଂକଳ୍ପ ହେଲା, ଆମେ ପ୍ରକୃତରେ ଯାହା ତାହାହିଁ ହୋଇ ଉଠିବା, ୟୁରୋପ କିଂବା ଇଂଲଣ୍ଡ ପରି ନୁହେଁ । ଆମେ ଆପଣାର ସତ୍ତା ପରିବର୍ତ୍ତେ ଅନ୍ୟ ଏକ ସତ୍ତାର ବିଧାନକୁ ଅନୁସରଣ କରି ଆମ ଜୀବନକୁ ପୁନର୍ଗଠିତ କରିବା ଲାଗି ପ୍ରୟାସ କଲୁ । ଆମକୁ ସେଥିରୁ ନିବୃତ୍ତ

ହେବାକୁ ପଡ଼ିବ ଓ ଆମ ଅନ୍ତରରେହିଁ ଜୀବନର ମୂଳଉତ୍ସ ଶକ୍ତିକୁ ଅନ୍ୱେଷଣ କରିବାକୁ ହେବ । ଆମ ଅତୀତକୁ ଜାଣିବାକୁ ହେବ ଓ ଭବିଷ୍ୟତ୍ ନିମିତ୍ତ ତାକୁ ପୁନର୍ଗଠିତ କରିବାକୁ ହେବ । ଆମର କର୍ତ୍ତବ୍ୟ ହେଲା ଆମେ ପ୍ରଥମେ ନିଜକୁ ଆବିଷ୍କାର କରିବା ଓ ଭାରତର ଶାଶ୍ୱତ ଜୀବନ ଓ ସ୍ୱଭାବର ବିଧାନ ଅନୁଯାୟୀ ସବୁକିଛିର ରୂପରେଖ ନିର୍ଦ୍ଧାରଣ କରିବା । ତେଣୁ 'କର୍ମଯୋଗିନ୍'ର ଲକ୍ଷ୍ୟ ହେବ – ଆମେ ଆମ ଧର୍ମର ହୃତ୍‌କେନ୍ଦ୍ରକୁ ଅଧ୍ୟୟନ କରିବା – ଆମ ସମାଜ, ଆମ ଦର୍ଶନ, ରାଜନୀତି, ସାହିତ୍ୟ, କଳା, ନ୍ୟାୟଶାସ୍ତ୍ର, ବିଜ୍ଞାନ, ବିଚାର, ଚିନ୍ତନ ସବୁକିଛି ଯାହା ଆମର ନିଜସ୍ୱ,– ତଦ୍ୱାରା ଆମେ ଆପଣାକୁ ଓ ଦେଶକୁ କହିପାରିବା : ''ଏହା ହେଉଛି ଆମର ଧର୍ମ । ଭାରତୀୟ ଚିନ୍ତା-ଚେତନା ଓ ଜ୍ଞାନ ଦୃଷ୍ଟିରେ ଆମ ୟୁରୋପୀୟ ସଭ୍ୟତାକୁ ତର୍ଜମା କରିବା ଓ ଆମ ଉପରୁ ପାଶ୍ଚାତ୍ୟର ଯାବତୀୟ ପ୍ରଭାବଶାଳୀ ଛାପଗୁଡ଼ିକୁ ନିର୍ଶ୍ଚିହ୍ନ କରିଦେବା, ଆମେ ଯାହାକିଛି ପାଶ୍ଚାତ୍ୟରୁ ଗ୍ରହଣ କରିବା କଥା ତାହା ଜଣେ ଭାରତୀୟ ରୂପେ ଗ୍ରହଣ କରିବା ଏବଂ ଥରେ ଏହି ଧର୍ମ ଆବିଷ୍କୃତ ହେଲା ପରେ (ଆମେ ତାହା ଆଚରଣ କରିବା ଲାଗି) ଆମର ବ୍ୟକ୍ତିଗତ ଜୀବନରେ, ଆମ ସାମାଜିକ ଜୀବନରେ ଓ ଆମର ରାଜନୈତିକ ପ୍ରୟାସଗୁଡ଼ିକରେ ଆମେ ସେଗୁଡ଼ିକୁ ପ୍ରୟୋଗ କରିବା ଲାଗି ସବୁମନ୍ତେ ପ୍ରୟାସ ଜାରି ରଖିବା ।''

(୧୯ ଜୁନ୍, ୧୯୦୯, 'କର୍ମଯୋଗିନ୍' ସାପ୍ତାହିକ ପତ୍ରିକା ଦ୍ରଷ୍ଟବ୍ୟ)

**ଭାରତର ବାର୍ତ୍ତାତ୍ରୟ :**

''ଏଠାରେ ସଂକ୍ଷିପ୍ତରେ ଭାରତର ତିନୋଟି ବାଣୀ ଉପସ୍ଥାପନ କରିବା, ଯାହା – ମନସ୍ତାତ୍ତ୍ୱିକ, ଆଧ୍ୟାତ୍ମିକ ଓ ନୈତିକ । ଭାରତ ମଣିଷ ଭିତରେ ଓ ବାହାରେ ରହିଥିବା ଏକ ମନସ୍ତାତ୍ତ୍ୱିକ ଜଗତ୍ ଉପରେ ବିଶ୍ୱାସ ସ୍ଥାପନ କରେ ଓ ତାହାର ଚାବିକାଠିର ସେ ଅଧିକାରୀ – ଯାହା ଯାବତୀୟ ଉପାଦାନର ବା ସବୁକିଛିର ଭିତ୍ତି ଓ ମୂଳଉତ୍ସ । ଏହାକୁ ୟୁରୋପ ଅତି ଅସ୍ପଷ୍ଟରୂପେ ଆବିଷ୍କାର କରିବା ଆରମ୍ଭ କରିଛି ମାତ୍ର, ସେ ଦ୍ୱାରଦେଶର ପରପାରରେ ଥିବା ଜଗତର କିଛି ଝଲକ ଦେଖିପାରିଛି ଓ ତା'ର ହସ୍ତ ଚାବିକାଠିଟିକୁ ପାଇବା ଲାଗି ଇତସ୍ତତଃ ଖୋଜି ବୁଲୁଛି । କିନ୍ତୁ ଏଯାଏ ପାଇପାରି ନାହିଁ । ଅମରତ୍ୱ ପ୍ରମାଣିତ ଓ ସ୍ୱୀକୃତ ହୋଇ ପାରିଲେ ଭଗବାନଙ୍କୁ ବିଶ୍ୱାସ କରିବା ସହଜତର ହୋଇପାରିବ ।

ଆଧ୍ୟାତ୍ମିକ ବାଣୀଟି ହେଲା : ବିଶ୍ୱଆତ୍ମା ଏକ ଓ ଆମର ଆତ୍ମାଗୁଡ଼ିକ ପରସ୍ପରର ଭ୍ରାତୃତୁଲ୍ୟ, ସେମାନେ କେବଳ ଉପାଦାନରେ ଓ ଗୁଣଧର୍ମରେ ଏକ ନୁହଁନ୍ତି ବରଂ ବଞ୍ଚିଥା'ନ୍ତି ଓ ଆଗେଇଥା'ନ୍ତି ଏକ ଅତ୍ୟାବଶ୍ୟକ ଏକତ୍ୱ ଦିଗରେ । ଏଥିରୁ ଜଣାଯାଏ ଯେ ଦିବ୍ୟପ୍ରେମ ହେଉଛି ସର୍ବୋଚ୍ଚ ବିଧାନ ଓ ସେ ଦିଗରେହିଁ ବିବର୍ତ୍ତନ ଆଗେଇ ଚାଲିବା ଉଚିତ । ସୁଖ, ଉଲ୍ଲାସ, ଆନନ୍ଦ ହେଲା ଲୀଳାର ଲକ୍ଷ୍ୟ ଓ ପ୍ରେମର ପରିତର୍ପଣ ହେଲା ସର୍ବୋଚ୍ଚ ଆନନ୍ଦ ଓ ଉଲ୍ଲାସ । ତେଣୁ ଆତ୍ମଦାନ ବା ଆତ୍ମ-ଉତ୍ସର୍ଗ ହେଲା ସର୍ବୋଚ୍ଚ ବିଧାନ । ଗୀତା କହେ ଆତ୍ମଦାନ ବା ଯଜ୍ଞ ହେଲା ସେହି ବିଧାନ ଯଦ୍ୱାରା ସୃଷ୍ଟିକର୍ତ୍ତା ପ୍ରାରମ୍ଭରେ ଜଗତକୁ ଶୃଙ୍ଖଳିତ ଓ ନିୟନ୍ତ୍ରିତ କରିଛନ୍ତି – ଯାବତୀୟ ନୈତିକତା ଓ ଯାବତୀୟ ଆଚରଣ ଓ ସମଗ୍ର ଜୀବନ ହେଲା ସଚେତନ ବା ଅଚେତନ ଭାବରେ ଏକ ଯଜ୍ଞ (Sacrifice) ବା ଆତ୍ମଦାନ । ଯାବତୀୟ ନୈତିକ ଜ୍ଞାନର ପ୍ରାରମ୍ଭ ହେଲା ଏହାକୁ ଉପଲବ୍ଧି କରି ଆପଣା ବ୍ୟକ୍ତିଗତ କାମନା ବାସନାଗୁଡ଼ିକୁ ଉତ୍ସର୍ଗ କରିବା । ଏକ ନିମ୍ନତର ବା ଅର୍ଦ୍ଧ-ପାଶବିକ ନୈତିକତା ହେଲା କିଛି ପାଇବା ଲାଗି ଦାନ କରିବା ଓ ଏ କ୍ଷେତ୍ରରେ ସ୍ୱାର୍ଥପରତାହିଁ ନୈତିକତାର ଭିତ୍ତିଭୂମି ହୋଇ ରହିଥାଏ । ଆପଣାର କ୍ଷୁଦ୍ର ବ୍ୟକ୍ତିଗତ ଆତ୍ମାଟିକୁ ବଳିଦେଇ, ଅନ୍ୟମାନଙ୍କ ମଧ୍ୟରେ, ଦେଶରେ, ଜାତିରେ, ମାନବ ସମାଜରେ, ଭଗବାନଙ୍କଠାରେ ବୃହତ୍ତର ଆତ୍ମାଟିକୁ ଆବିଷ୍କାର କରିବା – ଏହା ହେଲା ବେଦାନ୍ତର ବିଧାନ । ଏହା ହେଉଛି ଭାରତର ବାର୍ତ୍ତା । ସେ ତାହାକୁ ପ୍ରଚାର କରିଦେଇ ସନ୍ତୁଷ୍ଟ ହୋଇ ରହିଗଲେ ଚଳିବ ନାହିଁ । ସେ ସ୍ୱୟଂ ଉତ୍ଥିତ ହୋଇ ସମଗ୍ର ଜଗତ୍ ବା ବିଶ୍ୱ ସମ୍ମୁଖରେ ତାହାକୁ ନେଇ ବଞ୍ଚିବାକୁ ହେବ, ଯଦ୍ୱାରା ଉଭୟ ମଣିଷମାନଙ୍କ ନିମିତ୍ତ ଓ ଦେଶମାନଙ୍କ ନିମିତ୍ତ ତାହା ଆଚରଣର ଏକ ବାସ୍ତବ ବିଧାନ ରୂପେ ପ୍ରମାଣିତ ହେବ ।''

– ଶ୍ରୀଅରବିନ୍ଦ

(୨୬ ଜୁନ୍, ୧୯୦୯, କର୍ମଯୋଗିନ୍ ସାପ୍ତାହିକ ପତ୍ରିକା ଦ୍ରଷ୍ଟବ୍ୟ)

**ଧର୍ମ କିଛି ନୁହେଁ ଯଦି ତାହା ଜୀବନରେ ଆଚରିତ ନ ହୁଏ :**

''ଯେଉଁ କାର୍ଯ୍ୟଟିକୁ ଆମେ ଗ୍ରହଣ କରି ନେଇଛୁ ତାହା ଯାନ୍ତ୍ରିକ ନୁହେଁ ବରଂ ନୈତିକ ଓ ଆଧ୍ୟାତ୍ମିକ । କୌଣସି ଶାସନ ବା ସରକାରର ରୂପରେଖ ପରିବର୍ତ୍ତନ କରିବା ଆମର ଲକ୍ଷ୍ୟ

ନୁହେଁ,– ଗୋଟିଏ ଜାତି ବା ଦେଶକୁ ଗଢ଼ିବା ହେଲା ଆମର ଲକ୍ଷ୍ୟ । ସେହି ଯୋଜନାରେ ରାଜନୀତି ହେଲା ଗୋଟିଏ ବିଭାବ ମାତ୍ର । କେବଳ ରାଜନୀତି କିଂବା ସାମାଜିକ ସମସ୍ୟା, କିଂବା ଧର୍ମ ବିଶ୍ୱାସ ବା ଦର୍ଶନ ବା ସାହିତ୍ୟ କିଂବା ବିଜ୍ଞାନକୁ ଆମେ ଅଲଗା ଅଲଗା ବିଚାର କରିବା ନାହିଁ, ବରଂ ଗୋଟିଏ ସବୁଠୁ ଗୁରୁତ୍ୱପୂର୍ଣ୍ଣ ମୌଳିକ ଆଧାରର ଅନ୍ତର୍ଭୁକ୍ତ କରିବା – *ଧର୍ମ* ହେଲା ଜାତୀୟ ଧର୍ମ, ଯାହାକୁ ବିଶ୍ୱଜନୀନ ଧର୍ମ ବୋଲି ମଧ୍ୟ ଆମେ ବିଶ୍ୱାସ କରୁ । ଜୀବନରେ ରହିଛି ଏକ ଶକ୍ତିଶାଳୀ ବିଧାନ, ଯାବତୀୟ ବିବର୍ତ୍ତନର ଏକ ମହାନ୍ ନୀତି, ଆଧ୍ୟାତ୍ମିକ ଜ୍ଞାନର ଓ ଅନୁଭୂତିର ଏକ ଭଣ୍ଡାର – ଯାହାର ରକ୍ଷକ, ଆଦର୍ଶ ଓ ଅଗ୍ରଦୂତ ରୂପେ ଭାରତ ଦଣ୍ଡାୟମାନ । ଏହା ହେଉଛି ସନାତନ ଧର୍ମ, ଚିରନ୍ତନ ଶାଶ୍ୱତ ଧର୍ମ, ବିଦେଶୀ ଶାସନର ଚାପରେ ସେ କେବଳ ବହୁଳ ଭାବରେ ତାହାର ସ୍ୱରୂପକୁ ହରାଇ ବସିନି, ବରଂ ତାହାର ଜୀବନ୍ତ ବାସ୍ତବତାକୁ ମଧ୍ୟ ହରେଇ ଦେଇଛି । କାରଣ ଭାରତର ଧର୍ମ, ଧର୍ମ ନୁହେଁ; ଯଦି ତାହାକୁ ନେଇ ଜୀବନ ଧାରଣ କରା ନଯାଏ । ତାହା ଜୀବନର କେତୋଟି ବିଭାବରେ କେବଳ ପ୍ରୟୋଗ କରାଯାଏ ନାହିଁ, ବରଂ ଆମର ରାଜନୀତି, ଆମର ସାହିତ୍ୟ, ଆମର ବିଜ୍ଞାନ, ଆମର ବ୍ୟକ୍ତିଗତ ଚରିତ୍ର, ଆମର ଆଗ୍ରହ, ଅନୁରାଗ, ଆମର ଅଭୀପ୍ସା – ଏ ସମସ୍ତ ବିଭାବରେ ପ୍ରୟୋଗ କରାଯାଇ ସେସବୁକୁ ପ୍ରଭାବିତ କରିବ । *ଧର୍ମର* ଏହି କେନ୍ଦ୍ରୀୟ ସତ୍ୟକୁ ବୁଝିବା, ତା'ରି ସତ୍ୟକୁ ଅନୁଭବ କରିବା, ତାହାର ଭାବାବେଗ ଯେଉଁ ଉଚ୍ଚତାକୁ ଉନ୍ନୀତ ହୋଇପାରେ – ସେସବୁ ଅନୁଭବ କରିବା ଓ ଜୀବନରେ ତାହାକୁ ଅଭିବ୍ୟକ୍ତ କରିବା ଓ କାର୍ଯ୍ୟକାରୀ କରିବା – କର୍ମଯୋଗ କହିଲେ ଏହାହିଁ ବୁଝାଇଥାଏ । ଆମେ ବିଶ୍ୱାସ କରୁ ଯୋଗକୁ ମଣିଷ ଜୀବନର ଆଦର୍ଶ କରିବା ଲାଗି ଭାରତର ଆଜି ଉତ୍ଥାନ ହେଉଛି । ଯୋଗ ଦ୍ୱାରାହିଁ ସେ ତାହାର ସ୍ୱାଧୀନତା, ଏକତା ଓ ମହାନତା ହାସଲ କରିପାରିବା ଲାଗି ଶକ୍ତି ଆହରଣ କରିବ ଓ ଯୋଗ ଦ୍ୱାରାହିଁ ସେ ସେସବୁ ସଂରକ୍ଷିତ କରି ରଖିବା ଲାଗି ଶକ୍ତି ପାଇବ । ଭବିଷ୍ୟତରେ ଏକ ଆଧ୍ୟାତ୍ମିକ ବିପ୍ଳବର ଏକ ଆଭାସ ଆମେ ପାଉଛୁ – ଆବଶ୍ୟକୀୟ ଉପାଦାନଗୁଡ଼ିକ ହେଲା କେବଳ ତାହାର ପ୍ରତିଚ୍ଛବି ଓ ଏକ ସ୍ୱତଃସ୍ଫୂର୍ତ୍ତ ପ୍ରତିକ୍ରିୟାର ଇଙ୍ଗିତ ବା ସୂଚନା ।''

– ଶ୍ରୀଅରବିନ୍ଦ

(୧୯ ଜୁନ୍, ୧୯୦୯, 'କର୍ମଯୋଗିନ୍' ସାପ୍ତାହିକ ପତ୍ରିକା ଦ୍ରଷ୍ଟବ୍ୟ)

(କ୍ରମଶଃ)

❑❑❑

# ମାତୃମନ୍ଦିରର ଅନୁଚିନ୍ତା

## ନୈବେଦ୍ୟ

ଉତ୍କଣ୍ଠା ଅଭୀପ୍ସା ଓ
ଜିଜ୍ଞାସା ମଧ୍ୟରେ
ଏକାଗ୍ର ହେବାର
ପ୍ରୟାସ ଜାରି ରହେ ॥

ସୂର୍ଯ୍ୟ ଉପରକୁ ଉଠନ୍ତି
କିରଣ କଣିକା ବିଞ୍ଚି ଦେଇ
ମାତୃମନ୍ଦିର ଶୀର୍ଷ ଦେଶୁ
ଝରିଆସେ ଏକ ଅଲୌକିକ
ଭାବନାର ଧାରା ॥

ଧାଡ଼ି ମଧ୍ୟରେ
ଅଗ୍ରଗତି ଜାରି ରହେ
ଜୀବନ ଓ ଜଗତକୁ
ଆଗକୁ ନେବାର ଯାତ୍ରା
ପ୍ରାର୍ଥନାଟିଏ ହୋଇ ॥ ❑



# ଏ ସଂସାର ରହିବ

## ପ୍ରସାଦ ତ୍ରିପାଠୀ

ପ୍ରପତ୍ତିଙ୍କ କାର୍ଯ୍ୟ ପ୍ରଣାଳୀ ଅତି ବିଚିତ୍ର । ଓଡ଼ିଶାରେ ଯେତେ ଯେତେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ, ସେସବୁର ମୁଖ୍ୟ ପ୍ରେରଣାଦାତା ହେଲେ ପ୍ରପତ୍ତି । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ହେବାର ସିଦ୍ଧାନ୍ତ ହେବା ପରେ ୧୯୭୦ ମସିହା ଜୁଲାଇ ୧୫ ତାରିଖ ଦିନ ପ୍ରଥମ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଭୁବନେଶ୍ୱର ଇଉନିଟ୍-୨ରେ ସର୍ଦାର ପଟେଲ ହଲ୍ କ୍ୟାମ୍ପସ୍‌ରେ ଉଦ୍‌ଘାଟିତ ହେଲା । ଶ୍ରୀମତୀ ନନ୍ଦିନୀ ଶତପଥୀ, ଉଦାରଜି ଏବଂ ପ୍ରପତ୍ତି ସମସ୍ତେ ଉପସ୍ଥିତ ଥିଲେ । ଧୀରେ ଧୀରେ ଏଇ କାର୍ଯ୍ୟକ୍ରମ ବୃଦ୍ଧି ପାଇଲା । ୧୯୭୫ ଡିସେମ୍ବର ମାସରେ ପ୍ରପତ୍ତି ସିଦ୍ଧାନ୍ତ କଲେ ଏକ ଶିକ୍ଷକ ସମ୍ମିଳନୀ କରିବା ପାଇଁ ଏବଂ ମାତୃଭବନଠାରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହେଲା । ପୁଣି କିଛି ବର୍ଷ ପରେ ଗ୍ରୀଷ୍ମଦିନରେ ଅପାଭାଇମାନେ ଏତେ ଛୁଟି ନେଇ ଘରେ କ'ଣ କରିବେ ତେଣୁ ସେମାନଙ୍କ ପାଇଁ ଗୋଟିଏ ଗ୍ରୀଷ୍ମକାଳୀନ ତାଲିମ ଶିବିର ଆରମ୍ଭ କଲେ । ଯାହା ଥରେ ଆରମ୍ଭ ହେଲା ସେ ଚାଲିଲା – ଆଉ ବନ୍ଦ ହେବାର ନାହିଁ । ଏବେ ମଧ୍ୟ ଚାଲିଛି ।

ସେଇ ବାର୍ଷିକ ଶିକ୍ଷକ ସମ୍ମିଳନୀ କଥା । ସେ ବର୍ଷ ସର୍ଦାର ପଟେଲ ହଲ୍‌ଠାରେ ସମ୍ମିଳନୀ ହେଉଥାଏ । ସବୁ କଥା ତ ପ୍ରପତ୍ତି ନିଜେ ବୁଝନ୍ତି । ସଭା କେଉଁଠାରେ ହେବ, ଅପାଭାଇମାନେ କେଉଁଠାରେ ରହିବେ, ଖାଇବା ବ୍ୟବସ୍ଥା କିପରି ହେବ, ବକ୍ତାସବୁ କେଉଁଠାରୁ ଆସିବେ, ସେମାନଙ୍କ ଯିବା ଆସିବା ପାଇଁ ଗାଡ଼ି କେଉଁଠାରୁ ଆସିବ, ସଭାର କାର୍ଯ୍ୟକ୍ରମ କିପରି ହେବ, ଆଲୋଚନାର ବିଷୟବସ୍ତୁ କ'ଣ ରହିବ ଇତ୍ୟାଦି ସବୁ କିଛି ସେ ନିଜେ ବୁଝୁଥା'ନ୍ତି । ଅବଶ୍ୟ ପ୍ରତ୍ୟେକ ଦିନ ଯାହା ଯାହା ଆୟୋଜନରେ ଅଗ୍ରଗତି କରିଥାଏ, ରାତିକୁ ବାବାଜି ମହାରାଜଙ୍କୁ ଚିଠିରେ ଜଣାନ୍ତି ।

ସେ ବର୍ଷ କାର୍ଯ୍ୟକ୍ରମରେ ସକାଳ ଅଧିବେଶନ, ଅପରାହ୍ଣ ଅଧିବେଶନ, ସାନ୍ଧ୍ୟ ଅଧିବେଶନ – ଏହିପରି ତିନୋଟି ଅଧିବେଶନ ରଖାଯାଇଥାଏ । ପ୍ରତ୍ୟେକ ଅଧିବେଶନରେ ଆଲୋଚନା କରିବା ପାଇଁ ବିଭିନ୍ନ ମାତୃପ୍ରେମୀ ବକ୍ତାମାନଙ୍କୁ ଡକା ଯାଇଥାଏ ଏବଂ ଜଣେ କେହି ମୁଖ୍ୟ ଅତିଥି ଥାଆନ୍ତି । ମୁଖ୍ୟ ଅତିଥି ସାଧାରଣତଃ ମାତୃ-ପରିବାର ବାହାରୁ କେହି କେହି ସରକାରୀ ପଦସ୍ଥ ଅଧିକାରୀ କିଂବା ଶିକ୍ଷାବିତ୍ ଥାଆନ୍ତି । ସେମାନଙ୍କର ଦାୟିତ୍ୱ କେବଳ ଆମ୍ଭମାନଙ୍କର କାର୍ଯ୍ୟକ୍ରମରେ ସମ୍ପୃକ୍ତ ହେବା – ଆମ୍ଭମାନଙ୍କୁ କିଛି ପରାମର୍ଶ ଦେବା । ପ୍ରପତ୍ତିଙ୍କର ଉଦ୍ଦେଶ୍ୟ ଥାଏ – ଆମେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାଧ୍ୟମରେ ଯେଉଁସବୁ କାର୍ଯ୍ୟକ୍ରମ କରୁଛୁ, ସେସବୁକୁ ସରକାରୀ ସ୍ତରରେ ତଥା ଅନ୍ୟ ସ୍ତରରେ ଅନ୍ୟମାନେ ଜାଣନ୍ତୁ । କାରଣ ତାହାଦ୍ୱାରା ଆମ୍ଭମାନଙ୍କୁ ସ୍ୱୀକୃତି ଦେବା ସହଜ ହେବ । ସେତେବେଳେ ଆମର ଅଧିକାଂଶ ସ୍କୁଲ ସରକାରୀ ସ୍ୱୀକୃତି ପାଇ ନଥା'ନ୍ତି ।

ସେ ବର୍ଷ ସମ୍ମିଳନୀର ଦ୍ୱିତୀୟ ଦିବସ । ପୂର୍ବାହ୍ଣ କାର୍ଯ୍ୟକ୍ରମ ସକାଳ ୮ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ରଖା ଯାଇଥାଏ । ବିଷୟ ବସ୍ତୁ ମୋର ଠିକ୍ ମନେ ନାହିଁ । ମାତ୍ର ଆଲୋଚନାର କିଛି କିଛି ଅଂଶ ମନେ ଅଛି । ବକ୍ତା ଥାଆନ୍ତି ପ୍ରାୟତଃ ଆମ ଶିକ୍ଷାକେନ୍ଦ୍ରମାନଙ୍କର ପୁରୁଣା ଅପାଭାଇ ଏବଂ କେତେକ ପରିଚାଳନା ସମିତିର କର୍ମକର୍ତ୍ତା । ଶ୍ରୀଅରବିନ୍ଦ ପାଠଚକ୍ରର ସମସ୍ତେ ସକ୍ରିୟ କର୍ମୀ । ସେ ଅଧିବେଶନରେ ମୁଖ୍ୟ ଅତିଥି ଥିଲେ ଡ: ଘନଶ୍ୟାମ ସାମଲ – ସେତେବେଳର ଡି. ପି. ଆଇ. । ଶିକ୍ଷା ନିର୍ଦ୍ଦେଶକ ଡ: ସାମଲ ଜଣେ ଅତ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାବିତ୍ । ପ୍ରପତ୍ତିଙ୍କର ଅତ୍ୟନ୍ତ ଘନିଷ୍ଠ । ମୋର ସୌଭାଗ୍ୟ ଯେ ମୁଁ ରେଭେନ୍ସା କଲେଜରେ ଏମ୍. ଏସ୍. ସି. (ଗଣିତ) ପଢ଼ିଲା ବେଳେ ସେ ଗଣିତ ବିଭାଗର ମୁଖ୍ୟ ହୋଇ ଯୋଗ ଦେଲେ । ଅତ୍ୟନ୍ତ ଅମାୟିକ, ଛାତ୍ରବତ୍ସଳ । ଏକ ପରିପୂର୍ଣ୍ଣ ମାର୍ଜିତ ବ୍ୟକ୍ତିତ୍ୱ । ଏହା ମଧ୍ୟରେ ରେଭେନ୍ସା କଲେଜର ଅଧକ୍ଷ ହୋଇ ସାରି ଡି. ପି. ଆଇ. ହୋଇଥା'ନ୍ତି । ଆମ ଶିକ୍ଷା କାର୍ଯ୍ୟକ୍ରମର ଯାବତୀୟ ସୁବିଧା ଅସୁବିଧା ବିଷୟରେ ପ୍ରପତ୍ତି ତାଙ୍କୁ ଅନେକବାର ସାକ୍ଷାତ୍ କରିଛନ୍ତି ଏବଂ ପ୍ରତ୍ୟେକ ଥର ସହାୟତା ପାଇଛନ୍ତି । ମୁଁ ମଧ୍ୟ ପ୍ରପତ୍ତିଙ୍କ ସହିତ କେତେଥର ତାଙ୍କ ନିକଟକୁ ଯାଇଛି । ଉଭୟଙ୍କ ଅନ୍ତରଙ୍ଗ ଆଲୋଚନା ଶୁଣିଛି । ଆମ କାର୍ଯ୍ୟକ୍ରମକୁ ତାଙ୍କର ଅଯାଚିତ ଶ୍ରଦ୍ଧା ଓ ସହାନୁଭୂତି ମଧ୍ୟ ଅନୁଭବ କରିଛି ।

ସେଦିନ ଡ: ଘନଶ୍ୟାମ ସାମଲ ତାଙ୍କର ଚିରାଚରିତ ଧାରାରେ ନିର୍ଦ୍ଦିଷ୍ଟ ସମୟଠାରୁ ଟିକେ ଆଗରୁ ଆସି ପହଞ୍ଚିଲେ । ମୁଁ ସାର୍‌ଙ୍କୁ ଗେଟ୍ ନିକଟରୁ ପାଛୋଟି ନେଇ ପ୍ରପତ୍ତିଙ୍କ କୋଠରିକୁ ନେଇଗଲି । ସେଠାରେ ଅନେକ ବ୍ୟକ୍ତି ଆଗରୁ ଆଲୋଚନାରେ ବ୍ୟସ୍ତ ଥାଆନ୍ତି । ଡ: ସାମଲଙ୍କୁ ଦେଖି ସମସ୍ତେ ଅତ୍ୟନ୍ତ ଆନନ୍ଦରେ ସ୍ୱାଗତ କଲେ । ପଞ୍ଚାନନ ଭାଇ, ବିପିନ ଭାଇ, ଚିତ୍ତ ଭାଇ, ପ୍ରୀତି ଅପା ପ୍ରଭୃତି ସମସ୍ତେ ତାଙ୍କୁ ଅଭିବାଦନ ଜଣାଇଲେ । ପ୍ରପତ୍ତି ନିଜର ଚଉକି ଛାଡ଼ି ତାଙ୍କୁ ହାତଧରି ନେଇ ଆସିଲେ । ମୁଁ ମୋର ଦାୟିତ୍ୱ ସାରିଥିବାରୁ ସଭା ନିକଟକୁ ଫେରି ଆସିଲି । ସଭା ଆୟୋଜନ ସାରି ଆରମ୍ଭ ହେବାକୁ ଅପେକ୍ଷା କରିଛୁ – ପ୍ରପତ୍ତିଙ୍କ ରୁମ୍‌ରୁ ସମସ୍ତେ ବାହାରିଲେ । ସମସ୍ତେ ନିଜ ନିଜର ଆସନ ଗ୍ରହଣ କଲେ । ପଞ୍ଚାନନ ଭାଇ ପ୍ରାରମ୍ଭିକ ସୂଚନା ଦେବା ପରେ ପ୍ରପତ୍ତି ମହାଶୟ ସମସ୍ତଙ୍କୁ ସ୍ୱାଗତ କଲେ ଏବଂ ତା' ସହିତ ମୁଖ୍ୟ ଅତିଥି ଡ: ସାମଲଙ୍କର ପରିଚୟ ଦେଲେ । ତାଙ୍କ ସହିତ ତାଙ୍କ ନିଜର ଘନିଷ୍ଠତା ଏବଂ ଆମ୍ଭମାନଙ୍କର କାର୍ଯ୍ୟକ୍ରମରେ ତାଙ୍କର ସହାୟତା ବିଷୟରେ ବାରମ୍ବାର ଉଲ୍ଲେଖ କରୁଥା'ନ୍ତି । ତା'ପରେ ସଭାର ଆଲୋଚନା ଆରମ୍ଭ ହେଲା ।

ସେଦିନର ଅଧିକାଂଶ ଆଲୋଚକ ଥିଲେ ଆମ ଶିକ୍ଷାକେନ୍ଦ୍ରମାନଙ୍କର ପୁରୁଣା ଅପାଭାଇ କିଂବା ପାଠଚକ୍ରର ସଭ୍ୟସଭ୍ୟାଗଣ । କହିବା ବାହୁଲ୍ୟ, ସମସ୍ତେ ସିଧାସଳଖ ମା'ଙ୍କ କଥାକୁହିଁ ପ୍ରକାଶ କରୁଥାଆନ୍ତି । କାହାରି କଥାରେ ଟିକେ ହେଲେ ଛଳନା ନଥାଏ, ଅତିରଞ୍ଜନ ନଥାଏ କିଂବା ବିଷାଦ, ଅବସାଦ ନଥାଏ ।

ଜଣେ କହୁଥା'ନ୍ତି – ଆମ ଶିକ୍ଷାର ଲକ୍ଷ୍ୟ ସଫଳତା ନୁହେଁ – ଆମର ଲକ୍ଷ୍ୟ ପୂର୍ଣ୍ଣତା । ତଥାକଥିତ ସଫଳତା ପାଇଁ ଯେଉଁମାନେ ଆଗ୍ରହୀ ସେମାନଙ୍କ ପାଇଁ ଆମ ଶିକ୍ଷାକେନ୍ଦ୍ରରେ ସ୍ଥାନ ନାହିଁ । ଆମେ ଏକ ନୂତନ ଜଗତର ଆବିର୍ଭାବ ନିମନ୍ତେ ଅପେକ୍ଷା କରୁଛୁ ।

ଆଉ ଜଣେ ବକ୍ତା କହିଲେ – ଶ୍ରୀଅରବିନ୍ଦ କହିଛନ୍ତି, 'Nothing can be taught' – ଅର୍ଥାତ୍, 'ଆମେ କାହାରିକୁ କିଛି ଶିକ୍ଷାଦେଇ ପାରିବୁ ନାହିଁ ।' କାରଣ ପ୍ରତ୍ୟେକଟି ମନୁଷ୍ୟ ଜନ୍ମ ବେଳୁ ନିଜ ମଧ୍ୟରେ ଏକ ସିଦ୍ଧାନ୍ତ ନେଇ ଆସିଥାଏ । ଆମର ଦାୟିତ୍ୱ ତାକୁ ଉପଯୁକ୍ତ ପରିବେଶଟିଏ ଯୋଗାଇ ଦେବୁ ଯାହାଫଳରେ ତା'ର ଅନ୍ତରାତ୍ମା ଯେଉଁ ସିଦ୍ଧାନ୍ତ ନେଇ ଆସିଥିବ ଅନ୍ତତଃ ତାହା କାର୍ଯ୍ୟକାରୀ ହେବାରେ ସହାୟତା କରିପାରିବୁ ।

ପୁଣି ଜଣେ କହିଲେ – ଆଗରୁ ଶିକ୍ଷା ଥିଲା Authoritarian – ଅର୍ଥାତ୍, ଶିକ୍ଷକ ଏବଂ ଛାତ୍ରଙ୍କ ମଧ୍ୟରେ ସମ୍ପର୍କ ଥିଲା Authority ର । 'ମୁଁ ଶିକ୍ଷକ ତୁ ଛାତ୍ର', ତେଣୁ ତୁ ମୋତେ ଅବଶ୍ୟ ଭକ୍ତି କରିବୁ । ଏହା ମୋର ପ୍ରାପ୍ୟ । ମାତ୍ର ତାହାର ଫଳାଫଳ ଆମେ ଦେଖୁଛୁ – ପୂର୍ଣ୍ଣାଙ୍ଗ ଶିକ୍ଷା ହେଲା ପ୍ରେମ ମାଧ୍ୟମରେ ଶିକ୍ଷା । ଆମେ ସମସ୍ତେ ମା'ଙ୍କ ନିକଟରେ ତାଙ୍କର ସନ୍ତାନ । ଆମେ ଶିକ୍ଷକ ଏବଂ ସେମାନେ ଛାତ୍ର । ମାତ୍ର ସମସ୍ତେ ମା'ଙ୍କ ସନ୍ତାନ । ପରସ୍ପରକୁ ଭଲ ପାଇବା, ନିବିଡ଼ ଭାବରେ ଭଲ ପାଇବାହିଁ ଆମ ଶିକ୍ଷାର ମାଧ୍ୟମ ।

ଏହିପରି ଜଣେ ଜଣେ ଆସି ନିଜ ନିଜ ଧାରାରେ ମା' ଶ୍ରୀଅରବିନ୍ଦଙ୍କ ଶିକ୍ଷା ଦର୍ଶନ, ପୂର୍ଣ୍ଣାଙ୍ଗ ଶିକ୍ଷାର ଧାରା ତଥା ପ୍ରୟୋଗ, ନିଜ ନିଜର ଅଭିଜ୍ଞତା ଇତ୍ୟାଦି ବର୍ଣ୍ଣନା କରୁଥା'ନ୍ତି । ତିନିଘଣ୍ଟାରୁ ଊର୍ଦ୍ଧ୍ୱ ବର୍ଣ୍ଣନା କରିସାରିବା ପରେ ପ୍ରପତ୍ତି ଡ: ସାମଲଙ୍କୁ ତାଙ୍କର ବକ୍ତବ୍ୟ ଦେବାକୁ ଅନୁରୋଧ କଲେ । ଡ: ସାମଲ ଆରମ୍ଭ କଲେ ତାଙ୍କର ବକ୍ତବ୍ୟ –

''ମୋତେ ଅତ୍ୟନ୍ତ ବ୍ୟଥାର ସହିତ କହିବାକୁ ପଡୁଛି ଯେ ଆପଣମାନେ ଗତ ତିନିଘଣ୍ଟା ଧରି ମୋତେ ଅପମାନିତ କରିଚାଲିଛନ୍ତି ।'' ଆମେ ସବୁ ଆଶ୍ଚର୍ଯ୍ୟ ହୋଇଗଲୁ । ସମସ୍ତେ ପରସ୍ପରକୁ ଚାହୁଁଥାଉ । କାହିଁ – ଗୋଟିଏ ଶବ୍ଦ ତ କେହି ତାଙ୍କ ବିରୋଧରେ କି ସରକାରଙ୍କ ବିରୋଧରେ କହି ନାହାନ୍ତି । ଅପମାନ ଦେବା ତ ପଛକଥା । ମାତ୍ର ସେ ଏପରି କହିଲେ କାହିଁକି ? ଡ: ସାମଲ କହିଚାଲିଥା'ନ୍ତି – ''ଆପଣମାନେ ଜାଣନ୍ତି ମୁଁ ଏହି ରାଜ୍ୟର ଶିକ୍ଷାବିଭାଗର ମୁଖ୍ୟ ଏବଂ ଏକଥା ମଧ୍ୟ ଜାଣନ୍ତି ଯେ ମୁଁ ଆଜି ଆପଣମାନଙ୍କର ମୁଖ୍ୟ ଅତିଥି । ମାତ୍ର ଆପଣମାନେ ଆଚରଣରେ ଟିକେ ହେଲେ ତା'ର ସୂଚନା ଦେଇ ନାହାନ୍ତି । ଗୋଟିଏ ରାଜ୍ୟର ଶିକ୍ଷା ବିଭାଗର ମୁଖ୍ୟ ହିସାବରେ ମୋର ପ୍ରାପ୍ୟ କ'ଣ ? ଆପଣମାନେ ମୋତେ ଖୁବ୍ ବେଶୀ ପ୍ରଶଂସା କରି ଦୁଇପଦ କହିଥା'ନ୍ତେ । ମୋର ଉପସ୍ଥିତିର ଗୁରୁତ୍ୱ ବଢ଼ାଇବାକୁ ଯାଇ ଆପଣମାନେ ଶିକ୍ଷାକେନ୍ଦ୍ରର ଅଭାବ ଅସୁବିଧା ବଖାଣି ଥାଆନ୍ତେ । ମୋର ସାମର୍ଥ୍ୟ ଥାଉ ବା ନଥାଉ ମୋ ନିକଟରେ ଏକ ଦାବିପତ୍ର ଦାଖଲ କରି ମୋଠାରୁ ପ୍ରତିଶ୍ରୁତି ଆଦାୟ କରିଥା'ନ୍ତେ । ଏବଂ ଶେଷରେ ମୋର ଜୟ ଜୟକାର ବା ଡି.ପି.ଆଇ. ଜିନ୍ଦାବାଦ, ଡ: ସାମଲ ଜିନ୍ଦାବାଦ ଧ୍ୱନି ଦେଇ ଥାଆନ୍ତେ । ମାତ୍ର ମୁଁ ଶୁଣୁଛି କ'ଣ ? ତିନିଘଣ୍ଟା କାଳ ମୋର ଉପସ୍ଥିତିକୁ ଗୁରୁତ୍ୱ ନଦେଇ ଆପଣମାନେ

ଆଲୋଚନା କରି ଚାଲିଛନ୍ତି – ଏକ ନୂତନ ଜଗତ୍ ଉପନୀତ । ଆମ୍ଭେମାନେ ସେଇ ଅତିମାନସ ଜଗତ୍ ପ୍ରତି ଚେଷ୍ଟିତ । ଆମ ଶିକ୍ଷାର ଲକ୍ଷ୍ୟ ପୂର୍ଣ୍ଣତା – ସଫଳତା ନୁହେଁ । ଆମେ କେହି ଦରମା ପାଇବା ପାଇଁ ଏଠାରେ କାମ କରୁ ନାହୁଁ । କାହିଁ କେହି ତ ନିଜର ଅଭାବ ଅସୁବିଧା କଥା କହିଲେ ନାହିଁ ? କେହି ତ ଦାବିପତ୍ର ଦେଲେ ନାହିଁ । କେହି ତ ଜଣେ ମୋଠାରୁ ପ୍ରତିଶ୍ରୁତି ମାଗିଲେ ନାହିଁ ।'' ଆମେ ମନେ ମନେ ଭାବୁଥାଉ ଏସବୁ କଥା କ'ଣ ସେ ସତରେ ଆଶା କରୁଥିଲେ !

ହଠାତ୍ ମୁହଁକୁ ଅସ୍ୱାଭାବିକ ଭାବରେ ହାଲୁକା କରି କିପରି ଏକ ପରମ ଶ୍ରଦ୍ଧାବାନ୍ ଭଙ୍ଗୀରେ ଡ: ସାମଲ କହିଲେ, ''ପିଲାମାନେ, ଏବେ ତୁମ୍ଭମାନଙ୍କୁ 'ତୁମେ' ବୋଲି କହିବାକୁ ଇଚ୍ଛା ହେଉଛି । ଆଗରୁ ଆପଣ କହୁଥିଲି । ଗୋଟିଏ କଥା – ବୋଧହୁଏ ଜୀବନରେ ପ୍ରଥମଥର ପାଇଁ ମୁହଁ ଖୋଲି ମୋର ମନର କଥା କହୁଛି – ଯେବେଠାରୁ ମୁଁ ଶିକ୍ଷାବିଭାଗର ମୁଖ୍ୟ ଦାୟିତ୍ୱ ଗ୍ରହଣ କଲି ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଜାଣି ସାରିବା ପରେ ଏଇ ବିଷୟରେ ମୁଁ ସମ୍ପୂର୍ଣ୍ଣ ନିଶ୍ଚିତ ଥିଲି ଯେ ଏ ଦେଶ, ସମାଜ, ରାଜ୍ୟ କିଛି ରହିବ ନାହିଁ – ଧ୍ୱଂସ ହୋଇଯିବ । ମାତ୍ର ତୁମ୍ଭମାନଙ୍କର ଆଲୋଚନା ଶୁଣିବା ପରେ ପ୍ରଥମ କରି ମୋର ବିଶ୍ୱାସ ଆସୁଛି ଯେ ନା ଏ ସଂସାର ରହିବ । ଅନ୍ତତଃ ବିଭିନ୍ନ ସ୍ଥାନରେ ତୁମ ପରି ଫୁଲମାନେ ଫୁଟିବାକୁ ଆରମ୍ଭ କଲେଣି । ଏ ପୂତିଗନ୍ଧମୟ ସଂସାରକୁ ପୁଣି ମହକାଇବାର ଉଦ୍ୟମ ହେଲାଣି । ଛୋଟ ଛୋଟ ଦୀପଶିଖାଟିମାନ ହୋଇ ଜଳିବାକୁ ଆରମ୍ଭ କଲାଣି । ଗାଢ଼ ଅନ୍ଧକାରାଚ୍ଛନ୍ନ ସଂସାରକୁ ପୁଣି ଆଲୋକିତ କରିବା ଉଦ୍ୟମ ହେଲାଣି । ପିଲାମାନେ – ପ୍ରପତ୍ତି ମୋର ଅତି ଅନ୍ତରଙ୍ଗ । ମୁଁ ତାଙ୍କୁ ଶ୍ରଦ୍ଧା କରେ ଏବଂ ତାଙ୍କଠାରୁ ଶୁଣି ତୁମ୍ଭ କାର୍ଯ୍ୟକ୍ରମ ଦେଖିବାକୁ ଆସିଥିଲି । ମାତ୍ର ମୁଁ ଜାଣି ନଥିଲି ଯେ ମୋର ଚକ୍ଷୁ ଖୋଲିଦେବା ପାଇଁ ଭଗବାନ୍ ମୋତେ ଆଜି ଏଠାକୁ ପଠାଇଛନ୍ତି । ତୁମକୁ ମୋର ମନକଥା କହୁଛି ଯେ ତୁମ୍ଭମାନଙ୍କ ଉପରେ ମୋର ଅତୁଟ ଆସ୍ଥା ଆସୁଛି । ଅନ୍ତତଃ ସଂସାରକୁ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ତୁମ୍ଭେମାନେ ପ୍ରସ୍ତୁତ ହେଲଣି । ଅତିମାନସ ଶକ୍ତି ବିଷୟରେ ତୁମ୍ଭେମାନେ ଯାହାସବୁ କହିଲ, ମୁଁ ସେବିଷୟରେ କିଛି ବି ଜାଣି ନାହିଁ । ମାତ୍ର ତୁମ୍ଭମାନଙ୍କର ସାହସ, ଉତ୍ସାହ, ଆଶା, ଭରସା, ତେଜ ଦେଖି ମୋ ଭିତରେ ହଜି ଯାଇଥିବା ସାହସ ଆଜି ପୁନର୍ବାର ଉଜ୍ଜୀବିତ ହେଉଛି । ମୁଁ ସରକାରୀ ଦାୟିତ୍ୱରେ ଥିଲେ ମଧ୍ୟ ଏଭଳି କିଛି ପ୍ରତିଶ୍ରୁତି ଦେଇ ତୁମକୁ ଅପମାନିତ କରିବାକୁ ଚାହୁଁ ନାହିଁ । କେବଳ ତୁମର ସମସ୍ତ ମଙ୍ଗଳ ପାଇଁ ଶ୍ରୀମାଙ୍କ ନିକଟରେ ପ୍ରାର୍ଥନା କରୁଛି ଏବଂ ମୋର ଯାବତୀୟ ଆଶୀର୍ବାଦ ଦେଉଛି ।''

ସେତେବେଳକୁ ଆମ ସମସ୍ତଙ୍କର ମୁହଁ ଡ: ସାମଲଙ୍କ ନିକଟରେ କୃତଜ୍ଞତାରେ ପରିପୂର୍ଣ୍ଣ ହୋଇ ସାରିଥାଏ । ଜଣେ ଅତ୍ୟନ୍ତ ଅନ୍ତରଙ୍ଗ ଅନୁଭବୀ ଶ୍ରଦ୍ଧାବାନ୍ ଗୁରୁଜନ ଭଳି ସେ ଆମ୍ଭମାନଙ୍କୁ କହି ଚାଲିଥା'ନ୍ତି । କେହି କେହି ଆମ ମଧ୍ୟରେ ନିଜର ଆଖିରୁ ଲୁହ ପୋଛୁଥା'ନ୍ତି ।

ଶେଷରେ ପଞ୍ଚାନନ ଭାଇ ଧନ୍ୟବାଦ ଦେବାକୁ ଉଠି ଛିଡ଼ା ହେଲେ ଏବଂ ଡ: ସାମଲଙ୍କୁ ସମ୍ବୋଧନ କରି କହିଲେ, ''ଆଜି ଆମେ ଆମ୍ଭମାନଙ୍କ ମଧ୍ୟରେ ଆପଣଙ୍କୁ ପାଇଛୁ । ଅଳ୍ପ ମୁହୂର୍ତ୍ତ ପୂର୍ବରୁ ଆପଣ ଆମର ଅତିଥି ଥିଲେ ମାତ୍ର ଏବେ ଆପଣ ଆମର ମୁରବି ଏବଂ ଆପଣଙ୍କ ଭଳି ଏକ ମୁରବି ପାଇଥିବାରୁ ଆମେ ମା'ଙ୍କ ନିକଟରେ ଅତି କୃତଜ୍ଞ ।''

ସମସ୍ତ ସଭାଗୃହରେ କିପରି ଏକ ଦିବ୍ୟ ଆନନ୍ଦ ତଥା ଆଶା ଓ ବିଶ୍ୱାସର ବାତାବରଣ ଖେଳି ଯାଇଥିଲା ।

('ଏବେ ବି ମନେପଡ଼େ', ପ୍ରଥମ ଭାଗରୁ ସଂଗୃହୀତ,
ପୃ. ୨୫୦ - ୨୫୪)

❑❑❑

ତୁମେ ଯଦି ସାଧନା କରିବାକୁ ଚାହଁ, ଅନ୍ୟମାନେ ତୁମ ବିଷୟରେ କ'ଣ ଚିନ୍ତା କରୁଛନ୍ତି କିଂବା କହୁଛନ୍ତି ସେଥିରେ ବିଚଳିତ ହେବା ଉଚିତ ନୁହେଁ ।

– ଶ୍ରୀମା

# ମା’ ଓ ସନ୍ତାନ

## (୧)

## ଗୟାଧର ଦାଶ

ଜଗତରେ ମା’ର ସନ୍ତାନ ସହିତ ସମ୍ପର୍କ ଅନ୍ୟ ସମସ୍ତ ସମ୍ପର୍କଠାରୁ ବହୁ ଊର୍ଦ୍ଧ୍ୱରେ । ଏହି ସମ୍ପର୍କଟି ଅଭେଦ, ନୈସର୍ଗିକ, ଅତୁଟ ଓ ଶାଶ୍ୱତ । ଏହି ସମ୍ପର୍କଟି ଆଜିର କି କାଲିର ନୁହଁ । ଏହା ଅନାଦି କାଳର, ଯୁଗ ଯୁଗର ସମ୍ପର୍କ । ସୃଷ୍ଟିର ସୃଜନ କାଳରୁ ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ଯେଉଁ ସମ୍ପର୍କ ରହିଛି, ମା’ ଓ ସନ୍ତାନ ମଧ୍ୟରେ ସେହି ସମ୍ପର୍କ ରହିଛି । ସୃଷ୍ଟି ଓ ସ୍ରଷ୍ଟା ତତ୍ତ୍ୱତଃ ଏକ ଓ ଅଭିନ୍ନ; କିନ୍ତୁ ପ୍ରକାଶ କ୍ଷେତ୍ରରେ ଭିନ୍ନ ବୋଲି ଦୃଷ୍ଟିଗୋଚର ହୋଇଥାଏ । ମା’ ଓ ସନ୍ତାନ ମଧ୍ୟ ଏକ ଓ ଅଭିନ୍ନ; କିନ୍ତୁ ଅଭିବ୍ୟକ୍ତିର ପ୍ରକ୍ରିୟାରେ ଭିନ୍ନତା ଥିବା ପରି ଜଣାଯାଏ । ପ୍ରତ୍ୟେକ ସନ୍ତାନ ମାତୃଶକ୍ତିର ଏକ ଅଂଶବିଶେଷ, ତାଙ୍କ ରୂପର ଏକ ପ୍ରତିରୂପ । ବିଶ୍ୱର ପ୍ରତିଟି ରୂପ ତାଙ୍କଠାରୁ ସମ୍ଭୂତ ଏବଂ ତାଙ୍କ ଶକ୍ତିର ଏକ ଏକ ଅଭିନବ ଅଭିବ୍ୟକ୍ତି । ମା’ ହିଁ ବ୍ୟଷ୍ଟି ରୂପିଣୀ ହୋଇ ପାରନ୍ତି, ବିଶ୍ୱଗତା ଜଗଜ୍ଜନନୀ ହୋଇ ପାରନ୍ତି ଏବଂ ବିଶ୍ୱାତୀତା ଆଦ୍ୟାଶକ୍ତି, ପରମାଜନନୀ ମଧ୍ୟ ହୋଇ ପାରନ୍ତି । କାରଣ ଶ୍ରୀଅରବିନ୍ଦଙ୍କ ଭାଷାରେ – ‘‘ମା’ ହେଉଛନ୍ତି ଭଗବାନଙ୍କର ଚେତନା ଓ ଶକ୍ତି ବା ଏପରି କୁହାଯାଇପାରେ ଯେ ସେ ହେଉଛନ୍ତି ଚିତ୍ ଶକ୍ତି – ସ୍ୱରୂପରେ ସ୍ୱୟଂ ଭଗବାନ୍ ।’’ ସେ ସାଧାରଣ ଜନନୀ ନୁହନ୍ତି, ଦିବ୍ୟଜନନୀ । ସାଧାରଣ ଜନନୀ ଠାରୁ ସେ ବହୁ ଊର୍ଦ୍ଧ୍ୱରେ । ଏପରିକି ସନ୍ତାନ ପାଇଁ ସେ ମଧ୍ୟ ସାଧାରଣ ଜନନୀ ପରି ଆଚରଣ କରନ୍ତି, ଯଦ୍ୱାରା ମା’ ଓ ସନ୍ତାନର ସମ୍ପର୍କଟି ସର୍ବଦା ଅତୁଟ ରହିବ ଏବଂ ପ୍ରେମ ଓ ବନ୍ଧୁତାର ଭାବଟି ସତତ ଜୀବନ୍ତ ହୋଇ ଉଠିବ ।

ଶିଶୁଟିଏ ଯେତେବେଳେ ଜନ୍ମଲାଭ କରେ ସେ ଆଖି ଖୋଲିଲେ ପ୍ରଥମେ ତା’ର ଜନ୍ମଦାତ୍ରୀ ମାଆକୁ ଦେଖେ । ମା’ ମା’ ବୋଲି ପ୍ରଥମ ଶବ୍ଦ ଉଚ୍ଚାରଣ କରେ ଯାହାକୁ ଆମେ କୁଆଁ କୁଆଁ ଶବ୍ଦ ବୋଲି କହିଥାଉ । ମା’ର ଆଶିଷ ଓ ପରଶ ପାଇ ସେ ଆଶ୍ୱସ୍ତ ହୁଏ ଯେ ଏହି ଅଜଣା ରାଇଜରେ କେହି ଜଣେ ତା’ ପାଖରେ ସର୍ବଦା ରହିଛି, ଯିଏ ତା’ର ଏକମାତ୍ର ଆଶ୍ରୟ । ସେଥିପାଇଁ ସେ ହସେ । ସେଥିପାଇଁ ଶ୍ରୀଅରବିନ୍ଦ କହନ୍ତି – “The Mother herself is the destination, everything is in her.” ଅର୍ଥାତ୍, ‘‘ମା’ହିଁ ସ୍ୱୟଂ ଆମର ଲକ୍ଷ୍ୟ, ସବୁକିଛିହିଁ ସେ ।’’ ମା’ ନାମଟି ସେଥିପାଇଁ ସକଳ ଜୀବ ତଥା ମନୁଷ୍ୟର ବୀଜମନ୍ତ୍ର । ସୃଷ୍ଟିର ତଥା ମାନବ ଜଗତର ପୂର୍ଣ୍ଣତା ଦିଗରେ ମା’ ନାମଟି ଅମୋଘ ଅସ୍ତ୍ର ଯାହା ବଞ୍ଚିବା, ବଢ଼ିବା ତଥା ଲକ୍ଷ୍ୟ ହାସଲ ଦିଗରେ ଆଲୋକ ଦେଖାଏ ଏବଂ ଶକ୍ତି ଓ ସାହସ ଯୋଗାଏ ।

ମା’ ସହିତ ସନ୍ତାନର ସମ୍ପର୍କ ଏକ ଆନ୍ତର ସମ୍ବନ୍ଧ । ବାହ୍ୟ ସମ୍ବନ୍ଧରେ ସଂଶୟ ଆସେ, ଭେଦ ସୃଷ୍ଟି ହୁଏ; କିନ୍ତୁ ଆନ୍ତର ସମ୍ବନ୍ଧଟି ନିରନ୍ତର ଜାଜ୍ୱଲ୍ୟମାନ ହୋଇ ରହିଥାଏ । ସେଥିପାଇଁ ମା’ ସହିତ ସନ୍ତାନର ଡୋରି ସତତ ବନ୍ଧା ହୋଇଥାଏ । ଜନ୍ମକାଳରେ ଆମେ ମା’ ଓ ସନ୍ତାନର ନାଡ଼ିକୁ କାଟି ଦେଇ ଅଲଗା କରିଦେଉ; କିନ୍ତୁ ଅସଲ ନାଡ଼ିଟି ଶାଶ୍ୱତକାଳ ପାଇଁ ଯୋଡ଼ି ହୋଇ ରହିଥାଏ । ଏହା କିଏ ଜାଣୁ ବା ନଜାଣୁ, ବୁଝୁ ବା ନବୁଝୁ, ଅନୁଭବ କରୁ ବା ନକରୁ; କିନ୍ତୁ ମା’ହିଁ ସତତ ତା’ର ସନ୍ତାନକୁ କୋଳରେ ଧରି ଚାଲିଥାଏ । ଏପରିକି ସନ୍ତାନର ପ୍ରତିଟି ସ୍ପନ୍ଦନରେ ମାଆର ହୃଦୟରେ ସ୍ପନ୍ଦନ ଜାତ ହୁଏ ଏବଂ ସନ୍ତାନର ଚେତନାରେ ମାଆର ଚେତନାର ସ୍ପନ୍ଦନ ମଧ୍ୟ ଅନବରତ କ୍ରିୟାଶୀଳ ହେଉଥାଏ । ଚିନ୍ତା, ଭାବନା ଓ ଅନୁଭବ କ୍ଷେତ୍ରରେ ମଧ୍ୟ ସ୍ପନ୍ଦନ ଓ ପ୍ରତିସ୍ପନ୍ଦନ ସୃଷ୍ଟି ହୋଇଥାଏ । ଦୁନିଆର ସର୍ବଶ୍ରେଷ୍ଠ ଅମୂଲ୍ୟ ସମ୍ପଦ ହେଉଛି ମା’ । ସେ ପାର୍ଥିବ ଜନ୍ମଦାତ୍ରୀ ମା’ ହୁଅନ୍ତୁ ବା ଦିବ୍ୟଜନନୀ ହୁଅନ୍ତୁ, ମା’ହିଁ ଶାଶ୍ୱତ ସମ୍ପଦ । ପାଖରେ ମାଆ ଥିଲେ ଶିଶୁଟି କାହାରିକୁ ଡରେ ନାହିଁ, ସାହସର ସହିତ ଆଗକୁ ବଢ଼ି ଚାଲେ । ସନ୍ତାନ ତଳେ ପଡ଼ିଗଲେ ସାଧାରଣ ମାଆକୁ ଯଦି ଆଘାତ ଲାଗୁଛି, ତେବେ ଦିବ୍ୟଜନନୀଙ୍କ କଥା କ’ଣ ଅବା କହିବା ? ମା’ର ସ୍ନେହାଶିଷ ପାଇ ସନ୍ତାନ ଯେପରି ଖୁସିରେ ଜୀବନ ବଞ୍ଚେ, ଜଗନ୍ମାତାଙ୍କର ଆଶିଷ ଓ କରୁଣା ଲାଭରେ ସନ୍ତାନ ନିଜର ଜୀବନ, ଜଗତ୍ ତଥା ଜଗନ୍ମାତାଙ୍କୁ ବୁଝିବାରେ ସକ୍ଷମ ହେବା ସହ ଜନ୍ମର ସାର୍ଥକତା ଲାଭ କରିବାରେ ମଧ୍ୟ ସମର୍ଥ ହୋଇଥାଏ । ସନ୍ତାନ ଯଦି ମାଆ ବୋଲି ଡାକି ଦିଏ, ତେବେ ମାଆ ଯେଉଁଠି ଥିଲେ ମଧ୍ୟ ସେ

ଡାକ ଶୁଣିପାରେ । ଜଣେ ସାଧାରଣ ମାଆର ସ୍ନେହ ଓ ମମତାକୁ ଆମେ ବୁଝି ପାରୁନା, ତା'ର ହୃଦୟର କଥାକୁ ଶୁଣି ପାରୁନା, ତେବେ ଦିବ୍ୟଜନନୀଙ୍କର ପ୍ରେମକୁ ଆମେ କିପରି ବୁଝିପାରିବା ? ମା' ଓ ସନ୍ତାନର ସମ୍ପର୍କକୁ କିଏ ଅବା ବୁଝିବ ଯଦି ସ୍ୱୟଂ ମା' ସନ୍ତାନକୁ ନ ଜଣାନ୍ତି । ସେହି ସମ୍ପର୍କକୁ କିଏ ଅବା ଅନୁଭବ କରିପାରିବ, ଯଦି ସ୍ୱୟଂ ମା' ସନ୍ତାନର ହୃଦୟରେ ତାହା ବୁଝିବାକୁ ସାମର୍ଥ୍ୟ ପ୍ରଦାନ ନ କରନ୍ତି । ମା' ଯଦି ସନ୍ତାନର ହାତ ଧରି ନ ଚଲାଇବେ, ତେବେ କାହାର ଶକ୍ତି ଅଛି ଆମକୁ ଚଳାଇ ପାରିବ । ମାତୃଶକ୍ତି ବିନା ଜୀବନ ସଞ୍ଚାରିତ ହେବା ଅସମ୍ଭବ । ମା'ହିଁ ସବୁକିଛି ସୃଷ୍ଟି କରନ୍ତି, ପାଳନ, ପୋଷଣ କରନ୍ତି ଏବଂ ଧ୍ୱଂସ ମଧ୍ୟ କରନ୍ତି । ମା' ନାମ ଉଚ୍ଚାରଣରେ ଯେଉଁ ଶକ୍ତି, ପ୍ରେମ, ଶାନ୍ତି ଓ ଆନନ୍ଦ ଥାଏ, ଦୁନିଆର କୌଣସି ବସ୍ତୁ ନାହିଁ ଯାହା ମା' ନାମ ସହିତ ସମକକ୍ଷ ହୋଇ ପାରିବ । ସେଥିପାଇଁ ମା'ହିଁ ମା' । ମା' ପରି କେହି ବି ନାହାନ୍ତି, ମା'ପରି କେହି ବି ହୋଇ ପାରିବେ ନାହିଁ; ମା'ହିଁ ସନ୍ତାନର ଜୀବନ । ମା'ହିଁ ସନ୍ତାନର ମନ, ପ୍ରାଣ, ଶରୀର ଓ ଆତ୍ମା । ସେହି ମା'ହିଁ ସନ୍ତାନର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ । ସେହିଁ ସୃଷ୍ଟିର ଅଧିଷ୍ଠାତ୍ରୀ ଚିନ୍ମୟୀ ଶକ୍ତି, ସେହିଁ ଅଗଣିତ ଆତ୍ମାର ଅପରୂପା ଜନନୀ, ସକଳ ଭୂତର ଅନ୍ତରାତ୍ମା, ଅନାହତ ମହାଶବ୍ଦ ।

ଦୁନିଆରେ ବହୁତ କମ୍ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାତୃ ହୃଦୟ କ'ଣ ତାହା ବୁଝିଛନ୍ତି, ଅନୁଭବ କରିଛନ୍ତି । ସାଧାରଣ ମାନୁଷୀ ମାଆଟିଏ ଆମକୁ ଜନ୍ମ ଦେଇ ଲାଳନପାଳନ କରେ, ଛୋଟରୁ ବଡ଼ ହେବାରେ ଅସରନ୍ତି ଦୁଃଖ ଯାତନା ସହେ, ଆମର ସକଳ ଅସୁଟ, ଅଭାବ କଥା ବୁଝେ ଏବଂ ଆମର ଦୁଃଖ ସୁଖରେ ସାଥୀ ହୁଏ, ଆମର ସେବା ଶୁଶ୍ରୁଷା କରେ, ଆମର ଉଜ୍ଜ୍ୱଳ ଭବିଷ୍ୟତ୍ ପାଇଁ ଅନବରତ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରେ । ମାଆର ଗର୍ଭରୁ ଅନେକ ମହାପୁରୁଷ ଜନ୍ମଲାଭ କରି ସମାଜର ହିତ ପାଇଁ ଜୀବନକୁ ଉତ୍ସର୍ଗ କରିଛନ୍ତି । ସେହି ମାନୁଷୀ ମାଆର ଆଶିଷରେ ଶିବାଜୀ, ଚାଣକ୍ୟ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଯିଶୁ, ବିନୋବା ଭାବେ, ନେପୋଲିଅନ୍, ଶଙ୍କରାଚାର୍ଯ୍ୟ ଆଦି ଅନେକ ମହାତ୍ମାଙ୍କର ଜୀବନ ଗଢ଼ି ଉଠିଛି ଏବଂ ସେମାନେ ମା'ର ମମତାକୁ ଅନୁଭବ କରିଥିଲେ । ସନ୍ତାନର ସୁଖ ପାଇଁ ମା'ର ତ୍ୟାଗ, ସ୍ନେହ ମମତାର ପଟାନ୍ତର ନାହିଁ । ତଥାପି ଆମେ କହୁ ଯେ ଏହା ହେଉଛି ମା'ର କର୍ତ୍ତବ୍ୟ । ମା' ତା'ର କର୍ତ୍ତବ୍ୟ ପାଳନ କରେ । ସନ୍ତାନ ନ ଖାଇଲେ ସେ ଖାଏ ନାହିଁ, ନ ଶୋଇଲେ ସେ ଶୁଏ ନାହିଁ, ଦେହ ଖରାପ ଥିଲେ ରାତ୍ରି ଅନିଦ୍ରା ହୋଇ ଜଗିବସେ, ଘରକୁ ନ ଫେରିଲା ପର୍ଯ୍ୟନ୍ତ ଘରେ ବାହାରେ ଏପଟ ସେପଟ ହେଉଥାଏ; ଦୁଃଖ ବିପଦରେ ଭାଙ୍ଗି ନପଡ଼ି ସନ୍ତାନକୁ ସାନ୍ତ୍ୱନା ଦିଏ, ସାହସ ଭରିଦିଏ । ତା'ର ଚାହାଣି, ହସହସ ମୁଖ, ମଧୁର କଥା, ହୃଦୟର ଭାବ, ସତ୍-ସ୍ୱଭାବ, କୋମଳ ପରଶ, ନିଷ୍କପଟ ଶୁଦ୍ଧ ପ୍ରେମ ଆଦି ସନ୍ତାନର ଜୀବନ ପଥକୁ କୁସୁମିତ କରେ, ଅସହାୟକୁ ସାହାରା ଦିଏ, ଦୁଃଖକୁ ସୁଖ କରେ, ନିର୍ବଳକୁ ବଳ ଯୋଗାଏ, ଅଜ୍ଞାନକୁ ଜ୍ଞାନରେ ଭରିଦିଏ, ପତିତକୁ ଉଚ୍ଚ ଶିଖରକୁ ଉଠାଇ ନିଏ, ଭୀରୁ କାପୁରୁଷ ଠାରେ ବୀରତ୍ୱ ଜଗାଏ, ହତାଶା ଓ ନିରାଶାରେ ଆଶାର ଆଲୋକ ଦେଖାଏ । ଆମେ କିନ୍ତୁ ସେହି ମାଆର ତ୍ୟାଗ, ପ୍ରେମ ଓ ବଳିଦାନକୁ ବୁଝି ପାରୁନା । ମାଆର ହୃଦୟରୁ ଯେଉଁ ପ୍ରେମ ଓ କରୁଣାର ଗଙ୍ଗା ଝରିଆସି ସନ୍ତାନର ସକଳ ଦୁଃଖ ଯାତନାର ଅଗ୍ନିକୁ ଶାନ୍ତ କରିଦିଏ ସେହି ମାଆକୁ ଆମେ ବୁଝି ପାରୁନା; ବରଂ ସ୍ୱାର୍ଥ ଓ ଅହଂର ବଶବର୍ତ୍ତୀ ହୋଇ ମାଆକୁ ଭୁଲି ଯିବାକୁ ପ୍ରୟାସ କରୁ ।

ଦୁଃଖ, ବିପଦ ତଥା ରୋଗରେ ପଡ଼ିଲେ ଆମର ଜନ୍ମଦାତ୍ରୀ ମାଆ ଆମର ମଙ୍ଗଳ ପାଇଁ ଆଉ ଏକ ମାଆକୁ ପ୍ରାର୍ଥନା କରେ । ସେହି ମାଆ ଦୁର୍ଗା, କାଳୀ, ଲକ୍ଷ୍ମୀ, ସରସ୍ୱତୀ, ମଙ୍ଗଳା, ହିଙ୍ଗୁଳା, କମଳା, ବିମଳା, ଶାରଳା, ତାରା, ତାରିଣୀ, ବିରଜା, ସାବିତ୍ରୀ, ଗାୟତ୍ରୀ, ପାର୍ବତୀ ଆଦି ଯେକୌଣସି ନାମ ଓ ରୂପରେ ପୂଜା ପାଉଥିଲେ ବି ମାନୁଷୀ ମାଆ ତାଙ୍କରିଠାରେ ଶରଣ ପଶି ସନ୍ତାନର ମଙ୍ଗଳ ପାଇଁ ପ୍ରାର୍ଥନା କରେ । ସେହି ବିଶ୍ୱଜନନୀ ଭିନ୍ନ ଭିନ୍ନ ନାମ ଓ ରୂପ ମାଧ୍ୟମରେ ଜଗତର କଲ୍ୟାଣ ନିମିତ୍ତ ତଥା ଦିବ୍ୟ ସଂକଳ୍ପକୁ କାର୍ଯ୍ୟକାରୀ କରିବା ନିମିତ୍ତ ପାର୍ଥିବ ଜଗତରେ କାର୍ଯ୍ୟ କରନ୍ତି ଏବଂ ବିଶେଷତଃ ମାନବର ପୂର୍ଣ୍ଣତା ଦିଗରେ ଆବଶ୍ୟକ ସହାୟତା ଯୋଗାଇ ଦିଅନ୍ତି ।

ମାଟି ବା ଭୂମିକୁ ଆମେ ମା' ବୋଲି କହିଥାଉ । ଦେଶପ୍ରେମୀମାନେ ନିଜର ଦେଶ ବା ରାଜ୍ୟକୁ ମା' ବୋଲି ଅନୁଭବ କରି ଥାଆନ୍ତି । ଶ୍ରୀଅରବିନ୍ଦ ସ୍ୱଦେଶ ଭାରତକୁ ଗୋଟାଏ ଜଡ଼ ପଦାର୍ଥ, କେତେଗୁଡ଼ିଏ ପଡ଼ିଆ ଜମି, ଶସ୍ୟକ୍ଷେତ୍ର, ବଣ, ପର୍ବତ, ନଦୀ ବୋଲି କହି ନାହାନ୍ତି । ସେ ଭାରତ ଦେଶକୁ ମା' ବୋଲି ଅନୁଭବ କରିଛନ୍ତି । ଭାରତ ମାତାର ଆତ୍ମା ସହିତ ସେ ନିଜକୁ ଏକାତ୍ମ କରି ତା'ର ମୁକ୍ତି ପାଇଁ ସଂଗ୍ରାମ କରିଛନ୍ତି ଏବଂ ତା'ର ପୁନରୁତ୍ଥାନ ସକାଶେ

ନିଜର ତପୋବଳ ବା ବ୍ରହ୍ମତେଜକୁ ପ୍ରୟୋଗ କରିଛନ୍ତି । ପ୍ରକୃତିକୁ ମଧ୍ୟ ଆମେ ମା' ବୋଲି କହିଥାଉ । ମାଟି, ପାଣି, ପବନ, ଆକାଶ, ଗଛଲତା, ନଦନଦୀ, ଗିରିକାନନ, ପଶୁପକ୍ଷୀ, କୀଟପତଙ୍ଗ, ସୂର୍ଯ୍ୟଚନ୍ଦ୍ର ଆଦି ବିଶ୍ୱପ୍ରକୃତି ମା'ର ଭିନ୍ନ ଭିନ୍ନ ରୂପ । ସେହି ପ୍ରକୃତି ମା' ସମଗ୍ର ମାନବଜାତିର କଲ୍ୟାଣ ନିମିତ୍ତ ଆଶିଷ ଢାଳି ଦେଇଛନ୍ତି । ଏହି ମଣିଷ ମଧ୍ୟ ବିଶ୍ୱପ୍ରକୃତି ମା'ର ସନ୍ତାନ । ପ୍ରକୃତି ମା' ଆମର ବିକାଶ ତଥା ଲକ୍ଷ୍ୟପୂରଣ ସକାଶେ ସକଳ ଜିନିଷ ଖଞ୍ଜି ଦେଇଛନ୍ତି । ସେହି ମା'ର ପ୍ରେମ ଓ ତ୍ୟାଗ ମଧ୍ୟ ଅତୁଳନୀୟ ।

ପରିବାରର କର୍ତ୍ତ୍ରୀ ହେଲେ ମା' । ମା'କୁ କେନ୍ଦ୍ର କରି ସମଗ୍ର ଦୁନିଆ ଯେପରି ଚାଲିଛି, ପରିବାରଟି ମଧ୍ୟ ମା'କୁ କେନ୍ଦ୍ର କରି ଚାଲେ । ମା'ହିଁ ସାକ୍ଷାତ୍ ଲକ୍ଷ୍ମୀ । ସେ ଭିନ୍ନ ଭିନ୍ନ ପରିସ୍ଥିତିରେ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣା ହୋଇଥାଏ । କେବଳ ମା'ହିଁ ସନ୍ତାନକୁ କ୍ଷୀର ଦେଇ ବଞ୍ଚାଏ । ସେ ସନ୍ତାନର ଠାଣି, ଚାହାଣି, ଅଙ୍ଗଭଙ୍ଗୀ, ଇଙ୍ଗିତକୁ ବୁଝିପାରେ । ଭୋକ ଓ ଶୋଷ ହେଲେ ଖୁଆଏ ଏବଂ ପିଆଏ । ଏପରିକି କେତେ ଖାଇଲେ ସନ୍ତାନର ପେଟ ପୂରିବ ତାହା ମଧ୍ୟ ଜାଣିପାରେ । ମା'ର ପ୍ରାର୍ଥନା ଥିଲେ ସନ୍ତାନ ଶତ୍ରୁକୁ ପରାଜିତ କରେ, ବିପଦରୁ ମୁକ୍ତି ପାଏ, ମୃତ୍ୟୁ ମୁଖରୁ ଫେରିଆସେ । ମା'ହିଁ ସନ୍ତାନର ପ୍ରାଣ, ବିଶ୍ୱାସ ଓ ନିଃଶ୍ୱାସ । ମା'ହିଁ ମମତାର ଧାରା, ପ୍ରେମର ପସରା । ମା'ହିଁ ସରଗର ଚାନ୍ଦ, ପୁଣ୍ୟତୀର୍ଥ, ବୈକୁଣ୍ଠର ଉଲ୍ଲାସ । ସେହି ମା' ଶାନ୍ତି ଓ ଆନନ୍ଦର ଦିବ୍ୟଭୂମି । ମା'ର ଚୁମା, ଲୋରି ଓ ଅନାବନା ଗୀତ ଓ ଗଳ୍ପ ଜୀବନରେ ଭରି ଦିଏ ଅପୂର୍ବ ମାଦକତା ! ସେହି ମା' ଯଦି ନୀରବ ହୋଇଯାଏ ତେବେ ଝୁରି ହୁଏ ସନ୍ତାନ । ଭୁଲି ପାରେ ସେ ଦୁନିଆର ସକଳ ଐଶ୍ୱର୍ଯ୍ୟ, କିନ୍ତୁ ଭୁଲି ପାରେନା ମା'ର ଆଶିଷ ଓ ପରଶ । ମା'ର ଚିନ୍ତା, ଭାବନା, ବିଚାର, ସଂକଳ୍ପ, ସଂସ୍କାର ତଥା ଆଚରଣରେହିଁ ସନ୍ତାନର ବ୍ୟକ୍ତିତ୍ୱ ଗଢ଼ିଉଠେ । ତା'ର ଚେତନାର ପ୍ରତିଟି ସ୍ପନ୍ଦନ ସନ୍ତାନର ଚେତନାରେ ସ୍ପନ୍ଦିତ ହୁଏ । ମା'ର ଆତ୍ମା ସର୍ବଦା ସନ୍ତାନ ସହିତ ରହିଥାଏ ଏବଂ ସନ୍ତାନକୁ ତା'ର ମୂଳସତ୍ତା ପରମାତ୍ମା ସହିତ ମିଳିତ ହେବାରେ ବାଟ ଦେଖାଏ । ଏପରିକି ସନ୍ତାନର ମଙ୍ଗଳ ପାଇଁ ସେ ନରମ ହୋଇ ପାରେ, ଗରମ ମଧ୍ୟ ହୋଇପାରେ, ନମ୍ର ହୋଇପାରେ, ଉଗ୍ର ବା କଠୋର ମଧ୍ୟ ହୋଇପାରେ । ସନ୍ତାନକୁ ତା'ର ପୂର୍ଣ୍ଣତା ପଥରେ ଆଗେଇ ନେବା ପାଇଁ ମା' ନିଜର ଜୀବନକୁ ଉତ୍ସର୍ଗ କରିପାରେ ।

ଘରର ଦାୟିତ୍ୱ ମା' ହାତରେ ଥାଏ । ଘରର ଚାବି ମଧ୍ୟ ମାଆ ପାଖରେ । ଜୀବନର ଅସଲ ଚାବିଟି ମଧ୍ୟ ସେହି ମା' ହାତରେ । ସେ ଦେବୀ ଏବଂ ମାୟାବୀ । ମା'ର ମାୟା ପାଖରେ ପୁରୁଷ ବନ୍ଧା । ମା'ର ପ୍ରେମ ପାଇଁ ପୁରୁଷ ନିଜକୁ ମଧ୍ୟ ଭୁଲିଯାଏ । ଉପନିଷଦ୍‌ରେ ସେଥିପାଇଁ 'ମାତୃ ଦେବୋ ଭବ' ବୋଲି କୁହାଯାଇଛି । ମା'ହିଁ ଜୀବନର ଅଧିଷ୍ଠାତ୍ରୀ ଦେବୀ । ସେହି ଦେବୀଙ୍କର ଉପାସନାରେ ଜୀବନ ହୁଏ କୁସୁମିତ ଏବଂ ଚେତନାର କମଳଟି ହୁଏ ବିକଶିତ । ସେହି ମା'ହିଁ ସରଗଠାରୁ ମହାନ୍ । ସେହିଁ ଶିକ୍ଷା, ଦୀକ୍ଷା, ସେହିଁ ଶାସ୍ତ୍ର ଓ ଗୁରୁ । ସେ ମଧ୍ୟ କାଳ ଓ ଉତ୍ସାହ । ସାଧନାର ପଥ ସେ, ସାଧନା ଓ ସିଦ୍ଧି ମଧ୍ୟ ସେ । ସେଥିପାଇଁ କଥାରେ ଅଛି ଦୁନିଆରେ ସବୁ ଚିଜ ମିଳିପାରେ : କିନ୍ତୁ ମା' ପରି ଚିଜଟିଏ କେଉଁଠି ମିଳେନା । ମା'ର ପଣତକାନିରେ ଭରି ରହିଥାଏ ସ୍ୱର୍ଗୀୟ ସୁଖ ଓ ଆନନ୍ଦ ।

ବିଶେଷ କରି ଦିବ୍ୟ ଜନନୀଙ୍କର କୋଳହିଁ ସନ୍ତାନର ଅସଲ ଘର, ବୈକୁଣ୍ଠପୁର । ସେହି ମା'ହିଁ ଜୀବନର ସତ୍ୟ ବା ବାସ୍ତବ ଘଟଣା । ସେହି ମା' ତାଙ୍କର ଲୀଳା ଭୂମିରେ କ୍ଷୁଦ୍ର ବା ବୃହତ୍ ହୋଇପାରନ୍ତି, ଚେତନାରେ ବ୍ୟଷ୍ଟିଗତ, ବିଶ୍ୱଗତ, ବିଶ୍ୱାତୀତା ହୋଇପାରନ୍ତି, ପାର୍ଥିବ ବା ଅପାର୍ଥିବ ମଧ୍ୟ ହୋଇ ପାରନ୍ତି, ତଥାପି ଅପରୂପା ଜନନୀ ସେ ଅଗଣିତ ଆତ୍ମାର – "A wonderful mother of unnumbered souls." ସେ ଦୟା, କ୍ଷମାର ଅବତାର । ସକଳ ଧର୍ମ ମଧ୍ୟ ମା'ଙ୍କଠାରୁ ଉଦ୍ଭୂତ । ମା'ଙ୍କ ବିନା ଦୁନିଆରେ ସତ୍ୟ ନାହିଁ କି ଧର୍ମ ନାହିଁ, ଆମର ଅସ୍ତିତ୍ୱ ମଧ୍ୟ ନାହିଁ ।

ସେହି ମା' ଜନ୍ମଦାତ୍ରୀ ହୁଅନ୍ତୁ ବା ଜନ୍ମଭୂମି ହେଉ, ଅଥବା ଦିବ୍ୟଜନନୀ ହୁଅନ୍ତୁ, ତାଙ୍କୁ ଆମର କୋଟି କୋଟି ନମସ୍କାର । ମା'ହିଁ ବିଦ୍ୟା, ମା'ହିଁ ଅବିଦ୍ୟା, ସେହିଁ ସକଳ ବିରୋଧାଭାସ ଓ ଦ୍ୱନ୍ଦ୍ୱ । ସବୁର ଊର୍ଦ୍ଧ୍ୱରେ ମଧ୍ୟ ସେ । ସେହିଁ ବେଦବାଣୀ, ଶବ୍ଦଶକ୍ତି, ବ୍ରହ୍ମଶକ୍ତି, ଶାଶ୍ୱତ ସତ୍ୟ ଏବଂ ସକଳ ଭୂତରେ ମାତୃଶକ୍ତି ରୂପେ ବିରାଜିତା ।

ସେଥିପାଇଁ ଜ୍ଞାନୀମାନେ ତାଙ୍କର ସ୍ତୁତିଗାନ କରନ୍ତି –
''ଯା ଦେବୀ ସର୍ବଭୂତେଷୁ ମାତୃ-ରୂପେଣ ସଂସ୍ଥିତା ।
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ॥''

(କ୍ରମଶଃ)

❑❑❑


# ସାଧନାର ଯଜ୍ଞବେଦୀ – ପାଠଚକ୍ର

## ଅଞ୍ଜଳି ତ୍ରିପାଠୀ

ପାଠଚକ୍ର :
ଦିବ୍ୟ-ଚେତନାର ମଧୁଚକ୍ର
ଦିବ୍ୟ-ଜ୍ଞାନ ଆଉ ପ୍ରେମର ପୁଣ୍ୟପୀଠ
ଦିବ୍ୟାନନ୍ଦର ଫଲ୍‌ଗୁ ସ୍ୱତଃ ଉତ୍ସାରିତ
ସେ'ତ ସତ୍ୟ ଶାନ୍ତି ଆଲୋକର ଶକ୍ତିପୀଠ
ପୂର୍ଣ୍ଣାଙ୍ଗ ଜୀବନର କ୍ରମୋନ୍ନତି ଭିତ୍ତିଭୂମି
ଯହିଁ ନିତ୍ୟ ସଙ୍ଗଠିତ ପ୍ରକଟିତ ।

ପାଠଚକ୍ର :
ପୂର୍ଣ୍ଣଯୋଗର ପୁଣ୍ୟକ୍ଷେତ୍ର
ଅତିମାନସ-ଶକ୍ତିର ଯଜ୍ଞକୁଣ୍ଡ...
ରୂପାନ୍ତର ଯୋଗର ଗୁହ୍ୟକେନ୍ଦ୍ର
ଅନନ୍ତ ସୃଜନୀର ଅକ୍ଷୟ ଶକ୍ତିଭାଣ୍ଡ
ଆତ୍ମ-ଜ୍ଞାନ ଆତ୍ମ-ଶୁଦ୍ଧି ଆତ୍ମ-ଆବିଷ୍କାରେ
ଯହିଁ ଚତୁର୍ବିଧ ସତ୍ତା ହୁଏ ସମନ୍ୱିତ ।

ପାଠଚକ୍ର :
ଅନ୍ତରାତ୍ମାର ପାଠଶାଳା
ଅଧ୍ୟାତ୍ମ-ଜୀବନର ମୁଖଶାଳା
ଦିବ୍ୟ ଲକ୍ଷ୍ୟ ଆଦର୍ଶର ଗବେଷଣାଗାର
ଅଧ୍ୟାତ୍ମ ଜ୍ଞାନ ଅନୁଶୀଳନର ଗନ୍ତାଘର
ସଂଘବଦ୍ଧ ଜୀବନ ଯୋଗର ଆଧାର ଶିଳା
ମାନବ ଐକ୍ୟ ସଙ୍ଗତିର ମନ୍ତ୍ରପୀଠ ।



ପାଠଚକ୍ର :
ଭବ୍ୟ ନବସୃଷ୍ଟିର ସାଧନକେନ୍ଦ୍ର
ଆଧ୍ୟାତ୍ମିକ-ବିପ୍ଳବର ଜ୍ୱଳନ୍ତ ଅଗ୍ନିକୁଣ୍ଡ
ଭାରତୀୟ ଐତିହ୍ୟର ଭାଗବତ ଅନୁଷ୍ଠାନ
ସ୍ୱାଧ୍ୟାୟ ସ୍ୱାଧ୍ୟାୟନ ନିଃସ୍ୱାର୍ଥ କର୍ମର ମୁକ୍ତକ୍ଷେତ୍ର
ମା' ଆଉ ପ୍ରଭୁଙ୍କ ଅତିମାନସ ଯୁଗ ରୂପାୟନେ
ଆସ୍ପୃହାର ପୁଣ୍ୟଭୂମି ଯୋଗମଗ୍ନା ଚକ୍ରତୀର୍ଥ । ❑

# ହିମାଳୟରେ ଶ୍ରୀଅରବିନ୍ଦଙ୍କ ସାର୍ଦ୍ଧ-ଶତକ ଜୟନ୍ତୀ

## ରବୀନ୍ଦ୍ରନାଥ ଦାସ

'ସାବିତ୍ରୀ' ମହାକାବ୍ୟର ଅନ୍ତିମ ପର୍ଯ୍ୟାୟ । ସାବିତ୍ରୀ ଓ ସତ୍ୟବାନଙ୍କ ଆଲୋକଦୀପ୍ତ ଯୁଗଳମୂର୍ତ୍ତିର ସନ୍ଦର୍ଶନରେ ବିମୁଗ୍ଧ ହୋଇ ସେଠାରେ ଉପସ୍ଥିତ ଥିବା ଜଣେ ପୁରୋହିତ ଓ ଋଷିପ୍ରତିମ ବ୍ୟକ୍ତିଙ୍କ ଜିଜ୍ଞାସାର ଉତ୍ତରରେ ସାବିତ୍ରୀ କହୁଛନ୍ତି :

"Awakened to the meaning of my heart
That to feel love and oneness is to live
And this the magic of our golden change,
Is all the truth I know or seek, O sage."
(Savitri, P. 724)

ଅର୍ଥାତ୍, ''ହେ ଋଷି, ସମସ୍ତଙ୍କ ମଧ୍ୟରେ ପ୍ରେମର ଅନୁଭବ କରିବା ଏବଂ ଏକାତ୍ମ ଜୀବନ ଲାଭ କରିବାହିଁ ପୂର୍ଣ୍ଣଜୀବନ ଏବଂ ମୋ ହୃଦୟରେ ଏହି ଯେ ସାର୍ଥକତା ପ୍ରତି ମୋର ପ୍ରତୀତି ଜାଗ୍ରତ୍ ହୋଇଅଛି, ଏବଂ ଏହାହିଁ ଆମ ଦିବ୍ୟ ରୂପାନ୍ତରର ଯାଦୁମନ୍ତ୍ର, ଏହାହିଁ ପୂର୍ଣ୍ଣ ସତ୍ୟ, ଯାହା ମୁଁ ଜାଣେ ଅଥବା ଏହାକୁହିଁ ଜୀବନରେ ଜୀବନ୍ତ କରିବା ମୋର ସାଧନା ଓ ସିଦ୍ଧି ।''

ଏବେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କର ସାର୍ଦ୍ଧଶତକ ଜୟନ୍ତୀ ଉପଲକ୍ଷେ ସର୍ବତ୍ର ନାନାବିଧ କାର୍ଯ୍ୟକ୍ରମ ଆୟୋଜିତ ହେଉଅଛି । ସବିତା ପୁତ୍ରୀ ସାବିତ୍ରୀଙ୍କର ସେହି ମନ୍ତ୍ରମୟୀ ବାଣୀ 'to feel love and oneness is to live'କୁ ସାକାର ରୂପ ଦେବା ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦ ଆଶ୍ରମର ଦିଲ୍ଲୀ ଶାଖା ତରଫରୁ Himalayan Centre of Sri Aurobindo Ashram, Van Nibas, Nainitalରେ Sourcing our Oneness-22 ନାମରେ ଶିବିରଟିଏ ୨୦୨୨ ମାର୍ଚ୍ଚ ମାସ ୨୬ ତାରିଖରୁ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଏଥିରେ ଭାରତବର୍ଷର ବିଭିନ୍ନ ସାଧନା କେନ୍ଦ୍ରରୁ ୧୦୫ଜଣ ମାତୃପ୍ରେମୀ ଯୋଗ ଦେଇଥିଲେ । ଅରୋଭିଲ୍ ନିବାସୀ ରାମନାରାୟଣ ଭାଇ ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଥିବା କଥା ଜାଣି କଟକରୁ ମୁଁ ଓ ବନ୍ଧୁ ଅକ୍ଷୟ କୁମାର ସ୍ୱାଇଁ ତାଙ୍କ ନେତୃତ୍ୱରେ ଯାଇ ସେହି ଶିବିରରେ ଯୋଗ ଦେଇଥିଲୁ । ଆମେ ଦୁହେଁ ୨୫ ତାରିଖ ଦିନ ୨ଟାରେ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ଉଡ଼ାଜାହାଜରେ ଯାଇ ରାମଭାଇ ଏବଂ ତାଙ୍କ ଅରୋଭିଲିୟାନ୍ ସାଥୀମାନଙ୍କୁ ରେଳଗାଡ଼ିରେ ହିଁ ଭେଟିଲୁ । ପୂର୍ବ ଯୋଜନା ଅନୁଯାୟୀ 'ରାଣୀକ୍ଷେତ ଏକ୍ସପ୍ରେସ୍' ସନ୍ଧ୍ୟା ଆଠଟାରେ ଆମକୁ ଦିଲ୍ଲୀରୁ ନେଇ 'କାଠଗୋଦାମ' ଷ୍ଟେସନରେ ପହଞ୍ଚାଇ ଦେଲା ୨୬ ତାରିଖ ସକାଳ ୬ ଘଟିକାରେ । କଟକଠାରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ଅସହ୍ୟ ତାତିରେ ସିଝି ସିଝି ଅଳ୍ପ କେତେ ଘଣ୍ଟାର ବ୍ୟବଧାନ ପରେ ସେଠାରେ ପହଞ୍ଚିଲା ବେଳକୁ ଚାରିଆଡ଼େ ଖାଲି ଶୀତ ଆଉ ଶୀତ । ଅବିଳମ୍ବେ ସମସ୍ତେ ଶୀତଲୁଗା ପିନ୍ଧିବାକୁ ବାଧ୍ୟ ହେଲୁ ।

ଖଲ୍ଲିକୋଟରୁ ବାପୁଭାଇ ମଧ୍ୟ ପଛ ଗାଡ଼ିରେ ଆସି ଆମ ସହିତ ଶିବିରରେ ଯୋଗ ଦେଲେ । ଆମେ ଓଡ଼ିଶାରୁ ମାତ୍ର ତିନିଜଣ ଯାଇଥିଲୁ ହେଲେ ଶିବିରରେ ଓଡ଼ିଆଙ୍କ ସଂଖ୍ୟା ଥିଲା ଦଶ । ପୁଦୁଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମରୁ ଛବି ଅପା, କବିତା ଅପା, ଚାନ୍ଦିନୀ ଅପା ଓ ଶିରିଷ ଭାଇ ଏକ ଭିନ୍ନ ଦଳରେ ଯାଇ ସେଠାରେ ପହଞ୍ଚିଲା ବେଳେ ଦିଲ୍ଲୀ ଆଶ୍ରମରୁ ନିହାରୀକା ଅପା ଓ ଶାଶ୍ୱତୀ ଅପା ମଧ୍ୟ ଯାଇ ବନ ନିବାସରେ ପହଞ୍ଚିଥିଲେ । ସମୁଦାୟ ଶିବିରାର୍ଥୀଙ୍କ ମଧ୍ୟରୁ ଚାଳିଶ ଜଣ ସରିକି ବରିଷ୍ଠ ନାଗରିକ ଥିବାବେଳେ ପ୍ରାୟ ଷାଠିଏ ଜଣ ଥିଲେ ପ୍ରାଣବନ୍ତ ଯୁବକ, ଯୁବତୀ । ସମସ୍ତଙ୍କ ହୃଦୟ ଓ ମନ ଥିଲା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦିବ୍ୟ ପ୍ରେମ ଭାବରେ ପରିପ୍ଲୁତ ।

ଶିବିର କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେଲା ସେହି ଦିନ ସାୟନ୍ତନରେ । ଅରୋଭିଲ୍ ନିବାସୀ ୮୨ ବର୍ଷୀୟା ସ୍ୱିଡ଼େନ୍ ଦେଶୀୟ ମହିଳା ଜୟା ଦିଦି ଏହି ଶିବିରରେ ମୁଖ୍ୟ ପରିଚାଳିକା ଭାବରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସେ ହିମାଳୟ କୋଳରେ ଶ୍ରୀଅରବିନ୍ଦଙ୍କ ସାର୍ଦ୍ଧଶତକ ଜୟନ୍ତୀ ପାଳନର ବିଶେଷତ୍ୱ ବିଷୟରେ ସୂଚନା ଦେଲେ । ଶିବିରାର୍ଥୀମାନେ ଦଶଦିନଯାକ ସେଠାରେ କିପରି କଟାଇବେ, କ'ଣ ସବୁ କରିବେ, ପୁଣି କ'ଣ ସବୁ କରିବେ ନାହିଁ ସେବିଷୟରେ ସୂଚନା ମଧ୍ୟ ଦିଆଗଲା ।

ଏକଦା ସେହି ହିମଶୃଙ୍ଗଟି ଥିଲା ନେପାଳ ନରେଶଙ୍କ ନୈନିତାଲସ୍ଥିତ ଗ୍ରୀଷ୍ମକାଳୀନ ଶୈଳ ନିବାସ । ନାଁ ଥିଲା 'Ben

Nevis', ଇଂଲଣ୍ଡର ଉଚ୍ଚତମ ପର୍ବତ ଶୃଙ୍ଗର ନାମରେ ନାମିତ । ନୈନିତାଲ ସହରର ଉଚ୍ଚତା 'ବେନ୍ ନେଭିସ୍'ଠାରୁ ଯଥେଷ୍ଟ ଅଧିକ ଏବଂ ଆମେ ଶିବିର କରୁଥିବା 'ବନନିବାସ' ଶୃଙ୍ଗ ନୈନିତାଲ ସହରର ଉଚ୍ଚତାଠାରୁ ଆହୁରି ଏକ ହଜାର ଫୁଟ ଅଧିକ ଉଚ୍ଚ ହୋଇଥିଲେ ମଧ୍ୟ ରାଜା ଇଂରେଜ ଶାସକଙ୍କୁ ପ୍ରୀତ କରିବା ଉଦ୍ଦେଶ୍ୟରେ ଏହାର ଏପରି ନାମ କରଣ କରିଥିଲେ । କାଳକ୍ରମେ 'ବେନ୍ ନେଭିସ୍' ଅପଭ୍ରଂଶ ହୋଇ 'ବନ ନିବାସ'କୁ ରୂପାନ୍ତରିତ ହୋଇଅଛି । ୧୯୦୧ ମସିହା ମେ ମାସର ଶେଷ ସପ୍ତାହରେ ଆପଣାର ନବପରିଣୀତା ପତ୍ନୀ ମୃଣାଳିନୀ ଦେବୀ ଓ ଭଗିନୀ ସରୋଜିନୀଙ୍କୁ ନେଇ ବରୋଦା ମହାରାଜାଙ୍କର ବନ୍ଦୋବସ୍ତ କ୍ରମେ ନେପାଳ ନରେଶଙ୍କ ଆମନ୍ତ୍ରଣ ସ୍ୱୀକାର କରି ସେଠାକାର ବ୍ରୁକ୍‌ହିଲ ଶୈଳନିବାସରେ ଆତିଥ୍ୟ ଗ୍ରହଣ କରିଥିଲେ ମହାଯୋଗୀ ଶ୍ରୀଅରବିନ୍ଦ । ସେଦିନ ନେପାଳଧୀଶଙ୍କ ସାନ୍ଧ୍ୟ କାଳୀନ ଅତିଥି-ଆପ୍ୟାୟନ କକ୍ଷଟି ସହସ୍ର ମହମବତୀ ଓ ପ୍ରତିବିମ୍ବ ସୃଷ୍ଟିକାରୀ ଝୁମରରେ ଝଲସି ଉଠିଥିଲା । ବିଲାତ ଫେରନ୍ତା ଅରବିନ୍ଦ ଘୋଷ ସେ ସମୟର ଭାରତରେ କତିପୟ ମହାବିଦ୍ୱାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ । ଭାରତବର୍ଷର ଭାଗ୍ୟ ଓ ଭବିଷ୍ୟତ୍ ନିଶ୍ଚୟ ଦିନେ ଏହାଙ୍କ ପଦାଙ୍କ ଅନୁସରଣ କରିବ ସେକଥା ଆପଣାର ସୂକ୍ଷ୍ମ ଚେତନାରେ ସନ୍ଦର୍ଶନ କରି ବରୋଦା ମହାରାଜା ଗାଏକ୍‌ୱାର୍ଡ଼ ସୟାଜୀ ରାଓ ସେହି ନବ ଦମ୍ପତ୍ତିଙ୍କୁ ସେଦିନ ସେହିଭଳି ଭାବରେ ସମ୍ବର୍ଦ୍ଧିତ କରିଥିଲେ । ସେହି ଘଟଣାର ଏକ ଶତାବ୍ଦୀ ପରେ ବନନିବାସକୁ ଏବେ ଶ୍ରୀଅରବିନ୍ଦଙ୍କର ଶ୍ରୀତନୁ ଅବଶେଷର ଆଗମନ ଘଟିଛି । କାନ୍ଥରେ ଟଙ୍ଗା ହୋଇଛି ଶ୍ରୀଅରବିନ୍ଦ ଓ ମୃଣାଳିନୀ ଦେବୀଙ୍କର ସେହି ନୈନିତାଲ ରହଣି କାଳରେ ବାଙ୍କେଲାଲ୍ ଚୌଧୁରୀଙ୍କ ଷ୍ଟୁଡ଼ିଓରେ ଉଠାଯାଇଥିବା ଏପର୍ଯ୍ୟନ୍ତ ଉପଲବ୍ଧ ଏକମାତ୍ର କଳାଧଳା ଯୁଗ୍ମ ଫଟୋଟିଏ । ଦିଲ୍ଲୀର ଶିଳ୍ପପତି ଓ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ରନାଥ ଜୋହର ଦିଲ୍ଲୀ ଆଶ୍ରମ ତରଫରୁ ନେପାଳର ରାଣା ମୋହନ ସାମ୍‌ସେର ଜଙ୍ଗ ବାହାଦୂରଙ୍କ ଠାରୁ ଏହି ପୁରୁଣା ରାଜ ଉଆସଟିକୁ କିଣି ପର୍ଯ୍ୟାପ୍ତ ଶ୍ରମ ଓ ଅର୍ଥ ବ୍ୟୟ କରି ତାହାକୁ ଏଭଳି ସୁରମ୍ୟ ସ୍ଥଳରେ ପରିଣତ କରିଥିଲେ । ୧୯୦୧ରେ ଶ୍ରୀଅରବିନ୍ଦଙ୍କର ସେଠାରେ ଅବସ୍ଥାନ ବିଷୟରେ ପରେ ପ୍ରଶ୍ନବାଚୀ ସୃଷ୍ଟି ହେବାରୁ ତାଙ୍କ ସୁକନ୍ୟା ତାରା ଜୋହର ୧୯୭୧ ମସିହାରେ ବ୍ରୁକ୍‌ହିଲ୍‌ର ଫଟୋଟିଏ ନେଇ ଦିବ୍ୟଜନନୀ ଶ୍ରୀମାଙ୍କୁ ଏହାର ସତ୍ୟାସତ୍ୟ ବିଷୟରେ ପଚାରିଥିଲେ । ମା' ଫଟୋଟିକୁ ଚାହିଁ ଧ୍ୟାନସ୍ଥ ହୋଇଗଲେ ଏବଂ ଟେରାସ୍‌କୁ ଚାଲି ଯାଇଥିଲେ । ସେଠାରୁ ଫେରି ତାହାହିଁ ଶ୍ରୀଅରବିନ୍ଦ ପଦାର୍ପଣ କରିଥିବା ନିବାସ ବୋଲି ନିଶ୍ଚିତ କରାଇ ଦେଇଥିଲେ । ଏଥିରେ ପ୍ରଲୁବ୍ଧ ହୋଇ ମା'ଙ୍କର ସିଂହଶାବକ ଚମ୍ପକଲାଲ ଏହି ବନନିବାସକୁ ପ୍ରଥମେ ୧୯୮୬ ମସିହାରେ ଆସିଥିଲେ । ତାଙ୍କରି ସହଯୋଗରେ ପରେ ପ୍ରଭୁଙ୍କର ଶ୍ରୀତନୁ ସ୍ମାରକୀ ସେଠାରେ ପ୍ରତିଷ୍ଠିତ ହୋଇଛନ୍ତି ।

ଶିବିର କାଳରେ ପ୍ରତିଦିନ ସକାଳ ୬ଟାରୁ ଶିବିରାର୍ଥୀମାନଙ୍କ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଉଥିଲା । ଶିବିରାର୍ଥୀମାନଙ୍କୁ ପ୍ରତ୍ୟେକଙ୍କ ରୁଚି ମୁତାବକ ଏ. ଟି. ବି. (Awarness Through the Body), ଯୋଗାସନ, ମାର୍ଚ୍ଚିଂ ଆଦି ଛଅଟି ଗ୍ରୁପ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଶିବିରାର୍ଥୀମାନେ ୭ଟା ପର୍ଯ୍ୟନ୍ତ ଏସବୁଥିରେ ଯୋଗ ଦେଇ ପୁଣି ଶ୍ରମଦାନ ସାରି ଗାଧୋଇ ଜଳଖିଆ ଖାଇ ୯ଟା ବେଳକୁ ଦ୍ୱିତୀୟ ଏବଂ ତୃତୀୟ ନିର୍ଘଣ୍ଟ ଲାଗି ପ୍ରସ୍ତୁତ ହୋଇ ଯାଉଥିଲେ । ସେତେବେଳେ ମୁଖ୍ୟତଃ ମା'ଙ୍କ ପ୍ରତୀକ (Symbol)କୁ ନେଇ ଚେତନାର ଉତ୍ତରଣ ଉପରେ ଦଳଗତ ଭାବରେ ଆଲୋଚନା କରି ଚିତ୍ରାଙ୍କନ, ଭାବ-ଅଳଙ୍କରଣ ଆଦି କାର୍ଯ୍ୟ କରାଯାଉଥିଲା । ମଧ୍ୟାହ୍ନ ଭୋଜନ ଉତ୍ତାରୁ ସ୍ୱଳ୍ପ ବିଶ୍ରାମ ପରେ ଶିବିରାର୍ଥୀମାନେ ୩ଟାରେ ଏକାଠି ହେଉଥିଲେ । ଆପଣା ଦଳରେ ଦିଆ ଯାଇଥିବା ଭାବନାଟିକୁ ଆଲୋଚନା କରି ପ୍ରତ୍ୟେକ ଶିବିରାର୍ଥୀ ନିଜ ନିଜର ଚିନ୍ତନ ବ୍ୟକ୍ତ କରୁଥିଲେ । ସନ୍ଧ୍ୟା ୬ଟାରେ ସାମୂହିକ ଧ୍ୟାନ ପରେ ଚତୁର୍ଥ ନିର୍ଘଣ୍ଟରେ ସମସ୍ତେ ଏକାଠି ହୋଇ ଦଳକୁ ଦିଆ ଯାଇଥିବା ବିଷୟଗୁଡ଼ିକ ଉପରେ ପର୍ଯ୍ୟାଲୋଚନା କରି ତା'ର ନିଷ୍କର୍ଷ ଲେଖି ଦେଖାଉ ଥିଲେ । ରାତି ୯ଟାରେ ରାତ୍ରିଭୋଜନ ସରି ଯାଉଥିଲା ଏବଂ ୧୦ଟା ବେଳକୁ ଆଲୁଅ ଲିଭା ହୋଇ ଯାଉଥିଲା ।

ମୋର ନାମ ସମେତ ଯାବତୀୟ ବାହ୍ୟିକ ପରିଚୟ କିଭଳି 'ମୁଁ' ନୁହେଁ ଏବଂ ମୋ ଭିତରେ ଥିବା ଅସଲ 'ମୁଁ' କିଭଳି ପରମଙ୍କ ଏକ ଅଂଶ ଭାବରେ ମୋ ଭିତରେ ବିଦ୍ୟମାନ ସେବିଷୟରେ ପ୍ରଥମ ଦିନର ଆଲୋଚନା ସମସ୍ତଙ୍କୁ ଅନ୍ତର୍ମୁଖୀ କରାଇଥିଲା । ଅପରାହ୍ଣରେ ଶିବିରାର୍ଥୀମାନଙ୍କୁ ବନନିବାସଠାରୁ ପ୍ରାୟ ଚାରି କି.ମି. ଦୂର 'ଲ୍ୟାଣ୍ଡସ୍ ଏଣ୍ଡ' (Land's End) ନାମକ ଏକ ଶୃଙ୍ଗକୁ ଟ୍ରେକିଂରେ ନିଆ ଯାଇଥିଲା । ଶ୍ରୀମାତୃ ପ୍ରତୀକର ଅଭୀପ୍ସା ଓ ନିଷ୍ଠା (Aspiration and Sincerity)

ଉପରେ ନିଜ ନିଜର ଭାବନା ସକଳକୁ ଛୋଟ ଛୋଟ କାର୍ଡ଼ରେ ଲେଖି ସେସବୁ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରି ଷୋହଳରୁ ସତର ଜଣ ଶିବିରାର୍ଥୀଙ୍କୁ ନେଇ କରାଯାଇଥିବା ଦଳ ମଧ୍ୟରେ ସେବିଷୟରେ ପରସ୍ପର ଆଲୋଚନା ମାଧ୍ୟମରେ ସଂହତି ଆଣି ବଡ଼ ବଡ଼ ଡ୍ରଇଂ କାଗଜରେ ଅଠା ଲଗାଇ କାର୍ଡ଼ଗୁଡ଼ିକୁ ବିନ୍ୟାସ କରିବା ଥିଲା ଦ୍ୱିତୀୟ ଏବଂ ତୃତୀୟ ଦିନର ଆକର୍ଷଣୀୟ କର୍ମଶାଳା । ତୃତୀୟ ଦିନ ଅପରାହ୍ଣରେ ଶିବିରାର୍ଥୀମାନେ ‘Tiffin Top’ ନାମକ ଗିରିଶୃଙ୍ଗକୁ ଟ୍ରେକିଙ୍ଗ୍‌ରେ ଯାଇ ଖୁବ୍ ଉପଭୋଗ କରିଥିଲେ । ମାର୍ଚ୍ଚ ୨୯ ତାରିଖ ଦିନ ମା’ଙ୍କର ପ୍ରଥମ ଭାରତ ଆଗମନ ଉପଲକ୍ଷେ ଏକ ସ୍ୱତନ୍ତ୍ର ଆଲୋଚନା ଅନୁଷ୍ଠିତ ହୋଇଥିଲା । ନିଷ୍ଠା, ସମର୍ପଣ ଓ କୃତଜ୍ଞତାକୁ ଭାବନା ମାଧ୍ୟମରେ ଚିତ୍ରଣ ଥିଲା ସେଦିନର ବିଶେଷ କର୍ମଶାଳା । ସନ୍ଧ୍ୟାରେ ଆରତି ଦିଦି ଓ ଅଞ୍ଜୁ ଦିଦି ଶ୍ରୀଅରବିନ୍ଦଙ୍କ ସ୍ୱପ୍ନ ପଞ୍ଚକ ଉପରେ ସୁନ୍ଦର ଆଲୋଚନା ରଖିଥିଲେ । ପୂର୍ବ ଯୋଜନାନୁସାରେ ପରଦିନ ଶିବିରାର୍ଥୀମାନେ ନିଜ ନିଜ ପ୍ରାତଃଭୋଜନ ପ୍ୟାକେଟକୁ ଧରି ପର୍ବତ ରାସ୍ତାରେ ପ୍ରାୟ ଛଅ କି.ମି. ଦୂର ଏକ ଦୁଃସାହସିକ ତଥା ଦୁଷ୍କର ଟ୍ରେକ୍‌ରେ ଯାଇ ଅପରାହ୍ଣ ୨ଟା ସୁଦ୍ଧା ଆଶ୍ରମକୁ ଫେରି ମଧ୍ୟାହ୍ନ ଭୋଜନ ଖାଇଥିଲେ । ଷଷ୍ଠ ଦିନର ପ୍ରାତଃ ଅଧିବେଶନରେ ଶିବିରାର୍ଥୀମାନଙ୍କୁ ଆମର ଶାରୀରିକ, ପ୍ରାଣିକ, ମାନସିକ ଏବଂ ଚୈତ୍ୟସତ୍ତାର ଗୁଣଧର୍ମ ଏବଂ ବାହ୍ୟିକ ଆଚରଣ ଉପରେ ଏକ ଆକର୍ଷଣୀୟ ନାଟିକା ପ୍ରଦର୍ଶନ କରାଯାଇଥିଲା । ସାନ୍ଧ୍ୟ ଅଧିବେଶନରେ ଶ୍ରୀଅରବିନ୍ଦ ସୋସାଇଟି ତରଫରୁ କରାଯାଉଥିବା ବିବିଧ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଧାରିତ ଚଳଚ୍ଚିତ୍ରକୁ ସମସ୍ତେ ଉପଭୋଗ କରିଥିଲେ । ପରଦିନ ଶ୍ରୀଅରବିନ୍ଦଙ୍କର ଚତୁର୍ଥ ସ୍ୱପ୍ନ ଉପରେ ଗ୍ରୁପ୍‌ଭିତ୍ତିକ କର୍ମଶାଳାଟି ସମସ୍ତଙ୍କୁ ଆନନ୍ଦମୁଖର କରି ଦେଇଥିଲା । ସନ୍ଧ୍ୟା ୬ଟାରେ କାର୍ଯ୍ୟସୂଚୀ ଅନୁଯାୟୀ ଉତ୍କଳ ଦିବସ ଉପଲକ୍ଷେ ଦଶଜଣ ଓଡ଼ିଆ ଭାଇ, ଭଉଣୀ ମଞ୍ଚ ଉପରକୁ ଯାଇ ସମସ୍ୱରରେ ‘ବନ୍ଦେ ଉତ୍କଳ ଜନନୀ...’ ଗାନ କରି ଶିବିରାର୍ଥୀମାନଙ୍କୁ ଆହ୍ଲାଦିତ କରିଥିଲେ । ଓଡ଼ିଶାବାସୀଙ୍କର ମଗ୍ନ ଚେତନାର ଉତ୍ତରଣ ସହିତ ଉତ୍କଳ ବନ୍ଦନାର ସାରାଂଶ ବିଷୟରେ ରାମନାରାୟଣ ଭାଇ ସୂଚନା ଦେବା ପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷ ଅଧିବେଶନରେ ଓଡ଼ିଶାରେ ଚାଲିଥିବା ପାଠଚକ୍ର ଆନ୍ଦୋଳନ, ଦଶକର୍ମଧାରା ସମେତ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରସାର ସମ୍ପର୍କରେ – “Make Matter ready to express the Divine” ଉପରେ ଆଲୋଚନା ରଖା ହୋଇଥିଲା । ସେଠାରେ ଅଷ୍ଟମ ଓ ନବମ ଦିନର ଆଲୋଚନା ମୁଖ୍ୟତଃ ଚୈତ୍ୟସତ୍ତାର ଉନ୍ମୀଳନ । ଆମେ କିଭଳି ଆପଣାକୁ ଜାଣିବା ଏବଂ ନିୟନ୍ତ୍ରଣ କରି ପାରିବା, ଆପଣା ମନର ଭାବନା ସକଳକୁ ନୀରବ କରି ପ୍ରକୃତିକୁ, ବ୍ୟକ୍ତି ବିଶେଷଙ୍କୁ ଆମେ କିପରି ଯଥାର୍ଥରେ ଶୁଣିପାରିବା ତାହାରି ଉପରେ ଆଧାରିତ ହୋଇଥିଲା । ସାନ୍ଧ୍ୟ ଅଧିବେଶନଗୁଡ଼ିକରେ ସ୍ୱଦେଶୀ ଉତ୍ପାଦନ ସକଳ ପ୍ରତି ଆଗ୍ରହ, ପୂର୍ଣ୍ଣାଙ୍ଗ ଶିକ୍ଷାନୀତି, ଭାରତୀୟ ସଂସ୍କୃତି ଓ ଶାସ୍ତ୍ରସକଳର ଉତ୍ଥାନ, ସ୍ୱଦେଶୀ ଆନ୍ଦୋଳନ ଆଦି ଶ୍ରୀଅରବିନ୍ଦଙ୍କର ବିବିଧ ଆହ୍ୱାନ ସମେତ ତାଙ୍କର ଚତୁର୍ଥ ସ୍ୱପ୍ନକୁ ସାକାର କରିବା ଲାଗି ଆମେ କ’ଣ ସବୁ କରିପାରିବା ସେ ବିଷୟରେ ଆଲୋଚନା ହୋଇଥିଲା । ଅପରାହ୍ଣରେ ଶିବିରାର୍ଥୀମାନେ ‘ଶ୍ରୀଅରବିନ୍ଦ ହିମଶୃଙ୍ଗ’କୁ ଏକ ଦୁଷ୍କର ଅଭିଯାନରେ ଯାଇଥିଲେ । ଏପ୍ରିଲ ୪ ତାରିଖରେ ପ୍ରଭୁଙ୍କର ପଣ୍ଡିଚେରୀ ଆଗମନ ଉପଲକ୍ଷେ ଆଶ୍ରମ ଅଗଣାରେ ଅବସ୍ଥିତ ତାଙ୍କ ଆବକ୍ଷ ମାର୍ବଲ ମୂର୍ତ୍ତି ସନ୍ନିଧାନରେ ସମସ୍ତେ ମାର୍ଚ୍ଚପାଷ୍ଟ କରିଥିଲେ । ‘ବିଶ୍ୱକୁ ଭାରତର ଅବଦାନ’ ବିଷୟରେ ସେଦିନର ଆଲୋଚନା ସମସ୍ତଙ୍କୁ ଆବିଷ୍ଟ କରି ରଖିଥିଲା । ପରଦିନ ପାହାଡ଼ିଆ ରାସ୍ତାରେ ପ୍ରାୟ ୨୨ କି.ମି. ଦୂର କେଇଁଞ୍ଚ ଧାମକୁ ମଧ୍ୟାହ୍ନ ଭୋଜନ ପ୍ୟାକେଟ୍ ସହିତ କଷ୍ଟସାଧ୍ୟ ତଥା ଦୁଃସାହସିକ ଯାତ୍ରା ଯାତ୍ରୀମାନଙ୍କ ଲାଗି ଆଜୀବନ ଅଭୁଲା ହୋଇ ରହିବ । ଆଶ୍ରମରୁ ଜଳଖିଆ ଖାଇ ସକାଳ ୮ଟା ପୂର୍ବରୁ ଅଭିଯାତ୍ରାରେ ବାହାରି ନିକଟ ଅତୀତରେ ସେ ଅଞ୍ଚଳରେ ସାଂଘାତିକ ଭୂସ୍ଖଳନ ଯୋଗୁଁ ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିବା ରାସ୍ତାରେ ଯାଇ ସେଠାରେ ପହଞ୍ଚିବା ବେଳକୁ ସନ୍ଧ୍ୟା ୫ଟା ହୋଇ ଯାଇଥିଲା । ପୂର୍ବଯୋଜନା ଅନୁସାରେ ପଥଚାରୀମାନେ ସେଠାରୁ ଆଶ୍ରମକୁ ଗାଡ଼ିରେ ଫେରିଥିଲେ ।

ଏପ୍ରିଲ ୬ ତାରିଖ ଦିନ ଘର ବାହୁଡ଼ା ବାଟରେ ଶିବିରାର୍ଥୀମାନଙ୍କୁ ତଲ୍ଲାରାମଗଡ଼ସ୍ଥ ମନୋମୁଗ୍ଧକର ମଧୁବନ ଆଶ୍ରମକୁ ନିଆ ଯାଇଥିଲା । ରାମନାରାୟଣ ଭାଇଙ୍କ ସୌଜନ୍ୟରୁ ସେଠାରେ ପହଞ୍ଚିବା ପୂର୍ବରୁ ଆମେ କେତେଜଣ ଶ୍ରୀଅରବିନ୍ଦ ଆଶ୍ରମର ଅନ୍ୟ ଏକ ଶାଖା ତପୋନିଧାନ ‘ତପୋଗିରି’ ଆଶ୍ରମରେ କିଛି ସମୟ କଟାଇବାର ସୁଯୋଗ ପାଇ ଉଲ୍ଲସିତ ହୋଇଥିଲୁ । ମଧୁବନ ଆଶ୍ରମର ରମଣୀୟ ପରିବେଶ ସାଙ୍ଗକୁ ହିମଶୀତଳ ହିମାଳୟର ନୈସର୍ଗିକ ସୁଷମା ମଣ୍ଡିତ ମନୋଲୋଭା

ଶୋଭାରାଶି ମଧ୍ୟରେ ଅବସ୍ଥିତ ପ୍ରଭୁଙ୍କର ଶ୍ରୀତନୁ ସ୍ମାରକୀ ପୀଠ ଚତୁର୍ଦ୍ଦିଗରେ ବିଚ୍ଛୁରିତ ସୁମନ ସୁରଭିର ଆକର୍ଷଣୀୟ ଦୀପ୍ତିକୁ ଶିବିରାର୍ଥୀମାନେ ଖୁବ୍ ଉପଭୋଗ କରିଥିଲେ । ସେଠାରେ ମଧ୍ୟାହ୍ନ ଭୋଜନ ସାରି ଅପରାହ୍ନ ୩ଟାରେ ଆମ ଲାଗି ଅପେକ୍ଷାରତ ଗାଡ଼ିରେ ବାହାରି ପଡ଼ିବାକୁ ହେଲା କାଠଗୋଦାମ ଷ୍ଟେସନ ଅଭିମୁଖେ । ସେଠାରୁ ୮ଟା ୩୦ ମିନିଟରେ 'ରାଣୀକ୍ଷେତ ଏକ୍ସପ୍ରେସ୍' ଧରି ୩ଟା ୩୦ ମିନିଟ ସୁଦ୍ଧା ଦିଲ୍ଲୀ ଷ୍ଟେସନରେ ପହଞ୍ଚି ସେଠାକାର ଶ୍ରୀଅରବିନ୍ଦ ଆଶ୍ରମରେ ଗୋଟିଏ ଦିନ ବିତାଇ ମାତୃପ୍ରାଣା ତାରାଦିଦିଙ୍କ ସହିତ ଆଳାପ ଆଲୋଚନାନ୍ତେ ଭୁବନେଶ୍ୱର ଦେଇ ଆମେ କଟକ ଫେରି ଆସିଲୁ ।

ଶିବିର କାଳର ଅନେକ ଛୋଟ ଛୋଟ କଥା ବିସ୍ମୃତ ହୋଇ ଗଲାଣି । ହେଲେ ୭,୫୦୦ ଫୁଟ ଉଚ୍ଚତାରେ ନଗାଧିରାଜ ହିମାଳୟ କୋଳରେ ଅବସ୍ଥିତ ବନନିବାସ ଆଶ୍ରମରେ ମହାଯୋଗୀ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ସାର୍ଦ୍ଧଶତକ ଜୟନ୍ତୀ ପାଳନ ଉଦ୍ଦେଶ୍ୟରେ କରାଯାଇଥିବା ଏହି ଶିବିର, ସେଠାକାର ଭବ୍ୟ ସମାବେଶ ଏବଂ ଦିବ୍ୟ ଶାନ୍ତ, ସ୍ନିଗ୍ଧ ଅନୁଭୂତି ଯେ ସ୍ମୃତିର ଆଲବମ୍‌ରେ ଆଜୀବନ ସାଇତା ହୋଇ ରହିବ ଏହା ସୁନିଶ୍ଚିତ ।

ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟଃ

ଓଁ ନମୋ ନମୋ ଶ୍ରୀମୀରାମ୍ବିକାୟଃ ।

❑❑❑

## ଶତାୟୁର ବିଶ୍ୱାସ

ପ୍ରଥମ ଏବଂ ଦ୍ୱିତୀୟ ଶତାବ୍ଦୀ ଭିତରେ ରୋମରେ ଥିଲେ ଜଣେ ପ୍ରତାପଶାଳୀ ସମ୍ରାଟ । ନାମ ତାଙ୍କର ହାଡ୍ରିଅନ୍ । ଦିନେ ସେ ଟାଇବେରିଆସ୍ ମୁଲକ ଦେଇ ଯାଉଥା'ନ୍ତି, ଦେଖିଲେ ଜଣେ ବୁଢ଼ା ବହୁ ପରିଶ୍ରମରେ ଗାତ ଖୋଳି ଫିଗ୍ (ଗୋଟାଏ ପ୍ରକାର ସୁସ୍ୱାଦୁ ଡିମିରି ଫଳ) ଚାରାଟିମାନ ରୋପଣ କରୁଛି । ସମ୍ରାଟ କହିଲେ, ''ଯୌବନରେ ତୁମେ ପରିଶ୍ରମ କରିଥିଲେ ଏ ବୟସରେ ଏତେ ଖଟିବାକୁ ପଡ଼ନ୍ତା ନାହିଁ ।'' ବୁଢ଼ା କହିଲା, ''ପରିଶ୍ରମ ମୁଁ ସାରା ଜୀବନ କରୁଛି – ଶୈଶବରେ, ଯୌବନରେ ତଥା ଏ ପରିଣତ ବୟସରେ । ପରିଶ୍ରମହିଁ ମୋ ପାଇଁ ଜୀବନ ।''

ସମ୍ରାଟ ପଚାରିଲେ, ''ତୁମେ କ'ଣ ଆଶା କରୁଛ ଏ ଚାରା ବଢ଼ି ଦିନେ ଫଳ ଦେବ ଏବଂ ତୁମେ ତାହା ଖାଇବ ?''

ବୁଢ଼ା କହିଲା, ''ବର୍ତ୍ତମାନ ମୋର ବୟସ ପ୍ରାୟ ଶହେ । ଭଗବାନ୍ ଚାହିଁଲେ ମୁଁ ଅବଶ୍ୟ ଏହାର ଫଳ ଖାଇ ପାରିବାଯାଏ ବଞ୍ଚିବି । ନହେଲେ ମୋ ପୁଅ, ନାତି ଓ ଅନ୍ୟମାନେ ଖାଇବେ – ଯେମିତି ମୁଁ, ମୋ ବାପା, ଜେଜେବାପା ରୋପଣ କରିଥିବା ଗଛର ଫଳ ଖାଉଛି ।''

ସମ୍ରାଟ ଖୁସି ହେଲେ । କହିଲେ, ଠିକ୍ ଅଛି । ଯଦି ଏ ଗଛସବୁ ଫଳ ଦେବାଯାଏ ତୁମେ ବଞ୍ଚି ରହିବ ତେବେ ମୋତେ ଜଣାଇବ ।

କେତେ ବର୍ଷ ପରେ ଦିନେ ସମ୍ରାଟ ତାଙ୍କ ନଅରର ଉପର ମହଲାରୁ ଦେଖିଲେ ବୁଢ଼ାଟିଏ ପିଠିରେ ଗୋଟାଏ ପାଛିଆ ବହନ କରି ଆସୁଛି । କୌତୂହଳୀ ହୋଇ ସେ ତଳକୁ ଗଲେ ଏବଂ ବୁଢ଼ାକୁ ତାଙ୍କ ପାଖକୁ ବାଟ ଛାଡ଼ି ଦେବାକୁ ଦ୍ୱାରରକ୍ଷୀମାନଙ୍କୁ ନିର୍ଦ୍ଦେଶ ଦେଲେ ।

ବୁଢ଼ା ସମ୍ରାଟଙ୍କୁ ପୂର୍ବ କଥାବାର୍ତ୍ତା ବିଷୟ ମନେ ପକାଇ ଦେଇ ପାଛିଆ ଭର୍ତ୍ତି ଫିଗ୍ ଫଳ ଉପହାର ଦେଲା । ସମ୍ରାଟ ତାକୁ ତା' ପାଛିଆ ଫେରାଇ ଦେଲେ – ସେଥିରେ ସୁନା ଭର୍ତ୍ତି କରି ।

(ଇତିହାସର କେତୋଟି ମୁହୂର୍ତ୍ତ) — ମନୋଜ ଦାସ

ସୌନ୍ଦର୍ଯ୍ୟର ତପସ୍ୟା :

# ଏକଲବ୍ୟର ସାଧନା

## (୮)

[''ତୁମେ ସର୍ବଦା ହିତୈଷୀ ହୁଅ ଏବଂ ଦୁଃଖରୁ ମୁକ୍ତ ହେବ; ସର୍ବଦା ସନ୍ତୁଷ୍ଟ ଓ ସୁଖୀ ହୁଅ ଏବଂ ତୁମର ଶାନ୍ତିମୟ ସୁଖୈଶ୍ୱର୍ଯ୍ୟ ବିତରଣ କରିବ ।''

(MCW, Vol. 3, p. 292) — ଶ୍ରୀମା]

### ପ୍ରଫୁଲ୍ଲ ଓ ହିତୈଷୀ :

ଆମର 'ସୌନ୍ଦର୍ଯ୍ୟର ତପସ୍ୟା' ମାର୍ଗରେ ଉତ୍ତମ ଓ ଗ୍ରହଣଶୀଳ ଶରୀର ନିମନ୍ତେ ଅଭ୍ୟାସର ସାଧନକୁ ଏକ ସହାୟକ ରୂପେ ବ୍ୟବହାର କରି ଆମେ ନିଶ୍ଚୟ ସୁଫଳ ପାଇପାରିବୁ । ଏକ ନିୟମାନୁବର୍ତ୍ତୀ କାର୍ଯ୍ୟସୂଚୀର ପରିସର ମଧ୍ୟରେହିଁ ଆମର ଶରୀର ଅପେକ୍ଷାକୃତ ସହଜ ଭାବରେ ନିଜର କ୍ରିୟାକଳାପ କରିବାରେ ସମର୍ଥ ହୋଇଥାଏ । ମାତ୍ର, ଆମେ ଯେପରି ଆମର ସେହି ଅଭ୍ୟାସଗୁଡ଼ିକର ଦାସ ହୋଇ ନଯାଉ ସେଥିପ୍ରତି ସଦା ସତର୍କ ରହିଥିବା । ସେହି ଅଭ୍ୟାସଗୁଡ଼ିକ ଯେତେ ଭଲ ହୋଇଥିଲେ ମଧ୍ୟ ଆମେ ତା'ରି ଭିତରେ ବିମୂଢ଼ ଭାବରେ ବାନ୍ଧି ହୋଇ ନପଡୁ, ଏଥିପ୍ରତି ଆମକୁ ଉତ୍ତମ ରୂପେ ସଚେତନ ରହିବା ଏକାନ୍ତ ଆବଶ୍ୟକ । ତେଣୁ ଏ କ୍ଷେତ୍ରରେ ଆମକୁ ଯଥାସମ୍ଭବ ଅଧିକ ନମନୀୟ ରହିବାକୁ ହେବ, ଆବଶ୍ୟକ ପଡ଼ିଲେ ସେସବୁକୁ ବଦଳାଇ ଦେଇ ପାରୁଥିବା ।

ଉଦାହରଣ ସ୍ୱରୂପ, ହୁଏତ ଏକ ଅବଶ୍ୟମ୍ଭାବୀ ପରିସ୍ଥିତିରେ ପଡ଼ି ଆମେ ଆମର ନିୟମନିଷ୍ଠ ଦୈନନ୍ଦିନ କ୍ରିୟା-କଳାପରେ (ଠିକ୍ ସମୟରେ ପାଣି ପିଇବା, ଆହାର କରିବା, ନିଦ୍ରାଯିବା, ବ୍ୟାୟାମ କରିବା ଇତ୍ୟାଦିରେ) ବ୍ୟାଘାତ ସୃଷ୍ଟି କରି ପକାଇଲୁ, ଆଉ ବେଶ୍ କିଛି ଦିନ ଧରି ଏପଟ-ସେପଟ ହୋଇଗଲା — ଏଥି ନିମିତ୍ତ ଆଦୌ ବିମର୍ଷ ହେବୁ ନାହିଁ । ପରିସ୍ଥିତିରେ ଖାପଖୁଆଇ ନେବାକୁ ଶାନ୍ତ ଭାବରେ ଉଦ୍ୟମ ଜାରି ରଖିବୁ ।

ଏହି ପରିପ୍ରେକ୍ଷୀରେ ଶ୍ରୀମା ପିଲାମାନଙ୍କୁ କହିଥିବା ଏକ ଗଳ୍ପର ଉଦ୍ଧାର କରୁଛୁ :

''ଏକ ବୃଷ୍ଟିପ୍ରଧାନ ଦେଶର ବିରାଟ ସହରଟିଏ । ଦିନେ ଉପରବେଳା ସେଠାରେ ସାତ, ଆଠଟି ଗାଡ଼ିରେ ବାଳକ-ବାଳିକାମାନେ ଭରିଯାଇଥିବାର ମୁଁ ଦେଖିଲି । ସେମାନଙ୍କୁ ଗ୍ରାମାଞ୍ଚଳର ଖୋଲା ଘାସ ପଡ଼ିଆରେ ଖେଳାବୁଲା କରିବାକୁ ସକାଳ ବେଳା ନିଆ ଯାଇଥିଲା । କିନ୍ତୁ ଦୁର୍ଯୋଗବଶତଃ ବର୍ଷା ହେଉଥିବା ଯୋଗୁଁ ସେମାନେ ବାଧ୍ୟ ହୋଇ ଖୁବ୍ ଶୀଘ୍ର ଫେରି ଆସିଲେ ।

''ଏହା ସତ୍ତ୍ୱେ ସେମାନେ ଗୀତ ଗାଉଥିଲେ, ହସଖୁସିରେ ଭରି ରହିଥିଲେ ଏବଂ ରାସ୍ତାର ପଥିକମାନଙ୍କୁ ମଧ୍ୟ ଆନନ୍ଦରେ ଅଭିବାଦନ ଜଣାଉ ଥିଲେ ।

''ଏହି ଅପ୍ରୀତିକର ବର୍ଷା ପାଗରେ ମଧ୍ୟ ସେମାନେ ପ୍ରଫୁଲ୍ଲତାକୁ ବଜାୟ ରଖିଥିଲେ । ସେମାନଙ୍କ ଦଳରୁ ଯଦି କେହି ଜଣେ ବିମର୍ଷ ଦେଖାଯାଉଥିଲା, ତେବେ ଅନ୍ୟମାନେ ଗୀତ ଗାଇ ତାକୁ ଆମୋଦିତ କରୁଥିଲେ । ବାଳକ-ବାଳିକାମାନଙ୍କର ଏହି ହାସ୍ୟରୋଳ ଶୁଣି ରାସ୍ତାର ତଥା ପରିବେଶର କର୍ମତତ୍ପର ବ୍ୟକ୍ତିଗଣ ସତେ ଯେପରି ଅନୁଭବ କରୁଥିଲେ ଯେ ସେହି ମୁହୂର୍ତ୍ତରେ ଆକାଶଟି ବେଶ୍ ଉଜ୍ଜ୍ୱଳ ହୋଇ ଉଠିଛି ।''

(ଗଳ୍ପଶ୍ରୀ, ପୃ. ୨୮)

ପୁନଶ୍ଚ ଶ୍ରୀମାଙ୍କର ଏକ ଉକ୍ତିରୁ : '' ଏହା ମଧ୍ୟ ଏକ ବିଶେଷ ଜ୍ଞାତବ୍ୟ ବିଷୟ ଯେ ଦୋଷଦର୍ଶୀ, ତିକ୍ତ ଓ ବିଦ୍ୱେଷପୂର୍ଣ୍ଣ ମନୋଭାବ ଏବଂ ରୁକ୍ଷ ବିଚାରଣା ଯୋଗୁଁ ମନୁଷ୍ୟର ପରିପାକ କ୍ରିୟାବଳି ଅତି ଶୀଘ୍ର ବିକାର ପ୍ରାପ୍ତ ହୁଏ । ତୁମର ପରିପାକ କ୍ରିୟାର ବ୍ୟତିକ୍ରମ ଘଟାଇବା ସକାଶେ ଏହାହିଁ ଯଥେଷ୍ଟ । ଏବଂ ଏହା ମଧ୍ୟ ଏକ ଦୁଷ୍ଟ (vicious) ଆବର୍ତ୍ତ, ଅର୍ଥାତ୍ ତୁମର ହଜମ ଶକ୍ତି ଯେତେ ଅଧିକ ଗୋଳମାଳ ହେବ, ତୁମେ ସେତେ ଅଧିକ ଈର୍ଷାପରାୟଣ, ଦୋଷଦର୍ଶୀ ଏବଂ ନିଜର ଜୀବନ, ବସ୍ତୁରାଜି ଓ ଲୋକମାନଙ୍କ ଉପରେ ଅସନ୍ତୁଷ୍ଟ ହେବ । ତେଣୁ ତୁମେ ସେହି ଚକ୍ରବ୍ୟୂହରୁ ବାହାରି ଆସିପାର ନାହିଁ । ଏବଂ ଏହାର ଏକମାତ୍ର ପ୍ରତିକାର ହେଉଛି ତୁମକୁ ସତର୍କତାର ସହ

ଉପରୋକ୍ତ ମନୋଭାବସବୁକୁ ପରିତ୍ୟାଗ କରିବାକୁ ହେବ । ଏ ଧରଣର ମନୋଭାବକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବାକୁ ହେବ ଏବଂ ସତତ ଆତ୍ମସଂଯମ ଦ୍ୱାରା ବ୍ୟାପକ ହିତୈଷଣା ମନୋବୃତ୍ତି ନିଜ ମଧ୍ୟରେ ସ୍ଥାପିତ କରିବାକୁ ହେବ । ଏହି ଚେଷ୍ଟା ଫଳରେ ତୁମର ଅନୁଭବ ହେବ ଯେ ତୁମେ ଅପେକ୍ଷାକୃତ ଅଧିକ ସୁସ୍ଥ ହୋଇ ଉଠୁଛ ।

(ଧମ୍ମପଦ, ପୃ. ୨୮୦)

ପୁନଶ୍ଚ ଶ୍ରୀମାଙ୍କ ଉକ୍ତିରୁ : ''ଆମ ଶରୀର ଏକ ଚମତ୍କାର ଯନ୍ତ୍ର, ଏହାକୁ କିପରି ବ୍ୟବହାର କରିବାକୁ ହେବ, ଆମ ମନ ତାହା ଜାଣେ ନାହିଁ; ମନ ଶରୀରର ନମନୀୟତା, ଆନୁଗତ୍ୟକୁ ବୃଦ୍ଧି କରାଇବା ପରିବର୍ତ୍ତେ ଆଣିଦିଏ ପୂର୍ବକଳ୍ପିତ ଧାରଣା ଓ ଅହିତକର ପ୍ରଣୋଦନାରୁ ଜାତ ଗୋଟିଏ କଠିନତା ।''

(ଧ୍ୟାନ ଓ ପ୍ରାର୍ଥନା, ପୃ. ୬୨)

ଏହିସବୁ କ୍ଷେତ୍ରରେ ଶ୍ରୀମା'ଙ୍କର ୧୭ ଅଗଷ୍ଟ ୧୯୧୩ ଧ୍ୟାନ ଓ ପ୍ରାର୍ଥନାଟି ଅବଶ୍ୟ ସ୍ମରଣୀୟ :

''ହେ ପରମେଶ୍ୱର, ଜୀବନର ପ୍ରଭୁ ! ଆମ୍ଭେମାନେ ଯେପରି ସ୍ଥୂଳ ଶରୀର-ସଂରକ୍ଷଣର ଦୁଃଶ୍ଚିନ୍ତାରୁ ଊର୍ଦ୍ଧ୍ୱକୁ, ଅତି ଊର୍ଦ୍ଧ୍ୱକୁ ଉଠିଯାଉ । ଶରୀର ରକ୍ଷଣ ପାଇଁ ସର୍ବଦା ଚିନ୍ତା କରିବା, ସ୍ୱାସ୍ଥ୍ୟ ନିମନ୍ତେ, ଆହାର ନିମନ୍ତେ, ଜୀବନର ଆକାର-ପ୍ରକାର ନେଇ ଏଇ ବ୍ୟସ୍ତତା – ଏହାଠାରୁ ଦୁଃଖପୂର୍ଣ୍ଣ ଦୀନହୀନ ଅବସ୍ଥା ଆଉ କ'ଣ ଅଛି ... । କେତେ ନଗଣ୍ୟ ଏହିସବୁ ବସ୍ତୁ, ଯେପରି ଏକ ପତଳା ଧୂଆଁର ରେଖା ସାମାନ୍ୟ ନିଃଶ୍ୱାସ ପବନରେ ମିଳାଇ ଯାଏ, ସେହିପରି ତୁମ ଅଭିମୁଖୀ ବିନ୍ଦୁମାତ୍ର ଚିନ୍ତାରେ ଏହିସବୁ ବସ୍ତୁ କୁଆଡ଼େ ମରୀଚିକା ପରି ମିଳାଇ ଯାଏ ।

''ଏହି ଦାସତ୍ୱର ଅଧୀନରେ ଯେଉଁମାନେ ଅଛନ୍ତି ସେମାନଙ୍କୁ ମୁକ୍ତ କର, ମୁକ୍ତ କର ଯେଉଁମାନେ ପ୍ରବଳ ରିପୁର ଦାସ । ତୁମ ଆଡ଼କୁ ଯିବା ପଥରେ ଏହିସବୁ ବାଧା ଯେପରି ନିଦାରୁଣ ସେହିପରି ପୁଣି ଅକିଞ୍ଚିତ୍କର – ନିଦାରୁଣ ସେଇମାନଙ୍କ ପାଇଁ ଯେଉଁମାନେ ଏବେ ବି ସେସବୁର ଦାସ; ଅକିଞ୍ଚିତ୍କର ସେଇମାନଙ୍କ ପକ୍ଷେ ଯେଉଁମାନେ ଏସବୁକୁ ଅତିକ୍ରମ କରି ଯାଇଛନ୍ତି ।

''କେତେ ଅନିର୍ବଚନୀୟ ସେଇ ପରମ ବିଶ୍ରାନ୍ତି, ଲଘୁତ୍ୱର ସେଇ ମଧୁର ଅନୁଭବ, ଯେତେବେଳେ ନିଜର ଭାବନାରୁ ଆମେ ମୁକ୍ତ ହେଉ, ମୁକ୍ତ ହେଉ ଜୀବନ, ସ୍ୱାସ୍ଥ୍ୟ, ଭୋଗ ଏପରିକି ଆତ୍ମୋନ୍ନତି ପର୍ଯ୍ୟନ୍ତ ଚିନ୍ତାରୁ । ...

''... ଯାହାକିଛି ଆମକୁ ଆଲୋକ ଦାନ କରେ, ମୁଗ୍ଧ କରେ, ଆମ୍ଭମାନଙ୍କ ଜୀବନର ସମସ୍ତ ଅର୍ଥ, ସମସ୍ତ ଲକ୍ଷ୍ୟ, ସବୁକିଛିହିଁ ତୁମେ । ଏହାହିଁ କ'ଣ ଯଥେଷ୍ଟ ନୁହେଁ ସମସ୍ତ ବ୍ୟକ୍ତିଗତ ଚିନ୍ତାରୁ ମୁକ୍ତି ପାଇବା ପାଇଁ ଏବଂ ଡେଣା ମେଲି ଦେଇ ସ୍ଥୂଳ ଜୀବନର ଯାବତୀୟ ଅନିତ୍ୟତାର ଊର୍ଦ୍ଧ୍ୱରେ ବିଚରଣ କରିବା ପାଇଁ – ତା'ହେଲେ ସିନା ଆମେ ଉଡ଼ିଯାଇ ପାରିବୁ ତୁମର ଦିବ୍ୟ ସାଲୋକ୍ୟ ମଧ୍ୟକୁ ଏବଂ ପୁଣି ପୃଥିବୀକୁ ଫେରି ଆସି ପାରିବୁ ତୁମର ଦିବ୍ୟ ବାର୍ତ୍ତାବହ ରୂପେ ତୁମର ଆସନ୍ନ ଆଗମନୀର ମହିମମୟ ସନ୍ଦେଶ ଘୋଷଣା କରିବାକୁ । ...''

ଏବେ ଆମେ ଆମର ଶରୀର ଚର୍ଚ୍ଚାର ଶିକ୍ଷାପ୍ରଣାଳୀ ସମ୍ବନ୍ଧରେ ଜନୈକ ସାଧକ ଅନିଲବରଣଙ୍କୁ ଶ୍ରୀମା'ଙ୍କର ଲିଖିତ ଉତ୍ତରଟିର ମର୍ମାନୁବାଦ ଉଦ୍ଧାର କରୁଛୁ :

''ଉତ୍ତମ ସ୍ୱାସ୍ଥ୍ୟ ଓ ଅନ୍ୟ ସବୁକିଛିକୁ ସ୍ଥାୟୀ ଭାବରେ ଲାଭ କରିବା ସକାଶେ ଯେତେଦିନ ପର୍ଯ୍ୟନ୍ତ ତୁମର ବାହ୍ୟ ଚେତନାଟି ବାଳସୁଲଭ, ନିର୍ବୋଧ ଧାରାରେ ମାନସିକ ଓ ଭୌତିକ ପ୍ରକ୍ରିୟାଦି (ଏ କ୍ଷେତ୍ରରେ ହଠଯୋଗ ଓ ସାଣ୍ଡୋଙ୍କ ପ୍ରଣୀତ ଶରୀର ଚର୍ଚ୍ଚାଦି) ଉପରେ ନିର୍ଭର ରଖିଥିବ, ସେତେଦିନ ପର୍ଯ୍ୟନ୍ତ ତୁମେ କେବେହେଲେ ତୁମର ଏହି ପ୍ରଚେଷ୍ଟାରେ କୃତକାର୍ଯ୍ୟ ହୋଇ ପାରିବ ନାହିଁ । ସବୁପ୍ରକାର ବାଧାବିପତ୍ତି ଉପରେ ପ୍ରଭୁତ୍ୱ ଆଣିବା ସକାଶେ ନିଶ୍ଚିତ ରୂପେ ଅବଶ୍ୟ କରଣୀୟ କର୍ତ୍ତବ୍ୟ ସ୍ୱରୂପ ଯେଉଁ ଉନ୍ମୀଳନ ଏବଂ ପ୍ରସ୍ତୁତିର ଆବଶ୍ୟକତା ରହିଛି – ଏଇଟିକୁ ଲାଭ କରିବା ପାଇଁ ଯେଉଁ ଏକମାତ୍ର ସହାୟ ଉପରେ ନିର୍ଭର ରଖାଯିବା କଥା ସେଇଟି ହେଉଛି ଦିବ୍ୟ ଅତିମାନସ ସାହାଯ୍ୟ । ମୋର ଏହିସବୁ କଥା କହିବାର ଉଦ୍ଦେଶ୍ୟ ନୁହେଁ ଯେ ଶରୀର ସକାଶେ ଯାବତୀୟ ଶାରୀରିକ ଯତ୍ନ ଓ ସତର୍କତାମୂଳକ ପ୍ରାକ୍-ବିଧାନକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ । କିନ୍ତୁ ସମସ୍ତ ପ୍ରୟାସ କରାଯିବା ଉଚିତ ମୁକ୍ତ ଓ ନିରାସକ୍ତ ମନ ଦ୍ୱାରା । ଯେଉଁ ମନ କି **ନିଜସ୍ୱ କୌଣସି ଶକ୍ତିଶାଳୀ ପ୍ରଭାବ ଓ ତାତ୍ପର୍ଯ୍ୟ ନଥିବା ଏହିସବୁ ପାରମ୍ପରିକ ପରିକଳ୍ପିତ ପ୍ରକ୍ରିୟାର** ଚରମ ଆପେକ୍ଷିକତା ସମ୍ବନ୍ଧେ ବେଶ୍ ଅବଗତ ରହିଥିବ ।

ମୋର ପ୍ରେମ ଓ ଆଶୀର୍ବାଦ ସହ ।''

ପରିଶେଷରେ ହଠଯୋଗ ସମ୍ବନ୍ଧରେ ଶ୍ରୀମା'ଙ୍କର ଏକ ବାଣୀ :

''ଆମ ନିଜ ଅନୁଭବରୁ ଆମେ ଜାଣିବାକୁ ପାଇଛୁ

ଯେ ଅଙ୍ଗଚାଳନାର ନିର୍ଦ୍ଦିଷ୍ଟ କୌଣସି ଗୋଟିଏ ପଦ୍ଧତିକୁହିଁ ଆମେ କଦାପି ଯୋଗମାର୍ଗୀୟ ଏକମାତ୍ର ଅଙ୍ଗଚାଳନା ପଦ୍ଧତି ବୋଲି (as the only yogic type of exercise) ବିଶେଷ ଭାବରେ ଚିହ୍ନିତ କରି ପାରିବା ନାହିଁ । ଏବଂ ଏକଥାଟିକୁ ମଧ୍ୟ ଆମେ ଏକାବେଳେକେ ନିର୍ଦ୍ଦିଷ୍ଟ କରି କହି ପାରିବା ନାହିଁ ଯେ କେବଳ ସେହିସବୁ ଅଙ୍ଗଚାଳନାରେ ଅଂଶଗ୍ରହଣ କରିବା ଦ୍ୱାରାହିଁ ତାହା ଆମକୁ ଉତ୍ତମ ସ୍ୱାସ୍ଥ୍ୟ ଅର୍ଜନ କରିବାରେ ସାହାଯ୍ୟ କରିବ କାରଣ ସେଗୁଡ଼ିକ ଯୋଗମାର୍ଗୀୟ ବ୍ୟାୟାମ ।

“ଆମର ଆବଶ୍ୟକତା ଓ ସାମର୍ଥ୍ୟର ଅନୁକୂଳ ଶରୀରଚର୍ଚ୍ଚାର ଯେକୌଣସି ବୁଦ୍ଧିସଙ୍ଗତ ପଦ୍ଧତିକୁ ବ୍ୟବହାର କରି ଅଭ୍ୟାସ କରୁଥିବା ବ୍ୟକ୍ତିର ସ୍ୱାସ୍ଥ୍ୟ ଉନ୍ନତି ସକାଶେ ନିଶ୍ଚୟ ସାହାଯ୍ୟ କରିବ । ଅଧିକନ୍ତୁ ଆମେ ଯେଉଁ ଦୃଷ୍ଟିଭଙ୍ଗୀ ସହିତ ଏସବୁ ସମ୍ପାଦନ କରୁଛୁ, ସେଇଟି ହେଉଛି ଏ କ୍ଷେତ୍ରରେ ଅଧିକ ମହତ୍ତ୍ୱପୂର୍ଣ୍ଣ । ଯେକୌଣସି ବ୍ୟାୟାମ ପଦ୍ଧତି ହେଉ ପଛକେ, ଯଦି ସୁଯୋଜିତ ଓ ବୈଜ୍ଞାନିକ ଧାରାରେ ନିର୍ଦ୍ଧାରିତ ହୋଇଥିବ ଏବଂ ଏକ ଯୌଗିକ ମନୋଭାବରେ ସେସବୁର ଅଭ୍ୟାସ କରାଯାଏ, ତା’ହେଲେ ସେସବୁ ଯୋଗମାର୍ଗୀୟ ବ୍ୟାୟାମ ହୋଇପାରିବ ଏବଂ ଯେଉଁ ବ୍ୟକ୍ତି ଏସବୁର ଅଭ୍ୟାସ କରୁଥିବ, ଶାରୀରିକ ସ୍ୱାସ୍ଥ୍ୟ ଓ ନୈତିକ ଓ ଆଧ୍ୟାତ୍ମିକ ଅଭିବୃଦ୍ଧି ଉଭୟ ଦୃଷ୍ଟିରୁହିଁ ସିଏ ସମ୍ପୂର୍ଣ୍ଣ ରୂପେ ଉପକୃତ ହୋଇ ପାରିବ ।”

(ଶିକ୍ଷା ପ୍ରସଙ୍ଗ, ପୃ. ୩୮୯-୩୯୦)

ଏଠାରେ ପ୍ରକାଶ ଥାଉ କି “ଯଦି ବ୍ୟାୟାମ କରିବାର ସ୍ଥାନଟି ଏକ ପ୍ରକୋଷ୍ଠ ହୋଇଥାଏ, ତେବେ ସେହି ପ୍ରକୋଷ୍ଠଟିରେ ଯଥେଷ୍ଟ ବାୟୁ ଚଳାଚଳ ଓ ଆଲୋକ ରହିଥିବା ଉଚିତ । କାରଣ ବାୟୁ ଓ ଆଲୋକ ନଥିବା ପ୍ରକୋଷ୍ଠଟିରେ ବ୍ୟାୟାମ କରିବା ଦ୍ୱାରା ଉପକାର ବ୍ୟତୀତ ଅଧିକ କ୍ଷତିହିଁ ହୋଇଥାଏ ।”

(ତତ୍ରୈବ, ପୃ. ୩୮୭)

(କ୍ରମଶଃ)

ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଉପଦେଶର ବିଡ଼ମ୍ବନା

## ମନୋଜ ଦାସ

[‘‘**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**’’ – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କର ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା ‘ପ୍ରତିନିଧି’ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ ‘ହେରିଟେଜ୍’, ‘ଚନ୍ଦାମାମା’ ସମେତ ଓଡ଼ିଆ ‘ଦିଗନ୍ତ’, ‘ବିଜୟା’ ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ ‘ଦେବପ୍ରିୟ’ ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି ।...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍‌ପଣୀରେ ଉଲ୍ଲେଖ ଅଛି, ‘‘ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।’’

‘**ଉପଦେଶର ବିଡ଼ମ୍ବନା**’ ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ଏ କାହାଣୀଟି ଅନେକଙ୍କୁ ଜଣାଥିବ : ଏକଦା ଥିଲେ ଜଣେ ତରୁଣ ରାଜା । ଥରେ ତାଙ୍କ ପରଲୋକଗତ ପିତାଙ୍କ ଗୁରୁ ଆସି ତାଙ୍କ ଆତିଥ୍ୟ ଗ୍ରହଣ କରିଥା’ନ୍ତି ।

ଗୁରୁ ବିଦାୟ ନେବାର ସମୟ ହୁଅନ୍ତେ ତରୁଣ ରାଜା ତାଙ୍କୁ କହିଲେ, ‘‘ଗୁରୁଦେବ, ମୋତେ କିଛି ଗୋଟାଏ ଉପଦେଶ ଦେଇ ଯାଆନ୍ତୁ ।’’

‘‘ବେଶ୍ । ପ୍ରତ୍ୟହ ତୁମେ ରାଜସଭାରେ ପ୍ରବେଶ କରିବା ମାତ୍ରେ ତୁମ ଭାଟମାନେ ତୁମ ଗୁଣଗାନ କରି କହନ୍ତି, ତୁମେ କନ୍ଦର୍ପଙ୍କଠାରୁ ସୁନ୍ଦର, କୁବେରଙ୍କଠାରୁ ଧନୀ ଏବଂ ଇନ୍ଦ୍ରଙ୍କଠାରୁ କ୍ଷମତାବାନ୍ । ତୁମେ ଏଭଳି ସ୍ତୁତିକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ । ନମ୍ରତାଠାରୁ ବଡ଼ ଗୁଣ କ’ଣ ଅଛି ?’’ – ଗୁରୁ କହିଲେ ।

‘‘ବୁଝିଗଲି ଗୁରୁଦେବ, ବୁଝିଗଲି ।’’ – ତରୁଣ ରାଜା ଉତ୍ସାହଭରେ କହି ଗୁରୁଙ୍କୁ ବିଦାୟ ଦେଲେ ।

ଦୁଇ ତିନିବର୍ଷ ଉତ୍ତାରୁ ଗୁରୁ ପୁନର୍ବାର ରାଜଦରବାରକୁ ଆସି ଶୁଣିଲେ ଭାଟ ବାପୁଡ଼ାର ଏହି ପ୍ରଶସ୍ତି, ‘‘ଆମ ରାଜା କନ୍ଦର୍ପଠାରୁ ସୁନ୍ଦର, କୁବେରଙ୍କଠାରୁ ଧନୀ ଏବଂ ଇନ୍ଦ୍ରଙ୍କଠାରୁ କ୍ଷମତାବାନ୍ ଠିକ୍, କିନ୍ତୁ ତାଙ୍କର ସବୁଠାରୁ ବଡ଼ ଗୁଣ ନମ୍ରତାବୋଧ; ସେଥିପାଇଁ ସେ ଏମନ୍ତ ପ୍ରଶସ୍ତିକୁ ପ୍ରଶ୍ରୟ ଦିଅନ୍ତି ନାହିଁ ।’’

ଗୁରୁ ଦୀର୍ଘ ନିଃଶ୍ୱାସ ଛାଡ଼ିଲେ । ସେ ବୁଝିଲେ ଉପଦେଶ ଦ୍ୱାରା ନମ୍ରତାବୋଧ ଶିଖାଇବା ସହଜ ନୁହେଁ । ଅବଶ୍ୟ ଯାହାର ଚେତନା ସେ ପାଇଁ ପ୍ରସ୍ତୁତ ହୋଇ ରହିଥିବ ନାନାଦି ଅଭିଜ୍ଞତା ମାଧ୍ୟମରେ, ତା’ ପାଇଁ ଉପଦେଶର ମୂଲ୍ୟ ଅଛି । ଅନ୍ୟଥା ତାହା ବୃଥା ।

ଚେତନା ପ୍ରସ୍ତୁତ ହେବା ନିମନ୍ତେହିଁ ପ୍ରକୃତି ଏବଂ ପରିସ୍ଥିତି ଆମ ଅହଂ ଉପରେ ବାରଂବାର ଆଘାତ ଦିଅନ୍ତି । ସେସବୁ ଆଘାତରୁ କେହି କେହି ନିଜେ ନିଜକୁ ଲାଭବାନ୍ ମନେ କରନ୍ତି, ଅଧିକାଂଶ କିନ୍ତୁ ଅନ୍ୟମାନଙ୍କୁ, ନ ହେଲେ ନିଜ କପାଳକୁ ଦାୟୀ କରନ୍ତି ।

ପ୍ରକୃତ ନମ୍ରତାବୋଧ ମଣିଷକୁ ଖାଲି ଅନୁତ୍ତେଜିତ ଏବଂ ପ୍ରଶାନ୍ତ ରଖେ, ତାହା ନୁହେଁ, ତାହା ଜଣକର କ୍ରମାଗତ ପ୍ରଗତିରେ ସହାୟକ ହୁଏ । ଥରେ ଜଣେ ବୃଦ୍ଧ ସାଧକଙ୍କୁ ଏ ଲେଖକ ପ୍ରଶ୍ନ କରିଥିଲା, ‘‘ମୁଁ ଲକ୍ଷ୍ୟ କରି ଦେଖିଛି, ଆପଣଙ୍କୁ

ଯେତେ ଲୋକ ଭେଟୁଛନ୍ତି, ଆପଣ ସମସ୍ତଙ୍କ ପ୍ରତି ନମ୍ର ଆଚରଣ କରୁଛନ୍ତି । ଏହା କିପରି ସମ୍ଭବପର ହେଉଛି ?''

ସାଧକ କିଞ୍ଚିତ୍ ଚମକି ପଡ଼ିବା ଭଳି ମନେ ହେଲା । ସତେ ଯେପରି ସେ ତାଙ୍କର ଏତାଦୃଶ ଆଚରଣ ସମ୍ପର୍କରେ ନିଜେ ସଚେତନ ନଥିଲେ । ଟିକିଏ ନୀରବ ଆତ୍ମସମୀକ୍ଷା କରି ସେ ଯାହା ଏ ଲେଖକକୁ ବୁଝାଇ କହିଲେ, ତା'ର ସାରକଥା ହେଲା, ସେ ଏମିତି କୌଣସି ମଣିଷକୁ ଭେଟି ନାହାନ୍ତି, ଯାହାଠାରୁ ସେ କିଛି ନା କିଛି ଶିଖି ନାହାନ୍ତି । ଅର୍ଥାତ୍ ତାଙ୍କ ପାଇଁ ସମସ୍ତେ ସତେଅବା ଶିକ୍ଷକ ସ୍ଥାନୀୟ । ସେ ନମ୍ର ନ ହେବେ କିପରି ?

ସେଭଳି ମନୋଭାବ ଆୟତ୍ତ କରିବା ଏବଂ ତାକୁ ବଜାୟ ରଖିବା ସହଜ ନୁହେଁ । କିନ୍ତୁ ସଚେତନ ଭାବରେ ଆମର ଦୈନନ୍ଦିନ ଜୀବନଧାରାକୁ ଏହିଭଳି ଆଦର୍ଶରେ ପରିଚାଳିତ କରିବାକୁ ପ୍ରୟାସ କଲେ ଆମେ ଏହାର ରସାସ୍ୱାଦନ କରିପାରିବା ।

ବ୍ୟକ୍ତିତ୍ୱ-ବିକାଶ ଖାଲି ସାମାଜିକ ପ୍ରତିଷ୍ଠା ବା ସାଫଲ୍ୟ ପାଇଁ ଆବଶ୍ୟକ ନୁହେଁ, ନିଜ ଭିତରେ ଶାନ୍ତି ଓ ସନ୍ତୋଷ ଅନୁଭବ କରିବାର ସାମର୍ଥ୍ୟ ଅର୍ଜନ କରିବାହିଁ ଏହାର ପ୍ରକୃତ ଆଭିମୁଖ୍ୟ ।

❑❑❑

*ପ୍ରଶ୍ନ : ବିନମ୍ର ହେବାର ଠିକ୍ ଓ ଭୁଲ୍ ବାଟ କ'ଣ ?*

**ଶ୍ରୀମା** : ଏହା ଅତି ସହଜ, ଯେତେବେଳେ କାହାକୁ କୁହାଯାଏ ''ବିନୀତ ହୁଅ'', ସେତେବେଳେ ହୁଏତ ସେ ସାଙ୍ଗେ ସାଙ୍ଗେ ଭାବି ନିଏ, ''ମୋତେ ଅନ୍ୟ ମଣିଷ ଆଗରେ ବିନୀତ ହେବାକୁ କୁହାଯାଉଛି'' ଏବଂ ସେ ପ୍ରକାର ବିନମ୍ରତା ଭୁଲ୍ । ଯଥାର୍ଥ ବିନମ୍ରତା ହେଉଛି ଈଶ୍ୱରଙ୍କ ପାଖେ ବିନମ୍ରତା । ଏପ୍ରକାରର ବିନମ୍ରତା ହେଉଛି ଖୁବ୍ ସୁନିର୍ଦ୍ଦିଷ୍ଟ, ସଠିକ ଏବଂ ଏକ **ଜୀବନ୍ତ** ବୋଧ ଯାହା ଅନୁଭବ କରେ – ଈଶ୍ୱରଙ୍କ ବ୍ୟତୀତ ଜଣେ କିଛି ନୁହେଁ, ଜଣେ କିଛି କରି ପାରିବ ନାହିଁ, କିଛି ବୁଝି ପାରିବ ନାହିଁ । ଆମ ଭିତରୁ ଯେ କେହି ଅସାଧାରଣ ବୁଦ୍ଧିମାନ୍ ଓ ସାମର୍ଥ୍ୟବାନ୍ ହେଲେ ବି ଈଶ୍ୱରଙ୍କ ଚେତନା ତୁଳନାରେ ତାହା କିଛି ବି ନୁହେଁ; ଏବଂ ତୁମର ସର୍ବଦା ଏହିଭଳି ବୋଧ ରହିବା ଉଚିତ । ତା'ହେଲେ ଯାଇ ତୁମର ଯଥାର୍ଥ ଗ୍ରହଣଶୀଳ ମନୋଭାବ ରହିପାରିବ । ଏହା ଏପରି ଏକ ନମ୍ର ଗ୍ରହଣଶୀଳତା ଯାହାକି ଈଶ୍ୱରଙ୍କ ବିପକ୍ଷରେ କୌଣସି ବ୍ୟକ୍ତିଗତ ଛଳନା ରଖେ ନାହିଁ ।

# ତୃଷାର୍ତ୍ତ କାଳିଦାସ

## ଧର୍ମକୁମାର ଶତପଥି

ପଥିକ ଚାଲିଛନ୍ତି । ପଥିକ – କାଳିଦାସ । ବିକ୍ରମାଦିତ୍ୟଙ୍କ ରାଜସଭାର କାଳିଦାସ ନୁହେଁ, କାବ୍ୟ, ମହାକାବ୍ୟର ପ୍ରଣେତା କାଳିଦାସ ନୁହେଁ – ଗଣ୍ଡ ମୂର୍ଖ କାଳିଦାସ, ନିଜ ପତ୍ନୀଙ୍କଠାରୁ ଅଜସ୍ର ଭର୍ତ୍ସନା ଖାଇ ଗ୍ଲାନିଭରେ ଚାଲିଛନ୍ତି ।

ଆଗରେ ଅସରନ୍ତି ପଥ । ଉଦ୍ଦେଶ୍ୟହୀନ ଯାତ୍ରା । ସର୍ପିଳ, ବନ୍ଧୁର ପଥରେ ତାଙ୍କର ଯାତ୍ରା । କୁଆଡ଼େ ଯାଉଛନ୍ତି ତାହା ତାଙ୍କୁ ଜଣା ନାହିଁ । ଶଙ୍କିତ ପଦପାତରେ ଆଗକୁ ଆଗକୁ ମାଡ଼ି ଚାଲିଛନ୍ତି । ମୁଣ୍ଡ ଭିତରେ ଗୋଳମାଳ ଲାଗି ରହିଛି । ତାଙ୍କର ଯାତ୍ରା କୁଆଡ଼େ ? କେଉଁଠିକୁ ?

ସୂର୍ଯ୍ୟ ମୁଣ୍ଡ ଉପରେ । ନିର୍ଦ୍ଧୁମ ଖରା ଟାଇଁ ଟାଇଁ । ସେ ଆଖି ବୁଲାଇ ନେଲେ । ଚାରି ଆଡ଼ ଶୂନଶାନ୍ । ତାଙ୍କ ଅସାର ବୁଦ୍ଧିହୀନ ମସ୍ତିଷ୍କ ପରି ଚାରିଆଡ଼ ଶୁଷ୍କ ଅସାର ଦିଶିଲା ।

ତଥାପି ସେ ଦୃଢ଼ । ଯାହାବି ହେଉ ସେ ଆଉ ପଛକୁ ଫେରିବେ ନାହିଁ । ଜୀବନ ପଛେ ଚାଲିଯାଉ, ହଟିବେ ନାହିଁ । ନା ପତ୍ନୀଙ୍କ ଅସହ୍ୟ ଭର୍ତ୍ସନାକୁ ହୃଦସ୍ଥ କରିବାର ନୁହେଁ ।

ଜନଶୂନ୍ୟ ପଥ, ଚାଲି ଚାଲି କେତେ ବାଟ ଆସିଲେଣି ଜଣା ନାହିଁ । କେଉଁ ଦୂର ଗଛ ଉହାଡ଼ରୁ କାପ୍ତାଟିଏ ଗୁମୁରି ଉଠୁଛି । ଶାନ୍ତ ପରିବେଶକୁ ବେଶ୍ ମୁଖର କରୁଛି ତା'ର ସେହି ବାହୁନା । ତାହା ବି ଅରୁଚିକର, ଲାଳିତ୍ୟହୀନ । ଥାଉ, ସେ ଆଡ଼କୁ ସୁଦ୍ଧା କର୍ଣ୍ଣପାତ କରିବାର ନୁହେଁ ।

ହଠାତ୍ ସେ ଅନୁଭବ କଲେ, ଟିକେ ପାଣି ମିଳନ୍ତା କି ? ଆଃ, ମୁଣ୍ଡଟା ଝାଇଁ ଝାଇଁ କରୁଛି । ତୃଷାରେ ତଣ୍ଟିଟା ଶୁଖିଲା ହୋଇ ଯାଉଛି । କେଉଁଠି ଟିକିଏ ପାଣି ମିଳନ୍ତା ଯଦି !

ସେ ଆକାଶକୁ ଅନାଇଲେ । ଶୁନଶାନ୍ ଆକାଶରେ ଯେପରି ନିଆଁ ଭର୍ତ୍ତି ହୋଇଛି । ଦୂର ଦିଗ୍‌ବଳୟ ପାଖରେ ସଫେଦ ବାଦଲ ଖଣ୍ଡେ ତୁଷାର ଶୁଭ୍ର ରଙ୍ଗରେ ଲଟକି ରହିଛି । ସେଇ ମେଘ ଖଣ୍ଡଟି ହେଲେ ତାଙ୍କ ପାଖକୁ ଆସି ଟିକେ ବର୍ଷା କରି ଦିଅନ୍ତା କିଂବା ମୁଣ୍ଡଟାକୁ ଢାଙ୍କି ଦିଅନ୍ତା । ଅନ୍ତତଃ ଟିକେ ଶୀତଳତା ମିଳନ୍ତା । ନା, ତା' ବି ସମ୍ଭବ ନୁହେଁ । ସେଇ ଥାକ ଥାକ ବାଦଲ ମୁଣ୍ଡାସବୁର ଆକୃତି କେମିତି ? ଥାଉ, ସେସବୁ ଚିନ୍ତା କରିବା ବୃଥା । ବାଦଲକୁ ଅନାଇ ପାଟିକୁ ମେଲାଇ ଦେଲେ ଜଳ ଉତୁରି ଆସିବ ନାହିଁ ! ହଠାତ୍ ତାଙ୍କର ମନେ ହେଲା ସେଇ ଦୂର ଦିଗ୍‌ବଳୟ ତଳେ ଥିବା ବାଦଲ ଖଣ୍ଡଟି ଏକ ସଫେଦ ହଂସ ଆକୃତିର । ଡେଣା ଝାଡ଼ି ସିଏ ଆକାଶ ପଥରେ ଉଡ଼ି ଯାଉଛି କେଉଁ ଏକ ଅଜଣା ଇଲାକା ଆଡ଼କୁ । ହଂସ ଉପରେ ଉପବିଷ୍ଟ ଅଛନ୍ତି କେହି ଜଣେ ଦେବୀ ପ୍ରତିମା । କିଏ ସେ ?

ନା କେହି ନୁହେଁ । ଏହା ତାଙ୍କର ମତିଭ୍ରମ । ଏମିତି ଆକାଶରେ ଭସା ବାଦଲସବୁ ବିଭିନ୍ନ ଚିତ୍ର, ଗଛ ଅଥବା ଅନ୍ୟକିଛି ଆକୃତିର ଭ୍ରମ ସୃଷ୍ଟି କରିଥା'ନ୍ତି । ଏହା ବୃଥା ଭାବନା ! ବୃଥା ଭାବନାରେ କ'ଣ ଆନନ୍ଦ ଥାଏ ? କିନ୍ତୁ ଆନନ୍ଦ ତ ଦୂରର କଥା, ପ୍ରାଣ ବଞ୍ଚାଇବା ପାଇଁ ପାଣି ମୁନ୍ଦାଏ ଏବେ ଡହଳବିକଳ କଲାଣି ।

ଆଃ ! ପାଟିଟା ଶୁଖିଲା, ଶୁଖିଲା ହୋଇ ଯାଉଛି । ଓଠଟା ଅଠା ଲାଗିଲାଣି । ଆଗରେ ଛୋଟ ପାହାଡ଼ଟିଏ ଠିଆ ହୋଇଛି । ନିର୍ବିକାର ସେ ! ତା'ର କଡ଼ ଦେଇ ବୁଲାଣିରେ ଗଲାପରେ ସେ ଦେଖିଲେ ଶୁଭ୍ରବସ୍ତ୍ର ପରିହିତା ଜଣେ ବୃଦ୍ଧା, କୂଅରୁ ପାଣି କାଢ଼ୁଛନ୍ତି । ସେ କ୍ଲାନ୍ତ ପଦରେ ବୃଦ୍ଧାଙ୍କ ନିକଟରେ ଯାଇ ଅନୁନୟ ହେଲେ ।

ବୃଦ୍ଧା ଗରାରେ ପାଣି କାଢ଼ୁ କାଢ଼ୁ କାଳିଦାସଙ୍କ ଆଡ଼କୁ ସାମାନ୍ୟ ଚାହିଁ ତାଙ୍କ ମୁହଁକୁ ପୁଣି କୂଅ ଆଡ଼କୁ ବୁଲାଇ ନେଲେ । କାଳିଦାସ କିଂକର୍ତ୍ତବ୍ୟବିମୂଢ଼ ଦେଖାଗଲେ । କହିଲେ – ''ଭାରି ଶୋଷ ହେଉଛି । ଟିକିଏ ପାଣି ଦେଇ ପାରିବ ?''

ବୃଦ୍ଧା କହିଲେ – ''ପାଣି ଦେବି । କିନ୍ତୁ ତୁମେ କିଏ ? ତୁମର ପରିଚୟ ?''

କାଳିଦାସ – ''ମୁଁ ଜଣେ ବାଟୋଇ । ଲକ୍ଷ୍ୟହୀନ ହୋଇ ଚାଲିଛି ।''

ବୃଦ୍ଧା – ''ତୁମେ ବାଟୋଇ କେମିତି ହୋଇପାରିବ ? ଏ ଦୁନିଆରେ ବାଟୋଇ ମାତ୍ର ଦୁଇଜଣ । ଜଣେ ସୂର୍ଯ୍ୟ ଓ ଅନ୍ୟ ଜଣେ ଚନ୍ଦ୍ର । ଏମାନେ ଅବିରାମ ଗତିରେ ଚାଲୁଥା'ନ୍ତି । ଏମାନଙ୍କ ମଧ୍ୟରୁ ତୁମେ କିଏ ? ସତ କରି କୁହ ?''

କାଳିଦାସ – ''ମୁଁ ତା'ହେଲେ ଜଣେ ଅତିଥି । ବଡ଼ ଶୋଷ ଲାଗୁଛି । ଦୟା କରି ପାଣି ଟିକେ ଦିଅ ।''

ବୃଦ୍ଧା – ''ତୁମେ ଅତିଥି ? କେମିତି ? ଏ ସଂସାରରେ ଦୁଇଜଣ ମାତ୍ର ଅତିଥି ଅଛନ୍ତି । ଜଣେ ଧନ ଓ ଆଉ ଜଣେ ଯୌବନ । ଏମାନେ ଆସନ୍ତି ଆଉ କିଛିଦିନ ରହି ବାହୁଡ଼ି ଯାଆନ୍ତି । ସତ କୁହ, ତୁମେ କିଏ ?''

କାଳିଦାସ ପରାସ୍ତ ହେଲେ । ମୁହଁ ନିଷ୍ପ୍ରଭ ଦେଖାଗଲା । ଏପଟେ ତୃଷାରେ ଆକୁଳ, ସେପଟେ ପ୍ରଶ୍ନ ବାଣରେ ପରାସ୍ତ । ତଥାପି ସେ କହିଲେ – ''ମୁଁ ଜଣେ ସହନଶୀଳ ବ୍ୟକ୍ତି । ହେଲା ? ଏଥର ତ ପାଣି ଟିକିଏ ମିଳୁ ।''

ବୃଦ୍ଧା କହିଲେ – ''ନା', ନା', ତୁମେ ସହନଶୀଳ ନୁହଁ । ଏ ଜଗତରେ ମୋ ଜାଣତରେ ସହନଶୀଳ ଦୁଇଜଣ ଅଛନ୍ତି । ଜଣେ ପୃଥିବୀ ଓ ଆଉ ଜଣେ ବୃକ୍ଷ । କାରଣ ପୃଥିବୀ ତା' ପୃଷ୍ଠରେ ମହାପାପୀ ଓ ପୁଣ୍ୟାତ୍ମାମାନଙ୍କ ଭାର ବହନ କରିଥାଏ । ଅନ୍ୟଜଣେ ବୃକ୍ଷ, ତା' ଉପରକୁ ଯେତେ ଢେଲା ମାରି ଆଘାତ କଲେ ମଧ୍ୟ ସେ ମିଠା ମିଠା ଫଳ ଦେବାରେ କାର୍ପଣ୍ୟ କରେ ନାହିଁ । ସତ କୁହ, ତୁମେ କିଏ ?''

କାଳିଦାସ ଏଥର ବିରକ୍ତ ହୋଇ କହିଲେ – ''ମୁଁ, ମୁଁ ହେଉଛି ଜଣେ ଜିଦ୍‌ଖୋର ମଣିଷ । ହେଲା ? ଏଥର ପାଣି ଟିକିଏ ଦିଅ ।''

ବୃଦ୍ଧା କହିଲେ – ''ତୁମେ ପୁଣି ମିଛ କହୁଛ । ଜିଦ୍‌ଖୋର ମାତ୍ର ଦୁଇଜଣ । ଗୋଟିଏ ହେଲା ଆମର ନଖ ଓ ଅନ୍ୟଟି ହେଲା ଆମର କେଶ । ଏମାନଙ୍କୁ ଯେତେ କାଟିଲେ ମଧ୍ୟ ଏମାନେ ବଢ଼ି ବଢ଼ି ଚାଲନ୍ତି । ସତ କୁହ, ତୁମେ କିଏ ?''

କାଳିଦାସ ଗୁମ୍ ହୋଇଗଲେ । ସେ ଭାବି ବସିଲେ – କିଏ ଏଇ ଉତ୍ତୀର୍ଣ୍ଣ ବୟସ୍କା ନାରୀ ମୂର୍ତ୍ତି ! ବେଶ ପରିପାଟୀ ଖୁବ୍ ସାଧାରଣ ଜଣା ପଡ଼ିଲେ ବି ବୁଦ୍ଧିରେ ଖୁବ୍ ଅସାଧାରଣ । ଏପରି ନିପଟ ମଫସଲରେ, ଏ ନିଛାଟିଆ ପରିବେଶରେ କିଏ ଏଇ ଅସାମାନ୍ୟା ! ପାଣି ଗୋପାଏ ଦେବା ବଦଳରେ ଇଏ ପୁଣି ମୋତେ ପ୍ରଶ୍ନ ପଚାରି ପଚାରି ଅସଲ ପାଣି ପିଆଇ ଦେଲେଣି ।

ଏଥର ସେ ଉତ୍ତର ଦେଲେ – ''ହଉ, ଧରିନିଅ, ମୁଁ ଜଣେ ମୂର୍ଖ, ଅପଦାର୍ଥ, ଅଯୋଗ୍ୟ ବ୍ୟକ୍ତି । ଜୀବନ ହାରିବା ପାଇଁ ଏ ପଥରେ ଯାଉଛି । ଏଥର ପାଣି ଦିଅ । ପିଇବି ।''

ବୃଦ୍ଧା କହିଲେ – ''ତୁମେ ମୂର୍ଖ କେମିତି ? ମୂର୍ଖ ତ ମାତ୍ର ଦୁଇଜଣ । ଜଣେ ହେଉଛନ୍ତି ରାଜ୍ୟର ରାଜା । ଯାହାଙ୍କର ଆଦୌ ଯୋଗ୍ୟତା ନଥାଇ ମଧ୍ୟ ସମସ୍ତଙ୍କ ଉପରେ ଶାସନ କରିଥା'ନ୍ତି ଏବଂ ଆଉ ଜଣେ ହେଉଛନ୍ତି ରାଜ ପୁରୋହିତ, ଯେ କେବଳ ରାଜାଙ୍କୁ ତୁଷ୍ଟି କରିବା ପାଇଁ ଭୁଲ୍ ଯୁକ୍ତି କରିଥା'ନ୍ତି ଓ ତାକୁ ପୁଣି ଠିକ୍ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଥା'ନ୍ତି ।''

କାଳିଦାସ ହତଭମ୍ଭ ବନିଗଲେ । ଆଉ କିଛି ତାଙ୍କ ପାଟିକୁ ପଇଟିଲା ନାହିଁ । ତାଙ୍କର ମନେ ହେଲା ଟିକେ ପୂର୍ବରୁ ଦିଗ୍‌ବଳୟ ପାଖରେ ଏକ ଉଡ଼ନ୍ତା ହଂସ ପିଠିରେ ବସିଥିବା ଦେବୀ ଯେପରି ଏଇଠି, ଏଇ କୂଅ ମୂଳରେ ଆସି ଉଭା ହୋଇଛନ୍ତି । ସେ ନିର୍ବାକ୍ ହୋଇ ସିଧା ବୃଦ୍ଧାଙ୍କ ପାଦତଳେ ଲୋଟି ପଡ଼ିଲେ । କହିଲେ – ''ଏଥର ତୁମେ କୁହ, ମୁଁ କିଏ ! ମୋର ପରିଚୟ ମୋ ପାଖରେ ନାହିଁ, ତୁମ ପାଖରେ ଅଛି । ସେ କଥା ତୁମେ ବେଶ୍ ଜାଣିଛ ।''

ବୃଦ୍ଧା କହିଲେ – ''ଉଠ ପୁତ୍ର ।''

ବୃଦ୍ଧାଙ୍କ କଣ୍ଠସ୍ୱର ପରିବର୍ତ୍ତିତ ହୋଇ ସାରିଥିଲା । ସେଇ ଗମ୍ଭୀର ସ୍ୱର ଶୁଣି ତାଙ୍କ ଅନୁମାନ ଠିକ୍ ଜାଣି କାଳିଦାସ ଦୃଢ଼ ହେଲେ । ସେତେବେଳକୁ ସେଇ ବୃଦ୍ଧା ମଧ୍ୟ ପରିବର୍ତ୍ତିତ ହୋଇ ସାରିଥିଲେ । କାଳିଦାସ ଦେଖିଲେ ତାଙ୍କ ଆଗରେ ଦଣ୍ଡାୟମାନା ବୀଣା, ପୁସ୍ତକଧାରିଣୀ ମା' ବାକ୍‌ଦେବୀ ।

ସେ ଯୋଡ଼ ହସ୍ତରେ କ୍ଷମା ଭିକ୍ଷା କଲେ । ତାଙ୍କର ତୃଷା ଉଭେଇ ଯାଇଥିଲା । ମା' କହିବାକୁ ଆରମ୍ଭ କଲେ – ''ମନେରଖ, ବିଦ୍ୟା କେବେ ହେଲେ ଗର୍ବ ବା ଅହଙ୍କାର ଶିକ୍ଷା ଦିଏ ନାହିଁ । ଯାହା ଶିକ୍ଷାଦିଏ, ତାହା ହେଲା ବିନୟଭାବ, ନମ୍ରତା ।''

– ଏହା ଯାହା ପାଖରେ ନାହିଁ, ସେ ଶିକ୍ଷିତ ହେଲେ ମଧ୍ୟ ଜ୍ଞାନୀ ପଦବାଚ୍ୟ ନୁହେଁ । ଏଣୁ ବିଦ୍ୟା ବିନୟଭାବ ଦେଇଥାଏ । କାଳିଦାସଙ୍କ ଜୀବନଶୈଳୀ ସେବେଠୁ ବଦଳିଗଲା ।

❑❑❑

ଏକ ଆନ୍ତରିକ ନିରବଚ୍ଛିନ୍ନ ଅଭୀପ୍ସା ଲକ୍ଷ୍ୟ ଦିଗରେ ସଂକ୍ଷିପ୍ତତମ ଓ ନିଶ୍ଚିତତମ ମାର୍ଗ ।

– ଶ୍ରୀମା

# ସାଧୁ ବଞ୍ଚିତ ସୁଖରୁ –
# ଜୀବନ ଉପଭୋଗ କରେ ଅସାଧୁ ଐଶ୍ୱର୍ଯ୍ୟବାନ୍ !

***ପ୍ରଶ୍ନ :*** *ଧର୍ମ ଶାସ୍ତ୍ର ଏବଂ ନୀତିବାକ୍ୟମାନେ ଆମକୁ ସର୍ବଦା ସତ୍ ଏବଂ ନୈତିକ ଜୀବନଯାପନ କରିବାକୁ ଶିକ୍ଷା ଦେଇଥା'ନ୍ତି – ଯେହେତୁ ଭଗବାନ୍ ଭଲ କାମ ପାଇଁ ପୁରସ୍କାର ଏବଂ ମନ୍ଦ କାମ ପାଇଁ ଦଣ୍ଡର ବ୍ୟବସ୍ଥା କରିଥା'ନ୍ତି । କିନ୍ତୁ ଆମେ ଦେଖୁଛୁ ଦୁର୍ନୀତି ପରାୟଣ, ଦୁଷ୍ଟ ଏବଂ ନିଷ୍ଠୁର ଲୋକେ ବେଶ୍ ଧନୀ ଓ ସମୃଦ୍ଧ ଜୀବନ ଉପଭୋଗ କରୁଥିବା ସ୍ଥଳେ ସାଧୁ, ଦୟାବାନ୍ ଓ ସହାନୁଭୂତିଶୀଳ ଲୋକେ ସମାଜରେ କଷ୍ଟ ପାଉଛନ୍ତି । କେହି କେହି କହନ୍ତି ଏସବୁ ପୂର୍ବଜନ୍ମର କର୍ମଫଳ । ଜଣେ ସିନା ଚଳିତ ଜୀବନରେ ନିଜର କର୍ମ ଉପରେ ନିୟନ୍ତ୍ରଣ ରଖିପାରେ, ପୂର୍ବଜନ୍ମ ସକାଶେ ସେ କିପରି ଦାୟୀ ହେବ ?*

**ଉତ୍ତର :** ଯାହା ବାସ୍ତବତା, ତାହା ସ୍ଥୂଳ ଦୃଷ୍ଟିରେ ଧରା ନ ଦେଇପାରେ । ବହୁବର୍ଷ ତଳର ଏକ ଅଭିଜ୍ଞତା : ଘଟଣାଚକ୍ରରେ ମହାନଗରୀର ଜନୈକ ବିତ୍ତବାନ୍ ଓ ପ୍ରଭାବଶାଳୀ ଚିତ୍ର-ପ୍ରଯୋଜକ ମହାଶୟଙ୍କର ଅତିଥି ହୋଇ ରାତିଟିଏ ବିତାଇ ଥିଲା ଜଣେ ତରୁଣ । ମହାଶୟଙ୍କୁ ଛାଡ଼ି ତାଙ୍କ ପରିବାରର ସଭିଏଁ ଗ୍ରୀଷ୍ମରୁ ଆତ୍ମରକ୍ଷା ନିମନ୍ତେ ଚାଲି ଯାଇଥା'ନ୍ତି ସିମଲାସ୍ଥିତ ତାଙ୍କ ଶୈଳ ନିବାସକୁ ।

କୌଣସି କାରଣରୁ ପ୍ରଯୋଜକ ମହାଶୟ ଦେଉଥିଲେ ନୈଶ ଭୋଜି । ଆସିଥା'ନ୍ତି ଦୁଇ ଡଜନ ସରିକି ଚିତ୍ର ତାରକା ଓ ସେ ଜଗତର ନବାବଗଣ । ମଧ୍ୟରାତ୍ରି ବିତିଯିବା ଯାଏ ଚାଲିଥାଏ ଉଦ୍ଦାମ ହସ ଖୁସି, ନାନା କିସମର ଆହାର ଓ ପାନୀୟର ଅନର୍ଗଳ ଉଚ୍ଛଳ ଉପଯୋଗ । ଅତିଥି ତରୁଣ ଜଣକ ବିସ୍ମିତ ହୋଇ ଭାବୁଥାଏ, ପୃଥିବୀରେ ଏତେ ସଦ୍‌ଭାବ, ଏତେ ନିବିଡ଼ ଆତ୍ମୀୟତା ଥାଏ ? କିନ୍ତୁ ତରୁଣର ବିସ୍ମୟରେ ଆସିଲା ଗୁଣଗତ ପରିବର୍ତ୍ତନ – ଯେତେବେଳେ ମହାଶୟଙ୍କୁ ବିନମ୍ର ଧନ୍ୟବାଦ ଅର୍ପଣ ଅନ୍ତେ ଲିଫ୍‌ଟରେ ପଶିବା ବେଳେ ଜଣେ ଯୁବ ତାରକା ତାଙ୍କ ଆପାତବାନ୍ଧବୀଙ୍କୁ କହିବାର ସେ ଶୁଣିଲା, ''ୟେ କୈସା କକ୍‌ଟେଲ୍ ପିଲାୟା ଶାଲା ବୁଢ୍ଢ ଓଲ୍‌ଡ଼ମ୍ୟାନ୍ ? ବିଲ୍‌କୁଲ୍ ବରବାଦ୍ ଗୟା ମେରା ଟାଇମ୍ !''

ସଭିଏଁ ବିଦାୟ ନେବା ଉତ୍ତାରୁ ଅବନମିତ ହେଲା ହଠାତ୍ ଏକ ଶୂନ୍ୟତା । ''ବାପା, ମୋତେ ବଡ଼ ଅସ୍ୱସ୍ତି ଲାଗୁଛି । ମୁଁ ନିଦ ବଟିକା ଗିଳି ଶୋଉଛି । ଉଠିବାକୁ ଡେରି ହେଲେ କିଛି ମନେ କରିବ ନାହିଁ । ଚାକର ତୁମକୁ ସକାଳେ ଚାହା ଦେଇଦେବ'', କହି ମହାଶୟ ତାଙ୍କ ଦରଜା ବନ୍ଦ କଲେ । ତରୁଣଙ୍କ କୋଠରି ପାଖରେ ମହାଶୟଙ୍କ ଶୟନାଗାର । ସେଯାଏ ବିଶେଷ ପ୍ରଚଳିତ ହୋଇ ନଥିବା ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ପ୍ରତି ଅନଭ୍ୟସ୍ତ ତରୁଣ ଥଣ୍ଡା ଯୋଗୁଁ ଶୋଇପାରୁ ନଥାଏ । ଅଗତ୍ୟା ତାକୁ ଶୁଣିବାକୁ ପଡୁଥାଏ ମହାଶୟଙ୍କ ଉଃ ଆଃ । ଅର୍ଥାତ୍ ନିଦ ବଟିକା ସତ୍ତ୍ୱେ ସେ ହୁଏତ ଶୋଇପାରୁ ନ ଥିଲେ, ନ ହେଲେ ଭୋଗୁଥିଲେ ଅଶାନ୍ତ ନିଦ୍ରା । ତରୁଣ ବାଲ୍‌କୋନିକୁ ବାହାରି ଆସି ତଳକୁ ଅନାଇଲା । ବତିଖୁଣ୍ଟ ତଳୁ ଶୁଭୁଛି ନିର୍ମଳ ହସ । ଫୁଟ୍‌ପାଥରେ ଶୋଇଛନ୍ତି ଗୋଟାଏ ଶିଶୁକୁ ମଝିରେ ରଖି ଏକ ଦମ୍ପତି । ପାଖରେ ମହଜୁଦ ସେମାନଙ୍କ ଜୀବିକାର ଅବଲମ୍ବନ ରିକ୍ସା ଗୋଟିକ । ପନ୍ଦର ମିନିଟ ପରେ ତରୁଣ ଶୁଣିଲା ଅନ୍ତତଃ ଜଣକର ଘୁଙ୍ଗୁଡ଼ି । ପ୍ରଭାତରେ ଆରମ୍ଭ ହେବ ମୁଠିଏ ଆହାର ନିମନ୍ତେ ଜୀବନ ସଂଗ୍ରାମ; ଅଥଚ କେଡ଼େ ପ୍ରାଣଖୋଲା ହସ ଓ କେଡ଼େ ନିବିଡ଼ ନିଦ୍ରା । ଏଣେ ବିପୁଳ ବ୍ୟାଙ୍କ୍ ବାଲାନ୍ସ ଓ ଆଗାମୀ ତିନିପୁରୁଷ ପାଇଁ ଭୂରି ଭୋଜନ ଓ ଦୁର୍ମୂଲ୍ୟ ପାନୀୟ ପ୍ରତିଶ୍ରୁତ ମହାଶୟ ଜଣକ କୋଟିଏ ଟଙ୍କିଆ ସୁଖ ଶଯ୍ୟାରୁ ଗୋଟିଏ ଟଙ୍କା ମୂଲ୍ୟର ନିଦ୍ରା ଆଦାୟ କରିବାକୁ ଅକ୍ଷମ ।

ଏ ଘଟଣାକୁ ଉପସ୍ଥାପନ କରି ମୁଁ ଦାରିଦ୍ର୍ୟର ମହିମା କିଂବା ଐଶ୍ୱର୍ଯ୍ୟର ଅସାରତା କୀର୍ତ୍ତନ କରୁ ନାହିଁ । ବକ୍ତବ୍ୟ ସରଳ । ସର୍ବଶେଷ ବିଶ୍ଳେଷଣରେ ଜୀବନରେ ଆମର କାମ୍ୟ ମାତ୍ର ଦୁଇଟି; ସୁଖ, ସନ୍ତୋଷ କିଂବା ସତ୍ୟ । ହାରାହାରି

ପର୍ଯ୍ୟାୟର ମଣିଷଙ୍କ ପାଇଁ ସୁଖ ସନ୍ତୋଷହିଁ ଏକମାତ୍ର ଲକ୍ଷ୍ୟ । ଯିଏ ସର୍ବସ୍ୱ ତ୍ୟାଗ କରେ, ସେ ସୁଖ ସନ୍ତୋଷ ତ୍ୟାଗ କରୁ ନାହିଁ, ତ୍ୟାଗହିଁ ତା' ପାଇଁ ସନ୍ତୋଷର ମାଧ୍ୟମ । ଯେଉଁମାନେ ବିକଶିତ-ଚେତନାସମ୍ପନ୍ନ ବ୍ୟକ୍ତି, ସେମାନଙ୍କ କାମ୍ୟ ଜୀବନର ଲକ୍ଷ୍ୟ ବା ସତ୍ୟର ସନ୍ଧାନ । ହାରାହାରି ପର୍ଯ୍ୟାୟର ଆମମାନଙ୍କର ଚେତନାରେ ଯେତେବେଳେ କିଞ୍ଚିତ୍ ବିକାଶ ସମ୍ଭବ ହୁଏ, ସେତେବେଳେ ଆମେ ହୃଦୟଙ୍ଗମ କରୁ ଯେ ଏ ଦୁଇ ଲକ୍ଷ୍ୟ ବାସ୍ତବରେ ସ୍ୱତନ୍ତ୍ର ନୁହନ୍ତି । ଦ୍ୱିତୀୟ ଲକ୍ଷ୍ୟ ଉପଲବ୍ଧ ହେଲେହିଁ ପ୍ରକୃତ ସୁଖ ସନ୍ତୋଷ ଉପଲବ୍ଧ ହେବ । ଦୁର୍ନୀତି ବା ମିଥ୍ୟାଚାର ଯୋଗେ ବିତ୍ତବାନ୍ ବନିଥିବା ଲୋକେ ବାସ୍ତବରେ ଜୀବନକୁ 'ଉପଭୋଗ' କରନ୍ତି ନାହିଁ । ଏହା ଧର୍ମଗତ ବା ନୈତିକ ତତ୍ତ୍ୱ ନୁହେଁ; ଏହା ଦିବାଲୋକ ଭଳି ସ୍ୱଷ୍ଟ ମନସ୍ତାତ୍ତ୍ୱିକ ସତ୍ୟ । ସେମାନଙ୍କ ପାଇଁ 'ଉପଭୋଗ'ର ସଂଜ୍ଞା କ'ଣ ? ମଉଜ ମଜଲିସ କିଂବା ବିତ୍ତ ଯୋଗେ ସାମାଜିକ ପ୍ରତିଷ୍ଠା ବା କ୍ଷମତା ଆୟତ୍ତ କରିବାର ଗୌରବବୋଧ । ସେସବୁ ସ୍ନାୟୁଗତ ଉତ୍ତେଜନା ମାତ୍ର; ସୁଖର ସାମୟିକ ମରୀଚିକା; ଅନିବାର୍ଯ୍ୟ ଭାବେ ଯାହାକୁ ଅନୁସରଣ କରେ ତାମସିକତା, ଅବସାଦ ଏବଂ ଜଣେ ଯଦି କିଞ୍ଚିତ୍ ସଚେତନ ହୋଇଥିବ, ତେବେ ଆତ୍ମଗ୍ଲାନିବୋଧ । ଏହାର ବହୁ କାରଣ ଭିତରୁ ମୁଖ୍ୟ ହେଲା, ଜଣେ ସମ୍ପୂର୍ଣ୍ଣ ଭାବରେ ଅପଶକ୍ତି-କବଳିତ ହୋଇ ନଥିଲେ ଜଣକର ସତ୍ତାର ସମସ୍ତ ଅଂଶ ତା'ର ଅକର୍ମକୁ ବା ବୃଥା କର୍ମକୁ ସମର୍ଥନ କରେ ନାହିଁ । ଆମ ସାଧାରଣ ଜ୍ଞାନହିଁ କହିବ, ନହେଲେ 'ଲାଇ-ଡିଟେକ୍ସନ୍' ବା ପଲିଗ୍ରାଫ୍ ପଦ୍ଧତି ଫଳପ୍ରଦ ହୁଅନ୍ତା ନାହିଁ ।

ମୋଟ କଥା ହେଲା, ଦାରିଦ୍ର୍ୟ ଯେମିତି ଦୁଃଖ ଯନ୍ତ୍ରଣାର ହେତୁ ହୋଇପାରେ, ଅନୈତିକ ମାର୍ଗରେ ଉପାର୍ଜିତ ବିତ୍ତ ଅପେକ୍ଷାକୃତ ଅଧିକ ମାତ୍ରାରେ – ଭୟ, ଆତଙ୍କ, ସନ୍ଦେହ ଓ ଆତ୍ମଗ୍ଲାନି ସହକାରେ ମାନସିକ ତଥା ଶାରୀରିକ ଦୁଃଖ ଯନ୍ତ୍ରଣାର ହେତୁ ହୋଇପାରେ ।

ବର୍ତ୍ତମାନ ଆସୁଛି ଆପଣଙ୍କ ପ୍ରଶ୍ନର ଦ୍ୱିତୀୟ ଭାଗକୁ । କର୍ମଫଳ ତତ୍ତ୍ୱ ଜଟିଳ; ପ୍ରଚଳିତ ଧାରଣାଠାରୁ ବହୁତ ଭିନ୍ନ । ଏ ଜୀବନରେ ଦାନ ଖଇରାତ କଲେ ପରଜନ୍ମରେ ଜଣେ ଧନୀ ପରିବାରରେ ଜନ୍ମ ହେବ, ଏ ଜନ୍ମରେ ଚୋରି କଲେ ପରଜନ୍ମରେ ତାକୁ ହାବୁଡ଼ରେ ପଡ଼ିବାକୁ ହେବ – ଏମିତି ସରଳ କାର୍ଯ୍ୟ – କାରଣ ନିୟମ ଅତିଭୌତିକ ସ୍ତରରେ ଖଟେ ନାହିଁ । କହିବା ବାହୁଲ୍ୟ, କର୍ମର ସ୍ଥୂଳ ରୂପ ନୁହେଁ, ତାହା ପଶ୍ଚାତରେ ଯେଉଁ ଚେତନା ଥାଏ, ତାହାହିଁ କର୍ମଫଳର ନିରୂପକ । କିନ୍ତୁ କର୍ମ ଏବଂ ତା'ର ଫଳ ଗାଣିତିକ ହିସାବ ଭଳି ନିରୂପିତ ହୁଏ ନାହିଁ । ଜନ୍ମ ଜନ୍ମ ଧରି ଆମ ଆନ୍ତର ସତ୍ତା ବା ଚୈତ୍ୟସତ୍ତାର କ୍ରମାଗତ ଅଗ୍ରଗତି ସାଧିତ ହେଉଛି । ଏହି ପ୍ରଗତି ସକାଶେ ଲୋଡ଼ା ନାନାଦି ଅଭିଜ୍ଞତା; ସୁଖ ଓ ଦୁଃଖର, ଆନନ୍ଦ ଓ ଯନ୍ତ୍ରଣାର । ଏହି ଚୈତ୍ୟ ସତ୍ତାହିଁ ପ୍ରକୃତ ମୁଁ; ଏହା ଆତ୍ମାର ବ୍ୟକ୍ତିଗତ ରୂପ । ଗୋଟାଏ ଜନ୍ମରୁ ପରବର୍ତ୍ତୀ ଜନ୍ମକୁ ଏହାହିଁ ପ୍ରସ୍ଥାନ କରୁଛି; ଏ ଜନ୍ମରେ ଅନୁଭୂତ ଆମ ମାନ ଅଭିମାନ, ଗୌରବବୋଧ, ଚିନ୍ତା ଦୁଃଶ୍ଚିନ୍ତା, ଉତ୍କଣ୍ଠା ଅଭିଯୋଗର ସ୍ମୃତି ଆମର ଏହି ପ୍ରକୃତ ସତ୍ତା ସହ ପରପାରିକୁ ଯାଏ ନାହିଁ । ସେସବୁର ସୂକ୍ଷ୍ମ ଅଭିଜ୍ଞତାରୂପୀ ନିର୍ଯାସ ମାତ୍ର ଆମ ଚୈତ୍ୟ ସତ୍ତାରେ ସଞ୍ଚିତ ରହେ । ସେସବୁର ବିବରଣୀ ରହିଥାଏ ଆମର ଯେଉଁ ମନ ଓ ପ୍ରାଣରେ, ଆମେ ପରପାରିକୁ ପ୍ରସ୍ଥାନ କଲାବେଳେ ଖୋଳପା ଭଳି ଖସି ପଡ଼ନ୍ତି ସେମାନେ ମଧ୍ୟ – ଯଦିଓ ଶରୀର ଭଳି ତତ୍‌କ୍ଷଣାତ୍ ନୁହେଁ । ଜଣେ ନ୍ୟାୟପରାୟଣ ଓ ଏକାନ୍ତ ମହତ୍ ମଣିଷର ଏକମାତ୍ର ମେଧାବୀ ପୁତ୍ରର ପ୍ରାଣ ଅକାଳରେ ନିର୍ବାପିତ ହେଲେ ଆମେ ବିବ୍ରତ ଭାବରେ ପ୍ରଶ୍ନ କରୁ ଏହା କାହିଁକି ହେଲା । ପୁତ୍ରଟିର ନିୟତି ପ୍ରସଙ୍ଗ ଆପାତତଃ ଥାଉ । କିନ୍ତୁ ପିତା ବା ମାତାଙ୍କର ଚୈତ୍ୟସତ୍ତା ଯଦି ଏଭଳି ପର୍ଯ୍ୟାୟରେ ପହଞ୍ଚିଥିବ, ଯେତେବେଳେ ଏକ ପ୍ରଚଣ୍ଡ ଆସକ୍ତିରୁ ମୁକ୍ତିଲାଭ ନିମନ୍ତେ ତାଙ୍କ ପାଇଁ ମୁହୂର୍ତ୍ତ ଉପନୀତ, ତେବେ ସେ ବିୟୋଗାନ୍ତକ ଅଭିଜ୍ଞତା ତାଙ୍କ ପାଇଁ ଏକ ଆଶୀର୍ବାଦ – କଥାଟି ନିର୍ମମ ଶୁଭୁଥିଲେ ମଧ୍ୟ । କିନ୍ତୁ ଲେଖକର ଏ ବିବୃତିକୁ ମଧ୍ୟ ଆପଣ ଏକ ଧରାବନ୍ଧା ନିୟମ ଭାବରେ ଦେଖିବେ ନାହିଁ । ପ୍ରତି ବ୍ୟକ୍ତି କ୍ଷେତ୍ରରେ କାରଣ ଭିନ୍ନ ହୋଇପାରେ । ଜଣେ ଅପରିଣତ ଚେତନାବନ୍ତ ବ୍ୟକ୍ତି ସକାଶେ ଏହା ତା'ର ଉତ୍କଟ କର୍ମର ଫଳ ହୋଇପାରେ; ତଥାପି ଶେଷ ବିଶ୍ଳେଷଣରେ ଯାବତୀୟ ତଥାକଥିତ ଦୁର୍ଯୋଗ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ, ପାପୀ ପୁଣ୍ୟାତ୍ମା ନିର୍ବିଶେଷରେ, ସଭିଙ୍କର ଆତ୍ମିକ ପ୍ରଗତି ପ୍ରତି ଅବଦାନ ଦେଇଥାଏ ।

ଉତ୍କଟ କର୍ମର ଉଲ୍ଲେଖ କରିଥିବା ଦୃଷ୍ଟିରୁ ସେ ସମ୍ପର୍କରେ ସାମାନ୍ୟ ଆଭାସ ଦେବା ପ୍ରୟୋଜନ । ଗୋଟାଏ ଜନ୍ମରେ ଆମର ଅଧିକାଂଶ କର୍ମର ହୁଏତ ପୂରା ନ ହେଲେ ଆଂଶିକ ଫଳ ଆମେ ସେହି ଜନ୍ମରେହିଁ ପାଇ ଯାଇଥାଉଁ – ପ୍ରକାଶ୍ୟ ଭାବରେ ବା ଅପ୍ରକାଶ୍ୟ ଭାବରେ । କ୍ରୂର କର୍ମ ଆମ ଚେତନା ନିମ୍ନଗାମୀ

କରାଏ; ସେହି ଅଧଃପତନହିଁ ଏକ ଦଣ୍ଡ — ଯେହେତୁ ଚେତନାର ଅଗ୍ରଗତି ହିଁ ଆମ ବ୍ୟକ୍ତିଗତ କ୍ରମବିକାଶର ଧର୍ମ ଓ ଆଭିମୁଖ୍ୟ । କିନ୍ତୁ ଚେତନାର ଯେଉଁ ସ୍ତରରେ ଥାଇ ଜଣେ ଭୁଲ୍ କରିଛି, ଯଦି ସେ ଆପଣାର ଆସ୍ପୃହା ବଳରେ ସେ ସ୍ତରରୁ ଉତ୍ତୀର୍ଣ୍ଣ ହୁଏ ବା ହେବା ନିମନ୍ତେ ପ୍ରୟାସ ଅବ୍ୟାହତ ରଖେ, ତେବେ ପୂର୍ବକୃତ କର୍ମର ଫଳ ତା' ସକାଶେ ଆପଣାଛାଏଁ ଅନାବଶ୍ୟକ ହୋଇଯିବ । ସେ ସୂକ୍ଷ୍ମଲୋକରେ ଯାନ୍ତ୍ରିକ ଆଇନ କାନୁନ କାମ କରୁ ନଥାଏ । ତେବେ ଜଣେ ଯଦି ଚେତନାରେ ଯଥେଷ୍ଟ ସଜାଗ ଥିବା ସତ୍ତ୍ୱେ ମୋହାଚ୍ଛନ୍ନ ହୋଇ ଘୋର କୁକର୍ମ କରେ, ତାହା ଉତ୍କଟ କର୍ମ ଏବଂ ସେ ତା'ର ଫଳ ଭୋଗ କରିବା ଅନିବାର୍ଯ୍ୟ । ନିଷ୍ଠୁରତା, କୃତଘ୍ନତା ଓ ବିଶ୍ୱାସଘାତକତା ଉତ୍କଟ କର୍ମର ଅନ୍ତର୍ଭୁକ୍ତ । ସଙ୍ଗେ ସଙ୍ଗେ କିନ୍ତୁ ଏହା କହିଦେବା ଆବଶ୍ୟକ ଯେ ସବୁ ବ୍ୟାପାରରେ ଦିବ୍ୟ କରୁଣାହିଁ ମହତ୍ତମ ଓ ପରମ ଶକ୍ତି । ନିକୃଷ୍ଟତମ ଅପରାଧୀକୁ ମଧ୍ୟ ତାହା କ୍ଷମା କରିପାରେ । ଆମ ମାନସିକ ଦୃଷ୍ଟିକୋଣରୁ ତାହା ଅହେତୁକୀ ।

ନାନାଦି ଅଭିଜ୍ଞତାର ନିର୍ଯାସ-ସମୃଦ୍ଧ ଚୈତ୍ୟସତ୍ତା ଚୈତ୍ୟଲୋକ ବା ଆତ୍ମାଲୋକରେ ବିଶ୍ରାମ କରେ । ସେ ବିଶ୍ରାମ କେତେ ଦିନ ବା କେତେ ବର୍ଷ ବା କେତେ ଶତାବ୍ଦୀ ହେବ, ତାହାର ସାର୍ବଜନୀନ ନିୟମ ନାହିଁ । ବିକଶିତ ଚୈତ୍ୟସତ୍ତା କ୍ଷେତ୍ରରେ ସେ ସମୟ ଦୀର୍ଘ ହୋଇପାରେ । ମୁକ୍ତାତ୍ମାଟିଏ ପୁନର୍ବାର ଜନ୍ମଗ୍ରହଣ କରିବ କି ନାହିଁ ତାହା ନିର୍ଭର କରେ ତା'ର ସଂକଳ୍ପ ଉପରେ । ସାଧାରଣତଃ ଦିବ୍ୟଶକ୍ତି ଅବତାର ନେବାବେଳେ ସେମାନଙ୍କ ଭିତରୁ କେହି କେହି ତାଙ୍କ ସ୍ଥୂଳ ସାନ୍ନିଧ ସକାଶେ ଅଥବା ତାଙ୍କ କର୍ମରେ ସହାୟତା ନିମନ୍ତେ ଜନ୍ମଗ୍ରହଣ କରିଥା'ନ୍ତି ।

— **ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ,
ପୃ. ୪୨-୪୬)

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning
and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*


Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIV, No. 4** **R.N.I. No. 18163/70.**
Navaprakash (Monthly), April, 2023 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




**ସାବିତ୍ରୀ**
**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**